

ହରର୍ ଫିଲ୍ମରେ ଆଲିଆ

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA


PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-310 ♦SATURDAY ♦09 MAY 2026 ♦PAGE-12 ♦₹ 7.00 | JEYPORE | ♦ବର୍ଷ-୪୩ ♦ସଂଖ୍ୟା-୩୧୦ ♦ଶନିବାର ♦୦୯ ମେ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

# ପଶ୍ଚିମବଙ୍ଗରେ ଆଜି ଶପଥ; ତାମିଲନାଡୁରେ କେଁ

## ଶୁଭେନ୍ଦୁ ହେବେ ମୁଖ୍ୟମନ୍ତ୍ରୀ

■ କୋଲକାତା, ୮।୫ (ଏଜେନ୍ସି): ପଶ୍ଚିମ ବଙ୍ଗରେ ପ୍ରଥମ ଥର ଲାଗି ବିଜେପି ସରକାର ଗଠନ କରିବାକୁ ଯାଉଛି। ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ହେବେ ରାଜ୍ୟର ପ୍ରଥମ ବିଜେପି ମୁଖ୍ୟମନ୍ତ୍ରୀ। ବିଜେପିର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ତଥା କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଜି ଆନୁଷ୍ଠାନିକ ଭାବେ ଶୁଭେନ୍ଦୁ ଅଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ନବନିର୍ବାଚିତ ବିଜେପି ବିଧାୟକ ଦଳ ବୈଠକରେ ତାଙ୍କୁ ନେତା ନିର୍ବାଚିତ କରାଯାଇଛି। ଏହି ଅବସରରେ ସେଠାରେ ସହପର୍ଯ୍ୟବେକ୍ଷକ ତଥା ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ



ଥିଲେ। ଆସନ୍ତାକାଲି ଏକ ଭବ୍ୟ ସମାରୋହରେ ଶୁଭେନ୍ଦୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। କୋଲକାତାର ଐତିହାସିକ 'ବ୍ରିଗେଡ୍ ପାରେଡ୍ ଗ୍ରାଉଣ୍ଡ'ରେ ଏହି ନୂତନ ସରକାରଙ୍କ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ, ଦଳୀୟ ସଭାପତି ନିତିନ ନବୀନ ଏବଂ ବିଜେପି ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନେ ଯୋଗଦେବେ। ମିଳିଥିବା ଖବର ଅନୁସାରେ ଶୁଭେନ୍ଦୁଙ୍କ ସମେତ ଦୁଇ ଜଣ ଉପମୁଖ୍ୟମନ୍ତ୍ରୀ ମଧ୍ୟ ଶପଥ ଗ୍ରହଣ କରିବେ। ଜଣେ ମହିଳା ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି। ନିକଟରେ ଶେଷ ହୋଇଥିବା ବିଧାନସଭା ନିର୍ବାଚନରେ ବିଜେପି ୨୯୪ଟି ଆସନ ମଧ୍ୟରୁ ୨୦୭ଟି ଆସନରେ ▶ପୃଷ୍ଠା-୭

## ଝୁଲୁଛି ବିଜୟଙ୍କ ଭାଗ୍ୟ

■ ଚେନ୍ନାଇ, ୮।୫ (ଏଜେନ୍ସି): ତାମିଲନାଡୁ ରାଜନୀତିରେ ଆଜି ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ତାମିଲ୍‌ଗା ଭେଟ୍ରି କାଝଗମ୍ (ଟିଭିକେ) ମୁଖ୍ୟ ବିଜୟଙ୍କୁ ୧୨୦ ଜଣ ବିଧାୟକ ସମର୍ଥନ ଜଣାଇଛନ୍ତି ଏବଂ ଆସନ୍ତାକାଲି ସେ ଶପଥ ଗ୍ରହଣ କରିବେ। ଏଭଳି ଖବର ପ୍ରଚାରିତ ହେଉଥିବା ବେଳେ ରାଜ୍ୟପାଳଙ୍କ ପକ୍ଷରୁ କୁହାଯାଇଛି ଯେ ବିଜୟଙ୍କୁ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯାଇ ନାହିଁ। କେବଳ ୧୧୬ ବିଧାୟକଙ୍କ ସମର୍ଥନପତ୍ର ଦାଖଲ କରିଛନ୍ତି ବିଜୟ। ୧୧୮ ଜଣଙ୍କ ସମର୍ଥନପତ୍ର ମିଳିଲା ପରେ ସରକାର ଗଠନ ପାଇଁ ଆମନ୍ତ୍ରଣ କରାଯିବ।




ରାଜ୍ୟ ବିଧାନସଭା ନିର୍ବାଚନରେ ୧୦୮ ଆସନରେ ବିଜୟୀ ହୋଇଥିବା ଟିଭିକେକୁ ସରକାର ଗଠନ ପାଇଁ ୧୧୮ ଜଣ ବିଧାୟକଙ୍କ ସମର୍ଥନ ଦରକାର ଥିବା ବେଳେ ତାଙ୍କୁ ମାତ୍ର ୧୧୬ ବିଧାୟକଙ୍କ ସମର୍ଥନ ମିଳିଛି। ଏଥିରେ କଂଗ୍ରେସ (୫), ସିପିଆଇ (୨) ଏବଂ ସିପିଆଇଏମ୍ (୨) ବିଧାୟକଙ୍କ ସମର୍ଥନ ରହିଛି। ବିଜୟଙ୍କୁ ସମର୍ଥନ କରିବା ଲାଗି ଭିସିକେ ଏବଂ ମୁସଲିମ୍ ଲିଗ୍ ଘୋଷଣା କରିଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ସମର୍ଥନପତ୍ର ଦେଇନାହାନ୍ତି। ଏହି ଦୁଇ ଦଳର ଦୁଇ ଜଣ ଲେଖାଏଁ ବିଧାୟକ ଅଛନ୍ତି। ସେମାନଙ୍କ ସମର୍ଥନ ମିଳିଲେ ବିଜୟଙ୍କ ପାଇଁ ସମର୍ଥକ ସଂଖ୍ୟା ୧୨୦କୁ ବୃଦ୍ଧି ପାଇବ। ତେବେ ଭିସିକେ ଏହାର ମୁଖ୍ୟ ଥିରୁମାଭଲନଙ୍କୁ ଉପମୁଖ୍ୟମନ୍ତ୍ରୀ କରିବାକୁ ସର୍ତ୍ତ ରଖିଛି। ▶ପୃଷ୍ଠା-୭

# ବାଲିଅନ୍ତା ଭିଡ଼ହତ୍ୟା
# ଦେଶବ୍ୟାପୀ ଆଲୋଡ଼ନ

### ମହିଳା କମିଶନ ଅଧ୍ୟକ୍ଷାଙ୍କ ତଦନ୍ତ ଆରମ୍ଭ
### ଘଟଣାସ୍ଥଳରେ ପୁଲିସ ମହାନିର୍ଦ୍ଦେଶକ
### ଲୋକସେବା ଭବନରେ ଉଚ୍ଚସ୍ତରୀୟ ବୈଠକ

■ ଭୁବନେଶ୍ୱର, ୮।୫ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତାରେ ଗତକାଲି (ଗୁରୁବାର) ପୁଲିସ ଉପସ୍ଥିତିରେ ଘଟିଥିବା ବୀଭତ୍ସ ହତ୍ୟାକାଣ୍ଡ ଦେଶବ୍ୟାପୀ ଅଲୋଡ଼ନ ସୃଷ୍ଟି କରିଛି। ଗତ କିଛି ମାସ ଧରି ରାଜ୍ୟରେ କ୍ରମାଗତ ଭାବେ ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ଅପହରଣ, ଡକାୟତି ଭଳି ଘଟଣା ଘଟିଚାଲିଥିବା ବେଳେ ପୁଲିସ ଉପସ୍ଥିତିରେ ଜଣେ ପୁଲିସ କନେଷ୍ଟବଳଙ୍କୁ ଲୋକମାନେ ପିଟିପିଟି ମାରିଦେବା ଘଟଣାରେ ପୁଲିସ ପ୍ରଶାସନର ପାରିବାପଣିଆ ଏବଂ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତିକୁ ନେଇ ଓଡ଼ିଶାରୁ ଦିଲ୍ଲୀ ଯାଏ ଚର୍ଚ୍ଚା ଜୋର୍ ଧରିଛି। ଓଡ଼ିଶାର ଏଭଳି ଦୟନୀୟ ସ୍ଥିତି ସଂପର୍କରେ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଉଥିବାବେଳେ ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ଓ ପୁଲିସର କାର୍ଯ୍ୟକଳାପକୁ ନେଇ ବିରୋଧୀଦଳମାନେ ସରକାରଙ୍କୁ ଘେରିଛନ୍ତି। ଅନ୍ୟପକ୍ଷରେ ସରକାରୀ ଦଳର ନେତା-ମନ୍ତ୍ରୀମାନେ ମଧ୍ୟ ପରୋକ୍ଷରେ ରାଜ୍ୟର ଏଭଳି ସ୍ଥିତିକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି।

ଅନ୍ୟପକ୍ଷରେ ପୀଡ଼ିତା ଯୁବତୀଙ୍କ ଅଭିଯୋଗ କ୍ରମେ ମହିଳା କମିସନ ଅଧ୍ୟକ୍ଷା ଶୋଭନା ମହାନ୍ତି ଓ ତାଙ୍କ ▶ପୃଷ୍ଠା-୭



## ସୌମ୍ୟଙ୍କୁ ବେଠି ଖଟାଉଥିଲେ ଆଇପିଏସ୍

- ଘର ଜଗିବା କାମରେ ନିଯୁକ୍ତ ଥିଲେ ୬ ଜଣ କନଷ୍ଟେବଳ
- ବ୍ୟକ୍ତିଗତ କାମ ଓ ମୋଡ଼ାଘସା ପାଇଁ ଲାଗିଥିଲେ ଅନ୍ୟ ୨
- ବ୍ୟକ୍ତିଗତ ଓ ବେନାମୀ ଜିମ୍‌ର ତତ୍ତ୍ୱାବଧାରକ ଥିଲେ ସୌମ୍ୟ
- ବିବାଦ ପରେ ବନ୍ଦ କରି ଦିଆଯାଇଥିଲା ସୌମ୍ୟଙ୍କ ଦରମା

■ ଭୁବନେଶ୍ୱର, ୮।୫ (ସମିସ): ଭିଡ଼ ହିଂସାର ଶିକାର ହୋଇ ମୃତ୍ୟବରଣ କରିଥିବା ଜିଆର୍‌ପି କନଷ୍ଟେବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟା ଘଟଣା ପରେ ଚର୍ଚ୍ଚାର ପରିଧିକୁ ଆସିଛନ୍ତି ଏଡ଼ିଜି ପାହ୍ୟାର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀ। ବିଭିନ୍ନ ସମୟରେ ବିବାଦ, ବିତର୍କ ମଧ୍ୟରେ ରହିଥିବା ସମ୍ପୃକ୍ତ ଆଇପିଏସ୍ ଦୀର୍ଘ ବର୍ଷ ହେଲା ସୌମ୍ୟରଞ୍ଜନଙ୍କୁ ମାନସିକ ନିର୍ଯାତନା ଦେଉଥିବା ତାଙ୍କ ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କର ଜିଆର୍‌ପି ସହ କୌଣସି ସମ୍ପୃକ୍ତି ନ ଥିବା ସତ୍ତ୍ୱେ ପୂର୍ବ କାର୍ଯ୍ୟ ସମ୍ପର୍କ ଆଧାରରେ ସେ ଅନ୍ୟୂନ ୮ରୁ ଊର୍ଦ୍ଧ୍ୱ କନଷ୍ଟେବଳଙ୍କୁ ନିଜ ଘରେ ବେଠି ଖଟାଉଥିଲେ ବୋଲି ପୁଲିସ ମହଲରେ ଚର୍ଚ୍ଚା ଚାଲିଛି। ଏମାନଙ୍କ ମଧ୍ୟରୁ ୬ ଜଣ କନଷ୍ଟେବଳ ପାଳି କରି ଘର ଆଗରେ ପହରା ଦେଉଥିଲେ। ଘସାମୋଡ଼ା ଓ ଅନ୍ୟ ବ୍ୟକ୍ତିଗତ କାମ ପାଇଁ ଦୁଇଜଣ ନିୟୋଜିତ ଥିଲେ। ଘରୋଇ ଜିମ୍ ଓ ଆଇପିଏସ୍‌ଙ୍କ ବେନାମୀ ଜିମ୍‌ର ତତ୍ତ୍ୱାବଧାନ କରୁଥିଲେ ସୌମ୍ୟରଞ୍ଜନ । ମାତ୍ର ଏଥିପାଇଁ ତାଙ୍କୁ ଫଟା ପାହୁଲାଟିଏ ମିଳୁ ନ ଥିଲା।

ଅଭିଯୋଗ ଅନୁସାରେ ବଡ଼ି ବିଲ୍ଡିଂ ପ୍ରତି ସୌମ୍ୟରଞ୍ଜନଙ୍କର ଆସକ୍ତି ଥିଲା। ୨୦୧୩ରେ ସେ ପୁଲିସ କନଷ୍ଟେବଳ ଚାକିରି ପାଇବା ପରେ କଟକରେ ଅବସ୍ଥାପିତ ହୋଇଥିଲେ। ମାତ୍ର ଏକ ବ୍ୟକ୍ତିଗତ ମାମଲାକୁ ନେଇ ସୌମ୍ୟଙ୍କ ନାମରେ କଟକ ମହିଳା ଥାନାରେ ଏକ ମାମଲା ▶ପୃଷ୍ଠା-୭

## ପୁଣି ଏକ ହତ୍ୟା
### ଲୁହାଛଡ଼ରେ ଯୁବକକୁ ପିଟିପିଟି ମାରିଦେଲେ



■ ବାଲିପାଟଣା, ୮।୫ (ସମିସ): ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଧୀନ ରାମଚନ୍ଦ୍ରପୁର ପୋଲ ନିକଟରେ ଘଟିଥିବା ବର୍ବର ହତ୍ୟାକାଣ୍ଡକୁ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଥମି ନ ଥିବା ବେଳେ କମିସନରେଟ ପୁଲିସ ଅଧୀନ ବାଲିପାଟଣା ଥାନା ଅଠାନ୍ତର ଛକରେ ଶୁକ୍ରବାର ଆଉଏକ ହତ୍ୟାକାଣ୍ଡ ଘଟିଛି। ଟଙ୍କା ଓ ନିଶା କାରବାରକୁ କେନ୍ଦ୍ରକରି ଅଠାନ୍ତର ଛକରେ ଶୁକ୍ରବାର ଏହି ଜଘନ୍ୟ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ରାକେଶ ମହାନ୍ତି (୪୨)ଙ୍କୁ ସ୍ଥାନୀୟ ଅଞ୍ଚଳର ଅନ୍ୟଜଣେ ଯୁବକ ଲୁହାଛଡ଼ରେ ପିଟିପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି।

ପୁଲିସର ସୂଚନା ଅନୁସାରେ, ବେଙ୍ଗବତୀ ଗ୍ରାମର ପିଣ୍ଟୁ ସାହା ଓ ରାକେଶଙ୍କ ମଧ୍ୟରେ ଟଙ୍କା ଓ ନିଶା କାରବାରକୁ କେନ୍ଦ୍ରକରି ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଆଜି ପୁଣି ଉଭୟଙ୍କ ମଧ୍ୟରେ ଏହାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପିଣ୍ଟୁ ଏକ ଲୁହାଛଡ଼ରେ ରାକେଶଙ୍କୁ ପିଟିଥିବା କୁହାଯାଉଛି। ପିଣ୍ଟୁଙ୍କ ମାଡ଼ରେ ଗୁରତର ରାକେଶଙ୍କୁ ସଂକଟାପନ୍ନ ଅବସ୍ଥାରେ କ୍ୟାପିଟାଲ ହସ୍ପିଟାଲ ପଠା ଯାଇଥିଲା। ସେଠାରେ ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ବାଲିପାଟଣା ଥାନା ପୁଲିସ ଅଭିଯୁକ୍ତ ପିଣ୍ଟୁକୁ ଗିରଫ କରିବା ସହ ମାମଲାର ତଦନ୍ତ ଆରମ୍ଭ କରିଛି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମାମଲାର ତଦନ୍ତ କରୁଛି। ଏ ନେଇ ଖୁବ୍‌ଶିଘ୍ର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ବାଲିପାଟଣା ଥାନା ପୁଲିସ କହିଛି।

## ସରକାର ରାଜଧର୍ମ ପାଳନ କରନ୍ତୁ: ମନ୍ତ୍ରୀ

**ସମାଲୋଚନା କରିବାର ଅଧିକାର ବିରୋଧୀଙ୍କର ଅଛି: ସୁରେଶ ପୂଜାରୀ**

■ ଭୁବନେଶ୍ୱର, ୮।୫ (ସମିସ): ସରକାରରେ ଯେଉଁମାନେ ଅଛନ୍ତି, ସେମାନଙ୍କର ମୂଳ କାମ ହେଲା ରାଜଧର୍ମ ପାଳନ କରିବା। କୌଣସି ପରିସ୍ଥିତିରେ କୌଣସି ଅପରାଧୀ ବର୍ତ୍ତିବା କଥା ନୁହଁ। ରାଜସ୍ୱ ବିଭାଗକୁ ନେଇ ଯେଉଁ ଅପରାଧ ହେଉଛି, ଅନେକ ରାଜସ୍ୱ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ରାଜସ୍ୱ ଅଧିକାରୀମାନେ ଯେତେବେଳେ ଆକ୍ରୋଶର ଶିକାର ହେଉଛନ୍ତି, ସେମାନଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ହେଉଛି। ଏ ସବୁ ଭିତରେ ଅପରାଧ ପ୍ରବଣତାକୁ ରୋକିବା ପାଇଁ ସରକାରଙ୍କୁ ଆହୁରି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ଶୁକ୍ରବାର ବାଲିଅନ୍ତା ଭିଡ଼ ହତ୍ୟା ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି ଯେ ଅପରାଧୀମାନଙ୍କ ମନରେ ଭୟ ସଞ୍ଚାର ପାଇଁ ସରକାର ଉଦ୍ୟମ କରୁଛନ୍ତି। ବର୍ତ୍ତମାନ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି, ତାକୁ ଆହୁରି ସାର୍ବଜନୀନ କରିବାକୁ ସରକାର ଚିନ୍ତା କରୁଛନ୍ତି। ବ୍ରହ୍ମପୁରରେ ଜଣେ ଧାରଣାରତ ମହିଳାଙ୍କୁ ହତ୍ୟା କରାଗଲା। ଭୁବନେଶ୍ୱରରେ ମଧ୍ୟ ଏକ ଘଟଣା ଘଟିଛି। ସରକାର ଅପରାଧୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ରୋଗ ହେବା ପରେ ଚିକିତ୍ସାଠାରୁ ରୋଗ ନ ହେବା ପାଇଁ ପ୍ରତିଷେଧକ ବ୍ୟବସ୍ଥା ଅବଲମ୍ବନ କରିବା ଅଧିକ ଭଲ ବୋଲି ମନ୍ତ୍ରୀ କହିଛନ୍ତି। ବାଲିଅନ୍ତା ଘଟଣାରେ ତଦନ୍ତ ଚାଲିଛି। ବିରୋଧୀଙ୍କର ସମାଲୋଚନା କରିବାର ଅଧିକାର ଅଛି ଓ ସରକାର ସେମାନଙ୍କର ସମାଲୋଚନାକୁ ଗ୍ରହଣ କରି କାର୍ଯ୍ୟ କରବେ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## କନେଷ୍ଟବଳ ହତ୍ୟା ମାମଲାର ନୂଆମୋଡ଼
## ଗୋଡ଼-ହାତ ବାନ୍ଧିଥିଲା ପୁଲିସ !

**ପୁଲିସ ହେପାଜତରେ ସୌମ୍ୟଙ୍କ ମୃତ୍ୟୁକୁ ନେଇ ପ୍ରଶ୍ନବାଚୀ**

■ ଭୁବନେଶ୍ୱର, ୮।୫ (ସମିସ): ବାଲିଅନ୍ତାରେ ଜିଆର୍‌ପି କନେଷ୍ଟବଳ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ହତ୍ୟା ଘଟଣାରେ ସାମ୍ନାକୁ ଆସିଛି ଆଉ ଏକ ଭୟଙ୍କର ସୂଚନା। ସୌମ୍ୟରଞ୍ଜନଙ୍କ ଦୁଇ ହାତ ଓ ଦୁଇ ଗୋଡ଼କୁ ବାନ୍ଧି ଏକ ବାଉଁଶରେ ଝୁଲାଇ ନିଆଯାଉଥିବାର ଏକ ଭିଡ଼ିଓ ଭାଇରାଲ ହୋଇଛି। ବିଭିନ୍ନ ଗଣମାଧ୍ୟମରେ ଏହା ମଧ୍ୟ ପ୍ରକାଶ ପାଇଛି। ମାତ୍ର ହାତଗୋଡ଼ ବାନ୍ଧିବା ପୂର୍ବରୁ ଓ ପରେ ସୌମ୍ୟଙ୍କୁ ନିସ୍ତୁକ ମାଡ଼ ମରାଯାଇଥିବା ସୂଚନା ମିଳିଛି। ତେବେ ସୌମ୍ୟଙ୍କ ହାତଗୋଡ଼ ଲୋକମାନେ ନୁହନ୍ତି; ଦୁଇ ତିନିଜଣ ପୁଲିସ କର୍ମଚାରୀ ବାନ୍ଧିଥିବା କିଛି ପ୍ରତ୍ୟକ୍ଷଦର୍ଶୀ ସୂଚନା ଦେଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ, ଗତକାଲି ବାଲିଅନ୍ତା ପୋଲ ନିକଟରେ ସ୍କୁଟି ସହ ଦୁର୍ଘଟଣା ପରେ ଦୁଇ ଯୁବତୀଙ୍କ ସହ ସୌମ୍ୟ ଓ ତାଙ୍କ ବନ୍ଧୁଙ୍କର ବଚସା ହୋଇଥିଲା। କ୍ରମଶଃ ଏହା ଗୁରୁତର ରୂପ ନେଇଥିଲା। ସୌମ୍ୟଙ୍କ ବ୍ୟବହାର ଅସ୍ୱାଭାବିକ ମନେ ହେଉଥିଲା। ଲୋକମାନେ ତାଙ୍କ ପାଖକୁ ଯିବାକୁ ଡରୁଥିଲେ। ଖବର ପାଇ ସେହି ସମୟରେ ପୁଲିସ ପହଞ୍ଚିଥିଲା ଓ ସୌମ୍ୟ ସେମାନଙ୍କୁ ମଧ୍ୟ କାମୁଡ଼ିବାକୁ ଓ ପିଟିବାକୁ ଗୋଡ଼ାଇ ଥିଲା। ପୁଲିସ କର୍ମଚାରୀମାନେ ସୌମ୍ୟ ନିଜେ ଜଣେ ପୁଲିସ କନେଷ୍ଟବଳ ବୋଲି ବି ଜାଣି ନ ଥିଲେ। ଉଭୟଙ୍କ ମଧ୍ୟରେ ଆକ୍ରମଣ ତୀବ୍ର ହେବାରେ ଲାଗିଲା। ବୁଦ୍ଧିବାଟ ନ ପାଇ ପୁଲିସ କର୍ମଚାରୀମାନେ କୌଶଳ କରି ସୌମ୍ୟଙ୍କ ଦୁଇ ହାତ ଓ ଦୁଇ ଗୋଡ଼ ବାନ୍ଧି ପକାଇଥିଲେ।

ନାମ ପ୍ରକାଶ କରିବାକୁ ଅନିଚ୍ଛା ପ୍ରକାଶ କରିଥିବା ଏହି ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି ଯେ ପୁଲିସ ତାଙ୍କ ହାତଗୋଡ଼ ବାନ୍ଧିବା ଫଳରେ ଲୋକଙ୍କୁ ମାଡ଼ ମାରିବାକୁ ଅଧିକ ସୁଯୋଗ ମିଳିଯାଇଥିଲା। ଲୋକମାନେ ସୌମ୍ୟକୁ ଯିଏ ଯେମିତି ପାରିଲେ ପିଟି ଚାଲିଲେ। ଶେଷରେ ପୁଲିସ କର୍ମଚାରୀମାନେ ଲୋକଙ୍କ ସହାୟତାରେ ସୌମ୍ୟଙ୍କୁ ଏକ ବାଉଁଶରେ ଲଟକାଇ ଏକ ମିନି ଟ୍ରକ୍ ଡାଲାକୁ ଫିଙ୍ଗି ଦେଇଥିଲେ। ଗୁରୁତର ଅବସ୍ଥାରେ ଥିବା ସତ୍ତ୍ୱେ ସେଠାରେ ଥିବା ପୁଲିସ ଜିପ୍‌ରେ ନିଆ ନ ଯାଇ ମିନି ଟ୍ରକ୍ ଡାଲାରେ ଡାକ୍ତରଖାନା ବୁହାଗଲା। ମୁମୂର୍ଷୁ ▶ପୃଷ୍ଠା-୭

## ଆଣ୍ଡାମାନରେ ସୃଷ୍ଟି ହେଲା ଘୂର୍ଣ୍ଣିବଳୟ
## ବାତ୍ୟା ଆଶଙ୍କା କ୍ଷୀଣ, ସଅଳ ମୌସୁମୀ

**ଲଘୁଚାପ କିମ୍ବା ଅବପାତ ହେଲେ ସ୍ଥିତି ଅନୁକୂଳ**

■ ଭୁବନେଶ୍ୱର, ୮।୫ (ସମିସ): ଦକ୍ଷିଣ ଆଣ୍ଡାମାନ ସାଗର ଓ ଏହାର ପାଶ୍ୱର୍ବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହି ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୧.୫ କିଲୋମିଟର ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପି ରହିଛି। ତେବେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବ ବୋଲି ଆକଳନ କରାଯାଉଥିଲେ ମଧ୍ୟ ଏହା କେତେକ ଘନୀଭୂତ ହେବ ଅର୍ଥାତ ବାତ୍ୟାରେ ପରିଣତ ହେବ କି ନାହିଁ ତାହା ଏଯାଏଁ ସ୍ପଷ୍ଟ ହୋଇ ନାହିଁ। ତେବେ ଏହା ବାତ୍ୟାରେ ପରିଣତ ହେଲେ ମଧ୍ୟ ଓଡ଼ିଶା ଉପରେ ପ୍ରଭାବ ପକାଇବା କି ନାହିଁ ତାହା ଅସ୍ପଷ୍ଟ ରହିଛି। ବାତ୍ୟାର ତୀବ୍ରତାକୁ ନେଇ ମଧ୍ୟ କୌଣସି ଆକଳନ କରାଯାଇ ନାହିଁ। ହେଲେ ଏହି ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେବାକୁ ଥିବା ସମ୍ଭାବ୍ୟ ଲଘୁଚାପ/ଅବପାତ/ବାତ୍ୟା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ସହଜରେ ବାଟ କଡ଼ାଇ ଆଣିବ। ଯଦି ସବୁ କିଛି ଠିକ୍‌ଠାକ୍ ରହେ, ତେବେ ଆସନ୍ତା ଜୁନ୍ ୧ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଯାଇ ପାରେ ବୋଲି ଆକଳନ କରାଯାଉଛି।

ଏହି ଘୂର୍ଣ୍ଣିବଳୟ ସୃଷ୍ଟି ହେବା ପରେ ବଙ୍ଗୋପସାଗରରେ ବାତ୍ୟାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। କିନ୍ତୁ ପାଣିପାଗ ବିଭାଗ ଏହାକୁ ନେଇ ଏପର୍ଯ୍ୟନ୍ତ ନିରବ ରହିଛି। ବିସ୍ତାରିତ ପରିସର ଆକଳନରେ ଆଇଏମ୍‌ଡି ଏହାକୁ ଏକ ଅବପାତ ହେବାର ଆଶଙ୍କା ପ୍ରକଟ କରିଥିଲେ ମଧ୍ୟ ଅନ୍ୟାନ୍ୟ ପାରିପାଶ୍ୱର୍କ ସ୍ଥିତି ପ୍ରତିକୂଳ ଅବସ୍ଥାରେ ଥିବା ହେତୁ ସମ୍ଭାବ୍ୟ ଲଘୁଚାପ ଘନୀଭୂତ ନ ହେବାର ▶ପୃଷ୍ଠା-୭

### ମେ' ୨୦ ସୁଦ୍ଧା ଆଣ୍ଡାମାନ ସାଗର ଛୁଇଁବ

**ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ**

■ ନୂଆଦିଲ୍ଲୀ, ୮।୫ (ଏଜେନ୍ସି): ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)ର ପୂର୍ବାନୁମାନ ଅନୁଯାୟୀ, ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଏହାର ନିର୍ଦ୍ଧାରିତ ସମୟରେ ଅର୍ଥାତ୍ ମେ' ୨୦ ତାରିଖ ସୁଦ୍ଧା ଆଣ୍ଡାମାନ ସାଗର ଛୁଇଁବ। ଏହି ଖବର କୃଷିପ୍ରଧାନ ଭାରତ ପାଇଁ ଏକ ଶୁଭ ସଙ୍କେତ ହୋଇଥିବା ବେଳେ ପ୍ରାକୃତିକ ପରିବେଶରେ ଏକ ନୂତନ ସ୍ପନ୍ଦନ ସୃଷ୍ଟି କରିଛି। ପାଣିପାଗ ବିଭାଗ ଅନୁଯାୟୀ, ମେ' ୧୪ ରୁ ୨୦ ତାରିଖ ମଧ୍ୟରେ ଦକ୍ଷିଣ ବଙ୍ଗୋପସାଗର, ଆଣ୍ଡାମାନ ସାଗର ଏବଂ ଆଣ୍ଡାମାନ-ନିକୋବର ଦ୍ୱୀପପୁଞ୍ଜରେ ମୌସୁମୀ ବାୟୁ ସକ୍ରିୟ ହେବାର ଅନୁକୂଳ ପରିବେଶ ସୃଷ୍ଟି ହେଉଛି। ମେ' ମାସର ତୃତୀୟ ସପ୍ତାହ ବେଳକୁ ଦକ୍ଷିଣ-ପଶ୍ଚିମ ବାୟୁ ପ୍ରବାହ ବୃଦ୍ଧି ପାଇବା ସହ ବଙ୍ଗୋପସାଗର ଓ ଉତ୍ତର-ପୂର୍ବ ଭାରତ ▶ପୃଷ୍ଠା-୭

## ଟ୍ରମ୍ପଙ୍କୁ ଝଟ୍‌କା
## ୧୦% ବୈଶ୍ୱିକ ଶୁଳ୍କ ଅବୈଧ

**ଆମେରିକା ସଂଘୀୟ କୋର୍ଟଙ୍କ ଘୋଷଣା**


**ଭାରତ ସମେତ ସବୁ ଦେଶଙ୍କ ଉପରେ ୧୫୦ ଦିନ ପାଇଁ ଲାଗିଥିଲା ନୂଆ ଶୁଳ୍କ**

■ ୱାଶିଂଟନ୍, ୮।୫ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଟ୍ରମ୍ପ୍ ପ୍ରଶାସନକୁ ଫେଡେରାଲ୍ ବାଣିଜ୍ୟ ଅଦାଲତରୁ ଲାଗିଛି ବଡ଼ ଝଟ୍‌କା। କୋର୍ଟ କହିଛନ୍ତି ଯେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଦ୍ୱାରା ଲାଗୁ କରାଯାଇଥିବା ୧୦% ବୈଶ୍ୱିକ ଶୁଳ୍କ 'ଅବୈଧ' ଓ ବେଆଇନ। ଟ୍ରମ୍ପଙ୍କ ଦ୍ୱାରା ପୂର୍ବରୁ ଲାଗୁ କରାଯାଇଥିବା ବ୍ୟାପକ ଶୁଳ୍କକୁ ଖାରଜ କରିବାକୁ ଉଚ୍ଚତମ ନ୍ୟାୟାଳୟଙ୍କ ନିଷ୍ପତ୍ତି ପରେ ଆମେରିକା ପ୍ରଶାସନ ଫେବୃଆରୀ ୨୪ ରେ ଭାରତ ସମେତ ସବୁ ଦେଶଙ୍କ ଉପରେ ୧୫୦ ଦିନ ଲାଗି ଏକ ନୂଆ ଶୁଳ୍କ ଲାଗୁ କରିଥିଲା। ଆମେରିକୀୟ ବାଣିଜ୍ୟ ଅଦାଲତ ଏବେ ୧୦% ବିଶ୍ୱ ଶୁଳ୍କକୁ ଅବୈଧ ଘୋଷଣା କରିଛନ୍ତି। ଆମେରିକା ଇରାନକୁ ତା'ର ସର୍ତ୍ତାବଳୀ ଗ୍ରହଣ କରିବାକୁ ବାଧ କରିବାକୁ ସ୍ଥିର କରିଥିବାବେଳେ ବିଶ୍ୱ ଶୁଳ୍କ ଯୋଗୁଁ କୋର୍ଟ ଆମେରିକା ପ୍ରଶାସନକୁ ଏକ ବଡ଼ ଝଟକା ଦେଇଛନ୍ତି। ତିନି ଜଣ ବିଚାରପତି ୨-୧ ବହୁମତରେ ରାୟ ଦେଇଛନ୍ତି ଯେ, ଟ୍ରମ୍ପ ପ୍ରଶାସନ ଶୁଳ୍କ ଲାଗୁ କ୍ଷେତ୍ରରେ ରାଷ୍ଟ୍ରପତିଙ୍କୁ ଦିଆଯାଇଥିବା କ୍ଷମତା ଅତିକ୍ରମ କରିଛି।

ଉଚ୍ଚତମ ନ୍ୟାୟାଳୟ କହିଥିଲେ ଯେ ଅନ୍ତର୍ଜାତୀୟ ଜରୁରିକାଳୀନ ଆର୍ଥିକ ଶକ୍ତି ଅଧିନିୟମ (ଆଇଇଇପିଏ) ଶୁଳ୍କ ଲାଗୁ କରିବାକୁ ଅନୁମତି ଦିଏ ନାହିଁ। ଆମେରିକା ଅନ୍ତର୍ଜାତୀୟ ବାଣିଜ୍ୟ ନ୍ୟାୟାଳୟ ଗୁରୁବାର ରାୟ ରେ କହିଛି ଯେ ଟ୍ରମ୍ପ୍ ୧୦% ଶୁଳ୍କ ଲାଗୁ କରିବା ▶ପୃଷ୍ଠା-୭

# ଶେଷରେ ମାନିଲା ଚୀନ ଅପରେସନ ସିନ୍ଦୂର ବେଳେ ପାକିସ୍ତାନକୁ ସାହାଯ୍ୟ କରିଥିଲା

ନୂଆଦିଲ୍ଲୀ, ୮।୫(ଏଜେନ୍ସି): ଗତ ବର୍ଷ ଭାରତ ପକ୍ଷରୁ କରାଯାଇଥିବା 'ଅପରେସନ୍ ସିନ୍ଦୂର' ସମୟରେ ପାକିସ୍ତାନକୁ ସ୍ଥଳଭାଗରେ ବୈଷୟିକ ସହାୟତା ଯୋଗାଇ ଦେଇଥିବା କଥା ଚୀନ୍ ପ୍ରଥମ ଥର ପାଇଁ ସର୍ବସାଧାରଣରେ ସ୍ୱୀକାର କରିଛି। ଚୀନ୍‌ର ସରକାରୀ ଗଣମାଧ୍ୟମ ଏହି ସଂଘର୍ଷ ସମୟରେ ସେମାନଙ୍କ ଇଞ୍ଜିନିୟରମାନେ ପାକିସ୍ତାନୀ ସେନା ସହ କାମ କରୁଥିବା ନେଇ ସୂଚନା ଦେଇଛି। ଚୀନ୍‌ର ବିମାନ ନିର୍ମାତା ସଂସ୍ଥା 'ଏଭିଏସନ୍ ଇଣ୍ଡଷ୍ଟ୍ରି କର୍ପୋରେସନ୍ ଅଫ୍ ଚାଇନା'(ଏଭିଆଇସି)ର ଜଣେ ଇଞ୍ଜିନିୟର ଜାଙ୍ଗ ହେଙ୍ଗ୍ କହିଛନ୍ତି ଯେ, ସଂଘର୍ଷ ଚାଲିଥିବା ୪ ଦିନ ସେ ପାକିସ୍ତାନୀ ବେସ୍‌ରେ ରହି କାମ କରୁଥିଲେ। ପ୍ରବଳ ଗରମ ଏବଂ ଯୁଦ୍ଧକାଳୀନ ସ୍ଥିତି ମଧ୍ୟରେ ସେମାନେ ପାକିସ୍ତାନୀ ବାୟୁସେନାକୁ ସହାୟତା କରୁଥିଲେ। ଚୀନ୍ ଇଞ୍ଜିନିୟରମାନେ ମୁଖ୍ୟତଃ ପାକିସ୍ତାନ ପାଖରେ ଥିବା ଚୀନ୍ ନିର୍ମିତ ଜେ-୧୦ସିଇ ଯୁଦ୍ଧ ବିମାନଗୁଡ଼ିକ ଯେପରି ଯୁଦ୍ଧ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବ, ସେଥିପ୍ରତି ଧ୍ୟାନ ଦେଉଥିଲେ। ଏହା ଚୀନ୍ ଏବଂ ପାକିସ୍ତାନ ମଧ୍ୟରେ ଥିବା ଗଭୀର ସାମରିକ ସମ୍ପର୍କର ପ୍ରମାଣ ବୋଲି ଚୀନ୍ କହିଛି।୨୦୨୫




ମସିହା ମେ' ୭ ତାରିଖରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା 'ଅପରେସନ୍ ସିନ୍ଦୂର' ଆରମ୍ଭ କରିଥିଲା। ଏହି ଅପରେସନ୍‌ରେ ପାକିସ୍ତାନ ଅଧିକୃତ ଜମ୍ମୁ-କଶ୍ମୀର (ପିଓଜେକେ) ଏବଂ ପାକିସ୍ତାନ ଭିତରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ଧ୍ୱଂସ କରାଯାଇ ୧୦୦ ରୁ ଅଧିକ ଆତଙ୍କବାଦୀଙ୍କୁ ନିପାତ କରାଯାଇଥିଲା।ଚୀନ୍‌ର ଏହି ସ୍ୱୀକାରୋକ୍ତିରୁ ସ୍ପଷ୍ଟ ହୋଇଛି ଯେ, ଭାରତ-ପାକିସ୍ତାନ ସଂଘର୍ଷ ସମୟରେ ଚୀନ୍ କେବଳ ଅସ୍ତ୍ରଶସ୍ତ୍ର ଯୋଗାଉ ନାହିଁ, ବରଂ ନିଜର ବୈଷୟିକ ଦଳକୁ ସିଧାସଳଖ ପାକିସ୍ତାନୀ ସାମରିକ ଘାଟିରେ ମୁତୟନ କରୁଛି। ଏହା ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଚିନ୍ତା ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



# ଆଟଲାଣ୍ଟିକରେ ମଣିଷମରା 'ହନ୍ତା' ଭାଇରସ

## ଜାହାଜରେ ଫସି ରହିଛନ୍ତି ୨ ଭାରତୀୟ

ତେନେରିଫ(ସ୍ପେନ୍), ୮।୫(ଏଜେନ୍ସି): ଅତଳ ଆଟଲାଣ୍ଟିକ୍ ମହାସାଗରର ନୀଳ ଜଳରାଶି ମଧ୍ୟରେ ଏବେ ମୃତ୍ୟୁର କରାଳ ଛାୟା ଖେଳିଯାଇଛି। ଏକ ସୁସଜ୍ଜିତ ପର୍ଯ୍ୟଟନପୋତ'ଏମଭିହୋଣ୍ଡିଅସ୍'ରେଅତିଭୟଙ୍କରତଥାବିରଳ'ହନ୍ତାଭାଇରସ୍'ର ପ୍ରାଦୁର୍ଭାବ ଯୋଗୁଁ ତିନି ଜଣ ଯାତ୍ରୀ ପ୍ରାଣ ହରାଇଥିବା ବେଳେ ଅନେକ ଆକ୍ରାନ୍ତ ହୋଇଛନ୍ତି। ଏହି ମରଣଯନ୍ତା ମଧ୍ୟରେ ଦୁଇ ଜଣ ଭାରତୀୟ ନୌସେବକ ମଧ୍ୟ ବନ୍ଦୀ ହୋଇ ରହିଛନ୍ତି, ଯାହାଙ୍କର ବର୍ତ୍ତମାନର ଅବସ୍ଥାକୁ ନେଇ ଚିନ୍ତା ଓ ଉଦବେଗ ପ୍ରକାଶ ପାଇଛି। ଗତ ଏପ୍ରିଲ ପହିଲାରେ ଆର୍ଜେଣ୍ଟିନାରୁ ଯାତ୍ରା ଆରମ୍ଭ କରିଥିବା ଏହି ପୋତରେ ମୋଟ ୧୪୯ ଜଣ ଯାତ୍ରୀ ଓ କର୍ମଚାରୀ ଅଛନ୍ତି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ଉଶୁଆୟା ସହରରେ ପକ୍ଷୀ ନିରୀକ୍ଷଣ ସମୟରେ ଏକ ପର୍ଯ୍ୟଟକ ଦମ୍ପତି ମୂଷା ଜାତୀୟ ପ୍ରାଣୀଙ୍କ ମଳମୂତ୍ରରୁ ନିର୍ଗତ ସୂକ୍ଷ୍ମ ଧୂଳିକଣା ପ୍ରଶ୍ୱାସରେ ନେବା ଫଳରେ ଏହି ମାରାତ୍ମକ ଭୂତାଣୁ ପୋତ ମଧ୍ୟକୁ ପ୍ରବେଶ କରିଥିଲା। ଏହି ଭୂତାଣୁର 'ଆଣ୍ଡିଜ୍' ପ୍ରଜାତି ଅତ୍ୟନ୍ତ ଘାତକ, ଯାହା ଶରୀରରେ ପ୍ରବେଶ କରିବା ମାତ୍ରେ ଫୁସଫୁସକୁ ଅକାମୀ କରିଦିଏ। ଏପ୍ରିଲ ୧୧ ତାରିଖରୁ ଆରମ୍ଭ ହୋଇଥିବା ଏହି ମୃତ୍ୟୁ ଶିକୁଳିରେ ଏପର୍ଯ୍ୟନ୍ତ ଜଣେ ଜର୍ମାନ ଓ ଦୁଇ ଜଣ ଡଚ୍ ନାଗରିକଙ୍କ ଜୀବନ ଦୀପ ଲିଭିସାରିଛି। ଏହି ପୋତରେ ୨୩ଟି ଦେଶର ଲୋକ ଥିବାବେଳେ ସେମାନଙ୍କ ମଧ୍ୟରେ ଦୁଇ ଜଣ ଭାରତୀୟ କର୍ମଚାରୀ ରହିଛନ୍ତି। ପୋତ ପରିଚାଳନା କରୁଥିବା ସଂସ୍ଥା ପକ୍ଷରୁ ସେମାନଙ୍କ ଜାତୀୟତା ସ୍ପଷ୍ଟ କରାଯାଇଥିଲେ ହେଁ, ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରାଯାଇ ନାହିଁ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଘଟଣାକୁ ଗୁରୁତର ସହ ନେଇ ସମ୍ପୃକ୍ତ ସମସ୍ତ ଯାତ୍ରୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରିବା ପାଇଁ ଅଭିଯାନ ଆରମ୍ଭ କରିଛି। ପୋତଟି ବର୍ତ୍ତମାନ ସ୍ପେନ୍‌ର କାନାରୀ ଦ୍ୱୀପପୁଞ୍ଜ ଆଡ଼କୁ ଗତି କରୁଛି, ଯେଉଁଠାରେ ଆସନ୍ତା ୧୧ ତାରିଖରେ ସମସ୍ତଙ୍କୁ ଓହ୍ଲାଇବା ସହ ବିଶୋଧନ ପ୍ରକ୍ରିୟା କରାଯିବ। ହନ୍ତାଭାଇରସ୍ ଭାରତ ପାଇଁ ସମ୍ପୂର୍ଣ୍ଣ ନୂଆ ନୁହେଁ। ପୂର୍ବରୁ ତାମିଲନାଡୁରେ ଏହାର କିଛି ଲକ୍ଷଣ ଦେଖାଯାଇଥିଲା। ତେବେ ଏହି ଭୂତାଣୁର ଲକ୍ଷଣ ସାଧାରଣ ଜ୍ୱର, ଡେଙ୍ଗୁ ବା ମୂଷା ଜ୍ୱର (ଲେପ୍‌ଟୋସ୍ପାଇରୋସିସ୍) ସହ ସମାନ ହୋଇଥିବାରୁ ଏହାକୁ ଚିହ୍ନଟ କରିବା କଷ୍ଟକର ହୋଇଥାଏ। ଭାରତରେ ଏହି ରୋଗର ଭ୍ରମାତ୍ମକ ନିରୂପଣ ଏକ ବଡ଼ ବିପଦ ଭାବେ ଉଭା ହୋଇଛି। ସାମ୍ପ୍ରତିକ ବିଶ୍ୱରେ ମାରାତ୍ମକ ରୋଗ ବ୍ୟାଧି କୌଣସି ସୀମା ବା ପରିଚୟ ପତ୍ର ଅପେକ୍ଷା ରଖନ୍ତି ନାହିଁ। ଏହି ଘଟଣା ଆମକୁ ସତର୍କ କରାଇ ଦେଉଛି ଯେ ସାମାନ୍ୟ ଅସାବଧାନତା କିଭଳି ଭୟଙ୍କର ବିପତ୍ତି ଆଣିପାରେ। ଅତଳ ସମୁଦ୍ର ମଝିରେ ସଂଘର୍ଷ କରୁଥିବା ସେହି ଦୁଇ ଭାରତୀୟ ସନ୍ତାନ ସୁସ୍ଥ ଶରୀରରେ ସ୍ୱଦେଶ ଫେରିଆସନ୍ତୁ, ଏହା ହିଁ ସମଗ୍ର ଦେଶବାସୀଙ୍କ ପ୍ରାର୍ଥନା। ସଜାଗତା ହିଁ ଏକମାତ୍ର କବଚ, ଯାହା ଆମକୁ ଏଭଳି ଅଦୃଶ୍ୟ ଶତ୍ରୁ କବଳରୁ ରକ୍ଷା କରିପାରିବ ।ଭାବେ ଘୋଷଣା କରିବାକୁ ପଦକ୍ଷେପ ନିଆଯିବ।

# ହର୍ମୁଜରେ ଆମେରିକା-ଇରାନ ମୁହାଁମୁହିଁ

## ଦୁଇ ସେନା ମଧ୍ୟରେ ପ୍ରଚଣ୍ଡ ଗୁଳି ବିନିମୟ

ୱାଶିଂଟନ/ତେହେରାନ, ୮।୫(ଏଜେନ୍ସି): ବିଶ୍ୱ ବାଣିଜ୍ୟର ପ୍ରାଣକେନ୍ଦ୍ର କୁହାଯାଉଥିବା 'ହର୍ମୁଜ ପ୍ରଣାଳୀ' ଏବେ ରଣକ୍ଷେତ୍ରରେ ପରିଣତ ହୋଇଛି। ଗତ ଏପ୍ରିଲ ୭ ତାରିଖରେ ସ୍ଥାପିତ ହୋଇଥିବା ଦୁର୍ବଳଅସ୍ତ୍ରବିରତି ଚୁକ୍ତିକୁ ପଛରେ ପକାଇ ଆମେରିକା ଓ ଇରାନ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି। ଏହି ପ୍ରଚଣ୍ଡ ସାମରିକ ସଂଘର୍ଷ ପଶ୍ଚିମ ଏସିଆର ରାଜନୈତିକ ଆକାଶକୁ ଅଶାନ୍ତ କରିଦେଇଥିବା ବେଳେ ବିଶ୍ୱଅର୍ଥନୀତି ଉପରେ ଏହାର କଳାବାଦଲ ଘେରିବା ଆରମ୍ଭ କରିଛି।

ଆମେରିକାର କେନ୍ଦ୍ରୀୟ କମାଣ୍ଡ (ସେଣ୍ଟକମ୍) ଅନୁଯାୟୀ, ଆମେରିକୀୟ ଯୁଦ୍ଧପୋତ ଉପରେ ହୋଇଥିବା ଆକ୍ରମଣର ଜବାବରେ ସେମାନେ ଇରାନର ସାମରିକ ଘାଟିଗୁଡ଼ିକ ଉପରେ ପ୍ରତିଆକ୍ରମଣ କରିଛନ୍ତି। ଆମେରିକା ଏହାକୁ ଏକ 'ପ୍ରତିରକ୍ଷାମୂଳକ ପଦକ୍ଷେପ' ବୋଲି ଦର୍ଶାଇଥିବା ବେଳେ ଇରାନ ଏହାକୁ ଘୋର ନିନ୍ଦା କରିଛି। ଇରାନର ଅଭିଯୋଗ ଅନୁଯାୟୀ, ଆମେରିକୀୟ କ୍ଷେପଣାସ୍ତ୍ର ସାଧାରଣ ନାଗରିକ ଅଞ୍ଚଳକୁ ଲକ୍ଷ୍ୟ କରିବା ସହ ଦୁଇଟି ବାଣିଜ୍ୟିକ ପୋତକୁ ମଧ୍ୟ କ୍ଷତିଗ୍ରସ୍ତ କରିଛି। ଏହି ଘଟଣା ପରେ ଇରାନର ରାଜଧାନୀ ତେହେରାନରେ ଆକାଶମାର୍ଗ ପ୍ରତିରକ୍ଷା ପ୍ରଣାଳୀକୁ ସକ୍ରିୟ କରାଯାଇଛି, ଯାହା ଏକ ବଡ଼ ଧରଣର ଯୁଦ୍ଧର ଆଶଙ୍କା ସୃଷ୍ଟି କରିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଇରାନ ଯଦି ଶୀଘ୍ର ଆଲୋଚନା ମାଧ୍ୟମରେ ସମାଧାନକୁ ନଆସେ, ତେବେ ଆଗକୁ ପରିଣାମ ଅତ୍ୟନ୍ତ ଭୟାବହ ହେବ। ସେ ଏହି ସଂଘର୍ଷକୁ 'ଏକ ସାମାନ୍ୟ ସ୍ପର୍ଶ' (ଲଭ୍ ଟାପ୍) ବୋଲି କହି ହାଲୁକା କରିବାକୁ ଚେଷ୍ଟା କରିଥିଲେ ହେଁ, ଇରାନକୁ ନିଶ୍ଚିହ୍ନ କରିଦେବାର ଚେତାବନୀ ମଧ୍ୟ ଦେଇଛନ୍ତି। ଅନ୍ୟପକ୍ଷରେ, ଉଭୟ ପକ୍ଷ ଯୁଦ୍ଧକୁ ବ୍ୟାପକ କରିବାକୁ ଚାହୁଁନାହାନ୍ତି ବୋଲି ସଙ୍କେତ ଦେଉଥିଲେ ମଧ୍ୟ ସୀମାରେ ଉତ୍ତେଜନା ହ୍ରାସ ପାଉନାହିଁ। ଏହି ହିଂସାକାଣ୍ଡ ଏପରି ଏକ ସମୟରେ ଘଟିଛି, ଯେତେବେଳେ ୱାଶିଂଟନ ପକ୍ଷରୁ ଏକ ତିନି-ସ୍ତରୀୟ ଶାନ୍ତି ପ୍ରସ୍ତାବ ଉପରେ ତେହେରାନ ବିଚାର କରୁଥିଲା। ଏହି ପ୍ରସ୍ତାବରେ ସ୍ଥାୟୀ ଅସ୍ତ୍ରବିରତି ଏବଂ ହର୍ମୁଜ ପ୍ରଣାଳୀରେ ପରିବହନ ସୁରକ୍ଷା ପାଇଁ ୩୦ ଦିନିଆ ଆଲୋଚନା ଚକ୍ରର ବ୍ୟବସ୍ଥା ରହିଛି। ତେବେ ପରମାଣୁ କାର୍ଯ୍ୟକ୍ରମ ଏବଂ ଅବାଧ ନୌପରିବହନ ଭଳି ଜଟିଳ ପ୍ରସଙ୍ଗଗୁଡ଼ିକ ଉପରେ ଏହି ପ୍ରସ୍ତାବ



ନୀରବ ରହିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ସେମାନେ ଏପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇନାହାନ୍ତି।

# ମେକ୍ସିକୋ କନସର୍ଟରେ ଅଗ୍ନିକାଣ୍ଡ; ୫ ମୃତ

ଭିଲାହର୍ମୋସା (ମେକ୍ସିକୋ), ୮।୫(ଏଜେନ୍ସି): ଦକ୍ଷିଣ-ପୂର୍ବ ମେକ୍ସିକୋର ଟାବାସ୍କୋ ପ୍ରଦେଶର ଭିଲାହର୍ମୋସା ସହରରେ ଏକ ସଙ୍ଗୀତ କାର୍ଯ୍ୟକ୍ରମ (କନସର୍ଟ) ଚାଲିଥିବା ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ଅତିକମରେ ୫ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଗୁରୁବାର ଭୋର ସମୟରେ ଟାବାସ୍କୋ ପାର୍କ'ର ଏକ ୱେୟାରହାଉସରେ ପ୍ରଥମେ ନିଆଁ ଲାଗିଥିଲା। ସେହି ସମୟରେ ସେଠାରେ ହଜାର ହଜାର ଲୋକ କନସର୍ଟ ଉପଭୋଗ କରୁଥିଲେ। ନିଆଁ ଏତେ ଶୀଘ୍ର ବ୍ୟାପିଥିଲା ଯେ ଲୋକଙ୍କୁ ବାହାରିବାକୁ ସୁଯୋଗ ମିଳିନଥିଲା। ଟାବାସ୍କୋ ଗଭର୍ଣ୍ଣର ଜାଭିୟର ମେ' ରୋଡ୍ରିଗୁଏଜ୍ ୫ ଜଣଙ୍କ ମୃତ୍ୟୁ ନେଇ ସ୍ପଷ୍ଟ କରିଛନ୍ତି। ମୃତକଙ୍କ ମଧ୍ୟରେ କିଛି ପ୍ରଦର୍ଶକ ମଧ୍ୟ ଅଛନ୍ତି ଯେଉଁମାନେ ସଠିକ୍ ସମୟରେ ବାହାରି ପାରିନଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଓ ଉଦ୍ଧାରକାରୀ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।



ପଶ୍ଚିମବଙ୍ଗରେ ସରକାର ଗଠନ ପାଇଁ ଶୁକ୍ରବାର ଦିନ ରାଜ୍ୟପାଳ ଆର୍. ଏନ୍. ରବିଙ୍କୁ ଭେଟି ଦାବି ଜଣାଉଛନ୍ତି ବିଜେପି ନେତା ଶୁଭେନ୍ଦୁ ଅଧିକାରୀ। ତାଙ୍କ ସହିତ ଅଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

# ଦାନ୍ତେୱାଡ଼ାରେ ୭୬ ଯବାନଙ୍କୁ ହତ୍ୟା କରିଥିଲା କିଏ?

ରାୟପୁର, ୮।୫(ଏଜେନ୍ସି): ୨୦୧୦ ମସିହାରେ ଦାନ୍ତେୱାଡ଼ାର ତାଡ଼ମେଟଲାଠାରେ ମାଓବାଦୀଙ୍କ ଆକ୍ରମଣରେ ୭୬ ଜଣ ସୁରକ୍ଷାକର୍ମୀ ସହିଦ ହେବା ଘଟଣା ଦେଶକୁ ସ୍ତବ୍ଧ କରିଦେଇଥିଲା। ଏହି ମାମଲାରେ ଛତିଶଗଡ଼ ହାଇକୋର୍ଟ ସମସ୍ତ ୧୦ ଜଣ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ସହ ନିମ୍ନ ଅଦାଲତଙ୍କ ନିଷ୍ପତ୍ତିକୁ କାଏମ ରଖିଛନ୍ତି। ପ୍ରତ୍ୟକ୍ଷ ପ୍ରମାଣର ଅଭାବ ଏବଂ ଦୁର୍ବଳ ତଦନ୍ତ ଯୋଗୁଁ ଏତେ ବଡ଼ ଘଟଣାର ଅଭିଯୁକ୍ତମାନେ ଖଲାସ ହୋଇଛନ୍ତି। କୋର୍ଟ କହିଛନ୍ତି ଯେ ଅଭିଯୁକ୍ତମାନଙ୍କ ବିରୋଧରେ କୌଣସି ପ୍ରତ୍ୟକ୍ଷ ପ୍ରମାଣ ବା ପ୍ରତ୍ୟକ୍ଷଦର୍ଶୀ ନାହାନ୍ତି। ସମ୍ପୂର୍ଣ୍ଣ ମାମଲାଟି କେବଳ ପାରିପାର୍ଶ୍ୱିକ ସ୍ଥିତି ଉପରେ ଆଧାରିତ ଥିଲା, ଯାହା ଅଦାଲତରେ ପ୍ରମାଣିତ ହୋଇପାରିଲାନାହିଁ। ଜବତ ହୋଇଥିବା ବିସ୍ଫୋରକ ଏବଂ ଅସ୍ତ୍ରଶସ୍ତ୍ର ଅଭିଯୁକ୍ତଙ୍କ ପାଖରୁ ମିଳିନଥିଲା, ବରଂ ଘଟଣାସ୍ଥଳରୁ ମିଳିଥିଲା। ଏହା ବ୍ୟତୀତ ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ କୌଣସି 'ଟିଆଇପି' ପରେଡ୍ କରାଯାଇ ନଥିଲା।

ମୁଖ୍ୟ ବିଚାରପତି ରମେଶ ସିହ୍ନା ଏବଂ ବିଚାରପତି ରବୀନ୍ଦ୍ର

- ପ୍ରମାଣ ଅଭାବରୁ ୬ ବର୍ଷ ପରେ ସମସ୍ତ ୧୦ ଅଭିଯୁକ୍ତ ଖଲାସ
- ରାଜ୍ୟ ସରକାରଙ୍କୁ ହାଇକୋର୍ଟଙ୍କ ଭର୍ତ୍ସନା

ଅଗ୍ରୱାଲଙ୍କ ଖଣ୍ଡପୀଠ କହିଛନ୍ତି ଯେ, ୭୬ ଜଣ ଯବାନଙ୍କ ମୃତ୍ୟୁ ଅତ୍ୟନ୍ତ ଦୁଃଖଦାୟକ, କିନ୍ତୁ ବିନା ଠୋସ୍ ପ୍ରମାଣରେ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇପାରିବ ନାହିଁ। ହାଇକୋର୍ଟ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଏଭଳି ସମ୍ବେଦନଶୀଳ ମାମଲାର ତଦନ୍ତ ପାଇଁ ପୋଲିସ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ତାଲିମ ପ୍ରଦାନ କରାଯାଉ। ଜାତୀୟ ନିରାପତ୍ତା ସହ ଜଡ଼ିତ ମାମଲାରେ ଯେପରି କୌଣସି ଆଇନଗତ ତ୍ରୁଟି ନରହେ, ସେଥିପ୍ରତି ଧ୍ୟାନ ଦେବାକୁ କୋର୍ଟ କହିଛନ୍ତି। ୬ ଅପ୍ରେଲ ୨୦୧୦ରେ ସିଆରପିଏଫ୍ ଏବଂ ସ୍ଥାନୀୟ ପୋଲିସର ମିଳିତ ଅପରେସନ ସମୟରେ ମାଓବାଦୀମାନେ ତାଡ଼ମେଟଲା ଜଙ୍ଗଲରେ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୭୫ ଜଣ ସିଆରପିଏଫ୍ ଯବାନ ଏବଂ ଜଣେ ପୋଲିସ କର୍ମଚାରୀ ପ୍ରାଣ ହରାଇଥିଲେ। ୨୦୧୩ରେ ଦାନ୍ତେୱାଡ଼ା ସେସନ କୋର୍ଟ ପ୍ରଥମେ ଅଭିଯୁକ୍ତମାନଙ୍କୁ ଖଲାସ କରିଥିଲେ, ଯାହାକୁ ଏବେ ହାଇକୋର୍ଟ ମଧ୍ୟ ସଠିକ୍ ବୋଲି ଦର୍ଶାଇଛନ୍ତି।

# ସ୍ୱାମୀକୁ ମାରି ପୋଡ଼ିଦେଲେ ସ୍ତ୍ରୀ ଓ ପ୍ରେମିକ

ମୋର୍ବି (ଗୁଜରାଟ), ୮।୫(ଏଜେନ୍ସି): ଗୁଜରାଟର ମୋର୍ବି ଜିଲ୍ଲାରେ ଜଣେ ବ୍ୟକ୍ତିଙ୍କ ଜଳାପୋଡ଼ା ମୃତଦେହ ମିଳିବା ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ। ଏହି ନୃଶଂସ ହତ୍ୟାକାଣ୍ଡ ପଛରେ ମୃତକଙ୍କ ସ୍ତ୍ରୀ, ତାଙ୍କ ପ୍ରେମିକ ଏବଂ ଶାଶୂଙ୍କ ହାତ ଥିବା ଜଣାପଡ଼ିଛି। ପ୍ରମାଣ ନଷ୍ଟ ପାଇଁ ଶବକୁ ପୋଡ଼ି ଦିଆଯାଇଥିଲେ ମଧ୍ୟ ହାତରେ ଥିବା ଏକ 'ଓଁ' ଚିହ୍ନ ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଇବାରେ ସାହାଯ୍ୟ କରିଛି। ଗତ ଅପ୍ରେଲ ୨୮ ତାରିଖରେ ୱାଙ୍କାନେର୍ ଅଞ୍ଚଳରୁ ଏକ ଅଧାପୋଡ଼ା ଶବ ମିଳିଥିଲା। ମୃତକଙ୍କ ହାତ ବନ୍ଧା ହୋଇଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରଥମରୁ ସନ୍ଦେହ କରିଥିଲା। ତେବେ ଶରୀର ସମ୍ପୂର୍ଣ୍ଣ ଜଳି ଯାଇଥିବାରୁ ଚିହ୍ନଟ କରିବା କଷ୍ଟକର ଥିଲା। ତଦନ୍ତ ସମୟରେ ପୋଲିସ ମୃତକଙ୍କ ହାତରେ ଏକ 'ଓଁ' ଟାଟୁ ଦେଖିବାକୁ ପାଇଥିଲା। ଏହି ସୂତ୍ର ଏବଂ ସିସିଟିଭି ଫୁଟେଜ୍ ସହାୟତାରେ ମୃତକ ଜଣକ ମଧ୍ୟପ୍ରଦେଶର ଛଗନ୍ ନିନାମା ବୋଲି ଜଣାପଡ଼ିଥିଲା। ଛଗନ୍‌ଙ୍କ ସ୍ତ୍ରୀ ସୁମନ ତାଙ୍କୁ ଛାଡ଼ି ବିଗତ ତିନି ବର୍ଷ ହେବ ନିଜ ପ୍ରେମିକ ପବନ କୁମାରଙ୍କ ସହ ରହୁଥିଲେ। ଘରୋଇ କଳହ ଏବଂ ପ୍ରେମ ସମ୍ପର୍କରେ ବାଧା ଦୂର କରିବା ପାଇଁ ସୁମନ, ପବନ ଏବଂ ନିଜ ମା'ଙ୍କ ସହ ମିଶି ଛଗନ୍‌ଙ୍କୁ ମାରିବାକୁ ଯୋଜନା କରିଥିଲେ।

# ଲାପଟପ୍ ଚାର୍ଜରରେ ପ୍ରେମିକାକୁ ହତ୍ୟା

ଭଦୋଦରା (ଗୁଜରାଟ), ୮।୫(ଏଜେନ୍ସି): ପ୍ରେମିକା ଅନ୍ୟ କାହା ସହ ପ୍ରେମ ସମ୍ପର୍କ ରଖିଥିବା ସନ୍ଦେହ କରି ଜଣେ ଯୁବକ ତାଙ୍କୁ ଅତି ନୃଶଂସ ଭାବେ ହତ୍ୟା କରିଛି। ଲାପଟପ୍ ଚାର୍ଜରରେ ଶ୍ୱାସରୁଦ୍ଧ କରି ମାରିବା ପରେ ମୃତଦେହକୁ ଚଦରରେ ଗୁଡ଼ାଇ ଫିଙ୍ଗି ଦେଇଥିବା ଏହି ଅଭିଯୁକ୍ତକୁ ପୋଲିସ ମାତ୍ର କିଛି ଘଣ୍ଟା ମଧ୍ୟରେ ଗିରଫ କରିବାରେ ସଫଳ ହୋଇଛି। ୨୫ ବର୍ଷୀୟ ରୋହନ ପରମାର ଏବଂ ୨୪ ବର୍ଷୀୟା ଦିବ୍ୟା ପରମାର ଗତ ୬ ମାସ ହେବ ପ୍ରେମ ସମ୍ପର୍କରେ ଥିଲେ। ଦିବ୍ୟାଙ୍କର ଅନ୍ୟ କାହା ସହ ଆଫେୟାର ଥିବା ରୋହନ ସନ୍ଦେହ କରୁଥିଲା। ଏହି କାରଣରୁ ମେ' ୩ ତାରିଖରେ ଏକ ନିଛାଟିଆ ସ୍ଥାନରେ ଯୁକ୍ତିତର୍କ ହେବା ପରେ ରୋହନ ଲାପଟପ୍ ଚାର୍ଜର ବ୍ୟବହାର କରି ଦିବ୍ୟାଙ୍କୁ ହତ୍ୟା କରିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ରୋହନ ୫ ଦିନ ପୂର୍ବରୁ ଏହି ହତ୍ୟା ପାଇଁ ଯୋଜନା କରିଥିଲା। ମୃତଦେହ ଲୁଚାଇବା ପାଇଁ ସେ ଦୁଇ ଦିନ ପୂର୍ବରୁ 'ଡି-ମାର୍ଟ'ରୁ ଏକ ଚଦର କିଣିଥିଲା। ହତ୍ୟା ପରେ ଶବକୁ ଚଦରରେ ଗୁଡ଼ାଇ ଫିଙ୍ଗି ଦେଇଥିଲା ରୋହନ। ପୋଲିସକୁ ଶବ ମିଳିବା ପରେ ସେହି ଚଦରରେ ଥିବା ଡି-ମାର୍ଟ ଟ୍ୟାଗ୍ ସହାୟତାରେ ପୋଲିସ ସହରର ସବୁ ଡି-ମାର୍ଟ ଷ୍ଟୋରର ସିସିଟିଭି ଫୁଟେଜ୍ ଯାଞ୍ଚ କରିଥିଲା। ଏଥିରୁ ରୋହନର ପରିଚୟ ମିଳିଥିଲା ଏବଂ ପୋଲିସ ତାକୁ ନେତ୍ରଙ୍ଗ ଅଞ୍ଚଳରୁ କାବୁ କରିଥିଲା।

# ହାଇପ୍ରୋଫାଇଲ ଚୋର: ବିଳାସପୂର୍ଣ୍ଣ ଭିଲା ଓ ଅଡି କାର୍

ବାରାବଙ୍କି (ୟୁପି), ୮।୫(ଏଜେନ୍ସି): ଉତ୍ତର ପ୍ରଦେଶର ବାରାବଙ୍କି ପୋଲିସ ଏକ ଚାଞ୍ଚଲ୍ୟକର ଚୋରି ମାମଲାର ପର୍ଦ୍ଦାଫାଶ କରିଛି। ପ୍ରାୟ ୧୦ କୋଟି ଟଙ୍କାର ଅଳଙ୍କାର ଚୋରି ଅଭିଯୋଗରେ ପୋଲିସ ମାଷ୍ଟରମାଇଣ୍ଡ ସମେତ ୫ ଜଣଙ୍କୁ ଗିରଫ କରିଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ଚୋରିର ମୁଖ୍ୟ ଅଭିଯୁକ୍ତ ଜଣେ ଅତି ଧନୀ ବ୍ୟକ୍ତି ଏବଂ ସେ ଏକ ବିଳାସପୂର୍ଣ୍ଣ ଭିଲାରେ ରହୁଥିଲେ। ଚୋରିର ମୁଖ୍ୟ ଯୋଜନାକାରୀ ଆକର୍ଷ ସିଂହ, ଚୋରି ହୋଇଥିବା ବଙ୍ଗଳାର ଠିକ୍ ସାମ୍ନାରେ ଥିବା ଏକ ଲକଜରି ଭିଲାରେ



ରହୁଥିଲେ। ସେ ଏକ ଦାମୀ 'ଅଡି' କାର୍ ଚଢ଼ି ଏହି ଚୋରିର ସମ୍ପୂର୍ଣ୍ଣ ପ୍ଲାନ୍ କରିଥିଲେ। ପୋଲିସ ତଦନ୍ତରୁ ଜଣାପଡ଼ିଛି ଯେ, ଆକର୍ଷ ଶେୟାର ବଜାର ଏବଂ ଜୁଆ ଖେଳରେ ବହୁତ ଟଙ୍କା ହରାଇଥିଲେ। ସେହି କ୍ଷତି ଭରଣା କରିବା ପାଇଁ ସେ ନିଜର ୪ ଜଣ ସାଙ୍ଗଙ୍କ ସହ ମିଶି ପଡୋଶୀ ଅଜୟ ସିଂହ ବାଘେଲଙ୍କ ଘରୁ ୮ ରୁ ୧୦ କୋଟି ଟଙ୍କାର ସୁନାଗହଣା ଚୋରି କରିଥିଲେ। ପୋଲିସ ଅଭିଯୁକ୍ତଙ୍କ ପାଖରୁ ବିପୁଳ ପରିମାଣର ଅଳଙ୍କାର, ୧୫ ଲକ୍ଷ ନଗଦ ଟଙ୍କା ଉଦ୍ଧାର କରିବା ସହ ବ୍ୟାଙ୍କରେ ଥିବା ୨୦ ଲକ୍ଷ ଟଙ୍କାକୁ ଜବତ କରିଛି। ସିସିଟିଭି ଫୁଟେଜ୍ ଏବଂ ସର୍ଭିଲାନ୍ସ ସାହାଯ୍ୟରେ ପୋଲିସ ଏହି ଗ୍ୟାଙ୍ଗକୁ ଧରିବାରେ ସଫଳ ହୋଇଛି। ଏହି ବଡ଼ ମାମଲାର ସମାଧାନ କରିଥିବାରୁ ବାରାବଙ୍କି ଏସପି ଅର୍ପିତ ବିଜୟବର୍ଗୀୟ ପୋଲିସ ଟିମ୍ ପାଇଁ ୨୫, ୦୦୦ ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ଜେଲ୍ ପଠାଇ ଦିଆଯାଇଛି।

# ସମ୍ବିଧାନ ଓ ଧର୍ମ ମଧ୍ୟରେ ସନ୍ତୁଳନ ରହିବା ଜରୁରୀ

ନୂଆଦିଲ୍ଲୀ, ୮।୫(ଏଜେନ୍ସି): ଧାର୍ମିକ ରୀତିନୀତି ଏବଂ ପରମ୍ପରାକୁ ବ୍ୟକ୍ତିଗତ ସ୍ତରରେ କୋର୍ଟରେ ଚ୍ୟାଲେଞ୍ଜ କରିବା ପ୍ରସଙ୍ଗରେ ସୁପ୍ରିମକୋର୍ଟ ଏକ ବଡ଼ ଚେତାବନୀ ଦେଇଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱରେ ଗଠିତ ୯ ଜଣିଆ ସାମ୍ବିଧାନିକ ବେଞ୍ଚ କହିଛନ୍ତି

**ଧାର୍ମିକ ପରମ୍ପରାକୁ ବ୍ୟକ୍ତିଗତ ଚ୍ୟାଲେଞ୍ଜ କଲେ ଭାଙ୍ଗିଯିବ ଧର୍ମ ଓ ଅଦାଲତ: ସୁପ୍ରିମକୋର୍ଟ**



ଯେ, ଯଦି ପ୍ରତ୍ୟେକ ବ୍ୟକ୍ତି ନିଜ ଇଚ୍ଛା ଅନୁସାରେ ଧର୍ମକୁ କୋର୍ଟକୁ ଟାଣିବେ, ତେବେ ଏହା ସମଗ୍ର ସଭ୍ୟତା ଓ ନ୍ୟାୟିକ ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେବ। ଜଷ୍ଟିସ ସୁନ୍ଦରେଶ କହିଛନ୍ତି ଯେ, ଯଦି ପ୍ରତିଟି ଧାର୍ମିକ ପ୍ରଥାକୁ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ମାଧ୍ୟମରେ ଚ୍ୟାଲେଞ୍ଜ କରାଯାଏ, ତେବେ ହଜାର ହଜାର ମାମଲା ଯୋଗୁଁ ଅଦାଲତର କାର୍ଯ୍ୟଧାରା ଅଟକିଯିବ। ପ୍ରତ୍ୟେକ ବ୍ୟକ୍ତିର ଧର୍ମ ପ୍ରତି ଦୃଷ୍ଟିକୋଣ ଅଲଗା ହୋଇପାରେ, ଏଭଳି ସ୍ଥିତିରେ କୋର୍ଟ କାହାକୁ ଠିକ୍ ବୋଲି କହିବେ? ଜଷ୍ଟିସ ନାଗରତ୍ନା ମତ ଦେଇଛନ୍ତି ଯେ ଆମ ସଭ୍ୟତା ଧର୍ମ ସହ ଓତପ୍ରୋତ ଭାବେ ଜଡ଼ିତ। ଯଦି ପ୍ରତି ବ୍ୟକ୍ତି ଧାର୍ମିକ ପରମ୍ପରାକୁ ପ୍ରଶ୍ନ କରିବେ, ତେବେ ଆମ ସାମାଜିକ ସଂରଚନା ପ୍ରଭାବିତ ହେବ। ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନ ଯୁକ୍ତି ବାଢ଼ିଥିଲେ ଯେ, ଯଦି କୌଣସି ଧାର୍ମିକ ପ୍ରଥା ଜଣେ ବ୍ୟକ୍ତିର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରେ, ତେବେ କୋର୍ଟ ସେଥିରେ ହସ୍ତକ୍ଷେପ କରିବା ଉଚିତ୍। କିନ୍ତୁ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ବ୍ୟକ୍ତିଗତ କ୍ଷତି ପାଇଁ ସିଭିଲ୍ କୋର୍ଟର ସାହାଯ୍ୟ ନିଆଯାଇପାରେ, କିନ୍ତୁ ପ୍ରତିଟି ପରମ୍ପରାକୁ ସାମ୍ବିଧାନିକ ଅଦାଲତରେ ଚ୍ୟାଲେଞ୍ଜ କରିବା ଅନୁଚିତ୍। 'ଜଣଙ୍କ ପାଇଁ ଯାହା ପଛୁଆ ବା କୁସଂସ୍କାର ହୋଇପାରେ, ଅନ୍ୟ ଜଣଙ୍କ ପାଇଁ ତାହା ଧର୍ମର ଏକ ଅପରିହାର୍ଯ୍ୟ ଅଂଶ ହୋଇପାରେ। କୋର୍ଟ ଏହି ବିବାଦ ଭିତରେ ପଶିବା ଉଚିତ୍ କି?' ଏହି ଶୁଣାଣି ସମୟରେ କୋର୍ଟ ସୂଚାଇ ଦେଇଛନ୍ତି ଯେ ସମ୍ବିଧାନ ଓ ଧର୍ମ ମଧ୍ୟରେ ଏକ ସନ୍ତୁଳନ ରହିବା ଜରୁରୀ, ନଚେତ୍ ଏହା ଉଭୟ ଧର୍ମ ଓ ସାମ୍ବିଧାନିକ ଅଦାଲତକୁ ଭାଙ୍ଗି ଦେଇପାରେ।

# ରାଜସ୍ଥାନରେ ଡାକ୍ତରଙ୍କ ସାଂଘାତିକ ଭୁଲ୍

ଯୋଧପୁର, ୮।୫(ଏଜେନ୍ସି): ରାଜସ୍ଥାନର ଯୋଧପୁରସ୍ଥିତ ସରକାରୀ ମଥୁରା ଦାସ ମାଥୁର (ଏମ୍‌ଡିଏମ୍) ହସ୍ପିଟାଲରେ ଜଣେ ୬୬ ବର୍ଷୀୟା ବୃଦ୍ଧାଙ୍କ ଭୁଲ୍ ଗୋଡ଼ରେ ଅପରେସନ୍ କରିବା ଅଭିଯୋଗରେ ଜଣେ ବରିଷ୍ଠ ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଚମ୍ପା ଦେବୀ ନାମକ ଜଣେ ମହିଳାଙ୍କ ଦୁଇଟି ଯାକ ଗୋଡ଼ରେ ପ୍ଲାଷ୍ଟର ହୋଇଥିବା ବେଳେ ଡାକ୍ତର ତାଙ୍କ ଡାହାଣ ଗୋଡ଼ରେ ଅସ୍ତ୍ରୋପଚାର କରିବା ପାଇଁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ଅପ୍ରେଲ

**ମହିଳାଙ୍କ ଭଲ ଗୋଡ଼ରେ କରିଦେଲେ ଅପରେସନ୍**

୨୭ ତାରିଖରେ ହୋଇଥିବା ଅପରେସନ୍ ସମୟରେ ଡାକ୍ତରୀ ଦଳ ଭୁଲବଶତଃ ଅନ୍ୟ ଗୋଡ଼ଟିରେ ଅସ୍ତ୍ରୋପଚାର କରିଦେଇଥିଲେ। ଏହି ଘଟଣାର ତଦନ୍ତ ପାଇଁ ଗଠିତ କମିଟି ଡାକ୍ତରଙ୍କ ଅବହେଳାକୁ ସ୍ପଷ୍ଟ କରିଛି। ଏହା ପରେ ଅସ୍ଥିଶଲ୍ୟ ବିଭାଗର ଆସୋସିଏଟ୍ ପ୍ରଫେସର ଡାକ୍ତର ରାମକିଶନ ଚୌଧୁରୀଙ୍କୁ ତାଙ୍କ ଦାୟିତ୍ୱରୁ ମୁକ୍ତ କରାଯାଇ ଜୟପୁରକୁ ବଦଳି କରାଯାଇଛି। ପ୍ରଥମେ ଡାକ୍ତର ଜଣକ ନିଜ ଭୁଲ୍ ଲୁଚାଇବାକୁ ଯାଇ କହିଥିଲେ ଯେ ଉଭୟ ଗୋଡ଼ରେ ଅପରେସନ୍ ଆବଶ୍ୟକ ଥିଲା। କିନ୍ତୁ ତଦନ୍ତରୁ ଜଣାପଡ଼ିଛି ଯେ ନିର୍ଦ୍ଧାରିତ ନିୟମ (ଏସ୍‌ଓପି) ପାଳନ ନକରିବା ଯୋଗୁଁ ଏହି ବଡ଼ ଧରଣର ବିଭ୍ରାଟ ଘଟିଛି। ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ଘଟଣାକୁ ଗୁରୁତର ସହ ନିଆଯାଇଛି। ବର୍ତ୍ତମାନ ଡାକ୍ତରଙ୍କୁ ଚିକିତ୍ସା ଶିକ୍ଷା ବିଭାଗରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଇଛି ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରକ୍ରିୟା ଜାରି ରହିଛି।

ସକାଳ THE SAKALA

ଶନିବାର ୯ ମେ, ୨୦୨୬ | ୦୩


■ ଆଜି ଶ୍ରୀକ୍ଷେତ୍ର ଭଉଁରୀ

## ନରେନ୍ଦ୍ରରେ ୨୧ ଘେରା ଚାପ ଖେଳିବେ ମହାପ୍ରଭୁ

ପୁରୀ, ୮।୫(ସମିସ): ଶନିବାର ଶ୍ରୀକ୍ଷେତ୍ର ଭଉଁରୀ। ଏଥିଲାଗି ପ୍ରସ୍ତୁତି ଶେଷ ହୋଇଛି। ମହାପ୍ରଭୁ ଭଉଁରୀ ଯାତରେ ନରେନ୍ଦ୍ର ପୁଷ୍କରିଣୀରେ ୨୧ ଘେରା ଚାପ ଖେଳିବେ। ମହାପ୍ରଭୁଙ୍କର ଏହି ନିଆରା ଜଳକ୍ରୀଡ଼ା ଦେଖିବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ସମ୍ଭାବନା ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ଲାଗି ପୁଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇଛି ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା। ମଦନମୋହନ, ଶ୍ରୀଦେବୀ, ଭୂଦେବୀ, ରାମକୃଷ୍ଣ ଏବଂ ପଞ୍ଚ ମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ନନ୍ଦା ଓ ଭଦ୍ରା ଚାପରେ ପ୍ରତ୍ୟହ ଜଳକ୍ରୀଡ଼ା କରୁଛନ୍ତି। ଚନ୍ଦନ ଯାତ୍ରାର ୨୦ତମ ଦିବସରେ ଭଉଁରୀ ଯାତ ହୋଇଥାଏ। ବାହାର ଚନ୍ଦନ ଯାତ୍ରାରେ ପ୍ରତ୍ୟହ ମହାପ୍ରଭୁ ଦିନ ଚାପରେ ଗୋଟିଏ ଘେରା ଏବଂ ରାତ୍ର ଚାପରେ ତିନିଘେରା ପରିକ୍ରମା କରିଥା'ନ୍ତି। କିନ୍ତୁ, ଭଉଁରୀରେ ରାତ୍ରଚାପରେ ମହାପ୍ରଭୁ ନରେନ୍ଦ୍ରରେ ୨୧ ଘେରା ନୌବିହାର କରିଥା'ନ୍ତି। ୨୧ ଦିନରେ ହଳଦୀ ପାଣି ନୀତି ସମ୍ପନ୍ନ ହୁଏ। ଏହିଦିନ କେବଳ ଦିନ ଚାପ ଅନୁଷ୍ଠିତ ହୋଇଥାଏ।

ଅପରପକ୍ଷେ, ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭଉଁରୀ ଯାତ୍ରା ଲାଗି ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ ଚୂଡ଼ାନ୍ତ ହୋଇଛି। ଭୋର୍ ୩ଟାରେ ଶ୍ରୀମନ୍ଦିରର ଦ୍ୱାରଫିଟା ଯିବ। ଭୋର୍ ୪ଟାରେ ମଙ୍ଗଳ ଆଳତି ସମ୍ପନ୍ନ ହେବ। ଏହାପରେ ଅନ୍ୟାନ୍ୟ ନୀତି ବଢ଼ି ସକାଳ ସାଢ଼େ ୯ଟାରେ ରଥ ଆଜ୍ଞାମାଳ ବିଜେ ହେବ। ଅପରାହ୍ଣ ୨ଟାରେ ମହାପ୍ରଭୁ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀକୁ ବିଜେ କରିବେ।

## +୨ ଇ-ମୂଲ୍ୟାୟନ ଟେଣ୍ଡରରେ ଅନିୟମିତତା ଅଭିଯୋଗ

### ସିଏଚ୍‌ଏସ୍‌ଇର ଖଣ୍ଡନ; ତ୍ରୁଟିଶୂନ୍ୟ ଭାବେ ସରିଛି ମୂଲ୍ୟାୟନ

ଭୁବନେଶ୍ୱର, ୮।୫(ସମିସ): +୨ ପରୀକ୍ଷା ଖାତାର ଇ-ମୂଲ୍ୟାୟନ ପାଇଁ ହୋଇଥିବା ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ଓଡ଼ିଶା ଅଭିଭାବକ ମହାସଂଘ ଅଭିଯୋଗ କରିଛି। ସଂଘର ସଭାପତି ବାସୁଦେବ ଭଟ୍ଟ କହିଛନ୍ତି ଯେ କୋଏମ୍ପ୍ଟ ଏଜୁଟେକ୍ ପ୍ରାଇଭେଟ୍ ଲିମିଟେଡ୍ (ପୂର୍ବରୁ ଗ୍ଲୋବାରେନା ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍) ନାମକ କମ୍ପାନୀ ଖାତାଦେଖା ଟେଣ୍ଡର ପାଇଛି। ଏହି କମ୍ପାନୀ ୨୦୧୯ ତେଲେଙ୍ଗାନା ଇଣ୍ଟରମିଡିଏଟ୍ ପରୀକ୍ଷା ଦୁର୍ଘଟଣାରେ ଜଡ଼ିତ ଥିଲା ଯେଉଁଥିରେ ୩୨ ଜଣ ଛାତ୍ରଛାତ୍ରୀଙ୍କ ଜୀବନ ଯାଇଛି। ଅପରପକ୍ଷରେ ଏହି କମ୍ପାନୀ ସମସ୍ତ କାର୍ଯ୍ୟ ସମ୍ପାଦନ ପାଇଁ ଏମ୍‌ଏସ୍ କୋଡ ତନ୍ତ୍ର ଟେକ୍ ସଲ୍ୟୁସନ୍ସ ପ୍ରାଇଭେଟ୍ ଲିମିଟେଡ୍ କୁ ସବ-କଣ୍ଟ୍ରାକ୍ଟ ଦେଇଛି, ଯାହା ବେଆଇନ୍। ରାଜ୍ୟର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଯଡ଼ିତ ଏହି ବିଷୟକୁ ପରୀକ୍ଷା ପଚିଚାଳନା କରିଥିବା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଅତ୍ୟନ୍ତ ଖାମଖିଆଲ୍ ଭାବେ ଟେଣ୍ଡର ଦିଆଯାଇଛି। ଏଣୁ ଏହି ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ ସହିତ କୋଏମ୍ପ୍ଟ ଏଜୁଟେକ୍ ସହିତ ଚୁକ୍ତି ରଦ୍ଦ କରି ବ୍ଲାକ୍ ଲିଷ୍ଟ କରିବାକୁ ସେ ଦାବି କରିଛନ୍ତି। ଅପରପକ୍ଷରେ ଏହି ଘଟଣାରେ ସିଏଚ୍‌ଏସ୍‌ଇ ପକ୍ଷରୁ ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡା ସ୍ପଷ୍ଟିକରଣ ରଖି କହିଛନ୍ତି ଯେ, ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହିତ ଟେଣ୍ଡର ପ୍ରକ୍ରିୟା ହୋଇଥିବାବେଳେ ଆନୁସଙ୍ଗିକ ଯାଞ୍ଚ ମଧ୍ୟ କରାଯାଇଛି। ମାତ୍ର ମନ୍ଦ ଉଦ୍ଦେଶ୍ୟ ରଖି ବିଭ୍ରାନ୍ତି କରାଯାଉଛି। ଚଳିତ ଥର ଇ-ମୂଲ୍ୟାୟନ ବ୍ୟବସ୍ଥା ତ୍ରୁଟିଶୂନ୍ୟ ଭାବେ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଛି। କୌଣସି ଗୁରୁତର ତ୍ରୁଟି ପରିଲକ୍ଷିତ ହୋଇନାହିଁ। ଅନେକ ପରୀକ୍ଷକ ନୂତନ ସଫ୍ଟୱେରକୁ ପ୍ରଶଂଶା ମଧ୍ୟ କରିଛନ୍ତି। ଅଭିଯୋଗରେ କୌଣସି ସତ୍ୟତା ନ ଥିବା କହିବା ସହ କେହି ବିଭ୍ରାନ୍ତି ନ ହେବାକୁ ସେ ପରାମର୍ଶ ଦେଇଛନ୍ତି।

### ବିଗୁଡ଼ିଛି ଆଇନଶୃଙ୍ଖଳା ପରିସ୍ଥିତି

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ

### ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି ସହ ଗର୍ଜିଲେ ଯୁବ ଓ ଛାତ୍ର କର୍ମୀ



ଭୁବନେଶ୍ୱର,୮।୫(ସମିସ): ଓଡ଼ିଶାରେ ଦିନକୁ ଦିନ ବିଗୁଡୁଥିବା ଆଇନଶୃଙ୍ଖଳା ପରିସ୍ଥିତି, ବୃଦ୍ଧି ପାଉଥିବା ଅପରାଧ ଏବଂ ସାଧାରଣ ଜନତାଙ୍କ ମନରେ ସୃଷ୍ଟି ହେଉଥିବା ଭୟ ଓ ଅସୁରକ୍ଷାର ବାତାବରଣ ବିରୋଧରେ ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ କରାଯିବା ସହିତ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ବିଜେଡି ସଭାପତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଏବଂ ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ଆନ୍ଦୋଳନରେ ବହୁ ସଂଖ୍ୟକ ଯୁବ ଓ ଛାତ୍ର କର୍ମୀ ଯୋଗଦେଇ ରାଜ୍ୟରେ ଶାନ୍ତି, ସୁରକ୍ଷା ଓ ସୁସ୍ଥ ଶାସନ ବ୍ୟବସ୍ଥା ପାଇଁ ସ୍ୱର ଉଠାଇଥିଲେ।

ବର୍ତ୍ତମାନ ସରକାରଙ୍କ ଅବହେଳା ଏବଂ ବିଫଳତା କାରଣରୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଚିନ୍ତାଜନକ ହୋଇପଡ଼ିଛି। ମହିଳା, ଯୁବକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ଅପରାଧୀମାନଙ୍କ ମନୋବଳ ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସୁରକ୍ଷା ପ୍ରତି ସରକାର ଗୁରୁତ୍ୱ ଦେଉ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏପରି ପରିସ୍ଥିତିରେ ରାଜ୍ୟ ସରକାର ତୁରନ୍ତ କଠୋର ପଦକ୍ଷେପ ନେଇ ଲୋକମାନଙ୍କ ଭରସା ପୁନଃସ୍ଥାପନ କରିବା ସହିତ ରାଜ୍ୟରେ ଶାନ୍ତି ଓ ସୁରକ୍ଷା ସୁନିଶ୍ଚିତ କରିବା ଆବଶ୍ୟକ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି। ବିଜୁ ଯୁବ ଜନତା ଦଳ ଓ ବିଜୁ ଛାତ୍ର ଜନତା ଦଳ ସ୍ପଷ୍ଟ କରିଦେଇଛି ଯେ, ଓଡ଼ିଶାବାସୀଙ୍କ ସୁରକ୍ଷା ଓ ଅଧିକାର ପ୍ରସଙ୍ଗରେ କୌଣସି ପ୍ରକାର ଅବହେଳା ସହିତ ସାଲିସ କରାଯିବ ନାହିଁ ଏବଂ ରାଜ୍ୟବାସୀଙ୍କ ହକ୍ ପାଇଁ ଆନ୍ଦୋଳନ ଆଗାମୀ ଦିନରେ ଆହୁରି ଜୋର୍‌ଦାର୍ କରାଯିବ।

ବିଜେଡିର ଏହି ଘେରଉ କାର୍ଯ୍ୟକ୍ରମରେ ଏସ୍. କେ.ଅମୀର ଅହମଦ, ସୋଫିଆ ଆଲାମ, ଶୁଭ୍ରଜିତ ପାଢ଼ୀ, ଦୀପକ ଜେନା, ସ୍ମୃତି ପଟ୍ଟନାୟକ, ସତ୍ୟଜିତ ପଟ୍ଟନାୟକ, ଆଶିଷ ସାହୁ, ମନୋଜ ସେନାପତି, ଅରୂପ ଶ୍ରୀଚନ୍ଦନ, ରକି ଦାସ, ସମିମ ଅଖତାର, ତାବ୍‌ରିଜ୍ ଖାନ୍, ଦିବ୍ୟସିଂହ ସେଠୀ, ଶୁଭମ ଶୁଭଦର୍ଶୀ ଖଟୁଆ, ଅମ୍ବିକା ପ୍ରସାଦ ଦାସ, ସଂଜିତ ମହାନ୍ତି, ସୌମ୍ୟରଞ୍ଜନ ତ୍ରିପାଠୀ, ବିଜୟୀ କେତନ ସାହୁ, ଅଭିନାଶ ଠାକୁର, ଅବିନାଶ ପ୍ରଧାନ, ସ୍ୱାଗତିକା ମହାନ୍ତି, ସୁଚିସ୍ମିତା ବେହେରା, ସୌମ୍ୟସାର୍ଥକ ରାୟ, ମନୋଜ ମହାନ୍ତିଙ୍କ ସମେତ ବହୁ ଯୁବ ଓ ଛାତ୍ର ନେତା ସାମିଲ ହୋଇଥିଲେ।

## ସଚିବାଳୟକୁ ସ୍ଥାୟୀ ପ୍ରବେଶ ଅନୁମତି ଆବେଦନ ହାଇକୋର୍ଟରେ ଖାରଜ

କଟକ, ୮।୫ (ସମିସ): ସଚିବାଳୟ ବା ଲୋକସେବା ଭବନକୁ ପ୍ରବେଶ ପାଇଁ ସ୍ଥାୟୀ ପାସ୍ ପ୍ରଦାନ କରିବାକୁ ନେଇ ଦାୟର ଆବେଦନକୁ ହାଇକୋର୍ଟ ଅଗ୍ରାହ୍ୟ କରିଦେଇଛନ୍ତି। ମାମଲାର ଶୁଣାଣି କରି ସ୍ଥାୟୀ ପାସ୍ ପାଇଁ ଆବେଦନକାରୀଙ୍କ ଦାବିକୁ ଜଷ୍ଟିସ ବି.ପି. ରାଉତରାୟ ଖାରଜ କରିଦେଇଛନ୍ତି। ମାମଲାରୁ ପ୍ରକାଶ ଯେ ଜଣେ ଉଦ୍ୟୋଗୀ ତଥା ଖଣି ଲିଜ୍‌ଧାରୀ ଏହି ମାମଲା ଦାୟର କରିଥିଲେ। ତାଙ୍କର ଯୁକ୍ତି ଥିଲା ଯେ ବ୍ୟବସାୟିକ କାର୍ଯ୍ୟ ପାଇଁ ତାଙ୍କୁ ବାରମ୍ବାର ଇସ୍ପାତ ଓ ଖଣି ବିଭାଗକୁ ଯିବାକୁ ପଡୁଛି। ୨୦୧୪ ମସିହାରୁ ତାଙ୍କୁ ସ୍ଥାୟୀ ପାସ୍ ମିଳୁଥିଲା, କିନ୍ତୁ କୋଭିଡ୍ ମହାମାରୀ ପରଠାରୁ ସୁରକ୍ଷା ଦୃଷ୍ଟିରୁ ଏହାକୁ ବନ୍ଦ କରିଦିଆଯାଇଥିଲା। ଏହା ପରେ ତାଙ୍କୁ ପାସ୍ ମିଳିନଥିଲା। ତେଣୁ, ସେ ପୁଣିଥରେ ସ୍ଥାୟୀ ପାସ୍ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ହାଇକୋର୍ଟଙ୍କୁ ପ୍ରାର୍ଥନା କରିଥିଲେ। ଅଦାଲତ ମାମଲା ଶୁଣାଣି କରି କହିଛନ୍ତି ଯେ ସଚିବାଳୟର ପ୍ରବେଶ ପ୍ରକ୍ରିୟା 'ଓଡ଼ିଶା ସଚିବାଳୟ ସୁରକ୍ଷା ନିୟମାବଳୀ-୧୯୯୩ ଅନୁଯାୟୀ ପରିଚାଳିତ। ନିୟମାବଳୀର ଧାରା ୬୦ ଅନୁଯାୟୀ, ବେସରକାରୀ ବ୍ୟକ୍ତିବିଶେଷଙ୍କୁ ସ୍ଥାୟୀ ପାସ୍ କେବଳ ଅତ୍ୟନ୍ତ ଆବଶ୍ୟକସ୍ଥଳେ ଏବଂ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଦାନ କରାଯାଇପାରିବ। ଏହା କୌଣସି ନିୟମିତ ପ୍ରକ୍ରିୟା ନୁହେଁ। ସରକାର ଇ-ପ୍ରବେଶ ପୋର୍ଟାଲ ଜରିଆରେ ଅନଲାଇନ୍ ଭିଜିଟର୍ ପାସ୍ ସୁବିଧା କରିଛନ୍ତି। ଯଦି ଆବେଦନକାରୀଙ୍କର କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ଥାଏ, ତେବେ ସେ ଏହି ପୋର୍ଟାଲ ମାଧ୍ୟମରେ ଆବେଦନ କରିପାରିବେ। ସରକାରୀ କର୍ତ୍ତୃପକ୍ଷ କାର୍ଯ୍ୟର ଗୁରୁତ୍ୱକୁ ଦେଖି ସେଥିପାଇଁ ଅନୁମତି ପ୍ରଦାନ କରିବେ ବୋଲି ହାଇକୋର୍ଟ କହିଛନ୍ତି।

### ନିଯୁକ୍ତିପତ୍ରର ସର୍ତ୍ତ ଆଇନଗତ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ: ହାଇକୋର୍ଟ

## ଅଏଲ ଇଣ୍ଡିଆ ଲିମିଟେଡ୍ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପେନସନ ପ୍ରଦାନ ନିର୍ଦ୍ଦେଶ

କଟକ, ୮।୫ (ସମିସ): ନିଯୁକ୍ତି ସମୟରେ ଯଦି କୌଣସି ସର୍ତ୍ତ କର୍ମଚାରୀଙ୍କ ଆଇନଗତ ଅଧିକାର ବିରୋଧରେ ଥାଏ, ତାହା ପେନସନ୍ ପାଇବାରୁ ବଞ୍ଚିତ କରିପାରିବ ନାହିଁ। ନିଯୁକ୍ତି ବେଳେ କର୍ମଚାରୀଙ୍କ ମୂଲଚାଲ କରିବାର କ୍ଷମତା ନଥାଏ, ତେଣୁ ସେମାନେ ନିଯୁକ୍ତି ବଞ୍ଚାଇବା ପାଇଁ ସର୍ତ୍ତ ମାନିବାକୁ ବାଧ ହୁଅନ୍ତି। ଏଣୁ ନିଯୁକ୍ତିପତ୍ରର ସର୍ତ୍ତ ଆଇନଗତ ଅଧିକାରକୁ କ୍ଷୁଣ୍ଣ କରିପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଅଏଲ୍ ଇଣ୍ଡିଆ ଲିମିଟେଡ୍‌ର ଅବସରପ୍ରାପ୍ତ କର୍ମଚାରୀ ବିଭୂତି ଭୂଷଣ ମହାନ୍ତି ଓ ଅନ୍ୟମାନଙ୍କ ପକ୍ଷରୁ ଦାୟର ଏକ ଆବେଦନର ଶୁଣାଣି କରି ଜଷ୍ଟିସ୍ ଶିବଶଙ୍କର ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପେନସନ୍‌କୁ ଏକ 'ସ୍ଥଗିତ ମଜୁରୀ' ଏବଂ ସାମାଜିକ ସୁରକ୍ଷାର ମାଧ୍ୟମ ଭାବେ ଗ୍ରହଣ କରାଯାଇଛି, ଯାହାକୁ କେବଳ ଚୁକ୍ତିନାମା ଆଧାରରେ ମନା କରାଯାଇପାରିବ ନାହିଁ ବୋଲି କହିଛନ୍ତି ଅଦାଲତ।

ମାମଲାରୁ ପ୍ରକାଶ ଯେ ଏହି କର୍ମଚାରୀମାନେ ୧୯୭୯ରୁ ୧୯୮୧ ମଧ୍ୟରେ ଭୁବନେଶ୍ୱରସ୍ଥିତ ଅଏଲ୍ ଇଣ୍ଡିଆର 'ବେ ଏକ୍ସପ୍ଲୋରେସନ ପ୍ରୋଜେକ୍ଟ' ଅଫିସରେ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିଲେ। ୧୯୮୧ରେ କମ୍ପାନୀର ଜାତୀୟକରଣ ହେବା ପରେ ସେମାନଙ୍କୁ ନିୟମିତ କରାଯାଇଥିଲା। କିନ୍ତୁ, ସେମାନଙ୍କୁ ପେନସନ୍ ମିଳିବ ନାହିଁ ବୋଲି ନିଯୁକ୍ତିପତ୍ରରେ ଉଲ୍ଲେଖ କରାଯାଇଥିଲା। କର୍ମଚାରୀମାନେ ୨୦୦୪ରୁ ୨୦୧୫ ମଧ୍ୟରେ ଅବସର ନେବା ପରେ ସେମାନଙ୍କ ପେନସନ୍ ଦାବିକୁ ୨୦୧୭ରେ ଖାରଜ କରାଯାଇଥିଲା। ହାଇକୋର୍ଟ ଏହି ଖାରଜ ଆଦେଶକୁ ରଦ୍ଦ କରିବା ସହ ଅବସର ତାରିଖରୁ ସମସ୍ତ ପେନସନ୍ ସୁବିଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀମାନେ ଅଏଲ ଇଣ୍ଡିଆ ପେନସନ୍ ଫଣ୍ଡର ସମସ୍ତ ପାଞ୍ଚଟି ସର୍ତ୍ତ (୨୦ବର୍ଷର ନିରନ୍ତର ସେବା, ପ୍ରୋଭିଡେଣ୍ଟ ଫଣ୍ଡ ସଦସ୍ୟତା ଇତ୍ୟାଦି) ପୂରଣ କରିଥିବାରୁ ସେମାନେ ପେନସନ୍ ପାଇବାକୁ ହକଦାର ବୋଲି ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

### ଜଗା ଦର୍ଶନ ହେଲା ଶେଷ ଦର୍ଶନ

## ଦୁର୍ଘଟଣାରେ ଜଣେ ମୃତ, ୫ ଗୁରୁତର

ଭଦ୍ରକ,୮।୬(ସମିସ): ଜଗା ଦର୍ଶନ ହେଲା ଶେଷ ଦର୍ଶନ। ପୁରୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ସାରି ଫେରୁଥିବା ବେଳେ ବାଟରେ ଦୁର୍ଘଟଣାରେ ଜୀବନ ଚାଲିଗଲା। ଭଦ୍ରକ ଦେଇ ଯାଇଥିବା ୧୬ନମ୍ବର ଜାତୀୟ ରାଜପଥର ତିଶଳପୁର ବାସୁଲି ଢ଼ାବା ନିକଟରେ ଏକ ଟ୍ରକ୍-ବୋଲେରୋ ମଧ୍ୟରେ ଧକ୍କା ହେବାରୁ ଏଭଳି ଅଘଟଣ ଘଟିଛି। ମୃତକ ହେଲେ, ବାସୁଦେବପୁର ଇରମ ଅଞ୍ଚଳର ଅମରନାଥ ପାଢ଼ୀ। ଏହି ଦୁର୍ଘଟଣାରେ ତାଙ୍କ ପରିବାରର ଅନ୍ୟ ୫ସଦସ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।



ସୂଚନାନୁସାରେ, ଅମରନାଥ ସପରିବାର ପୁରୀ ବୁଲିବାକୁ ଯାଇଥିଲେ। ସେଠାରେ ଜଗା ଦର୍ଶନ ସାରି ଫେରୁଥିବା ବେଳେ ଉକ୍ତ ଢାବା ନିକଟରେ ପୂର୍ବରୁ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ବୋଲେରୋ ଧକ୍କା ଦେଇଥିଲା। ଫଳରେ ଗାଡ଼ିର ଆଗରେ ବସିଥିବା ଅମରନାଥଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ସମସ୍ତ ସଦସ୍ୟ ଗୁରୁତର ଭାବେ ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ସମସ୍ତଙ୍କୁ ଉଦ୍ଧାର କରି ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲା। ଅପରପକ୍ଷେ, ଦୁର୍ଘଟଣା ଘଟାଇଥିବା ବୋଲେରୋ ଚାଳକକୁ ଅଟକ ରଖି ତଦନ୍ତ ଚଳାଇଛି ଗ୍ରାମାଞ୍ଚଳ ପୁଲିସ।

ଜାତୀୟ ରାଜପଥ ଉପରେ ଗାଡ଼ି ପାର୍କିଂ ହେବା ଦ୍ୱାରା ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ଏହା ଉପରେ ଗୁରୁତ୍ୱ ଦେଇ ସୁପ୍ରିମକୋର୍ଟ ପରିବହନ ବିଭାଗକୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ, ୧୬ ନମ୍ବର ଜାତୀୟ ରାଜପଥର ଭଦ୍ରକ ଚରମ୍ପାରୁ ସୀମାବର୍ତ୍ତୀ ରାସ୍ତାରେ ଅନେକ ଗାଡ଼ି ରହୁଥିବାରୁ ବାରମ୍ବାର ଏଭଳି ଦୁର୍ଘଟଣା ଘଟି ଚାଲିଛି। ଏ ଦିଗରେ ପରିବହନ ବିଭାଗ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହୋଇଛି।

## ଆଇନଜୀବୀଙ୍କୁ ୨୪ ଘଣ୍ଟା ପାଇଁ ପୁଲିସ ହେପାଜତକୁ ପଠାଇବା ନିର୍ଦ୍ଦେଶକୁ ବିରୋଧ

କଟକ,୮।୫(ସମିସ): ଆନ୍ଧ୍ରପ୍ରଦେଶର ଉଚ୍ଚ ନ୍ୟାୟାଳୟରେ ଏକ ଅଭାବନୀୟ ଘଟଣାକ୍ରମେ ଜଣେ କନିଷ୍ଠ ଆଇନଜୀବୀଙ୍କୁ ତାଙ୍କର ତ୍ରୁଟି ପାଇଁ ନ୍ୟାୟମୂର୍ତ୍ତି ଭୀଷଣ ବିରକ୍ତି ପ୍ରକାଶ ପୂର୍ବକ ଉକ୍ତ ଆଇନଜୀବୀଙ୍କୁ ୨୪ଘଣ୍ଟା ପାଇଁ ପୁଲିସ ହେପାଜତକୁ ପଠାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟମୂର୍ତ୍ତି ଟି. ଆର୍ ରାଜଶେଖର ରାଓଙ୍କ କୋର୍ଟ ରୁମ୍ ପରିସରରେ ଯୁକ୍ତି ଉପସ୍ଥାପନା କରିବା ସମୟରେ ଜନୈକ ଅଭିଯୋଗକାରୀଙ୍କ ମାମଲା ଲଢୁଥିବା ଜଣେ କନିଷ୍ଠ ଆଇନଜୀବୀ ତାଙ୍କର ତ୍ରୁଟିକୁ ନେଇ ଯଦିଓ ଯୋଡ଼ହସ୍ତରେ କ୍ଷମା ମାଗିବା ସହିତ ତାଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ କ୍ରମାଗତ ଭାବେ ପ୍ରାର୍ଥନା କରିଚାଲିଥିଲେ। କିନ୍ତୁ, ତାଙ୍କୁ ପୁଲିସ ହେପାଜତକୁ ନେବା ପାଇଁ ଆଦେଶ ଦିଆଯାଇଥିଲା। ଏଭଳି ଏକ ଘଟଣା ସାରା ଦେଶର ଆଇନଜୀବୀମାନଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଦେଶର ଆଇନଜୀବୀମାନଙ୍କ ସର୍ବୋଚ୍ଚ ନିୟାମକ ସଂସ୍ଥା ବାର୍ କାଉନସିଲ ଅଫ୍ ଇଣ୍ଡିଆ (ବିସିଆଇ)ର ଅଧ୍ୟକ୍ଷ ମନନ କୁମାର ମିଶ୍ର ଏଭଳି ଆଦେଶକୁ ନିନ୍ଦା କରିବା ସହିତ ଏହା ଅନୁଚିତ ବୋଲି ଦର୍ଶାଇଛନ୍ତି ଏବଂ ଉକ୍ତ ବିଷୟରେ ସମୁଚିତ ପଦକ୍ଷେପ ନେବା ପାଇଁ ଭାରତର ମୁଖ୍ୟ ନ୍ୟାୟାଧୀଶଙ୍କୁ ଅବଗତ କରାଇଛନ୍ତି। ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ଏବଂ ସମସ୍ତ ସଦସ୍ୟ ଉକ୍ତ ଘଟଣାକୁ ନିନ୍ଦା କରିବା ସହିତ ଏହା ଆଇନଜୀବୀ ଓ ନ୍ୟାୟପାଳିକାମାନଙ୍କ ମଧ୍ୟରେ ଥିବା ସୁ-ସମ୍ପର୍କକୁ ବ୍ୟାଘାତ କରିବ ବୋଲି କହିଛନ୍ତି। ଉକ୍ତ ଘଟଣା ବିଷୟରେ ସମୁଚିତ ପଦକ୍ଷେପ ନେବା ପାଇଁ ବିସିଆଇର ଦୃଷ୍ଟି ଆକର୍ଷଣ କରିଛନ୍ତି।

### ସମୁଚିତ ପଦକ୍ଷେପ ପାଇଁ ଆଇନଜୀବୀ ପରିଷଦର ଦାବି

■ ନିଶାମୁକ୍ତ ଓଡ଼ିଶା ଅଭିଯାନ

## ଗଜପତି, ବରଗଡ଼ ଓ ସୁବର୍ଣ୍ଣପୁର ଜିଲ୍ଲାରୁ ୨୧ କୋଟି ୩୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ

କଟକ, ୮।୫ (ସମିସ): ସାରା ରାଜ୍ୟରେ ମାଦକଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ୍ୟ କାରବାର ବିରୋଧରେ ଓଡ଼ିଶା ପୁଲିସ ପକ୍ଷରୁ ଚାଲିଥିବା 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ଚଳାଇଛି। ବିଶେଷକରି ଗଜପତି, ସୁବର୍ଣ୍ଣପୁର ଓ ବରଗଡ଼ ଜିଲ୍ଲାରେ ପୁଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ତିନିଗୋଟି ଜିଲ୍ଲାରୁ ୨୧ କୋଟି ୩୫ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କରାଯାଇଛି। ଗଜପତି ଜିଲ୍ଲାର ଆର୍. ଉଦୟଗିରି ଓ ଅଡ଼ବା ଥାନା ପୁଲିସ ପକ୍ଷରୁ ବିଗତ କିଛି ଦିନ ମଧ୍ୟରେ କିରାମା, ସମ୍ବଲପୁର, କେଶରୀଗୁଡା ଓ ରାଇପଙ୍କା ପଞ୍ଚାୟତ ଅଞ୍ଚଳରେ ନିରନ୍ତର ଚଢ଼ଉ କରାଯାଇ ପ୍ରାୟ ୨୧ ମେଟ୍ରିକ୍ ଟନ୍ ଗଞ୍ଜେଇ ଓ ୩ଟି ଗାଡ଼ି ଜବତ କରାଯାଇଛି। ଜବତ ଗଞ୍ଜେଇର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୨୧କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହି ଘଟଣାରେ ୭ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ୧୦ରୁ ୧୨ଜଣ ଅଭିଯୁକ୍ତ ଏବେ ମଧ୍ୟ ଫେରାର୍ ଅଛନ୍ତି।

ସେହିଭଳି ସୁବର୍ଣ୍ଣପୁର ଜିଲ୍ଲାର ଉଲୁଣ୍ଡା ଥାନା ଅଞ୍ଚଳରେ ଚାଲିଥିବା ନିଶାଦ୍ରବ୍ୟ ଓ ଅବୈଧ ମଦ ବିରୋଧୀ ଅଭିଯାନରେ ମଧ୍ୟ ବଡ଼ ସଫଳତା ମିଳିଛି। ଗୁଜା ଗ୍ରାମରେ ବେଆଇନ ଗଞ୍ଜେଇ ଓ ଦେଶୀ ମହୁଲି ମଦ କାରବାର ସମ୍ପର୍କରେ ସୂଚନା ପାଇ ପୁଲିସ ଚଢ଼ଉ କରିଥିଲା। ଅଭିଯାନ ସମୟରେ ମୋଟ ୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଥିଲା। ସରକାରୀ ମୂଲ୍ୟାଙ୍କନ ଅନୁଯାୟୀ ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୧୫ ଲକ୍ଷ ୮୫ ହଜାର ଟଙ୍କା। ଏହାସହ ୨୦୦ ଲିଟର ଦେଶୀ ରନ୍ଧା ମହୁଲି ମଦ ଜବତ କରାଯାଇଥିବା ବେଳେ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରାଯାଇଥିଲା।

ବରଗଡ଼ ଜିଲ୍ଲାର ଝାରବନ୍ଧ ଥାନା ପୁଲିସ ମଧ୍ୟ ଗଞ୍ଜେଇ ଚୋରା ଚାଲାଣ ବିରୋଧରେ ବଡ଼ ସଫଳତା ହାସଲ କରିଛି। ଗତ ୫ ତାରିଖ ରାତିରେ ପାଇକମାଲ ଥାନା କର୍ମଚାରୀମାନେ ନିୟମିତ ପାଟ୍ରୋଲିଂ କରୁଥିବା ସମୟରେ ଝାରବନ୍ଧ ଅଞ୍ଚଳରେ ଏକ ଟ୍ରକ ତଲାସି କରି ୧୯୧୪କେଜି ଗଞ୍ଜେଇ ଜବତ କରିଥିଲେ। ଏହାର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ ବୋଲି କୁହାଯାଉଛି। ଏହି ଘଟଣାରେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତଙ୍କ ବିରୋଧରେ ଅଧିକ ତଦନ୍ତ ଜାରି ରହିଛି। ଅପରାଧରେ ବ୍ୟବହୃତ ୩ଟି ଯାନବାହନ ମଧ୍ୟ ଜବତ କରାଯାଇଛି। ତୃଣମୂଳସ୍ତରରେ କଠୋର୍ ପଦକ୍ଷେପ ଗ୍ରହଣ କରାଯାଉଛି। ଆଗାମୀ ଦିନରେ ମଧ୍ୟ ଏଭଳି ଅଭିଯାନ ଆହୁରି ଜୋରଦାର ଭାବେ ଜାରି ରହିବ ବୋଲି ଡିଜିପି ଯୋଗେଶ ବାହାଦୂର ଖୁରାନିଆ ସୂଚନା ଦେଇଛନ୍ତି।

### ରଥଯାତ୍ରା ପ୍ରଥମ ସମନ୍ୱୟ ବୈଠକ

## ପରିବହନ, ସ୍ୱାସ୍ଥ୍ୟାଧିକାରୀଙ୍କୁ ଘେରିଲେ ସେବାୟତ, ସାମ୍ବାଦିକ



### ବିରୋଧ ଯୋଗୁ ବିବୃତ୍ତି ରଖିପାରିଲେନି ଟିପିସିଓଡିଏଲ୍ ଅଧିକାରୀ

### ଗଡ଼ିବ ୪୦୦ ସ୍ୱତନ୍ତ୍ର ଟ୍ରେନ୍

### ମୁତୟନ ହେବେ ୨୨୦ ପ୍ଲାଟୁନ୍ ଫୋର୍ସ

ପୁରୀ, ୮।୫(ସମିସ): ଆସନ୍ତା ଜୁଲାଇ ୧୬ ତାରିଖରେ ବିଶ୍ୱପ୍ରସିଦ୍ଧ ରଥଯାତ୍ରା। ଏ ବର୍ଷ ୧୫ରୁ ୨୦ଲକ୍ଷ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଘୋଷଯାତ୍ରା ଦେଖିବା ପାଇଁ ପୁରୀ ଆସିବା ସମ୍ଭାବନା ରହିଛି। ଏହାକୁ ନଜରରେ ରଖି ପ୍ରଶାସନ ଅଣ୍ଟା ଭିଡ଼ିଛି। ରଥଯାତ୍ରାକୁ ଶୃଙ୍ଖଳିତ କରିବା ଏବଂ ଭକ୍ତମାନେ କିପରି ସୁରୁଖୁରରେ ରଥଯାତ୍ରା ଦେଖି ସୁଖଦ ଅନୁଭୂତି ନେଇ ଫେରିବେ, ସେଥିଲାଗି ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଛି। ଏନେଇ ଶୁକ୍ରବାର ରଥଯାତ୍ରାର ପ୍ରଥମ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ, ପରିବହନ, ପାନୀୟ ଜଳଯୋଗାଣକୁ ନେଇ ବୈଠକ ବେଶ୍ ସରଗରମ୍ ହୋଇଥିଲା। ବିଶେଷକରି, ପରିବହନ ଏବଂ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଘେରିଥିଲେ ସେବାୟତ ଏବଂ ସାମ୍ବାଦିକ। ଟିପିସିଓଡିଏଲ୍ ଅଧିକାରୀ ଗତବର୍ଷ ରଥଯାତ୍ରା ସମନ୍ୱୟ ବୈଠକରେ ଦେଇଥିବା ପ୍ରତିଶ୍ରୁତି ମୁତାବକ କାମ କରିନଥିବାରୁ ତାଙ୍କୁ କହିବାକୁ ସୁଯୋଗ ଦେଇନଥିଲେ। ସେହିପରି ସେବାୟତ ଓ ସାମ୍ବାଦିକଙ୍କ ମଧ୍ୟରେ କଥା କଟାକଟିକୁ ନେଇ ନେତା ଓ ଅଧିକାରୀ ଝାଳନାଳ ହୋଇଯାଇଥିଲେ।

ଅପରପକ୍ଷେ, ରଥଯାତ୍ରା ସମୟରେ ବୀମାଭୁକ୍ତ ହେବେ ଭକ୍ତ। ପୁରୀ ମହାନଗର ନିଗମ ଅଞ୍ଚଳରେ ରଥଯାତ୍ରା ଅବଧି ମଧ୍ୟରେ ବୀମା କଭର୍ କରିବ। ଏହି ସମୟରେ ଯଦି କାହାର ମୃତ୍ୟୁ ଘଟିଲେ ୫ ଲକ୍ଷ ଟଙ୍କା ବୀମା ସହାୟତା ମିଳିବ ବୋଲି ଶ୍ରୀମନ୍ଦିର ନୀତି ପ୍ରଶାସକ ପ୍ରିୟରଞ୍ଜନ ପୃଷ୍ଟି କହିଛନ୍ତି।

ଟାଉନ ହଲ୍ ପରିସରରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ସୁଧାଂଶୁ ମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସ୍ୱାଗତ ଭାଷଣ ଦେବା ସହ ପାରସ୍ପରିକ ସମନ୍ୱୟର ସହ ରଥଯାତ୍ରାକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ନୀତି ପ୍ରଶାସକ ଶ୍ରୀ ପୃଷ୍ଟି ରଥଯାତ୍ରା ପୂର୍ବରୁ ପଡୁଥିବା ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀ ତାରିଖ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ରଥକାଠ, ରଥ ନିର୍ମାଣ, ରଥଖଳା, ରଥକନା, ରଥ ଦଉଡ଼ି ଏବଂ ନୀତିକାନ୍ତି ସମ୍ପର୍କରେ କହିଥିଲେ। ଆବଶ୍ୟକ ଝୁଣା ଓ ଚନ୍ଦନ କାଠ ମହଜୁଦ୍ ଅଛି। ଅଧିକ ୨୦୦କେଜି ଝୁଣା ଆସିବ। ତାମିଲନାଡୁରୁ ୩ କୁଇଣ୍ଟାଲ ଚନ୍ଦନ କାଠ ଆସିଛି। ଓଡ଼ିଶା କତା ନିଗମରୁ ୨୮ଟି ରଥଟଣା ଦଉଡ଼ି ଏବଂ ୬ଟି ଘେର ଦଉଡ଼ି ଆସିବ। ଖୁବ୍‌ଶୀଘ୍ର ସେରିଫେଡ୍ ୩ କୁଇଣ୍ଟାଲ ବାସୁଙ୍ଗା ପାଟ ଯୋଗାଇଦେବେ।

ରଥଯାତ୍ରା ଉପଲକ୍ଷେ ରେଳ ବିଭାଗ ପକ୍ଷରୁ ଏବର୍ଷ ୪୦୦ ସ୍ୱତନ୍ତ୍ର ଟ୍ରେନ୍ ଚାଲିବା ପାଇଁ ଲକ୍ଷ୍ୟ ରହିଛି। ୫ଟି ସ୍ଥାନରେ ଟିକେଟ୍ କାଉଣ୍ଟର ସହ ବିଭିନ୍ନ ସ୍ଥାନରେ ଟ୍ରେନ୍ ଚଳାଚଳ ସୂଚନା ବୋର୍ଡ ଲଗାଯିବ। ମାସେ ପୂର୍ବରୁ ସିସିଟିଭି କ୍ୟାମେରା ଲାଗି ଡ୍ରାଏ-ରନ୍ ହେବ। ଭକ୍ତଙ୍କ ସୁବିଧା ଲାଗି ରଥଯାତ୍ରା ସୂଚନା ନିମନ୍ତେ ଥ୍ରୀଡି ମ୍ୟାପିଂ ସହ ସ୍ୱତନ୍ତ୍ର ଆପ୍ ବ୍ୟବସ୍ଥା ହେଉଛି ବୋଲି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସୂଚନା ଦେଇଥିଲେ।

ସେହିପରି, ଏସ୍‌ପି ପ୍ରତୀକ୍ ସିଂ ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ରଥଯାତ୍ରା ସମୟରେ ଏନଏସ୍‌ଜି କମାଣ୍ଡୋ ସହ ୨୨୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ ବୋଲି ସୂଚନା ଦେଇଥିଲେ। ଆଣ୍ଟି ଡ୍ରୋନ୍ ଟିମ୍, ଏନ୍‌ଡିଆରଏଫ୍, ଓଡ୍ରାଫ୍ ଟିମ୍ ମଧ୍ୟ ମୁତୟନ ହେବେ। ଏହାବ୍ୟତୀତ ପାର୍କିଂସ୍ଥଳ ସଂଖ୍ୟା ବଢ଼ାଯିବ। ରାପିଡ୍ ଆକ୍ସନ ଫୋର୍ସ ଅଧିକ ସଂଖ୍ୟାରେ ମୁତୟନ ହେବେ ବୋଲି ଏସ୍‌ପି ସୂଚନା ଦେଇଥିଲେ। ଅପରାଧୀ ଓ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ସରାଇ ଆପ୍‌ର ସହଯୋଗ ନିଆଯାଇଛି। ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ରୁମ୍ ସହ ୨୦୦ରୁ ଅଧିକ ସିସିଟିଭି କ୍ୟାମେରା ଲାଗିବ ବୋଲି ସେ ସୂଚନା ଦେଇଥିଲେ।

ପରିବହନ ବିଭାଗ ଅଧିକାରୀ ନିଜ ବିଭାଗର ପ୍ରସ୍ତୁତି ସମ୍ପର୍କରେ କହିବା ବେଳେ ବେଶ୍ ହୋ-ହଲ୍ଲା ହୋଇଥିଲା। ପୁରୀ ସହରରେ ଅଟୋ, ଟୋଟୋ ଚଳାଚଳ ଉପରେ ପ୍ରଶାସନର ନିୟନ୍ତ୍ରଣ ନ ରହିବା ଏବଂ ବସ୍, ଅଟୋରେ ଯାତ୍ରୀ ଶୋଷଣ ନେଇ ସଦସ୍ୟମାନେ ଅଭିଯୋଗ କରିଥିଲେ। ସେହିପରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ଅଧିକାଂଶ ସଭ୍ୟ ହୋହଲ୍ଲା କରିଥିଲେ। ଏହାର ପ୍ରତିବାଦରେ ସେବାୟତ ଓ ସାମ୍ବାଦିକ ସିଡିଏମ୍‌ଓଙ୍କୁ ଘେରିଥିଲେ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସାଂସଦ ଡା. ସମ୍ବିତ ପାତ୍ର, ବିଧାୟକ ସୁନୀଲ ମହାନ୍ତି, କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ, ପୁରୀ ମହାନଗର ନିଗମ କମିଶନର, ଦେବୋତ୍ତର କମିଶନର, ଆଇନ ସଚିବ ପ୍ରମୁଖ ଉପସ୍ଥିତ ଥିଲେ।

# ପୋଖରୀରେ ବୁଡ଼ି ବୃଦ୍ଧ ମୃତ

ମାଥିଲି,୮।୫(ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଚେଡେଙ୍ଗା ପଞ୍ଚାୟତ ଅନ୍ତର୍ଗତ କୋରାପାଲ୍ଲୀ ଗ୍ରାମର ନରସିଂହ ନାୟକ (୬୨) ଗ୍ରାମ ନିକଟରେ ଥିବା ଏକ ପୋଖରୀ କୂଳକୁ ଶୌଚ ହେବାକୁ ଯାଇ ପାଣିରେ ବୁଡି ପ୍ରାଣ ହରାଇଛି। ଗତ ସଂନ୍ଧ୍ୟା ଠାରୁ ସେ ନିଖୋଜ ଥିଲେ। ପରିବାର ଲୋକେ ରାତିରେ ବହୁ ଖୋଜାଖୋଜି କରିବା ପରେ କୌଣସି ସନ୍ଧାନ ମିଳି ନଥିଲା। କିନ୍ତୁ ଆଜି ଗ୍ରାମର କିଛି ଲୋକ ଶୌଚ ହେବା ପାଇଁ ଯାଇଥିବା ବେଳେ ପୋଖରୀରେ ଏକ ଶବ ଭାସୁଥିବା ଦେଖିବାକୁ ପାଇଥିଲେ। ପରିବାର ଓ ଗ୍ରାମବାସୀ ଦେଖିବା ପରେ ସଙ୍ଗେ ସଙ୍ଗେ ମାଥିଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗ ପାଇବା ପରେ ଥାନା ଅଧିକରିଣୀ ଦୀପାଞ୍ଜଳି ପ୍ରଧାନ ସଙ୍ଗେ ସଙ୍ଗେ ଥାନାର ସବ୍ ଇନ୍ସପେକ୍ଟର ବିକି ସୁନା ଓ ଅନ୍ୟ ପୁଲିସ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇ ଥିଲେ। ଘଟଣା ସ୍ଥଳରେ ସବ୍ ଇନ୍ସପେକ୍ଟର ଶ୍ରୀ ସୁନା ଓ ଅନ୍ୟ ପୋଲିସ କର୍ମଚାରୀ ପହଞ୍ଚିଥିଲେ। ଶବ ଜବତ କରିବା ସହିତ ମାଥିଲି ଥାନା କେଶ ନମ୍ବର ୧୦/୨୬ ରେ ଏକ ଅପମୃତ ମାମଲା ରୁଜୁ କରି ମାଥିଲି ଉପଖଣ୍ଡ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ। ପରିବାର ଲୋକେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ନାରାୟଣପାଟଣା ଥାନାରେ ସଚେତନତା କାର୍ଯ୍ୟକ୍ରମ




ନାରାୟଣପଟଣା,୮।୫(ସମିସ): ନାରାୟଣପଟଣା ଥାନାରେ "ଜୁଭେଣ୍ଟିକା""କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ବାଳକ ବାଳିକା ଯୋଗଦେଇଥିବା ବେଳେ ଅଙ୍ଗନବାଡି ସଦସ୍ୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ନାରାୟଣପଟଣା ଥାନା ଅଧିକାରୀ ସୁଶ୍ରୀ ମମତା ପଣ୍ଡା ,ସବ ଇନିସପେକ୍ଟର ନରସିଂହ ପାଢ଼ୀ ଓ ଅନ୍ୟାନ୍ୟ ପୁଲିସ କର୍ମଚାରୀ ଉପସ୍ଥିତି ଥିଲେ। ନରସିଂହ ପାଢ଼ୀ ସମଗ୍ର କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଏହି ଅବସରରେ ବାଳିକାମାନଙ୍କୁ ଥାନାରେ କିପରି ଅଭିଯୋଗ କରିବେ, ଅନ୍ୟାୟ କିମ୍ବା ଉତ୍ପୀଡ଼ନର ଶିକାର ହେଲେ କାହାକୁ ଭୟ ନକରି ଆଗକୁ ଆସିବା, ନିଜ ଅଧିକାର ସମ୍ପର୍କରେ ସଚେତନ ରହିବା ଏବଂ ପୋଲିସର ସହଯୋଗ କିପରି ମିଳିବ ସେସବୁ ବିଷୟରେ ବିସ୍ତୃତ ଭାବେ ବୁଝାଇଥିଲେ। ସେଥିସହ ମହିଳା ସୁରକ୍ଷା, ସାଇବର ଅପରାଧ, ଶିଶୁ ସୁରକ୍ଷା ଆଇନ ଓ ସାମାଜିକ ସଚେତନତା ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ ମଧ୍ୟ ପ୍ରଦାନ କରାଯାଇଥିଲା। ଶେଷରେ ଉପସ୍ଥିତ ସମସ୍ତ କିଶୋର ବାଳିକା ମାନଙ୍କୁ ନାରାୟଣପଟଣା ପୋଲିସ ପକ୍ଷରୁ ଖାତା ପେନସିଲ ଭଳି ଅନେକ ସାମଗ୍ରୀ ପ୍ରଦାନ କରାଯାଇଥିଲା।

■ ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଓ ରନ୍ଧନ ଗ୍ୟାସ ଅଭାବ ନାହିଁ

# ଖାଉଟି ଆତଙ୍କିତ ନ ହେବାକୁ ପରାମର୍ଶ

ନବରଙ୍ଗପୁର,୮।୫(ସମିସ) : ନବରଙ୍ଗପୁର ଜିଲ୍ଲାରେ ରନ୍ଧନ ଗ୍ୟାସ, ପେଟ୍ରୋଲ ଓ ଡିଜେଲ ପର୍ଯ୍ୟାପ୍ତ ପରିମାଣର ମହଜୁଦ ଅଛି। ତେଣୁ ସାଧାରଣ ଖାଉଟି ମାନେ ଅଯଥାରେ ଆତଙ୍କିତ କିମ୍ବା ଚିନ୍ତିତ ହେବାର ଆବଶ୍ୟକତା ନାହିଁ ବୋଲି ନବରଙ୍ଗପୁର ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଏକ ପ୍ରେସ ବାର୍ତ୍ତା ମାଧ୍ୟମରେ ଜିଲ୍ଲା ଯୋଗାଣ ଅଧିକାରୀ ଦେବାଶିଷ ମହାନ୍ତି ସୂଚନା ଦେଇଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ମନୋଜ କୁମାର ବେହେରା କହିଛନ୍ତି।



ଖାଉଟିମାନେ ଅଯଥା ଏଲପିଜି ଗ୍ୟାସ ସିଲିଣ୍ଡର ବୁକିଂ ନ କରିବାକୁ ପରାମର୍ଶ ଦିଆଯାଇଛି। ନବରଙ୍ଗପୁର ଜିଲ୍ଲାରେ ଏଲପିଜି ରନ୍ଧନ ଗ୍ୟାସ ୧୪. ୨ କେଜି ବିଶିଷ୍ଟ ୨୬୧୬ଟି ସିଲିଣ୍ଡର ଓ ବାଣିଜ୍ୟିକ ୧୯ କେଜି ବିଶିଷ୍ଟ ୧୨୫ଟି ସିଲିଣ୍ଡର ଷ୍ଟକରେ ରହିଛି।ସେହିପରି ଜିଲ୍ଲାରେ ପେଟ୍ରୋଲ ୩୬୫୭୫୬ ଲିଟର ଏବଂ ଡିଜେଲ ୪୦୮୨୯୨ ଲିଟର ଏବଂ ପ୍ରିମିୟମ ସ୍ପିଡ୍ ପେଟ୍ରୋଲ ୧୪୧୧୧ ଲିଟର ମହଜୁଦ ଥିବା ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୂଚନା ଦିଆଯାଇଛି। ତେଣୁ ଖାଉଟି ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ଓ ସେଭଳି ୧୧୬୫୮୮ ଲିଟର ପେଟ୍ରୋଲ ଏବଂ୧୬୪୯୦୯ ଲିଟର ଡିଜେଲ ପରିବହନ ହୋଇ ରାସ୍ତାରେ ଆସୁଛି। ଏଣୁ ସମସ୍ତ ପେଟ୍ରୋଲ, ଡିଜେଲ ବ୍ୟବହାରକାରୀ ଆତଙ୍କିତ ନ ହେବାକୁ କୁହାଯାଉଛି।ଏଥି ସହ ଏଲପିଜି କଳାବଜାରୀ ରୋକିବାକୁ କଡ଼ା ପଦକ୍ଷେପ ନିଆଯାଉଛି ବୋଲି କୁହାଯାଇଛି ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ଶ୍ରୀ ବେହେରା ସୂଚନା ଦେଇଛନ୍ତି।

## ସେୱା ପେପର ମିଲ୍ କାର୍ଯ୍ୟକାରୀ ପାଇଁ ରାଜ୍ୟ ସରକାର ନିରବ

# ୧୯ ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା : ବିଧାୟକ

ଜୟପୁର, ୮।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ନିକଟସ୍ଥ ଗାଗନାପୁର ଠାରେ ସେୱା କାଗଜକଳ ଗତ ୨ ବର୍ଷ ହେଲାଣି ଉତ୍ପାଦନ ବନ୍ଦ ହୋଇ ପଡିଛି। ଏହି କାରାଖାନାର କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକ୍ଷମ ନେଇ କୌଣସି ପଦକ୍ଷପ ଗ୍ରହଣ କରୁନାହାଁନ୍ତି। ସେହିପରି ବର୍ତ୍ତମାନର ।ଜ୍ୟର ମୁଖ୍ୟମନ୍ତ୍ରୀ, ଶିଳ୍ପ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଏବଂ ଶିଳ୍ପ ସଚିବଙ୍କ ନିକଟରେ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ବାରମ୍ବାର ଅନୁରୋଧ ଓ ଦାବି କରାଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ଏହି ବୃହତ ଶିଳ୍ପକୁ କାର୍ଯ୍ୟକ୍ଷମ କରିବା ନେଇ କୌଣସି ପଦକ୍ଷପ ଗ୍ରହଣ କରୁନାହାନ୍ତି। ତେଣୁ ଏହାକୁ କାର୍ଯ୍ୟକ୍ଷମ କରିବା ନେଇ ଆନ୍ଦୋଳନ କରାଯିବ ବୋଲି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଚେତାବନୀ ଦେଇଛନ୍ତି। ତେଣୁ ଆସନ୍ତା ୧୯ ତାରିଖରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କାଗଜକଳର ୪ଟି କର୍ମଚାରୀ ସଂଘ, ଠିକା ଶ୍ରମିକ ସଂଘ ଏବଂ ଠିକାଦାରୀ ସଂଘ ସମେତ ଅନ୍ୟାନ୍ୟ ଦଳ ଓ ସାଧାରଣ ଲୋକଙ୍କୁ ନେଇ ଧାରଣା ଦିଆଯିବ ବୋଲି ଆଜି କାଗଜକଳର ବିଭିନ୍ନ ସଂଘର କର୍ମକର୍ତ୍ତାଙ୍କୁ ନେଇ ଜୟପୁର ବାସଭବନରେ ଆଲୋଚନା କରିବା ପରେ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ଶ୍ରୀ ବାହିନୀପତି ସୂଚନା ଦେଇଛନ୍ତି । ଏହିପରି ପ୍ରଶାସନ ଏବଂ ରାଜ୍ୟ ସରକାର କୌଣସି ପଦକ୍ଷପ ଗ୍ରହଣ ନକଲେଆଗାମୀ ଦିନରେ ଭୁବନେଶ୍ୱର ଠାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଏହିପରି ବିଧାୟକ ଶ୍ରୀ ବାହିନୀପତି କହିଛନ୍ତି ଯେ, ଗତ ରାଜ୍ୟ ସରକାରଙ୍କ ସମୟରେ ବ୍ୟାଙ୍କ ଗୁଡିକର ଋଣ ପ୍ରଦାନ ନେଇ ନୋ ଅବଜେକସନ ସାର୍ଟିଫିକେଟ ପ୍ରଦାନ ନେଇ କାରାଖାନା କର୍ତ୍ତୃପକ୍ଷଙ୍କୁ ସହାୟତ କରିଥିଲେ। ଏଥିନେଇ ତତ୍କାଳିନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟ ସରକାର ସମସ୍ତ ସହାୟତା କରିଥିଲେ। ଏହିପରି ଗତ ୩ ବର୍ଷ ଧରି ବନ୍ଦ ରହିଥିବା



କାରଖାନାକୁ ଉତ୍ପାଦନକ୍ଷମ କରାଯାଇଥିଲା। କିନ୍ତୁ କିଛି ଦିନ କାର୍ଯ୍ୟକ୍ଷମ କରିବା ପରେ ପୁଣି ଗତ ୨୦୨୪ ମସିହା ଅଗଷ୍ଟ ମାସରୁ ପୁଣି ବନ୍ଦ କରାଯାଇଛି। ଏଥିନେଇ ପରିଚାଳନା କର୍ତ୍ତୃପକ୍ଷ କୌଣସି ପଦକ୍ଷପ ଗ୍ରହଣ କରୁନଥିବା ବେଳେ ବର୍ତ୍ତମାନ ରାଜ୍ୟ ସରକାରଙ୍କୁ ବାରମ୍ବାର ବିଭିନ୍ନ ମଞ୍ଚ ଏବଂ ନିଜେ ସାକ୍ଷାତ କରିବା ସହିତ ପେପରମିଲ କାର୍ଯ୍ୟକ୍ଷମ କରିବା ନେଇ ଅନୁରୋଧ କରିଥିଲେ ସୁଦ୍ଧା କୌଣସି ଆନ୍ତରିକତା ଦେଖାଉନାହାଁନ୍ତି ବୋଲି ବିଧାୟକ ଶ୍ରୀ ବାହିନୀପତି ଗୁରତର ଅଭିଯୋଗ କରିଛନ୍ତି। ପେପର ମିଲରୁ ବିଭିନ୍ନ ସାମଗ୍ରୀ ଚୋରି ହେଉଥିବା ନେଇ ଅଭିଯୋଗ ହେଉଛି। ତେଣୁ ଏଥିନେଇ ପୁଲିସକୁ ସତର୍କ ରହିବା ସହିତ ଚୋରି ବନ୍ଦ କରିବା ନେଇ ଉକ୍ତ ଅଞ୍ଚଳରେ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରିବାକୁ ଜିଲ୍ଲା ଏସ୍‌ପିଙ୍କୁ ସାକ୍ଷାତ କରିବା ସହିତ ଅନୁରୋଧ କରିବେ ବୋଲି ବିଧାୟକ କହିଛନ୍ତି। କିଛି କର୍ମଚାରୀ ସଂଘର ନେତା ମାନେ ପେପରମିଲକୁ ନେଇ ରାଜନୀତି କରୁଥିବା ବେଳେ ନିଜର ଫାଇଦା ପାଇଁ କାର୍ଯ୍ୟ କରୁଛନ୍ତି। ସେମାନେ କୋଟି କୋଟି ଟଙ୍କାର ତିନି ମହଲା ଗୃହ ନିର୍ମାଣ କରୁଛନ୍ତି। କିନ୍ତୁ ପେପରମିଲ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ନେଇ ଚକ୍ରାନ୍ତ କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ଏଥିନେଇ ପ୍ରଥମ କର୍ମଚାରୀ ସଂଘର ସଭାପତି ପ୍ରମୋଦ ମହାନ୍ତି କହିଛନ୍ତି ଯେ, ତାଙ୍କ ସଂଘ ପକ୍ଷରୁ କାର୍ଯ୍ୟକ୍ଷମ ଏବଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ନେଇ ଦୀର୍ଘ ଦିନ ହେଲାଣି ଦୈନକି ଏକ ଘଣ୍ଟା ପେପର ମିଲ ସମ୍ମୁଖରେ ଧାରଣା ଦିଆଯାଉଛି। କିନ୍ତୁ ଜୟପୁର ବିଧାୟକଙ୍କ ନିଦ ଭାଙ୍ଗିଛି କି ବୋଲି ପ୍ରଶ୍ନ କରିବା ସହିତ ସଂଘର ନେତା ମାନଙ୍କ ବିରୋଧରେ ଟିପଣୀ ଦେବା ବଦଳରେ ପେପର ମିଲର ୨୨୫ କୋଟି ଟଙ୍କା ଋଣ ଗତ ୫ ବର୍ଷରେ କେଉଁଆଡେ ଚାଲିଗଲା ତାହାର ସ୍ପଷ୍ଟୀକରଣ ଦିଅନ୍ତୁ ବୋଲି ପ୍ରଶ୍ନ କରିଛନ୍ତି।

# ଯୁବ ସମାଜସେବୀଙ୍କ ପରଲୋକ



ଉମରକୋଟ, ୮।୫ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ସହର ଅବସରପ୍ରାପ୍ତ ନୌସେନା କର୍ମଚାରୀ ଜି ଗୋଲଡ ସ୍ମିଥଙ୍କର ପରଲୋକ ଘଟିଛି। ତାଙ୍କୁ ମାତ୍ର ୩୬ ବର୍ଷ ବୟସରେ ହୃଦଘାତ ହୋଇଛି। ଭାରତୀୟ ନୌସେନାରୁ ଅବସର ନେବା ପରେ ସେ ସ୍ଥାନୀୟ ଅଞ୍ଚଳର ଯୁବ ଗୋଷ୍ଠୀଙ୍କୁ ସେନା ବାହିନୀରେ ଚୟନ ହେବା ପାଇଁ ତାଲିମ ଦେଇ ଚର୍ଚ୍ଚାରେ ଥିଲେ। ସ୍ୱର୍ଗତ ଜି ରାଜୁଲଙ୍କ ପୁଅ ଜି ଗୋଲ୍ଡ ସ୍ମିଥ୍ ଉମରକୋଟ ଡି ଏନ କେ ରେ ରହୁଥିଲେ। ଅବସର ନେବା ପରେ ନିଜ ଜନ୍ମମାଟି ଉମରକୋଟ ସହରକୁ ଆସି କିଛି ନୂଆ କରିବାର ସ୍ୱପ୍ନ ରଖିଥିଲେ। ଏହି ଉପାନ୍ତ ଅଞ୍ଚଳର ଯୁବକ ଯୁବତୀଙ୍କୁ ପ୍ରଶିକ୍ଷଣ ଦେଇ ଦେଶ ସେବାରେ ନିୟୋଜିତ କରାଇବା ପାଇଁ ନିଜ ଖର୍ଚ୍ଚ ରେ ଏକ ଅତ୍ୟାଧୁନିକ ସ୍ୱିମିଙ୍ଗ ପୁଲ ନିର୍ମାଣ ସହ ସେନା ବାହିନୀରେ ଭର୍ତି ହେବା ପାଇଁ ଶାରୀରିକ ଓ ମାନସିକ ଭାବେ କିପରି ପ୍ରସ୍ତୁତ ହେବେ ତାହାର ପ୍ରଶିକ୍ଷଣ ଦେଉଥିଲେ। କିଛି ଯୁବକ ଯୁବତୀ ପ୍ରଶିକ୍ଷଣ ନେବାପରେ ଚାକିରି ମଧ୍ୟ କରିଥିଲେ। ଏହା ସହ ସ୍ଥାନୀୟ ଅଞ୍ଚଳରେ ସମାଜ ସେବା କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହି ଆସିଥିଲା । କିଛି ଦିନ ପୂର୍ବେ ଦେହ ଅସୁସ୍ଥ ହେବାରୁ ବିଶାଖାପାଟଣା ମେଡିକାଲ ଯାଇଥିଲେ। ସେଠାରେ ତାଙ୍କର ପରଲୋକ ଘଟିଛି। ବିଶାଖାପାଟଣା ଠାରୁ ଘରକୁ ଆଣିବା ପରେ ଶୁକ୍ରବାର ତାଙ୍କର ଅନ୍ତିମ ସଂସ୍କାର କରାଯିବବୋଲି ପରିବାର ପକ୍ଷରୁ ସୂଚନା ମିଳିଛି।

# ଶବ୍ଦ ପ୍ରଦୂଷଣକାରୀ ୮୫ଟି ବୁଲେଟ୍ ସାଇଲେନ୍ସର ନଷ୍ଟକଲା ପୁଲିସ

ଜୟପୁର, ୮।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରରେ ବାଇକ ସାଇଲେନ୍ସର ପରବର୍ତ୍ତନ କରାଯାଇ ଚାଳକଙ୍କ ଦ୍ୱାରା ଶବ୍ଦ ପ୍ରଦୂଷଣ ସୃଷ୍ଟି କରୁଥିବା ନେଇ ପୁଲିସ ନିକଟରେ ବାରମ୍ବାର ଅଭିଯୋଗ ହେଉଥିଲା। ଏଥିନେଇ ଏସଡିପିଓ ଅର୍ଚ୍ଚିତା ମିତ୍ତଲଙ୍କ ନିର୍ଦ୍ଦେଶକ୍ରମେ ଟାଉନଥାନା ପୁଲିସ ଦୃଢ ପଦକ୍ଷପ ଗ୍ରହଣ କରିଛନ୍ତି । ଗତ ତିନି ଦିନ ସହରର ବିଭିନ୍ନ ଛକରେ ପୁଲିସ ଛପି ରହିବା ସହିତ ବୁଲେଟର ସାଇଲେନ୍ସର ପରବର୍ତ୍ତନ କରାଯାଇ ବିକଟାଳ ଶବ୍ଦ ସୃଷ୍ଟି କରୁଥିବା ଅଭିଯୋଗରେ ୮୫ଟି ବାଇକ୍ ଜବତ କରିବା ସହିତ ଉକ୍ତ ବାଇକର ଶବ୍ଦ ପ୍ରଦୂଷଣ କରୁଥିବା ସାଇଲେନ୍ସର ବାହାର କରାଯାଇ ରୋଡ ରୋଲର ଚକାରେ ଚପାଇ ନଷ୍ଟ କରାଯାଇଛି। ସେହିପରି ଉକ୍ତ ବାଇକ ଚାଳକ ମାନଙ୍କ ଠାରୁ ୧ ଲକ୍ଷ ୨୭ ହଜାର ୫ଶହ ଟଙ୍କା ଜରିମାନା ବାବଦକୁ ଟଙ୍କା ଆଦାୟ କରାଯାଇଛି। ସେହିପରି କମ୍ପାନୀ ନିର୍ମିତ ସାଇଲେନ୍ସର ଆଣି ବାଇକ୍‌ରେ ସଂଲଗ୍ନ କରାଯାଇ ଛଡାଇଯାଇଛି ବୋଲି ଆଜି ଟାଉନଥାନା ଠାରେ ଆୟୋଜିତ ଏକ ସାମ୍ବିଦିକ ସମ୍ମିଳନୀରେ ଏସଡିପିଓ କୁମାରୀ ମିତ୍ତିଲ ସୂଚନା ଦେଇଛନ୍ତି। ସେହିପରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏଥିନେଇ ଅବଗତ କରିବା ସହିତ ମଟପ ଗାଡି ଧାରାର ନିୟମ କରାଯାଇ ପରିବହନ ବିଭାଗ ପକ୍ଷରୁ ଏହିପରି ଶବ୍ଦ ପ୍ରଦୁଷଣ ସୃଷ୍ଟି କରୁଥିବା ସାଇଲେନ୍ସର ନିର୍ମାତା ଏବଂ ବିକ୍ରି ଦୋକାନ

● ୧ ଲକ୍ଷ ୨୭ ହଜାର ଜରିମାନା ଆଦାୟ

ଉପରେ ଚଢଉ କରାଯିବା ନେଇ ନିର୍ଦ୍ଦେଶ କ୍ରମେ ଆଗାମୀ ଦିନରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଜୟପୁର ସହରର ବିଭିନ୍ନ ବାଇକ ମରାମତି ସାମଗ୍ରୀ ବିକ୍ରି ଦୋକାନ ଗୁଡିକକୁ ଏହିପରି ସାଇଲେନ୍ସର ବିକ୍ରି ନ କରିବା ନେଇ ତାଗିଦ କରାଯିବ ବୋଲି ଏସଡିପିଓ କୁମାରୀ ମିତ୍ତଲ ପ୍ରକାଶ କରିଛନ୍ତି। ଏହି ଅବସରରେ ଟାଉନଥାନା ଅଧଇକାରୀ ଉଲ୍ଲାସ ଚନ୍ଦ୍ର ରାଉତ ଏବଂ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

● ମାଲକାନଗିରି କେସିସି ବ୍ୟାଙ୍କ ଅର୍ଥ ଆତ୍ମସାତ ମାମଲା

# ୩ ଦିନିଆ ରିମାଣ୍ଡ ଅବଧି ଶେଷ, ଜେଲ୍ ଗଲେ ୩ ଅଭିଯୁକ୍ତ

ଜୟପୁର, ୮।୫(ସମିସ) : ମାଲକାନଗିରି କୋରାପୁଟ କେନ୍ଦ୍ରୀୟ ସମବାୟ (କେସିସି) ବ୍ୟାଙ୍କରେ ଚାଷୀଙ୍କ ଠାରୁ ଜିଲ୍ଲାର ୫ଟି ଲ୍ୟାମ୍ପସରୁ ଆଦାୟ ହୋଇଥିବା ଫସଲ ଋଣ ଏବଂ ୯୦ଜଣ ଚାଷୀଙ୍କ ପୁଣି ପ୍ରସ୍ୱାହନ ବାବଦକୁ ପ୍ରଦାନ କରାଯାଉଥିବା ଋଣ ରାଶି ବାବଦକୁ ସମୁଦାୟ ୧ କୋଟି ୮ ଲକ୍ଷ ୭୫ ହଜାର ଅ।।ସାତ ଅଭିଯୋଗରେ ଗତ ବୁଧବାର ଗିରଫ ହୋଇଥିବା ମୁଖ୍ୟ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ସୁଧାଂଶୁ ଖରାଙ୍କୁ ଭିଜିଲାନ୍ସ ୩ଦିନିଆ ରିମାଣ୍ଡରରେ ଆଣି ପଚରା ଉଚରା ପରେ ଆଜି ପୁଣି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଏହିପରି ତାଙ୍କୁ କୋର୍ଟ ପକ୍ଷରୁ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଯାଇଛି। ଏହି ମାମଲାରେ ରାଜ୍ୟ ଭିଜିଲାନ୍ସ ଦଳ ଭୁବନେଶ୍ୱରରର ଖୋର୍ଦ୍ଧା ଅଞ୍ଚଳରୁ ଏହି ଠକେଇ ତଥା ଅ।।ସାତରେ ସାମିଲ ଦୁଇ ଠକ ଯୁଗଳଙ୍କୁ ମହିଳା ନିବେଦିତା ତରାଇ ଏବଂ ତାଙ୍କ ନିକଟରେ ରହୁଥିବା ସହଯୋଗୀ ଅଭିଯୁକ୍ତ ନୃସିଂହ ପ୍ରସାଦ ଖମାରୀଙ୍କୁ ଗିରଫ କରିବା ସହିତ ଜୟପୁର ଭିଜିଲାନ୍ସ ଦଳକୁ ହସ୍ତାନ୍ତର କରିଥିଲା। ଏହି ଦୁଇ ଠକଙ୍କୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଆଜି ଜୟପୁରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଛି। ଏହିପରି ସେମାନଙ୍କୁ ମଧ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ଜେଲ ହାଜତକୁ ପଠାଯାଇଛି। ଏହିପରି ଅଧିକ ପଚରା ଉଚରା ପାଇଁ ଆବଶ୍ୟକ ସ୍ଥଳେ ଗିରଫ ୩ଜଣଙ୍କୁ ରିମାଣ୍ଡରରେ ଆଣିବା ପାଇଁ କୋର୍ଟର ଦ୍ୱାରସ୍ଥ ହେବେ ବୋଲି ଭିଜିଲାନ୍ସ ଏସ.ପି ରବିନ୍ଦ୍ର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଅଭିଯୁକ୍ତ ମାନଙ୍କ ନିକଟରୁ ଠକେଇ ଟଙ୍କାରେ କିଣିଥିବା ଦୁଇଟି ନାମଦାମୀ କାର ଏବଂ ୩ଟି ସୁପର ବାଇକ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ବ୍ୟାଙ୍କ ମ୍ୟାନେଜର ଶ୍ରୀ ଖରା ଅନ୍‌ଲାଇନ ମାଧ୍ୟମରେ ଲୁଟ ଟଙ୍କା ମଧ୍ୟରୁ ପ୍ରାୟ ୬୩ ଲକ୍ଷ ଟଙ୍କା ତାଙ୍କ ସହଯୋଗୀ ଅଭିଯୁକ୍ତା ନିବେଦିତା ଓ ଅଭିଯୁକ୍ତ ନୃସିଂହଙ୍କ ଜମାଖାତାକୁ ଅନଲାଉଇନ ମାଧ୍ୟମରେ ପଠାଇବା ବେଳେ ବଳକା ଟଙ୍କା ନେଇ ଭିଜିଲାନ୍ସ ବିଭାଗ ତଦନ୍ତ ଜାରୀ ରଖିଛନ୍ତି। ଏହିପରି ଏହି ରାକେଟର ଅନ୍ୟ କେଉଁ ମାନେ ସାମିଲ ରହିଛନ୍ତି ସେଥିନେ ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଜାରି ରହିଛି ଏବଂ ଏଥିନେଇ ସମସ୍ତ ତଥ୍ୟ ସହିତ ସଂଶ୍ଳିଷ୍ଟ ଅଭିଯୁକ୍ତ ମାନଙ୍କୁ ଗିରଫ କରାଯିବ ବୋଲି ଭିଜିଲାନ୍ସ ଏସ.ପି ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।

# ଅପହରଣ ମାମଲାରେ ଯୁବକ ଗିରଫ

ଜୟପୁର,୮।୫(ସମିସ): ଜୟପୁର ସଦରଥାନାର ଖଡପା ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିଥିବା ମାମଲାରେ ଆଜି ଜୟପୁର ସଦରପୁଲିସ ଅଭିଯୁକ୍ତକୁ କୃପାସିନ୍ଧୁ ହରିଜନ (୨୮) ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁଯାୟୀ ଜୟପୁର ସଦରଥାନା ଅନ୍ତର୍ଗତ ଖଡପା ଗ୍ରାମର ଜଣେ ନାବାଳିକା ଗତ ୨୩ ତାରିଖ ଠାରୁ ନିଖୋଜ ହୋଇଥିବା ନେଇ ସଦରଥାନାରେ ଏକ ମାମଲା ରୁଜୁ ହୋଇଥିଲା ନାବାଳିକାର ଅଜାଙ୍କ ଲିଖିତ ଭାବେ ଜଣାଇଥିଲେ ଯେ ତାଙ୍କ ନାବାଳିକା ଝିଅ ରାତି ଶୋଇଥିବା ଅବସ୍ଥାରେ ଘର ଛାଡି ଚାଲିଯାଇଛି। ପରିବାର ଲୋକେ ଚାରିଆଡେ ଖୋଜାଖୋଜି କରିବା ପରେ ମଧ୍ୟ କିଛି ନାବାଳିକାକୁ ପାଇନଥିଲେ। ଏନେଇ ସଦରଥାନାରେ ଲିଖିତ ଅଭିଯୋଗ ଦେବା ପରେ ସଦରପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିବା ସହିତ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ନେଇ ଅତିରିକ୍ତ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# କୂଅରେ ପଡ଼ି ବୃଦ୍ଧାଙ୍କ ମୃତ୍ୟୁ

ଉମରକୋଟ,୮।୫ (ସମିସ): ପରିତ୍ୟକ୍ତ କୂଅରେ ପଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ୱାର୍ଡ ନମ୍ବର ୯ରେ। ପ୍ରାଣ ହରାଇଥିବା ବୃଦ୍ଧା ଜଣକ ହେଲେ ଜୟପୁର ସହର ପୁରୁଣାଗୁଡାର କାମେଲେ ସୁରେଡ୍ଡୁ (୭୦)। ସୂଚନା ଅନୁସାରେ କାମେଲେ ସମ୍ପର୍କୀୟଙ୍କ ପୁଅ ବାହା ଘରକୁ ଯୋଗ ଦେବାକୁ ୬ ତାରିଖ ଦିନ ଉମରକୋଟ ଆସିଥିଲେ। ଗତକାଲି ରାତିରେ ବିବାହ କାର୍ଯ୍ୟ ସରିବା ପରେ ଖାଇ ସାରି ସମସ୍ତେ ଶୋଇ ପଡ଼ିଥିଲେ। ସକାଳୁ ତାଙ୍କ ଶବ କୂଅରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏନେଇ କାମେଲେଙ୍କ ପୁତୁରା କେ ରାମ ପ୍ରସାଦ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତଦନ୍ତ ଭାର ଏଏସଆଇ ହରିହର ଭତରା ସମ୍ଭାଳିଛନ୍ତି।

# ଜିଲ୍ଲା ପରିଷଦ ବୈଠକ ବର୍ଜନ କଲେ ସଭ୍ୟ




ନବରଙ୍ଗପୁର,୮।୫(ସମିସ): ଶୁକ୍ରବାର ଜିଲ୍ଲା ପରିଷଦ ବୈଠକ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲ୍ଲାର ଉନ୍ନତିମୂଳକ କାମରେ ଶାସକ ଦଳ କର୍ମୀଙ୍କ ହସ୍ତକ୍ଷେପ ନେଇ ହୋହାଲ୍ଲା ହୋଇଥିଲା। ଜିଲ୍ଲା ପରିଷଦ ବୈଠକ ବର୍ଜନ କଲେ ଜିଲ୍ଲା ପରିଷଦ ସମସ୍ତ ସଭ୍ୟ। ନବରଙ୍ଗପୁର ଜିଲ୍ଲା ପରିଷଦ ସମ୍ମିଳନୀ ଠାରେ ନବମ ଜିଲ୍ଲା ପରିଷଦର ଷଷ୍ଠ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକ ଚାଲିଥିବା ବେଳେ ବ୍ଲକସ୍ତରୀୟ ବିଭିନ୍ନ ଉନ୍ନତି ମୂଳକ କାମରେ ଶାସକ ଦଳର କର୍ମୀ ଅଯଥା ହସ୍ତକ୍ଷେପ କରୁଥିବା ଜିଲ୍ଲା ପରିଷଦ ସଭ୍ୟ ମାନେ ଅଭିଯୋଗ ଆଣିଥିଲେ। ଏହାସହ ବ୍ଲକସ୍ତରୀୟ ଜିଲ୍ଲା ପରିଷଦ ନିଜସ୍ୱ ପାଣ୍ଠିକୁ ମଧ୍ୟ ଶାସକ ଦଳର କର୍ମୀ ଙ୍କ ଅଯଥା ହସ୍ତକ୍ଷେପ କରୁଥିବା ଅଭିଯୋଗ କରିଥିଲେ। ଉମରକୋଟ ଓ ଝରୀଗାଁ ବ୍ଲକରେ ଏହାର ପରିମାଣ ଅଧିକ ବୋଲି ଅଭିଯୋଗ କରିଥିଲେ ଜିଲ୍ଲା ପରିଷଦ ସଭ୍ୟ। ଶାସକ ଦଳର କର୍ମୀ ମାନେ ସିଏଫସି, ଏଫଏଫସି, ବିଜିଭିଓ, ବିକେବିକେ ପାଣ୍ଠି ସହ ଏମଭିଟେକ୍ସ ଭଳି ସ୍ୱତନ୍ତ୍ର ଜିଲ୍ଲା ପରିଷଦ ଉନ୍ନୟନ ପାଣ୍ଠିକୁ ନିଜ ଅକ୍ତିଆରକୁ ନେଇ ରଖିବାକୁ ଚେଷ୍ଟା କରୁଥିବା ଅଭିଯୋଗ କରିଥିଲେ। ଏହାସହ ଆଜିର ଜିଲ୍ଲା ପରିଷଦ ବୈଠକରେ ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଗଣଶିକ୍ଷା ମନ୍ତ୍ରୀ ତଥା ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଝରିଗାଁ ବିଧାୟକ ଅନୁପସ୍ଥିତ ଥିବା ବେଳେ ତାଙ୍କ ଜାଗାରେ ତାଙ୍କ ପ୍ରତିନିଧିଙ୍କୁ ପଠାଇବାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ ସମସ୍ତ ସଭ୍ୟ। ସେହିଭଳି ନବରଙ୍ଗପୁର ଜିଲ୍ଲାପାଳ ମହେଶ୍ୱର ସ୍ୱାଇଁଙ୍କ ଅନୁପସ୍ଥିତକୁ ନେଇ ସଭ୍ୟ ମାନେ ବିଗିଡି ଥିଲେ ସଭ୍ୟ। ଏପରିକି ପୂର୍ବ ବୈଠକରେ ବିଡ଼ିଓ ମାନଙ୍କୁ ଜିଲ୍ଲା ପରିଷଦ ବୈଠକରେ ଡାକିବାକୁ ନିଷ୍ପତ୍ତି ନିଆଯାଇଥିଲେ ମଧ୍ୟ ଆଜିର ବୈଠକରେ ଅନୁପସ୍ଥିତ ରହିବାକୁ ନେଇ ବୈଠକରେ ହୋହଲ୍ଲା କରିଥିଲେ ସମସ୍ତେ ଜିଲ୍ଲା ପରିଷଦ ସଦସ୍ୟ। ଯାହାକୁ ନେଇ ଅସନ୍ତୋଷ ସଦସ୍ୟମାନେ ବୈଠକକୁ ଅଧାରୁ ବର୍ଜନ କରିଥିଲେ। ଏବଂ ଏହି ସମସ୍ୟା ଗୁଡ଼ାକର ସମାଧାନ କରାନଗଲେ ଆଗାମୀ ବୈଠକ କୁ କେହି ଆସିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଅପରପକ୍ଷରେ ଜିଲ୍ଲା ପରିଷଦର ସ୍ୱତନ୍ତ୍ର ପାଣ୍ଠିରେ ଶାସକ ଦଳ କର୍ମୀଙ୍କ ହସ୍ତକ୍ଷେପ କରିବା ଫଳରେ ସେମାନଙ୍କ ଅଧିକାରକୁ ସ୍ଥାନୀୟ ବିଡ଼ିଓ ମାନେ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ନାପସନ୍ଦ କରିବା ସହିତ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଏହାର ସମାଧାନ କରି ଯାହାର ହକ ତାକୁ ଫେରାଇ ବୈଠକ କୁ ଶୃଙ୍ଖଳିତ କରିବା ପାଇଁ ଦାବି କରିଛନ୍ତି। ସେହିଭଳି ଚଳିତ ବୈଠକ ମୁଖ୍ୟତଃ ଉନ୍ନୟନମୂଳକ କାମର ପାତରଅନ୍ତର ନୀତିକୁ ନେଇ ସଭ୍ୟ ମାନେ ବର୍ଜନ କରିଥିବା ଜିଲ୍ଲା ପରିଷଦ ଅଧ୍ୟକ୍ଷ କହିଥିଲେ। ଅପରପକ୍ଷରେ ବର୍ତ୍ତମାନ ୨୦୨୪ ରୁ ୨୦୨୬ ମଧ୍ୟରେ ବିଜେପି ସରକାର ଆସିବା ପରେ ସମସ୍ତଙ୍କ ଦାବି ଅନୁସାରେ ପଦକ୍ଷେପ ନେଇ କାର୍ଯ୍ୟ କରି ପାଣ୍ଠି ଯୋଗାଇ ଦିଆଯାଇଛି। ବର୍ତ୍ତମାନ ବ୍ଲକ ସ୍ତରରେ ସେମାନଙ୍କ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ଏବଂ ଆଗାମୀ ଦିନ ରେ ସମସ୍ତ ଙ୍କୁ ନେଇ ଆଲୋଚନା କରି ପ୍ରତ୍ୟେକଙ୍କ ଦାବିକୁ ଗ୍ରହଣ କରାଯାଇ ପଦକ୍ଷେପ ନିଆଯିବ ବୋଲି ନବରଙ୍ଗପୁର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ବିଧାୟକ ଗୌରୀ ଶଙ୍କର ମାଝୀ ପ୍ରକାଶ କରିଥିଲେ। ଆଜିର ଆୟୋଜିତ ଜିଲ୍ଲା ପରିଷଦର ନବମ ସାଧାରଣ ବୈଠକରେ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ତଥା ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ , ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ମୋତିରାମ ନାୟକ, ନନ୍ଦାହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, ତେନ୍ତୁଳିଖୁଣ୍ଟି ଜିଲ୍ଲା ପରିଷଦ ସଦସ୍ୟ ରତି କାନ୍ତ ପଣ୍ଡା, ନନ୍ଦା ହାଣ୍ଡି ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟଦାନ ସୁନା, ଉମରକୋଟ ବିଧାୟକ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଙ୍କ ପ୍ରତିନିଧି,ନବରଙ୍ଗପୁର ସାଂସଦ ପ୍ରତିନିଧି , ଝରିଗାଁ ବିଧାୟକ ପ୍ରତିନିଧି, ଅତିରିକ୍ତ ଜିଲ୍ଲାପାଳ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଙ୍କ ସମେତ ଜିଲ୍ଲାର ବହୁ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା, ଜିଲ୍ଲା ବିଭିନ୍ନ ବିଭାଗର ବହୁ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ।

# ୧୯ ବର୍ଷରୁ କମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ଘୋଷଣା



ନବରଙ୍ଗପୁର, ୮।୫(ସମିସ): ରାଜ୍ୟ କ୍ରିକେଟ୍ ସଂଘ ଏବଂ ଜିଲ୍ଲା କ୍ରିକେଟ ସଂଘ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଷ୍ଟାଡିୟମ ପରିସରରେ ଆନ୍ତଃ ୧୯ ବର୍ଷରୁ କମ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ନିମନ୍ତେ ଏକ ୧୫ ଜଣିଆ ଦଳ ଚୟନକୁ କରାଯାଇଛି। ଉକ୍ତ ୧୫ ଜଣିଆ ଦଳକୁ କ୍ରିକେଟ ସଂଘର ସମ୍ପାଦକ ପ୍ରହଲ୍ଲାଦ ତ୍ରିପାଠୀ ଘୋଷଣା କରିଛନ୍ତି। ସେମାନେ ହେଲେ ରାଜ ସିଂ ରାଜପୁତ, ସୁମିତ୍ କୁମାର ବାଘ, ଶୁଭମ୍ ନାୟକ, ଅଙ୍କୁଶ କୁମାର, ଦେବେନ୍ଦ୍ର କୁମାର ରାଉତ, ସ୍ୱାଧୀନ ପଟ୍ଟନାୟକ, ଆୟୁଷ୍ମାନ ପଣ୍ଡା, ବୀରେନ୍ଦ୍ର ପାଣିଗ୍ରାହୀ, ପଙ୍କଜ ସତନାମି, ରାଜ ଦୀପ ବାଲା, ନିକଲେଶ ବୈଶାକ, ନିଶାନ୍ ଉଦୟ , ସାହିଲ ଖୁଜାର, ଖଗେଶ୍ୱର ଗଣ୍ଡ, ରିତ୍ ହରିଜନ ପ୍ରମୁଖ ଦଳରେ ସ୍ଥାନ ପାଇଛନ୍ତି। ମ୍ୟାନେଜର ଭାବରେ ସଂଘର ବରିଷ୍ଟ ସଦସ୍ୟ ଶଶାଙ୍କ ଶେଖର ବେହେରା ଏବଂ କୋଚ୍ ଭାବରେ ପ୍ରାକ୍ତନ କ୍ରୀଡାବିତ୍ ଅଶୋକ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। କ୍ରିକେଟ୍ ସଂଘ ର ସହ ସମ୍ପାଦକ ଏମ୍ ବାଲା କ୍ରୀଷ୍ଣା ରାଓ , ମିଡ଼ିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ ସମେତ ସଂଘର ଅନ୍ୟ ସମସ୍ତ ସଦସ୍ୟ ଖେଳାଳିଙ୍କ ସଫଳତା ନିମନ୍ତେ କାମନା କରିବା ସହ ଶୁଭେଚ୍ଛା ଜଣାଇଛନ୍ତି। ସୂଚନାଯୋଗ୍ୟ ଯେ କଟକ ଠାରେ ଏଇ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ। ଓଡ଼ିଶା କ୍ରିକେଟ ସଂଘ ଦ୍ୱାରା ଗଠିତ ୬ ଗୋଟି ଗ୍ରୁପ ମଧ୍ୟରୁ ନବରଙ୍ଗପୁର ଜିଲ୍ଲା ଦଳ ଗ୍ରୁପ ଏରେ ସ୍ଥାନ ପାଇଛି। ଜିଲ୍ଲା ଦଳ ଆସନ୍ତା ମେ ୧୧ ତାରିଖରୁ ୧୬ ମେ ପର୍ଯ୍ୟନ୍ତ ଏକ ଦିବସୀୟ ଫର୍ମାଟ ରେ ନୂଆପଡ଼ା, କେନ୍ଦ୍ରାପଡ଼ା, କନ୍ଧମାଳ, ସୁନ୍ଦରଗଡ଼ ଏବଂ ସମ୍ବଲପୁର -ବି ସହ ଲିଗ୍ ମ୍ୟାଚ୍ ଖେଳିବେ ବୋଲି ସୂଚନା ମିଳିଛି। ଚୟନ କାର୍ଯ୍ୟକ୍ରମରେ ଜି. ଚନ୍ଦ୍ର ଶେଖର, ଦୁର୍ଯୋ ହରିଜନ, ସୁବ୍ରତ ଗଣ୍ଡ ସମେତ କ୍ରିକେଟ୍ ସଂଘ ର ଅନ୍ୟ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଶ୍ରଦ୍ଧାଞ୍ଜଳି



୰ ବାଇନୁ ସ୍ୱାଁଇ
ଆବିର୍ଭାବ - ୧୦.୦୬.୧୯୯୧
ତିରୋଧାନ - ୨୯.୦୪.୨୦୨୬
ତୁ ଆମକୁ ଛାଡି ଏତେ ଶୀଘ୍ର ଅଫେରା ରାଇଜକୁ ଚାଲିଯିବୁ ଏହା ଆମ କଳ୍ପନା ବାହାରେ ଥିଲା। ତେବେ ତୁ ଯେଉଁଠି ଭି ଥା ଆକାଶରେ ଧ୍ରୁବ ହୋଇ ଝଟକୁ ଥା ଭଗବାନ ତୋର ଆତ୍ମାକୁ ଶାନ୍ତି ଦିଅନ୍ତୁ ଏହାହିଁ କାମନା ।
ଆଜିର ଦିନରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଜଣାଉଛୁ।
ତୋର ଅଭାଗା ପିତା, ମାତା, ଭାଇ, ଭାଉଜ,ଭଉଣୀ,ପୁତୁରା, ଝିଆରୀ, ଭଣଜା ଭାଣେଜୀ

## ଉମରକୋଟ ଥାନାରେ ଯୁବପିଢିଙ୍କୁ ସଚେତନତା



ଉମରକୋଟ,୮।୫ (ସମିସ): ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ପକ୍ଷରୁ ଯୁବପିଢିଙ୍କୁ ସଚେତନ ଓ ସଶକ୍ତ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏସ୍‌ଡିପିଓ ଶୁଭେନ୍ଦୁ ସବର, ଥାନା ଭାରପ୍ରାପ୍ତ ଅଧିକାରୀ ବିପିନ କୁମାର ବାଘ , ପୁଷ୍ପ ଲତା ସୁନାନି, ନରେନ୍ଦ୍ର ଗୋଲାପୀ , ବିଶ୍ୱ ରଞ୍ଜନ ପାଢ଼ୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଇନ ସଚେତନତା, ସାଇବର ସୁରକ୍ଷା ଓ ସମାଜ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଏହି କାର୍ଯ୍ୟକ୍ରମରେ ଜୋର ଦିଆଯାଇଥିଲା। ଉମରକୋଟ ଥାନା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅନେକ ଯୁବକ ଯୁବତୀ ଓ ସ୍କୁଲ କଲେଜ ଛାତ୍ରଛାତ୍ରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀମାନେ ଯୁବପିଢିଙ୍କୁ ନିଶା ସେବନର କୁପ୍ରଭାବ, ସାଇବର ଠକେଇ, ଟ୍ରାଫିକ ନିୟମ ଓ ସାମାଜିକ ଦାୟିତ୍ୱ ବିଷୟରେ ସଚେତନ କରାଇଥିଲେ।ଏହା ସହ ଯୁବମାନେ କିପରି ନିଜ ଶକ୍ତିକୁ ସକାରାତ୍ମକ କାମରେ ଲାଗାଇ ସମାଜ ଗଠନରେ ଭୂମିକା ନେଇପାରିବେ, ସେନେଇ ମଧ୍ୟ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ କହିଥିଲେ ଯେ, ଯୁବପିଢି ହେଉଛନ୍ତି ଦେଶର ଭବିଷ୍ୟତ ଓ ସେମାନଙ୍କ ସଚେତନତା ଦ୍ୱାରା ସୁସ୍ଥ ସମାଜ ଗଢିଉଠିବ। ଯୁବପିଢିଙ୍କୁ ସଚେତନ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ଉମରକୋଟ ପୋଲିସର ଏଭଳି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଉଛି।

### ରବି ଧାନ ସଂଗ୍ରହ କମିଟି ବୈଠକ

# କୋରାପୁଟ ଜିଲ୍ଲାରେ ଜୁନ୍ ୧ରୁ ଧାନ କିଣା

କୋରାପୁଟ,୮।୫(ସମିସ):

କୋରାପୁଟ ଜିଲ୍ଲାରେ ଜୁନ୍ ୧ତାରିଖରୁ ରବି ଧାନ କିଣା ଆରମ୍ଭ ହେବ ବୋଲି ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକରେ ନିଷ୍ପତି ହୋଇଛି। ସ୍ଥାନୀୟ ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲ୍ଲା ସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକରେ ଜିଲ୍ଲା ଯୋଗାଣ ବିଭାଗ ଦ୍ୱାରା ଆୟୋଜିତ ରବିଧାନକୁ ମଣ୍ଡି ମାଧ୍ୟମରେ ସଂଗ୍ରହ ଓ କ୍ରୟ କରାଯିବା ପାଇଁ ଖସଡ଼ା ପ୍ରସ୍ତୁତ ମଧ୍ୟ ଏହି ବୈଠକରେ ପ୍ରସ୍ତୁତ ହୋଇଛି। ଜୁନ ମାସ ୧ ତରିଖରୁ ମଣ୍ଡି ଖୋଲାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ୧୩ ଟି ଲ୍ୟାମ୍ପ୍‌ସ, ୩ ଟି ପାଣି ପଞ୍ଚାୟତ ସମେତ ମଣ୍ଡି ଗୁଡିକରେ ଧାନ କ୍ରୟ ୧ ମାସ ଧରି କରାଯିବ ବୋଲି ସେ କହିଛନ୍ତି। ତଥ୍ୟ ମୁତାବକ ଜିଲ୍ଲାରେ ୧୯୨୯୬ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜୀକୃତ କରିଛନ୍ତି। ପାଖାପାଖି ୨୨୦୦ ଚାଷୀ ପଞ୍ଜୀକରଣରୁ ବାଦ୍ ପଡିଛନ୍ତି। ସେହି ଚାଷୀ ମାନଙ୍କର ପଞ୍ଜୀକରଣ ପ୍ରକ୍ରିୟା କିପରି ହେବ ସେ ସମ୍ପର୍କରେ ସରକାରଙ୍କୁ ଜଣାଇ ଦିଆଯିବ




ବୋଲି ଜିଲ୍ଲାପାଳ କହିଛନ୍ତି। ଜିଲ୍ଲାର ବନ୍ଧୁଗାଁ, ପଟ୍ଟାଙ୍ଗୀ ଓ ଲମତାପୁଟ ବ୍ଲକର କୌଣସି ଚାଷୀ ମାନଙ୍କର ପଞ୍ଜୀକରଣ

- ▶ ସାର ଯୋଗାଣ ଅନିୟମିତତା ନେଇ ବର୍ଷିଲେ ତାରା
- ▶ ପଞ୍ଜୀକରଣରେ ବାଦ୍ ପଡିଥିବା ଚାଷୀଙ୍କୁ ସାମିଲ ପାଇଁ ଦାବି

ହୋଇ ନଥିବାରୁ ଉଦ୍‌ବେଗ ପ୍ରକାଶ ପାଇଛି। ଖରିଫରେ ସାର ଯୋଗାଣରେ ଚାଷୀ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏକର ପ୍ରତି ୧ବସ୍ତା ହିସାବରେ ଚାଷୀଙ୍କୁ ସାର ଦିଆଯାଇଛି। ଏପରିକି ଅନେକ ଚାଷୀଙ୍କୁ ସାର ମିଳିନାହିଁ। ଅପରପକ୍ଷେ ବାହାର ବ୍ୟବସାୟୀଙ୍କୁ ପର୍ଯ୍ୟାପ୍ତ ସାର କିପରି ମିଳୁଥିଲା ବୋଲି ଜୟପୁର ବିଧାୟକ ଉଦବେଗ ପ୍ରକାଶ କରିବା ସହ ବିଭାଗୀୟ ଅଧିକାରୀଙ୍କୁ ତାଗିଦ୍ କରିଛନ୍ତି। ବିଗତ ବର୍ଷର ଗଚ୍ଛିତ ଚାଉଳର ୮ ପ୍ରତିଶତ ମିଲର ମାନଙ୍କ ଠାରୁ ଉଠିଥିବା ବେଳେ ବଳକା ଚାଉଳ ଗଚ୍ଛିତ ରହିଛି। ଚଳିତ ବର୍ଷର ଧାନ ରଖିବା ପାଇଁ ଜାଗା ନାହିଁ ବୋଲି ମିଲର ମାନେ ଧାନ ଉଠାଇବାକୁ ମନା କରିଥିଲେ। ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି। ମଣ୍ଡିର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ କାଳବୈଶାଖୀ ଓ ଖରାରୁ କିପରି ଧାନ ସହ ଚାଷୀ ସୁରକ୍ଷା ପାଇବେ ତାହା ଉପରେ ଆଲୋଚନା ହୋଇଥିଲା। ଲ୍ୟାମ୍ପ, ସମବାୟ ବିଭାଗ ଓ ଆରଏମସି କିଛି କ୍ଷେତ୍ରରେ ଚାଷୀଙ୍କୁ ଅଣଦେଖା କରୁଛନ୍ତି ବୋଲି କୋଟପାଡ ବିଧାୟକ ରୁପୁ ଭତ୍ରା ଓ ପଟ୍ଟାଙ୍ଗୀ ବିଧାୟକ ରାମଚନ୍ଦ୍ର କାଡ଼ାମ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମବାୟ ବିଭାଗ ଓ ଆରଏମସି ସରକାରଙ୍କଠାରୁ ପର୍ଯ୍ୟାପ୍ତ ଅନୁଦାନ ପାଉଥିଲେ ମଧ୍ୟ ଧାନ କିଣା ଓ ମଣ୍ଡି ପରିଚାଳନାରେ ସହଯୋଗ ରଖୁ ନାହାଁନ୍ତି ବୋଲି ଦୁଇ ବିଧାୟକ ତ୍ରୁଟି ସୁଧାରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। କାମତାର ଚାଷୀ ନେତା ଚିତ୍ରସେନ ମିଶ୍ର ଗୃହରେ ମୁଣ୍ଡିଆ ମାରି ସ୍ୱୟଂ ସହାୟକ ଗୋଷ୍ଠୀକୁ ପୂର୍ବ ଭଳି ଧାନ କିଣିବାକୁ ଅନୁମତି ଦେବା ପାଇଁ ଜଣାଇଥିଲେ। ଏ ସମ୍ପର୍କରେ ଜିଲ୍ଲାପାଳ ସରକାରଙ୍କୁ ଜଣାଇ ୧ ସପ୍ତାହ ମଧ୍ୟରେ ନିଷ୍ପତି ନେବେ ବୋଲି କହିଛନ୍ତି। ବୈଠକରେ କୋରାପୁଟ ବିଧାୟକ ରଘୁରାମ ମାଛ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସସ୍ମିତା ମେଲେକାଙ୍କ ସମେତ ବିଭାଗୀୟ ଅଧିକାରୀ ଏବଂ ଚାଷୀ ମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଥାଲାସେମିଆ ଦିବସରେ ସଚେତନତା କାର୍ଯ୍ୟକ୍ରମ

ସୁନାବେଡା,୮।୫(ସମିସ): କୋରାପୁଟ ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମ୍ ପକ୍ଷରୁ ବିଶ୍ୱ ଥାଲାସେମିଆ ଦିବସ ଓ ବିଶ୍ୱ ରେଡକ୍ରସ ଦିବସ ପାଳନ ଅବସରରେ ସୁନାବେଡା ନିକଟସ୍ଥ ରାଜୁ ବିଡେଇ ଗ୍ରାମରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଫୋରମର ଉପଦେଷ୍ଟା ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଉପ ସଭାପତି ଗୋବିନ୍ଦ ବଲ୍ଲଭ ପାଢ଼ୀ, କୋଷାଧକ୍ଷା ଶାହେଦା ପରୱିନ ପ୍ରମୁଖ ଯୋଗ ଦେଇ ଥାଲାସେମିଆ ରୋଗର ଲକ୍ଷଣ, କାରଣ ଏବଂ ନିରାକରଣ ବିଷୟରେ ଲୋକଙ୍କୁ ସଚେତନ କରାଇବା ସହ " ବିବାହ ପୂର୍ବରୁ କିମ୍ବା ଗର୍ଭାବସ୍ଥାରେ ଥାଲାସେମିଆ ପରୀକ୍ଷା (ସ୍କ୍ରିନିଙ୍ଗ) କରିବା ଦ୍ୱାରା ଏହି ରୋଗକୁ ରୋକାଯାଇପାରିବ ବୋଲି ସଭାରେ ଉପସ୍ଥିତ ଯୁବକ ଯୁବତୀ ମାନଙ୍କୁ ଜଣାଇଥିଲେ।




ଏତଦ୍ ବ୍ୟତୀତ ଅନ୍ତର୍ଜାତୀୟ ସେବା ସଂସ୍ଥା ରେଡକ୍ରସର ଉତ୍ପତ୍ତି ଓ କାର୍ଯ୍ୟକଳାପ ସମ୍ପର୍କରେ ଅବଗତ କରାଇବା ସହ ସ୍ୱେଚ୍ଛାକୃତ ରକ୍ତଦାନ, ସ୍ୱଚ୍ଛତା ଓ ପରିବେଶର ସୁରକ୍ଷା ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଇଥିଲେ। ଏହି ଅବସରରେ ଫୋରମ୍ ପକ୍ଷରୁ ଏକ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମର ଯୁବକ ଯୁବତୀ ମାନେ ହାତରେ ପ୍ଲାକାର୍ଡ ଧରି ରକ୍ତ ପରୀକ୍ଷା କରନ୍ତୁ, ଥାଲାସେମିଆକୁ ରୋକନ୍ତୁ। "ବିବାହ ପୂର୍ବରୁ ଜେନେଟିକ୍ ପରୀକ୍ଷା, ଥାଲାସେମିଆରୁ ସୁରକ୍ଷେ, ରକ୍ତଦାନ କରନ୍ତୁ, ଥାଲାସେମିଆ ପୀଡ଼ିତଙ୍କ ଜୀବନ ବଞ୍ଚାନ୍ତୁ ଆଦି ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଡିବିଡିଏମଏଫ୍‌ର ସାଧାରଣ ସମ୍ପାଦକ ଶେଖ ଇବ୍ରାହିମ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଯୁଗ୍ମ ସମ୍ପାଦକ ସତ୍ୟ ବିଲସେନ ଧନ୍ୟବାଦ ଅର୍ପଣ କରିଥିଲେ। ରାଜୁ ବିଡେଇ ଗ୍ରାମର ସ୍ୱେଚ୍ଛାସେବୀ ଧନପତି ଗୁଣ୍ଡା, ଗୋପାଳ ମୁଦୁଲି, ମାଳତୀ ନାୟକ, ରୁବିନା, ଭଗୁ ଗେମେଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏରୋନଟିକ୍ସ ମହାବିଦ୍ୟାଳୟରେ ବିଶ୍ୱ ରେଡକ୍ରସ ଦିବସ




ସୁନାବେଡ଼ା,୮।୫(ସମିସ); ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭାଗୃହରେ ବିଶ୍ୱ ରେଡକ୍ରସ ଦିବସ ପାଳନ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦଙ୍କ ସଭାପତିତ୍ୱରେ ବରେଣ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଉପାଧ୍ୟକ୍ଷ ଓ ଇଂରାଜୀ ବିଭାଗର ମୁଖ୍ୟ ଡକ୍ଟର ସଞ୍ଜୟ ପୁରୋହିତ ଏବଂ ବକ୍ତା ଭାବରେ ଗଣିତ ବିଭାଗର ମୁଖ୍ୟ ବରିଷ୍ଠ ପ୍ରାଧ୍ୟାପକ ଗୌରୀଶଙ୍କର ରଥ ଯୋଗଦେଇ ରେଡକ୍ରସର ଇତିହାସ ଓ ତାହାର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ସଭାକୁ ମହାବିଦ୍ୟାଳୟର ଯୁବ ରେଡକ୍ରସର ପରାମର୍ଶଦାତା ଡକ୍ଟର ଶାନ୍ତନୁ ନାୟକ ସଂଯୋଜନା କରିଥିଲାବେଳେ ସହଯୋଗୀ ପରାମର୍ଶଦାତା ଅଧ୍ୟାପିକା ଚିନ୍ମୟୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ବରିଷ୍ଠ ପ୍ରାଧ୍ୟାପିକା ହିରଣ୍ମୟୀ ତ୍ରିପାଠୀ, ପ୍ରଜ୍ଞା ଦେବହୁତି ଦାସ, ଅଧ୍ୟାପକ ଦିଲ୍ଲୀପ ସାମଲ, ମଦନ ହରିଜନ, ଉତ୍କର୍ଷା କୁମାରୀ, ବିଶ୍ୱଜିତ ନାଏକ, ସତ୍ୟବ୍ରତ ସାହୁ, ପ୍ରମୋଦ ବିନ୍ଧାଣି ଆଦିଙ୍କ ସଙ୍ଗେ ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।

## 'ହିଣ୍ଡାଲ୍‌କୋ' ସହଯୋଗରେ ଆଞ୍ଚଳିକ ଭଲିବଲ୍ ପ୍ରତିଯୋଗିତା

ସେମିଳିଗୁଡ଼ା,୮।୫(ସମିସ): ଗ୍ରାମାଞ୍ଚଳରେ ଯୁବ ପ୍ରତିଭାର ବିକାଶ ସହିତ ସ୍ଥାନୀୟ ଅଞ୍ଚଳରେ ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଭାଇଚାରା ବୃଦ୍ଧି କରିବା ନିମନ୍ତେ କୋରାପୁଟ ଜିଲ୍ଲାର ସେମିଳିଗୁଡା ବ୍ଲକ ଅନ୍ତର୍ଗତ ଦଲେଇଗୁଡା ପଞ୍ଚାୟତର ଡୋଳିଆମ୍ବ ଗ୍ରାମଠାରେ ଏକ ଆଞ୍ଚଳିକ ଭଲିବଲ ପ୍ରତିଯୋଗୀତା ଅୟୋଜିତ ହୋଇଯାଇଛି। ମେ ୧ ତାରିଖରୁ ଆରମ୍ଭ ହୋଇ ୬ ତାରିଖରେ ସମାପ୍ତ ହୋଇଥିବା ଉକ୍ତ ପ୍ରତିଯୋଗିତାକୁ ଡୋଳିଆମ୍ବ ଯୁବକ ସଂଘ ପକ୍ଷରୁ ଆୟୋଜିତ କରାଯାଇଥିବାବେଳେହିଣ୍ଡାଲକୋ ସେମିଳିଗୁଡା ଏଥିପାଇଁ ସହଯାଗ ପ୍ରଦାନ କରିଥିଲେ। ୬ଦିନ ଧରି ଚାଲିଥିବା ଉକ୍ତ ପ୍ରତିଯୋଗୀତାରେ ସେମିଳିଗୁଡା, ନନ୍ଦପୁର ଓ ପଟାଙ୍ଗି ବ୍ଲକରୁ ମୋଟ ୧୬ଟି ଦଳ ଭାଗ ନେଇଥିଲେ। ସେଥିମଧ୍ୟରେ ପୁରିଆ ଖୁଡି, ତେନ୍ତୁଲିଗୁଡା, ପଟାଙ୍ଗି, ପେଟକୋଣା, କଣ୍ଟାଗୁଡା, ମାଟାଲାମ୍, କଙ୍କଡାଆମ୍ବ, ମାଟିଆଗୁଡା, କୋଟିଆ, ଏସ୍‌ଏମ୍‌ଜି, କୋଣ୍ଡା ସାହି, ଡୋଳିଆମ୍ବ ଓ ଭିତରକୋଟା ଭାଗ ନେଇଥିଲେ। ମେ ୬ ତାରିଖରେ ଅୟୋଜିତ ଫାଇନାଲ ମ୍ୟାଚରେ ଆର.କେ ମାଳିଗୁଡ଼ା ଏବଂ କୋଟିଆ ମଧ୍ୟରେ ଖେଳା ଯାଇଥିବା ପ୍ରତିଯୋଗୀତାରେ କୋଟିଆ ଦଳ ବିଜୟ ଲାଭ କରି ପ୍ରଥମ ପୁରସ୍କାର ଓ ବିଜୟ ଟ୍ରଫି ଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ହିଣ୍ଡାଲକୋର ସି ଏସ୍ ଆର ମ୍ୟାନେଜର ପ୍ରକାଶ ସାହୁ, ଅଶୋକ ସିହ୍ନା ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କାର ବିତରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଞ୍ଚଳର ରାଜେଶ କୁଲଦିପ, ବାବାଜି ପାଙ୍ଗି, ଅଜିତ ବେନିଆ, ମହନ୍ତ ଖୋସଲା ଆଦି ପୁରସ୍କାର ବିତରଣ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତାର ଆୟୋଜକ ଡୋଳିଆମ୍ବ ଯୁବକ ସଂଘର ଜଗବନ୍ଧୁ ସାକିଆ, ଅଜିତ, ମଣ୍ଟୁ, ହମନ, ନିକୁ, ଗିଟୁ, ରୋହନ, ରାଜ, ରାଜା, ଅମିତ ଓ ନିଖିଲ ଆଦି ଖେଳକୁ ପରିଚାଳନା କରିଥିଲେ।



## ନବରଙ୍ଗପୁର ଓକିଲ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର



ନବରଙ୍ଗପୁର,୮।୫(ସମିସ):

ନବରଙ୍ଗପୁର ଜିଲ୍ଲା ଆଇନଜୀବୀ ସଂଘ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପ୍ରକ୍ରିୟା ଶେଷ ହୋଇଛି। ୩ଟି କାର୍ଯ୍ୟକାରୀ ସଦସ୍ୟ ପଦବୀରେ ୪ ଜଣ ନାମାଙ୍କନ କରିଥିବା ବେଳେ ଆଇନଜୀବୀ ଶ୍ରୀନିବାସ ପାତ୍ର ନିଜ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିଛନ୍ତି। ଏହି କ୍ରମରେ ପ୍ରାର୍ଥୀ ରୂପେ ସଭାପତି ପଦବୀ ପାଇଁ ସିରାଜୁଦ୍ଦିନ ଅହମ୍ମଦ ଓ ସନ୍ତୋଷ କୁମାର ମିଶ୍ର, ସମ୍ପାଦକ ପଦବୀ ପାଇଁ ତପନ କୁମାର ସିଂ ଓ କିଶୋରୀ ପଟ୍ଟନାୟକ ନିର୍ବାଚନ ମଇଦାନକୁ ଅହ୍ଲାଇଛନ୍ତି। ଅପରପକ୍ଷେ ଉପ ସଭାପତି ପଦବୀ ପାଇଁ ସ୍ନେହଲତା ଦେବୀ, ଯୁଗ୍ମ ସମ୍ପାଦକ ପଦବୀ ପାଇଁ ସ୍ୱାଗତିକା ସାମନ୍ତରାୟ, କୋଷାଧକ୍ଷ ପଦବୀ ପାଇଁ ଶେଖ ବାବା ଅଲିଶା, କାର୍ଯ୍ୟକାରୀ ସଦସ୍ୟ ପଦବୀ ପାଇ ପ୍ରଶାନ୍ତ ପଟ୍ଟନାୟକ, ଗୋପାଳ ଶତପଥୀ ଓ ବାଲାଜୀ ପ୍ରସାଦ ମିଶ୍ର ଅପ୍ରତିଦ୍ୱନ୍ଦୀ ପ୍ରାର୍ଥୀ ତାଲିକାରେ ସ୍ଥାନ ପାଇଛନ୍ତି। ଚଳିତ ନିର୍ବାଚନରେ ମୋଟ ୯ ଗୋଟି ପଦବୀ ପାଇଁ ୧୧ ଜଣ ନାମାଙ୍କନ ଦାଖଲ କରିଥିଲେ। ମହିଳା ଆଇନଜିବୀ ମାନଙ୍କ ପାଇଁ ସଂରକ୍ଷିତ ୩ଟି ପଦବୀ ମଧ୍ୟରୁ କାର୍ଯ୍ୟକାରୀ ସଦସ୍ୟା ପଦବୀରେ ନାମାଙ୍କନ ହୋଇ ନଥିବାରୁ ଏହି ପଦବୀ ଖାଲି ପଡିଛି। ଆଗାମୀ ୨୩ ତାରିଖ ଦିନ ସଭାପତି ଓ ସମ୍ପାଦକ ପଦବୀ ପାଇଁ ଭୋଟ ଗ୍ରହଣ କରାଯିବ। ଉକ୍ତ ଦିବସରେ ସକାଳ ସାଢ଼େ ୭ଟାରୁ ମଧ୍ୟାହ୍ନ ୩ ଘଣ୍ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବାକୁ ଥିବା ବେଳେ ଅପରାହ୍ନ ୪ଘଣ୍ଟାରୁ ଭୋଟ ଗଣତି ଓ ନିର୍ବାଚନ ଫଳାଫଳ ଘୋଷଣା କରାଯିବ। ଉକ୍ତ ଦିବସରେ ମୋଟ ୧୮୬ ଜଣ ଆଇନଜୀବୀ ମାନେ ନିଜ ନିଜ ମତ ସାବ୍ୟସ୍ତ କରିବେ। ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଆଇନଜୀବୀ ସରୋଜ କୁମାର ବେହେରା, ସହକାରୀ ନିର୍ବାଚନ ଅଧିକାରୀ ଆଇନଜୀବୀ କିଶୋର କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ସାହୁ ପରିଚାଳନା କରୁଛନ୍ତି।

## ସାହି ବୁଲୁଛନ୍ତି ଅଗ୍ନିଗଙ୍ଗାମ୍ମା



ସେମିଳିଗୁଡା, ୮।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡ଼ାର ପ୍ରସିଦ୍ଧ ଅଗ୍ନି ଗଙ୍ଗା ମା'ଙ୍କ ନବ ଦିନାତ୍ମକ ଘଟଯାତ୍ରା ଚାଲୁ ରହିଥିବା ବେଳେ ନୀତି ଓ ପରମ୍ପରା ଅନୁସାରେ ପ୍ରତିଦିନ ମା' ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରି ସାହିର ଘର ଘରକୁ ଯାଉଛନ୍ତି। ଏଥିରେ ପ୍ରତ୍ୟେକ ସାହିର ଘରେ ମା'ଙ୍କ ଲାଗି ଧୂପ ଦୀପ, କୁମ୍ଭ ଓ ନୈବେଦ୍ୟ ଦୁଆର ମୁହଁରେ ଘରର ମହିଳା ମାନେ ରଖିଥାନ୍ତି। ଯାହା ମା'ଙ୍କ ନିକଟରେ ପୂଜା କରାଯାଉଥିବା ଦେଖିବାକୁ ମିଳିଛି। ପରେ ମା' ଘରେ ଘରେ ପୂଜା ପାଇ ବିଳମ୍ବିତ ରାତିରେ ଅସ୍ଥାୟୀ ମଣ୍ଡପରେ ବିଶ୍ରାମ ନେଉଛନ୍ତି। ଯାତ୍ରା ଆସନ୍ତା ବୁଧବାର ପର୍ଯ୍ୟନ୍ତ ଚାଲିବ। ପୂଜା ମଣ୍ଡପରେ ବହୁତ ଭିଡ଼ ଜମୁଛି। ଯାତ୍ରା ପାଇଁ ସହରରେ ଅଧାତ୍ମିକ ବାତାବରଣ ସୃଷ୍ଟି ହୋଇଛି।

## କିଶୋରକିଶୋରୀଙ୍କୁ ପୁଲିସ ସହ ଯୋଡ଼ିବାର ପ୍ରୟାସ



ଆମ୍ବଦଳା, ୮।୫(ସମିସ): ରାୟଗଡ଼ ଜିଲ୍ଲାର ପ୍ରତ୍ୟେକ ଥାନାରେ ଆଜି 'ଜୁଭେନଟିକା-ସିଡବ୍ଲ୍ୟୁପିଓ ଆଉଟ୍‌ରିଚ ୱିଥ୍ ଆଡୋଲେସେଣ୍ଟସ୍' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଆମ୍ବଦଳା ଥାନା ପରିସରରେ ମଧ୍ୟ ସଚେତନତାମୂଳକ ଆଉଟରିଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କିଶୋରକିଶୋରୀମାନଙ୍କ ମନରୁ ଥାନା ପ୍ରତି ଥିବା ଭୟ ଦୂର କରି ସେମାନଙ୍କୁ ପୁଲିସ ସହ ସହଜରେ ଯୋଡ଼ିବା ଏବଂ ସୁରକ୍ଷା ସମ୍ପର୍କରେ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ। ଆଜିର ଡିଜିଟାଲ ଯୁଗରେ କିଶୋରକିଶୋରୀମାନେ ବିଭିନ୍ନ ଡିଜିଟାଲ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛନ୍ତି। ସୋସିଆଲ ମିଡିଆର ପ୍ରଭାବ, ମାନସିକ ଚାପ ଓ ଅନ୍ୟାନ୍ୟ କାରଣରୁ କିଶୋରମାନଙ୍କ ମଧ୍ୟରେ ମାନସିକ ସମସ୍ୟା ବୃଦ୍ଧି ପାଉଥିବା ବେଳେ ଆହେତ୍ୟା ଭଳି ଘଟଣା ମଧ୍ୟ ବଢୁଛି। ଏହି ପରିସ୍ଥିତିକୁ ଗୁରୁତ୍ୱ ଦେଇ ପୁଲିସ ପକ୍ଷରୁ ସଚେତନତା ଓ ପରାମର୍ଶ ମାଧ୍ୟମରେ କିଶୋରକିଶୋରୀଙ୍କୁ ସୁରକ୍ଷିତ ପରିବେଶ ଦେବାକୁ ଏହି ପ୍ରୟାସ କରାଯାଉଛି। ଅମ୍ବାଦଳା ଥାନା ଅଞ୍ଚଳର ପାଞ୍ଚଟି ଅଙ୍ଗନବାଡି କେନ୍ଦ୍ର ସହଯୋଗରେ ପ୍ରତ୍ୟେକ କେନ୍ଦ୍ରରୁ ୨୫ ଜଣ ଲେଖାଏ ପିଲାଙ୍କୁ ଥାନାକୁ ଆଣାଯାଇ ସେମାନଙ୍କୁ ଥାନାର କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପରିଚିତ କରାଯାଇଥିଲା। ଏହା ସହ ଶିଶୁ କଲ୍ୟାଣ ସୁରକ୍ଷା ଅଧିକାରୀଙ୍କ ଭୂମିକା, ଆଇଆଇସିଙ୍କ ଦାୟିତ୍ୱ ଏବଂ ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କର କାର୍ଯ୍ୟ ସମ୍ପର୍କରେ ପିଲାମାନଙ୍କୁ ଅବଗତ କରାଯାଇଥିଲା। ଏହି ଆଉଟରିଚ କାର୍ଯ୍ୟକ୍ରମ ଦ୍ୱାରା କିଶୋରକିଶୋରୀମାନେ ଭୟମୁକ୍ତ ଭାବରେ ପୁଲିସଙ୍କ ସହ ସମ୍ପର୍କ ସ୍ଥାପନ କରିପାରିବେ ଏବଂ ନିଜ ସମସ୍ୟା ସହଜରେ ଜଣାଇପାରିବେ ବୋଲି ଆମ୍ବଦଳା ଥାନା ଆଇଆଇସି ସୂର୍ଯ୍ୟ ଚନ୍ଦ୍ର ପାଢ଼ୀ କହିଥିଲେ।

# ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପିଡିଙ୍କ ତଦନ୍ତ

### ପୌର ସଫେଇ ଟେଣ୍ଡରରେ ଅନିୟମିତତା ଅଭିଯୋଗ

ଜୟପୁର, ୮।୫(ସମିସ) : କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ସଫେଇ କାର୍ଯ୍ୟ ପାଇଁ ଟେଣ୍ଡର ଲଟେରୀ ଉଠାଣ ପ୍ରକ୍ରିୟାରେ ବ୍ୟାପକ ଅନିୟମତା ହୋଇଥିବା ନେଇ ଅଭିଯୋଗ କ୍ରମେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଜି ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା(ଡୁଡା)ର ପ୍ରକଳ୍ପ ନିର୍ଦ୍ଦେଶକ (ପି.ଡି) ଜୟପୁର ପୌରସଂସ୍ଥା କାର୍ଯ୍ୟାଳୟ ଠାରେ ପହଞ୍ଚି ତଦନ୍ତ କରିଛନ୍ତି। ପୂର୍ବାହ୍ନରେ ୧୧ଟା ସମୟରେ ଡୁଡାର ପିଡି ତପନ କୁମାର ନାୟକ କାର୍ଯ୍ୟାଳୟ ଠାରେ ପହଞ୍ଚି ପ୍ରାୟ ୩ ଘଣ୍ଟା ସମୟ ପର୍ଯ୍ୟନ୍ତ ପୌର ନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟ ଚାମ୍ବରରେ ବସି ଟେଣ୍ଡର ପ୍ରକ୍ରିୟାର କାଗଜପତ୍ର ଯାଞ୍ଚ କରିଥିଲେ। ଅନ୍ତିମ ପର୍ଯ୍ୟାୟରେ ଯୋଗ୍ୟତା ହାସଲ କରିଥିବା ୩ଟି ଠିକାସଂସ୍ଥାର ପ୍ରତିନିଧିଙ୍କ ଉପସ୍ଥିତିରେ ବିବାଦିୟ ଲଟେରୀ ପ୍ରକ୍ରିୟାର ମଧ୍ୟ ଭିଡିଓ ଓ ସିସି ଟିଭି ଯାଞ୍ଚ କରିଥିଲେ। ପି.ଡି ଶ୍ରୀ ନାୟକ ଏହି ଟେଣ୍ଡର ପ୍ରକ୍ରିୟାର ବିଭିନ୍ନ ପର୍ଯ୍ୟାୟରେ ଦାଖଲ ଟେଣ୍ଡର ପେପର ଯାଞ୍ଚ ବେଳେ ବୈଷୟିକ ବିଶେଷଜ୍ଞ ଭାବେ ଟେଣ୍ଡର କମିଟିର ସଦସ୍ୟ ତଥା ପୌରଯନ୍ତ୍ରୀ, ଆର୍ଥିକ ବିଶେଷଜ୍ଞ ଭାବେ ଆକାଉଣ୍ଟାଣ୍ଟ ଏବଂ ଅଡିଟରଙ୍କୁ ମଧ୍ୟ ପଚରାଉଚରା କରିଥିଲେ। ସମସ୍ତ ଘଟଣାର ପ୍ରମାଣ ସହିତ ଏକ ବିସ୍ତୃତ ରିପୋର୍ଟ କରାଯାଇ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ବୋଲି ତଦନ୍ତକାରୀ ଅଧିକାରୀ ଡୁଡା (ପି.ଡି) ଶ୍ରୀ ନାୟକ ପ୍ରକାଶ କରିଛନ୍ତି। ଏହି ଅବସରରେ ଭାରପ୍ରାପ୍ତ ପୌର ନିର୍ବାହୀ ଅଧିକାରୀ ଛୁଟିରେ ରହିଥିବା ଯୋଗୁଁ ଅନୁପସ୍ଥିତ ରହିଥିଲେ। ଟେଣ୍ଡର କମିଟିର ଅଧ୍ୟକ୍ଷ ତଥା ପୌରାଧ୍ୟକ୍ଷ ନରେନ୍ଦ୍ର ମହାନ୍ତି ପୌରକାର୍ଯ୍ୟାଳୟର ନିଜସ୍ୱ କକ୍ଷରେ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ଜୟପୁର ପୌରସଂସ୍ଥାର ଆସନ୍ତା ବର୍ଷ ସହରର ସଫେଇ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହିପରି ସମୁଦାୟ ୧୦ ଜଣ ଅନ୍‌ଲାଇନ ଟେଣ୍ଡର ପ୍ରକ୍ରିୟାର ସାମିଲ ହୋଇଥିଲେ। ସେଥିମଧ୍ୟରୁ ୯ଜଣ ଯୋଗ୍ୟତା ହାସଲ କରିଥିଲେ। ପୌରସଂସ୍ଥାର ଟେଣ୍ଡର ନିୟମ ଏବଂ ବୈଷୟିକ ଯାଞ୍ଚ ବେଳେ ମାତ୍ର ୫ଜଣ ଯୋଗ୍ୟତା ହାସଲ କରିଥିଲେ। ଏହାପରେ ଆର୍ଥିକି ଯାଞ୍ଚ ବେଳେ ମାତ୍ର ୩ଜଣ ଅନ୍ତିମ ପର୍ଯ୍ୟାୟ ଏବଂ ସମାନ ଟଙ୍କାରେ ଟେଣ୍ଡର ଦାଖଲ କରିଥିବା ଯୋଗୁଁ ଲଟେରୀ ମାଧ୍ୟମରେ କମିଟିର ଅଧ୍ୟକ୍ଷ ଓ ଅଧିକାଂଶ ସଦସ୍ୟ ଉପସ୍ଥିତିରେ ଉଠାଣ କରାଯାଇଥିଲା। କିନ୍ତୁ ୩ଟି ଲିଖିତ ଚିଟ୍‌କୁ ନେଇ ଲଟେରୀ ସମୟରେ ଗୋଟିଏ ଚିଟ୍ ଟେବୁଲ ତଳକୁ ଖସିପଡିଥିଲା। ଏହାକୁ ଉଠାଯାଇ ପୁଣି ଲଟେରୀ କରାଯାଇଥିଲା। ଗୋଟିଏ ଚିଟ୍‌କୁ ଉଠାଯାଇଥିଲା ଏହା ଚନ୍ଦନ ସିକ୍ୟୁରିଟି ନାମକ ଭାଗ ନେଇଥିବା ଠିକାସଂସ୍ଥାର ନାମରେ ବାହାରିଥିଲା। କିନ୍ତୁ ଉକ୍ତ ତଳେ ପଡିଥିବା ଚିଟକୁ ଉଠାଣ ବେଳେ ମୋଡି ଦିଆଯାଇଥିବା ଅଭିଯୋଗ ନେଇ ଏହି ଟେଣ୍ଡର ପ୍ରକ୍ରିୟାରେ ଭାଗ ନେଇ ପିଏମଆପ କନ୍ସଟ୍ରୁଉମ ନାମକ ସଂସ୍ଥାର ପ୍ରତିନିଧି ବିରୋଧ କରିବା ସହିତ ବ୍ୟାପକ ଅନିୟମତା ହୋଇଥିବା ନେଇ ଅଭିଯୋଗ କରିଥିଲେ। ଲଟେରୀ ପ୍ରକ୍ରିୟା ବିବାଦୀୟ ହୋଇଥିବା ଦର୍ଶାଇଥିଲେ। ଏହାପରେ ପୌରସଂସ୍ଥା ପକ୍ଷରୁ କିଛି ସମୟ ପରେ ଆଲୋଚନା କରାଯାଇ ପୁଣି ସମସ୍ତ ୩ ଜଣ ଭାଗ ନେଇଥିବା ଠିକାସଂସ୍ଥାର ଲଟେରୀ ପ୍ରକ୍ରିୟାର ମତାମତ ଅନୁଯାୟୀ ପୁଣି ଲଟେରୀ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ଲଟେରୀରେ ଅଭିଯୋଗ କରିଥିବା ପିଏମଆର ନାମକ ଠିକାସଂସ୍ଥାର ଉଠାଣ ଚିଟରେ ନାମ ବାହାରିଥିଲା। କିନ୍ତୁ ପୁଣି ଦ୍ୱିତୀୟ ଥର ଲଟେରୀ ପ୍ରକ୍ରିୟାକୁ ଭାଗ ନେଇଥିବା ଅନ୍ୟ ଦୁଇଟି ଠିକାଦାରୀ ସଂସ୍ଥାର ପ୍ରତିନିଧି ମାନେ ବିରୋଧ କରିଥିଲେ। ଫଳରେ ଲଟେରୀ ପ୍ରକ୍ରିୟା ବିବାଦୀୟ ହୋଇପଡିଥିବା ଯୋଗୁଁ ପରବର୍ତ୍ତୀ ନିଷ୍ପତି ଗ୍ରହଣ କରାଯିବା କହି ପୌରସଂସ୍ଥା କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିଥିଲେ। ଏଥିନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହୋଇଥିଲା। ସେହିପରି ପୌରସଂସ୍ଥାର ୪ଜଣ କାଉନ୍‌ସିଲର ସଫେଇ ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମତା ହୋଇଥିବା ସହିତ ଏହାର ଯାଞ୍ଚ କରିବାକୁ ଗତ ସୋମବାର ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠରେ ଅଭିଯୋଗ କରିଥିଲେ। ଏଥିନେଇ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ତଦନ୍ତ କରାଯିବ ବୋଲି ପ୍ରତିଶୃତି ଦେଇଥିଲେ। ଜିଲ୍ଲାପାଳ ଶେଷରେ ଡୁଡାର ପି.ଡିଙ୍କୁ ଏହାର ତଦନ୍ତ ଦାୟୀତ୍ୱ ଦେବା ସହିତ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ପ୍ରଶାସନ ପକ୍ଷରୁ ଜୟପୁର ପୌରସଂସ୍ଥାର ସଫେଇ ଟେଣ୍ଡର ଅନିୟମତା ଅଭିଯୋଗର ଯାଞ୍ଚକୁ ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ସ୍ୱାଗତ କରିଛନ୍ତି। ଏଥିରେ କୌଣସି ଅନିୟମିତତା ହୋଇଥିବା ତଦନ୍ତରେ ଜଣାପଡିବା, ସେଥିପାଇଁ ଯେକୌଣସି ବ୍ୟକ୍ତି କିମ୍ବା ପଦାଧିକାରୀ ସଂଶ୍ଳିଷ୍ଟ ରହିଥିବେ, ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଅନୁରୋଧ କରିବେ ବୋଲି କହିଛନ୍ତି। ସେହିପରି ପୌରସଂସ୍ଥାର କିଛି କାଉନ୍‌ସିଲର ବୈଠକରେ ଗ୍ରହଣ କରାଯାଇଥିବା ପ୍ରସ୍ତାବ ଗୁଡିକରେ ବୈଠକରେ ରାଜି ହେଉଥିଲେ ସୁଦ୍ଧା ପରବର୍ତ୍ତୀ ମୁହୂର୍ତ୍ତରେ କିଛି ଜାଣିନଥିବା ନେଇ ଗଣମାଧ୍ୟମରେ ପ୍ରକାଶ କରିବା ଦୁର୍ଭାଗ୍ୟର ବିଷୟ ବୋଲି କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ଉତ୍ତମ ଭବିଷ୍ୟତ ଗଠନ ପାଇଁ ଆଶାବାଦୀ ହେବା ଆବଶ୍ୟକ।
-ନୋମ୍ ଚୋମସ୍କି

## ଆନ୍ଧ୍ରର ଚୀନ୍ ନୀତି

ଓଡ଼ିଶା ସୀମାନ୍ତ ଗ୍ରାମମାନଙ୍କରେ ଆନ୍ଧ୍ରପ୍ରଦେଶର ଅନୁପ୍ରବେଶ ଓ ଦାଦାଗିରି ପୁଣି ଥରେ ଦେଖିବାକୁ ମିଳିଛି। କୋରାପୁଟ ଜିଲ୍ଲାର ବିବାଦୀୟ କୋଟିଆ ଗ୍ରାମପୁଞ୍ଜର ଫାଟୁସିନେରି, ଫଗୁଣସିନେରି ଓ ଗଞ୍ଜେଇପଦର ପଞ୍ଚାୟତ ଏବଂ ଗଜପତି ଜିଲ୍ଲା ରାୟଗଡ଼ ବ୍ଲକ ଅଧୀନସ୍ଥ ସୀମାନ୍ତ ଗଙ୍ଗାବାଡ଼ ପଞ୍ଚାୟତର ମାଣିକପାଟଣା ଓ ଗୁଡ଼ିଖୁଡ଼ି ଭଳି ଗାଁରେ ଆନ୍ଧ୍ରପ୍ରଦେଶ ପ୍ରଶାସନ ମନମୁଖି ଜନଗଣନା ଆରମ୍ଭ କରିଛି। ଓଡ଼ିଶା ପ୍ରଶାସନ ପକ୍ଷରୁ ଗୃହଗଣନା ପାଇଁ ପ୍ରତି ଘର ଆଗରେ ଲେଖାଯାଇଥିବା ନମ୍ବର ଉପରେ ଆନ୍ଧ୍ର କର୍ମଚାରୀମାନେ ରଙ୍ଗବୋଳି ନୂଆ ନମ୍ବର ଲେଖିଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ପରେ ଜିଲ୍ଲା ପ୍ରଶାସନ ଚେତିଛି।

ଆନ୍ଧ୍ରପ୍ରଦେଶର ଏଭଳି ଦାଦାଗିରି ପଛରେ କେବଳ ସୀମାବିବାଦ ହିଁ ଏକମାତ୍ର କାରଣ ନୁହେଁ। ମୁଖ୍ୟତଃ ସ୍ଥାନୀୟ ଅଧିବାସୀଙ୍କ ସରକାରୀ ସୁବିଧା ପାଇବାର ମାନସିକତା ସହିତ ପ୍ରଶାସନିକ ଅବହେଳାକୁ ଏଥିପାଇଁ ଦାୟୀ କରାଯାଇପାରେ। ତେଣୁ ସୀମାନ୍ତବର୍ତ୍ତୀ ପରିବାରମାନେ ଆନ୍ଧ୍ର କର୍ମଚାରୀଙ୍କୁ ସମର୍ଥନ କରୁଛନ୍ତି, ଯାହା ଓଡ଼ିଶା ଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି। ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ପୂରଣ କରିବାରେ ପ୍ରଶାସନିକ ଅଧିକାରୀମାନଙ୍କର ଦୀର୍ଘଦିନର ଅବହେଳା ଏବଂ ଭିତ୍ତିଭୂମି ବିକାଶରେ ଉଦାସୀନତାର ପରିଣାମ କ'ଣ ହୋଇପାରେ ତାହାର ଉଦାହରଣ ରୂପେ କୋଟିଆ ଗ୍ରାମପୁଞ୍ଜକୁ ନିଆଯାଇପାରେ। କିନ୍ତୁ ଗଙ୍ଗାବାଡ଼ ଯେ ପୁଣି ଏକ କୋଟିଆ ହେବାକୁ ଯାଉଛି ତାହା ନା ସ୍ଥାନୀୟ ପ୍ରଶାସନ ନା ଶାସନ ଗୁରୁତ୍ୱର ସହିତ ନେଇଛନ୍ତି। ଐତିହାସିକ ମହେନ୍ଦ୍ରଗିରି ପର୍ବତର ଜୈବ ବିବିଧତା ସଂରକ୍ଷିତ ଅଞ୍ଚଳରେ ଆସୁଥିବା ଏହି ଅଞ୍ଚଳ ଉପରେ ଆନ୍ଧ୍ରପ୍ରଦେଶର ଲୋଲୁପ ଦୃଷ୍ଟି ପଡ଼ିସାରିଛି ଏବଂ ମାତ୍ର ୯ କିମି ରାସ୍ତା ନିର୍ମାଣରେ ଅବହେଳା ଯୋଗୁଁ ଏହି ଅଞ୍ଚଳ ପୁଣି ଏକ କୋଟିଆର ରୂପ ନେବ ନାହିଁ ତ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି।

ଆଜି ସୀମାନ୍ତରେ ଯେଉଁ ସମସ୍ୟା ସୃଷ୍ଟି ହୋଇଛି ତାହାର ମୂଳ କାରଣ ହେଉଛି ଯୋଗାଯୋଗ ଓ ଗମନାଗମନର ଅବ୍ୟବସ୍ଥା। ବିଗତ ଶତାବ୍ଦୀରେ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଗଙ୍ଗାବାଡ଼ ଅଞ୍ଚଳରେ ବନ୍ଦୋବସ୍ତ କାର୍ଯ୍ୟ ହେଉଥିବାବେଳେ ଓଡ଼ିଶାର ଜଣେ କାର୍ଯ୍ୟରତ ଅମିନଙ୍କୁ ଆନ୍ଧ୍ର ପ୍ରଦେଶର ମନ୍ଦୁଷା ମଣ୍ଡଳର ରାଜସ୍ୱ ଅଧିକାରୀ ଜୋରଜବରଦସ୍ତ ମଞ୍ଜୁଷାକୁ ନେଇଯାଇଥିବା ଏବଂ ଅମିନ ପ୍ରସ୍ତୁତ କରିଥିବା ନକ୍ସାଟିର ନକଲଟିଏ ଆନ୍ଧ୍ର ଅଧିକାରୀଙ୍କ ନିକଟରେ ଦାଖଲ କରିବା ପରେ ତାଙ୍କୁ ମୁକ୍ତ କରାଯାଇଥିବା ଅଭିଯୋଗ ହୋଇଥିଲା। ଏ ଘଟଣା ପରେ ଓଡ଼ିଶାର ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସୁରେନ୍ଦ୍ର ନାଥ ନାୟକ ସରଜମିନକୁ ଆସି କାର୍ଯ୍ୟରତ କର୍ମଚାରୀମାନଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପ୍ରସଙ୍ଗରେ ସେ ସେତେବେଳେ କହିଥିଲେ ଯେ, ଗଙ୍ଗାବାଡ଼ ପଞ୍ଚାୟତରେ ଏକ ରାଜସ୍ୱ ପରିଦର୍ଶକ କାର୍ଯ୍ୟାଳୟ ସ୍ଥାପନ, ଓଡ଼ିଶା ମଧ୍ୟରେ ଅଗମ୍ୟ ଗଙ୍ଗାବଡ଼ାକୁ ରାସ୍ତା ନିର୍ମାଣ ଓ ଭୁବନେଶ୍ୱରଠାରୁ ଏକ ଯାତ୍ରୀବାହୀ ବସର ଚଳାଚଳ ବ୍ୟବସ୍ଥା ନିହାତି ଆବଶ୍ୟକ। କିନ୍ତୁ ଗଙ୍ଗାବାଡ଼ର ସେହି ଆବଶ୍ୟକତା ମଧ୍ୟରୁ କୌଣସି ଗୋଟିଏ ବି ପୂରଣ ହୋଇ ନଥିବା ପରିତାପର ବିଷୟ।

ସ୍ୱତନ୍ତ୍ର ପ୍ରଦେଶକୁ ଆଉ ମାତ୍ର ୧୦ ବର୍ଷ ପରେ ଶହେ ବର୍ଷ ପୂରିବାକୁ ଯାଉଛି। ସ୍ୱାଧୀନ ଭାରତକୁ ୭୮ ବର୍ଷ ପୂରିଲାଣି। ରାୟଗଡ଼ ବ୍ଲକ ସ୍ଥାପିତ ହୋଇ ୭ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ୧୯୭୪ରୁ ଗଙ୍ଗାବାଡ଼ ଏକ ପଞ୍ଚାୟତ ହୋଇସାରିଲାଣି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ପଞ୍ଚାୟତ ସଦର ମହକୁମାକୁ ସାଇକଲରେ ଗଲା ପରି ମଧ୍ୟ ରାସ୍ତାଟିଏ ନାହିଁ। ରାୟଗଡ଼ ବ୍ଲକର କଇଁପୁରଠାରୁ ଗଙ୍ଗାବାଡ଼ର ଦୂରତା ମାତ୍ର ୯ କିମି। ଆନୁମାନିକ ଆକଳନ ଅନୁସାରେ ଅତିବେଶୀରେ ୧୦ କୋଟି ଟଙ୍କା ବ୍ୟୟରେ ରାସ୍ତାଟି ସମ୍ପୂର୍ଣ୍ଣ କରାଯାଇପାରିବ, କିନ୍ତୁ ତାହା କରାଯାଉ ନାହିଁ। ଯାହାଫଳରେ ଗଙ୍ଗାବାଡ଼ରେ ପ୍ରଶାସନିକ କାର୍ଯ୍ୟ କରିବା ଅତ୍ୟନ୍ତ କଷ୍ଟକର ବ୍ୟାପାର ହୋଇପଡୁଛି। ଏହି ପଞ୍ଚାୟତ ଅଧୀନରେ ୨୩ ଗୋଟି ଗ୍ରାମର ପ୍ରାୟ ୩୦୦୦ରୁ ଊର୍ଦ୍ଧ୍ୱ ଲୋକ ଦୀର୍ଘ ଦିନ ହେଲା ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି। ବଜାରବାଟ, ସ୍ୱାସ୍ଥ୍ୟସେବା ସବୁଥିପାଇଁ ପାରଳାଖେମୁଣ୍ଡିଠାରୁ ଆନ୍ଧ୍ରପ୍ରଦେଶ ଭିତରେ ପ୍ରାୟ ୭୦ କିମି ଅତିକ୍ରମ କରିଯିବାକୁ ପଡୁଛି।

ଅପରପକ୍ଷରେ ଏହାର ଫାଇଦା ଉଠାଉଛି ଆନ୍ଧ୍ରପ୍ରଦେଶ। ଏବେ ସେହି ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ପକ୍ଷରୁ ଗୋଟିଏ ଅଙ୍ଗନବାଡ଼ି ଗୃହ ନିର୍ମାଣ ହୋଇଛି। ଆନ୍ଧ୍ର ସରକାରଙ୍କ ପ୍ରଶାସନିକ ଓ ପୁଲିସ ଅଧିକାରୀମାନେ ଓଡ଼ିଶାର ସରକାରୀ କର୍ମଚାରୀମାନଙ୍କୁ ନାଲି ଆଖି ଦେଖାଉଥିବାର ଅଭିଯୋଗ ମଧ୍ୟ ଆସିବାରେ ଲାଗିଛି। ଏବେ ବି ଓଡ଼ିଶାର ସ୍ଥାନୀୟ ପ୍ରଶାସନ ନ ଚେତିଲେ ଓ ସରକାରୀ ଅଧିକାରୀମାନେ ଏହି ସମସ୍ୟା ରାଜ୍ୟ ସରକାରଙ୍କ ଦୃଷ୍ଟିକୁ ନ ଆଣିଲେ ହୁଏତ ଆନ୍ଧ୍ରକୁ ଆଉ ଗୋଟିଏ କୋଟିଆ ମିଳିଯିବ। ଶେଷରେ ଓଡ଼ିଶା ସରକାରଙ୍କୁ ପୁଣି ଥରେ ଗଳଗର୍ଦ୍ଦମ ଉଦ୍ୟମ କରିବାକୁ ପଡ଼ିବ।

ଚୀନ୍ ଯେଉଁଳି ଭାବେ ଭାରତ ସୀମାନ୍ତରେ କ୍ରମାଗତ ଭାବେ ଅନୁପ୍ରବେଶ ଓ ଆଧିପତ୍ୟ ବିସ୍ତାର ଜରିଆରେ ସୀମାନ୍ତରେ ଅଶାନ୍ତି ସୃଷ୍ଟି କରୁଛି ସେହି ରାସ୍ତାରେ ଆନ୍ଧ୍ରପ୍ରଦେଶ ଯାଉଛି। ଆନ୍ଧ୍ରପ୍ରଦେଶର ଏଭଳି ଚୀନ୍ ସୁଲଭ ଆଭିମୁଖ୍ୟକୁ ପ୍ରତିହତ କରିବା ନିତାନ୍ତ ଆବଶ୍ୟକ। ଓଡ଼ିଶାରେ ବିଜେପି ସରକାର ଥିବା ବେଳେ ଆନ୍ଧ୍ରପ୍ରଦେଶର ଟିଡିପି କେନ୍ଦ୍ରରେ ବିଜେପିର ସହଯୋଗୀ। ତେଣୁ ଆପୋସ ଆଲୋଚନାର ପଥ ପରିଷ୍କାର କରି ଏହି ବିବାଦର ସ୍ଥାୟୀ ସମାଧାନ କରାଯାଇପାରନ୍ତା। କିନ୍ତୁ ଯେଉଁଠି ଟ୍ରିପଲ୍ ଇଞ୍ଜିନ୍ ସରକାରରେ ମହାନଦୀ ଭଳି ବିବାଦୀୟ ସମସ୍ୟାର ସମାଧାନ ହୋଇପାରୁନାହିଁ ଏବଂ ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରି ପୋଲାଭରମ୍ ପ୍ରକଳ୍ପକୁ କେନ୍ଦ୍ର ସରକାର ଆଖିବୁଜା ସମର୍ଥନ ଦେଇ ଚାଲିଛନ୍ତି ସେହି ପ୍ରେକ୍ଷାପଟରେ ଗଙ୍ଗାବାଡ଼ ପଞ୍ଚାୟତ କଥା ବୁଝିବ କିଏ? ତେଣୁ ଆନ୍ଧ୍ରର ଚୀନ୍ ସୁଲଭ ଆଭିମୁଖ୍ୟକୁ ପ୍ରତିହତ କରିବାକୁ ହେଲେ ସ୍ଥାନୀୟ ଅଧିବାସୀଙ୍କ ଉଦ୍ୟମ ଓ ହସ୍ତକ୍ଷେପ ନିତାନ୍ତ ଆବଶ୍ୟକ। ●

## ଅପରାଧର 'ଭଙ୍ଗା ଝରକା' ତତ୍ତ୍ୱ

ଅବଶ ପରିଡ଼ା

କଳ୍ପନା କରନ୍ତୁ, ଆପଣଙ୍କ ଅଞ୍ଚଳରେ ଗୋଟିଏ ବଡ଼ କୋଠାଘର, ଯାହାର ଝରକାଟିଏ ବହୁତ ଦିନ ଧରି ଭଙ୍ଗାରୁଜା ଥିବା ଦେଖାଯାଉଛି। ଦୀର୍ଘଦିନ ଧରି ଏହା ମରାମତି ନ ହେଲେ ଲୋକମାନେ ଏହାକୁ ନେଇ ନିଶ୍ଚୟ କିଛିକିଛି ପ୍ରତିକ୍ରିୟା ରଖିବେ। ସେମାନଙ୍କର ମନରେ ଏକ ଧାରଣା ସୃଷ୍ଟି ହେବ ଯେ ସେହିଘରର ଦେଖାରଖା କରିବାକୁ କେହି ନାହାନ୍ତି। ସମୟକ୍ରମେ ଦୁଷ୍ଟପିଲାମାନେ ସେହି ଘରକୁ ଟେକା ଫିଙ୍ଗିବା ଆରମ୍ଭ କରିବେ, ପାଚେରି ଡେଇଁ ଭିତରକୁ ଯିବେ। କିଛିଦିନ ପରେ ଅବଶିଷ୍ଟ ଝରକା କବାଟ ମଧ୍ୟ ଭଙ୍ଗାରୁଜା ହୋଇଯିବ। ଲୋକେ ସେଠାରେ ଅଳିଆ ଫିଙ୍ଗିବା ଆରମ୍ଭ କରିବେ। ଘରର କାନ୍ଥବାଡ଼ରେ ପୋଷ୍ଟର ଓ ଲେଖିକା ଲାଗିବ। କିଛିଦିନ ପରେ ଅସାମାଜିକ ଲୋକ ସେଠାରେ ବସାଉଠା କରିବେ, ନିଶା ସେବନର ଆଡା ପାଲଟିବ। କ୍ରମଶଃ ଯାବତୀୟ ଅସାମାଜିକ ଓ ଆପରାଧିକ କାର୍ଯ୍ୟକଳାପର ଉପଯୁକ୍ତ ସ୍ଥାନ ପାଲଟିଯିବ ଏକଦା ସୁଦୃଶ୍ୟ ଦେଖାଯାଉଥିବା ସେହି ବଡ଼ କୋଠା ଘରଟି। ସାମାନ୍ୟ ଭଙ୍ଗା ଝରକାକୁ ଅଣଦେଖା କରିବା ଏବଂ ସାମୁଦାୟିକ ଦାୟିତ୍ୱର ଅବହେଳା ଦ୍ୱାରା ଏକ ଅଞ୍ଚଳ କିପରି ଏକ ଅପରାଧପ୍ରବଣ ସ୍ଥାନ ପାଲଟିଯାଏ ତାହା ହେଉଛି ଏହାର ମୁଖ୍ୟ ବିଷୟବସ୍ତୁ। ସମାଜବିଜ୍ଞାନରେ ଏହା 'ବ୍ରୋକେନ୍ ୱିଣ୍ଡୋ ଥିଓରି' ବା 'ଭଙ୍ଗା ଝରକାର ତତ୍ତ୍ୱ' ନାମରେ ବେଶ ପରିଚିତ। 'ଭଙ୍ଗା ଝରକାର ତତ୍ତ୍ୱ'କୁ ଓଡ଼ିଶାରେ ସାମ୍ପ୍ରତିକ ଅପରାଧ ହାର ବୃଦ୍ଧି ସହିତ ତୁଳନାତ୍ମକ ଭାବରେ ଯୋଡ଼ାଯାଇପାରେ ଏବଂ ଆଜିର ଛୋଟ ଅବହେଳା ଆସନ୍ତାକାଲିର କିଭଳି ଏକ ବଡ଼ ସାମାଜିକ ସମସ୍ୟା ଭାବେ ଉଭା ହୋଇପାରେ ତାହା ବିଚାର କରିବାର ଅବକାଶ ସୃଷ୍ଟି କରେ।

ଜନଗହଳିପୂର୍ଣ୍ଣ ବଜାର ଓ ସ୍ପଷ୍ଟ ଦିବାଲୋକରେ ବ୍ୟକ୍ତିଙ୍କୁ ବାଇକ ଚାଳକମାନେ ନିର୍ମମ ଭାବରେ ହତ୍ୟା ହେଉ କିମ୍ବା ନ୍ୟାୟ ଦାବି କରୁଥିବା ଗର୍ଭବତୀଙ୍କୁ ନିଜ ତିନିବର୍ଷର ଝିଅ ଆଗରେ ହତ୍ୟା ହେଉ କିମ୍ବା ଦିନରେ ରାସ୍ତାରେ ଯୁବତୀଙ୍କୁ ବିବସ୍ତ୍ର ଉଦ୍ୟମ ଏବଂ ଏହାର ପ୍ରତିବାଦରେ ପୁଲିସ କନେଷ୍ଟବଳଙ୍କୁ ହାତଗୋଡ଼ ବାନ୍ଧି ବାଉଁଶରେ ଝୁଲାଇ ପିଟି ପିଟି ମାରିଦେବା ହେଉ, କିଛି ଦିନ ହେଲାଣି ଓଡ଼ିଶାରେ ଏପରି ଅନେକ ବୀଭତ୍ସ ଅପରାଧ ଘଟିଚାଲିଛି। ସାର୍ବଜନିନ ସ୍ଥାନର ଏହି ଘଟଣା ସବୁ ଆଇନ ଶୃଙ୍ଖଳା ଉପରେ ଥିବା ସାଧାରଣ ଲୋକଙ୍କ ବିଶ୍ୱାସକୁ ଦୁର୍ବଳ କରିଦେଲା ଭଳି ଲାଗୁଛି। ସମାଜରେ ଯେତେବେଳେ ମହିଳାଙ୍କ ପ୍ରତି ଖରାପ ବ୍ୟବହାର, ସର୍ବସାଧାରଣ ସ୍ଥାନରେ ନିଶା ସେବନ, ଅବୈଧ ନିଶା ବ୍ୟବସାୟ, ସାର୍ବଜନୀନ ହିଂସା, ଦୁର୍ନୀତି, ସାଇବର ଠକେଇ, ରାଜନୈତିକ ଧମକ କିମ୍ବା ସ୍ଥାନୀୟ ଗୁଣ୍ଡାଗିରି ଭଳି ଛୋଟ ଛୋଟ ଅପରାଧକୁ କଡ଼ାକଡ଼ି ନିୟନ୍ତ୍ରଣ କରାଯାଏ ନାହିଁ, ସେତେବେଳେ ଲୋକମାନେ ଆଇନ, କାନୁନ ଓ ଦଣ୍ଡକୁ ଭୟ କରନ୍ତି ନାହିଁ। କାଳକ୍ରମେ ଏହି ପରିବେଶ ଅଧିକ ଗମ୍ଭୀର ଅପରାଧକୁ ଉତ୍ସାହିତ କରେ, ଠିକ୍ 'ଭଙ୍ଗା ଝରକାର ତତ୍ତ୍ୱ' ଭଳି।

ଓଡ଼ିଶାରେ ସାମ୍ପ୍ରତିକ ଅପରାଧ ପରିସଂଖ୍ୟାନକୁ ତର୍ଜମା କଲେ ଜଣାପଡ଼ିବ ଯେ ଜ୍ଞାତଯୋଗ୍ୟ ଅପରାଧ, ଚୋରି, ସାଇବର କ୍ରାଇମ, ମହିଳା ବିରୋଧୀ ଅପରାଧ ଏବଂ ସାର୍ବଜନୀନ ଅଶାନ୍ତିରେ ଚିନ୍ତାଜନକ ଭାବେ ବୃଦ୍ଧି ଘଟିଛି। ସଦ୍ୟପ୍ରକାଶିତ ଏକ ସରକାରୀ ରିପୋର୍ଟରେ ଉଲ୍ଲେଖ ଅଛି ଯେ ଓଡ଼ିଶାରେ ଅପରାଧ ପ୍ରାୟ ୭.୩% ବୃଦ୍ଧି ପାଇଛି। କେବଳ ରାଜଧାନୀ ଭୁବନେଶ୍ୱରରେ ମହିଳା ବିରୋଧୀ ଅପରାଧରେ ଏକ ବଡ଼ ବୃଦ୍ଧି ହାର ରେକର୍ଡ କରାଯାଇଛି। ଏହାର ଅର୍ଥ ନୁହେଁ ଯେ ଆଇନ କାନୁନ କୋହଳ ଅଛି। ଆଇନଗତ ପରିଣାମ ଜାଣିବା ସତ୍ତ୍ୱେ ଅପରାଧ ବୃଦ୍ଧି ପାଇବା ଉଦ୍‌ବେଗର କାରଣ। ଅପରାଧବିଜ୍ଞାନୀମାନେ କୁହନ୍ତି ଯେ ଏହାର ଦୁଇଟି ପରସ୍ପର ବିରୋଧୀ କାରଣ ଥାଇପାରେ। ଯେପରିକି ଆଇନଗତ ବ୍ୟବସ୍ଥା ପ୍ରତି ଭୟ କମ୍ ଏବଂ କମ୍ ବିଶ୍ୱାସ। ଏକ ଗବେଷଣା କୁହେ ଯେ ଅପରାଧୀ ଦଣ୍ଡକୁ ନୁହେଁ ବରଂ ଧରାପଡ଼ିବାକୁ ଭୟ କରନ୍ତି। ଆଇନଗତ ବ୍ୟବସ୍ଥା ପ୍ରତି କମ୍ ବିଶ୍ୱାସ କାରଣଟି ଅଧିକ ପ୍ରାସଙ୍ଗିକ ଲାଗିପାରେ। ଡାହାଣୀ ହତ୍ୟା, ଭିଡ଼ ହିଂସା ଭଳି ଘଟଣାରେ ଲୋକମାନେ ବିଶ୍ୱାସ କରନ୍ତି ଯେ କୋର୍ଟ ଅପେକ୍ଷା ସେମାନେ ଶୀଘ୍ର ଓ ଉଚିତ ନ୍ୟାୟ ଦେବେ।

ଏହାବ୍ୟତୀତ ଦୁର୍ବଳ ସାମାଜିକ ନିୟନ୍ତ୍ରଣ ଏବଂ ଦୃଶ୍ୟମାନ ବିଶୃଙ୍ଖଳା ଆପରାଧିକ ଆଚରଣକୁ ସ୍ୱାଭାବିକ କରିପାରେ, ଏହା ହିଁ ଓଡ଼ିଶାରେ ଦେଖାଯାଉଛି। ଉଦାହରଣ ସ୍ୱରୂପ, ଯଦି ଅପରାଧକୁ ବାରମ୍ବାର ଅଣଦେଖା କରାଯାଏ, ତେବେ ସମାଜ ଧୀରେ ଧୀରେ ସମ୍ବେଦନହୀନ ହୋଇଯାଏ। ଏହାଦ୍ୱାରା ନାଗରିକମାନେ ଅସୁରକ୍ଷିତ ଅନୁଭବ କରନ୍ତି ଏବଂ ଅପରାଧୀମାନେ ଆଇନକୁ ଦୁର୍ବଳ ବୋଲି ବିଶ୍ୱାସ କରନ୍ତି। ଏହାଦ୍ୱାରା ଦଣ୍ଡର ଭୟ ହ୍ରାସ ହୁଏ ଏବଂ ଅପରାଧ ଆହୁରି ବୃଦ୍ଧି ପାଏ। ଏହି ପ୍ରକ୍ରିୟାକୁ ହିଂସାର ସାଧାରଣୀକରଣ ମଧ୍ୟ କୁହାଯାଏ। ଅପରାଧର ବାରମ୍ବାରତା ଏବଂ ଏହାର ସମ୍ବେଦନହୀନତା ଏକ ସାଧାରଣ ଧାରଣା ସୃଷ୍ଟି କରେ ଯେ ଅପରାଧ ସାମାଜିକ ସମସ୍ୟା ନୁହେଁ, ବରଂ ଏହା ହେଉଛି ବ୍ୟକ୍ତିଗତ ଦ୍ୱନ୍ଦ୍ୱ ସମାଧାନର ଏକ ମାଧ୍ୟମ।

ଅନେକ ସମାଜବିଜ୍ଞାନୀ ଯୁକ୍ତି କରନ୍ତି ଯେ ଆନୁଷ୍ଠାନିକ ସାମାଜିକ ନିୟନ୍ତ୍ରଣର ଅବକ୍ଷୟ ହେଉଛି ଓଡ଼ିଶାରେ ଅପରାଧ ହାର ବୃଦ୍ଧିର ମୁଖ୍ୟ କାରଣ। ଯେତେବେଳେ ବ୍ୟକ୍ତିଗତ ବିବାଦକୁ ସାର୍ବଜନୀନ ହିଂସା ଭାବରେ ସମାଧାନ କରାଯାଏ, ସେତେବେଳେ ଏହା ସମାଜର ଆଇନ ଏବଂ ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଏ। ରାଜ୍ୟ କ୍ଷମତା ଧାରଣା ଅନୁଯାୟୀ, ଅପରାଧ ଓ ସମାଜ ବିରୋଧୀ କାର୍ଯ୍ୟକଳାପକୁ ଦମନ କରିବା ପାଇଁ ଉଭୟ ରାଜ୍ୟର ପ୍ରଶାସନିକ ଓ ବାଧ୍ୟତାମୂଳକ କ୍ଷମତା ରହିବା ଉଚିତ। ଯଦି ଏହା ନହୁଏ, ତେବେ ଶାସନ ଦୁର୍ବଳ ହୋଇଯାଏ। ଦୁର୍ବଳ ଶାସନ ବ୍ୟବସ୍ଥାର ଅର୍ଥ ହେଉଛି କମ୍ ବିପଦ। କମ ବିପଦର ଅର୍ଥ କମ୍ ଦଣ୍ଡର ଭୟ। ଯାହା ଅଧିକ ଅପରାଧକୁ ଜନ୍ମ ଦିଏ।ପରିଶେଷରେ ଅଧିକ ଅପରାଧ ଦ୍ୱାରା ଆଇନ ଓ ପ୍ରବର୍ତ୍ତନ ଆହୁରି ଦୁର୍ବଳ ହୁଏ। ଏହା ଠିକ ଏକ ଚକ୍ର ଭଳି କାମ କରେ।

ଏହି ପରୀପ୍ରେକ୍ଷୀରେ ସିଏସ୍‌ଡିଏସ୍, ଏନ୍‌ସିଆରବି ଓ ୱାର୍ଲ୍ଡ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଅନେକ ସର୍ଭେ ଦର୍ଶାଉଛି ଯେ ପ୍ରଶାସନର ଗୁଣବତ୍ତା ହିଁ ସାଂଗଠନିକ ବିଶ୍ୱାସ, ପୁଲିସର ପ୍ରଭାବଶାଳୀତା ଏବଂ ଆଇନର ଶାସନକୁ ପ୍ରଭାବିତ କରିପାରେ। 'ଭଙ୍ଗା ଝରକାର ତତ୍ତ୍ୱ'ର ଅନ୍ୟ ଏକ ଚେତାବନୀ ହେଉଛି 'ସାର୍ବଜନୀନ ସ୍ଥାନରେ ହିଂସାର ସ୍ୱାଭାବିକୀକରଣ।' ଯାହା ପୂର୍ବରୁ ଉଲ୍ଲେଖ ହୋଇଛି ଯେ ସମାଜ ଯଦି ବାରମ୍ବାର ଛୋଟ ଛୋଟ ହିଂସା, ଉତ୍ପୀଡ଼ନ, ଧମକ କିମ୍ବା ସାର୍ବଜନୀନ ବିଶୃଙ୍ଖଳାକୁ ପ୍ରଶୟ ଦିଏ ତେବେ ଏହି ଆଚରଣ ସବୁ ସ୍ୱାଭାବିକ ହୋଇଯାଏ। ଗୋଟେପଟେ ଜନସାଧାରଣ ଭାବପ୍ରବଣ ଭାବରେ ସମ୍ବେଦନହୀନ ହୋଇଯାଆନ୍ତି ଏବଂ ଅନ୍ୟପଟେ ଅପରାଧୀମାନେ ହୁଅନ୍ତି ମାନସିକ ଭାବରେ ସଶକ୍ତ।

ଅନେକ ପ୍ରଶ୍ନ କରନ୍ତି ଯେ ଅପରାଧ ସମୟରେ ଜନସାଧାରଣଙ୍କ ମଧ୍ୟ ଦାୟିତ୍ୱ ଅଛି। ସେମାନେ କାହିଁକି ନିରବ ଦର୍ଶକ ଭାବରେ ବ୍ୟବହାର କରନ୍ତି କିମ୍ବା ମୋବାଇଲ୍ ଫୋନ୍‌ରେ କେବଳ ଭିଡିଓ ରେକର୍ଡ କାହିଁକି କରନ୍ତି? ଲୋକମାନେ ଦର୍ଶକ ହେବା ଅପେକ୍ଷା ନିଜେ ହସ୍ତକ୍ଷେପ କିମ୍ବା ପୁଲିସକୁ ଡାକି ପାରିଥା'ନ୍ତେ। ଲୋକଙ୍କ ମଧ୍ୟରେ ବାଇଷ୍ଟାଣ୍ଡର ବା ଦର୍ଶକ ହେବାର ପ୍ରଭାବ କାହିଁକି ଅଧିକ? ସମାଜବିଜ୍ଞାନୀମାନେ ଏହାର ଉତ୍ତରରେ କୁହନ୍ତି ଯେ ଜନସାଧାରଣଙ୍କ ଏହି ନିଷ୍କ୍ରିୟ ଅଂଶଗ୍ରହଣ ହେଉଛି ଏକ ସାମୂହିକ ସାମାଜିକ ଦାୟିତ୍ୱର ଦୁର୍ବଳ ପ୍ରତିଫଳନ। ଏହାର ପ୍ରତିଉତ୍ତରରେ ଅନେକ ଯୁକ୍ତି କରନ୍ତି ଯେ ଭିଡିଓ ଭାଇରାଲ କିମ୍ବା ରେକର୍ଡିଂ ଯୋଗୁଁ ପୁଲିସ ପ୍ରମାଣ ପାଇଯାଏ ଏବଂ ସବୁବେଳେ ହସ୍ତକ୍ଷେପ କରିବା ସମ୍ଭବ ନୁହେଁ। ତେଣୁ ଉଭୟ ଯୁକ୍ତି ହେଉଛି ଏକ ବିତର୍କର ବିଷୟ। ସେ ଯାହା ବି ହେଉ, ମୋଟ ଉପରେ କହିବାକୁ ଗଲେ ଥରେ ବିଶୃଙ୍ଖଳା ଦୃଶ୍ୟମାନ ଏବଂ ସହ୍ୟ ହୋଇଗଲା ପରେ ଏହାର ଗ୍ରହଣୀୟତା ଏବଂ ଅସ୍ୱୀକାର୍ଯ୍ୟ ମଧ୍ୟରେ ଥିବା ବି ସୀମା ଭାଙ୍ଗିଯାଏ। ଏହି ସାଧାରଣୀକରଣ ସମାଜ ପାଇଁ ବିପଦପୂର୍ଣ୍ଣ। କାରଣ ଏହା ଦ୍ୱାରା ମହିଳା, ଶିଶୁ, ବୃଦ୍ଧ ଓ ଦୁର୍ବଳ ସମ୍ପ୍ରଦାୟମାନେ ନିଜକୁ ଅସୁରକ୍ଷିତ ମଣନ୍ତି। ଏହି ଭୟ ସାମାଜିକ ବିଶ୍ୱାସକୁ ଭାଙ୍ଗି ଚୁରମାର କରିଦିଏ। ତେଣୁ ଉଭୟ ସାମାଜିକ ଉଦାସୀନତା ଏବଂ ଦୁର୍ବଳ ଶାସନର ପ୍ରତିକ୍ରିୟା ମିଳିତ ଭାବରେ ଅପରାଧ ଏବଂ ଅସୁରକ୍ଷା ବୃଦ୍ଧି କରିବାରେ ସାହାଯ୍ୟ କରେ।

କ୍ରମବର୍ଦ୍ଧିଷ୍ଣୁ ଅପରାଧକୁ ନିୟନ୍ତ୍ରଣ କରିବାକୁ ହେଲେ ପୁଲିସର ଭୂମିକାକୁ ସୁଦୃଢ଼ କରିବା ସହିତ ସମ୍ପ୍ରଦାୟର ଅଂଶଗ୍ରହଣ ଏବଂ ଆମର ନୈତିକ ଦାୟିତ୍ୱକୁ ପ୍ରୋତ୍ସାହିତ କରିବା ଅତ୍ୟନ୍ତ ଜରୁରୀ। ଯଦି ସମାଜ ଆଜି ହିଂସାର 'ଛୋଟ ଭଙ୍ଗା ଝରକା'କୁ ଅଣଦେଖା କରେ, ତେବେ କାଲି ଏହା ବ୍ୟାପକ ନିଷ୍ଠୁରତା ଏବଂ ସାମାଜିକ ଅସୁରକ୍ଷାରେ ପରିଣତ ହୋଇପାରେ। ବେଳ ହୁଁ ସାବଧାନ। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

## ହକର: ସକାଳର ସାରଥି

ରାଜେଶ କୁମାର ଲେଙ୍କା

ଆଜିର ଡିଜିଟାଲ ଦୁନିଆରେ ଲୋକମାନେ ଟିଭି କିମ୍ବା ମୋବାଇଲ ମାଧ୍ୟମରେ ହାତପାଆନ୍ତରେ ଖବର ପାଇଯାଉଛନ୍ତି ସତ, କିନ୍ତୁ ଏକ ବୃହତ୍ ପାଠକ ବର୍ଗ ମୁଦ୍ରିତ ଗଣମାଧ୍ୟମରୁ ଆଞ୍ଚଳିକ, ରାଜ୍ୟ, ଦେଶ ଓ ବିଦେଶର ଖବର ପାଇବାକୁ ଅପେକ୍ଷା କରି ରହିଥା'ନ୍ତି। ଏହାକୁ ଯିଏ ସେମାନଙ୍କ ନିକଟରେ ପହଞ୍ଚାଏ ସେ ହେଉଛନ୍ତି ଖବରକାଗଜ ବିତରକ ବା ହକର। ପାଠକଙ୍କ ପାଖରେ ଖବର ପହଞ୍ଚାଉଥିବା ହକରଙ୍କୁ ବେଳେବେଳେ କେହି କେହି ସାହସ ଓ ସାବାସୀ ଦେଇ ଥାଏ ତ କେହି ଟିକେ ବିଳମ୍ବ ପାଇଁ ଭର୍ତ୍ସନା କରିଥାଏ।

ହକରମାନେ ହେଉଛନ୍ତି 'ସକାଳର ସାରଥି'। ସମାଜକୁ ସଚେତନ କରିବାର ମଙ୍ଗ ଧରିଥା'ନ୍ତି ସେମାନେ। ଦିନ ନାହିଁ କି ରାତି ନାହିଁ, ଝଡ଼ି, ବର୍ଷା, ଶୀତ, ଖରା ହେଉ କି ବାତ୍ୟା, ମରୁଡ଼ି, ଭୂମିକମ୍ପ ଯେତେପ୍ରକାର ଦୁଃସ୍ଥିତି ଆସିଲେ ମଧ୍ୟ ସେ ନିଜ କାର୍ଯ୍ୟରୁ ବିରତି ନେଇ ନଥାଏ। ରାତି ୪ ଟାରୁ ଆଖି ମଳ ମଳ ନିଦରୁ ଉଠି ବିଭିନ୍ନ ଖବର ପ୍ରକାଶନ ସଂସ୍ଥା ଦ୍ୱାରା ନିଯୋଜିତ ଭେଣ୍ଡରମାନଙ୍କଠାରୁ ପେପର ସଂଗ୍ରହ କରନ୍ତି ଏବଂ ଘରେ ଘରେ ନେଇ ପହଞ୍ଚାନ୍ତି। ଜୀବନରେ ଯେକୌଣସି ବାଧାବିଘ୍ନ ଆସିଲେ ମଧ୍ୟ ଖାତିର ନକରି ଖବରକାଗଜ ଆମ ଦୁଆର ମୁହଁରେ ପହଞ୍ଚାନ୍ତି। ସହରର ବଡ଼ ବଡ଼




ଅଟ୍ଟାଳିକାର ସିଡ଼ି ଚଢ଼ିବା ହେଉ କିମ୍ବା ଗାଁ ଗହଳିର କାଦୁଅ ପଚପଚ କଚ୍ଚା ରାସ୍ତାରେ ସାଇକେଲ ଚଲାଇ ପେପର ବାଣ୍ଟିବା ଖୁବ୍ କଷ୍ଟସାଧ୍ୟ ଓ ଆହ୍ୱାନପୂର୍ଣ୍ଣ। ସେମାନଙ୍କର ଏହି ପରିଶ୍ରମ ପାଇଁ ଖବରକାଗଜ ପ୍ରକାଶ କରୁଥିବା ସଂସ୍ଥାମାନେ ପ୍ରସିଦ୍ଧି ଲାଭ କରିଛନ୍ତି ସତ; କିନ୍ତୁ ସେମାନଙ୍କ ସୁଖ-ଦୁଃଖର ସାଥୀ ହେବାକୁ କେବେ ଦେଖାଯାଏନି।

ଭାରତର ସ୍ୱାଧୀନତା ଆନ୍ଦୋଳନକୁ ଆହୁରି ସକ୍ରିୟ କରିବାକୁ ଖବରକାଗଜକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରାଯାଉଥିଲା। ଭାରତ ସ୍ୱାଧୀନ ହେବାର ୭୮ ବର୍ଷ ପରେ ଏବେ ଖବରକାଗଜ ଉପରେ ସମୀକ୍ଷା କରିବାର ଆବଶ୍ୟକତା ଅନୁଭୂତ ହେଉଛି। ଖବରକାଗଜ ବା ମୁଦ୍ରିତ ଗଣମାଧ୍ୟମ ଏବେ ସଙ୍କଟରେ ବୋଲି କୁହାଗଲାଣି। ପେପର ବିତରକ ବା ହକରଟିଏ ଏବେ କରିବ ବା କ'ଣ? ତା'ର କର୍ମ ତ ସିଏ କରିଚାଲିଛି। ତା'ର ପରିବାର ବୋଝ, ସମସ୍ୟା ବୁଝିବାକୁ କେହି ବି ନାହାନ୍ତି। ନା ସରକାର ନା ଖବରକାଗଜ ସଂସ୍ଥାର ମାଲିକ। ମୋବାଇଲ ପ୍ରଚଳନ ବହୁସଂଖ୍ୟାରେ ହେବାରୁ ସାମାଜିକ ଗଣମାଧ୍ୟମଠାରୁ କଡ଼ା ପ୍ରତିଯୋଗିତାର ସମ୍ମୁଖୀନ ହୋଇଛି ମୁଦ୍ରିତ ଗଣମାଧ୍ୟମ। ଏଥିସହ ଖବରକାଗଜ ସଂସ୍ଥାମାନେ ରାତି ଅଧରୁ ଇ-ପେପର ଅପଲୋଡ୍ କରି ଦେଉଥିବାରୁ ଖବରକାଗଜ ପ୍ରତି ପାଠକ ଆଉ ମନ ବଳାଉନଥିବା ଦେଖିବାକୁ ମିଳୁଛି। ଯଦି ଏଭଳି ସମସ୍ୟା ସଦାସର୍ବଦା ଲାଗି ରୁହେ, ହୁଏତ ଜଣେ ସାମ୍ବାଦିକ ବଞ୍ଚିଯିବ ସିନା ଜଣେ ହକର ବଞ୍ଚିବ ବା କେମିତି? ମାଲିକମାନେ ଏଥିପ୍ରତି ସଚେତନ ହୋଇ ପାରିଲେ ଅନେକ ସମସ୍ୟାର ସମାଧାନ ହୋଇପାରନ୍ତା।

ଜଣେ ହକରର ଶରୀର ହୁଏତ ଦୁର୍ବଳ ହୋଇଥାଇପାରେ, କିନ୍ତୁ ତା'ର ମନୋବଳ ଅତ୍ୟନ୍ତ ଦୃଢ଼। ସେ ନିଜ ପରିବାରର ପେଟ ପୋଷିବା ପାଇଁ ଦିନରାତି ଏକ କରିଦିଏ। ତାଙ୍କ ପାଇଁ କୌଣସି ପର୍ବପର୍ବାଣି ନାହିଁ କି ରବିବାରର ଛୁଟି ନାହିଁ। ଯଦି ଦିନେ ସେ ଖବରକାଗଜ ବାଣ୍ଟିବା ବନ୍ଦ କରେ ତେବେ ତା' ପରିବାରର ଚୁଲି ଜଳିବା ମୁସ୍କିଲ ହୋଇପଡ଼େ। କୌଣସି ଯୋଦ୍ଧାଙ୍କଠାରୁ ଏମାନେ କମ୍ ନୁହନ୍ତି। କିନ୍ତୁ ସାମାଜିକ ଗଣମାଧ୍ୟମ ଓ ଇ-ପେପରର ପ୍ରାବଲ୍ୟରେ ହକର ଭାଇମାନଙ୍କର ଦାନାପାଣି ବନ୍ଦ ହେବାକୁ ବସିଲାଣି। ସାମାଜିକ ଗଣମାଧ୍ୟମ ଯୋଗୁଁ ସକାଳେ ଖବରକାଗଜ ଖୋଲିବା ପରେ ମନେ ହୁଏ ସତେଯେମିତି ଖବରଗୁଡ଼ିକ କେଉଁଠି ଦେଖିସାରିଛୁ। ସବୁ ଖବର ବାସି ବାସି ଲାଗୁଛି। ଖବରକାଗଜ ପ୍ରତି ଭଲପାଇବା କମି କମି ଆସୁଛି। ଏପରିକି ଘରକୁ ଆସୁଥିବା ଖବରକାଗଜ ଖୋଲା ନହୋଇ କିଲୋ ଦରରେ ବିକ୍ରି କରି ଦିଆଯାଉଛି।

ହକର ଭାଇମାନେ ନିଜ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ ସୁଚାରୁରୂପେ ସମ୍ପାଦନ କରି ଆସୁଥିବାରୁ ଦିନକୁ ଦିନ ନାନା ସମସ୍ୟା ଭିତରେ ଘାଣ୍ଟି ହେଉଥିଲେ ମଧ୍ୟ ପରିବାର ପ୍ରତିପୋଷଣ ସକାଶେ ବୃତ୍ତି ରକ୍ଷା ପାଇଁ ସଂଗ୍ରାମ ଚଳାଇଥିବା ଦେଖିବାକୁ ମିଳୁଛି। ଆଜି ମଧ୍ୟ ରାତି ପାହିବା ମାତ୍ରେ ଅନେକ ପାଠକ ଖବରକାଗଜ ଖଣ୍ଡେ ପାଇଁ ବିତରକଙ୍କୁ ଖୋଜୁଥିବା ଦେଖିବାକୁ ମିଳୁଛି। ଖବରକାଗଜ ବିତରକଙ୍କ ବହୁବିଧ ସମସ୍ୟା ଓ ସ୍ଥିତିକୁ ଦୃଷ୍ଟିରେ ରଖି ହକର ଭାଇମାନେ ଯେପରି ମାନସିକ ସ୍ତରରେ ଭାଙ୍ଗି ନ ପଡ଼ନ୍ତି ସେଥିପ୍ରତି ସରକାର ଏବଂ ଖବରକାଗଜ ସଂସ୍ଥାଗୁଡ଼ିକ ଚିନ୍ତା କରିବା ଉଚିତ। ●

ମୋ: ୯୦୯୦୯୪୯୫୯୫

## କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର


ପ୍ରବୀର କୁମାର ପଟ୍ଟନାୟକ

*ପୂର୍ବ ପ୍ରକାଶିତ ଉତ୍ତାରୁ...*

ମହାସଂଘିକମାନଙ୍କର ଗଡ଼ ରହିଥିଲା ବୈଶାଳୀ ଏବଂ ଏହିଠାରୁ ସେମାନେ ଦକ୍ଷିଣ ତଥା ଉତ୍ତର ଭାରତର କିଛି ଭାଗକୁ ପ୍ରସାରିତ ହୋଇଥିଲେ। ସେମାନଙ୍କର ନେତା ଆଚାର୍ଯ୍ୟ ମହାଦେବ ଏହାକୁ ମହିଷ ମଣ୍ଡଳ, କଳିଙ୍ଗ ଓ ଆନ୍ଧ୍ର ଅଞ୍ଚଳରେ ପ୍ରଚାର ପ୍ରସାର କରିଥିଲେ। ପ୍ରକୃତ ପକ୍ଷେ ତିନୋଟି ମୁଖ୍ୟ ଶାଖା ମଧ୍ୟରୁ ମହାସଂଘିକ ଶାଖାଟି ଦକ୍ଷିଣ ଭାରତ (ଦକ୍ଷିଣାପଥ)ରେ ସବୁଠାରୁ ଅଧିକ ଲୋକପ୍ରିୟ ହୋଇପାରିଥିଲା। ଏହିଭଳି ଭାବେ ଅଶୋକ ବୌଦ୍ଧଧର୍ମକୁ ରାଜ୍ୟ ଧର୍ମ (ରାଜଧର୍ମ) ଭାବେ ପରିଣତ କରିଥିଲେ କି ନାହିଁ ଆମେ ନିଶ୍ଚିତ ନଥିଲେ ମଧ୍ୟ ସମଗ୍ର ଭାରତବର୍ଷରେ ତାଙ୍କ ଶାସନକାଳରେ ବୌଦ୍ଧ ଭିକ୍ଷୁମାନଙ୍କର ଅଦମ୍ୟ ପ୍ରଚାର ଓ ଉଦ୍ୟମ ଫଳରେ ତାହା ଚାରିଆଡ଼େ ବ୍ୟାପି ଯାଇଥିଲା।

**କଳିଙ୍ଗରେ ବୌଦ୍ଧ ଧର୍ମର ପ୍ରସାର:** ଆଗରୁ କୁହାଯାଇଛି କିଭଳି ଅଶୋକଙ୍କ ପୂର୍ବରୁ କଳିଙ୍ଗରେ ବୌଦ୍ଧ ଧର୍ମ ଅଜଣା ନଥିଲା। ସମ୍ଭବତଃ ଏହା ସେତେବେଳେକୁ ଧୀରେ ଧୀରେ ଏହି ଅଞ୍ଚଳକୁ ପ୍ରବେଶ କରି ସାରିଥିଲା ଏବଂ ଅଶୋକଙ୍କ ଆକ୍ରମଣ ବେଳକୁ ଲୋକମାନଙ୍କର ଧାର୍ମିକ ଭାବନା ତଥା ସାମାଜିକ ସଂରଚନାକୁ ପ୍ରଭାବିତ କରିସାରିଥିଲା। ମାତ୍ର ପ୍ରିୟଦର୍ଶୀ ଅଶୋକଙ୍କ ଶାସନ କାଳରେ ହିଁ ବୌଦ୍ଧ ଧର୍ମର ବିଭିନ୍ନ ସଂପ୍ରଦାୟ ସେମାନଙ୍କର ଆଚାର୍ଯ୍ୟ ମାନଙ୍କର ସଯତ୍ନ ତଥା ବ୍ୟବସ୍ଥିତ ପ୍ରଚାର ପ୍ରସାର ଯୋଗୁଁ କଳିଙ୍ଗରେ ଏହା ଉଲ୍ଲେଖନୀୟ ଅଗ୍ରଗତି ହାସଲ କରିଥିଲା।

ଓଡ଼ିଶାର ବୌଦ୍ଧ ପରମ୍ପରା



ଅଶୋକଙ୍କ ଭାଇ ତିସ୍ସ (ତିଷ୍ୟ) କଳିଙ୍ଗକୁ ତାଙ୍କର ଅବସର ନେବା ସ୍ଥାନ ଭାବେ ବାଛି ଥିଲେ ଏବଂ ସମ୍ରାଟ ତାଙ୍କ ପାଇଁ ଏଠାରେ 'ଭୋଜକଗିରି' ବିହାର ନାମରେ ଏକ ବିଶାଳ ବୌଦ୍ଧବିହାର ନିର୍ମାଣ କରିଥିଲେ। ଏହି ବିହାର ହିଁ ଥେରବାଦ ସଂପ୍ରଦାୟର କାର୍ଯ୍ୟକଳାପର କେନ୍ଦ୍ରରୂପେ ପରିଣତ ହୋଇଥିଲା। ତିଷ୍ୟଙ୍କର ଗୁରୁ ତଥା ପଶ୍ଚିମ ଭାରତରେ ବୌଦ୍ଧ ଧର୍ମର ଖ୍ୟାତନାମା ପ୍ରଚାରକ ଆଚାର୍ଯ୍ୟ ଧର୍ମରକ୍ଷିତ ମଧ୍ୟ ତାଙ୍କ ଜୀବନର ଶେଷକାଳ ତିଷ୍ୟ ଏବଂ ଅନ୍ୟ ଆଚାର୍ଯ୍ୟମାନଙ୍କ ଗହଣରେ ବିତାଇବା ପାଇଁ ଭୋଜକଗିରି ବିହାର ଚାଲି ଆସିଥିଲେ। ଏଠାରେ ତାଙ୍କର ଉପସ୍ଥିତି କଳିଙ୍ଗ ଅଞ୍ଚଳରେ ରହିଥିବା ଥେରବାଦ ଶାଖାର ଭିକ୍ଷୁମାନଙ୍କୁ ବହୁଭାବେ ଉତ୍ସାହିତ ତଥା ଅନୁପ୍ରାଣିତ କରିଥିଲା।

ମହାସଂଘିକ ଆଚାର୍ଯ୍ୟ ମହାଦେବ ମଧ୍ୟ କଳିଙ୍ଗ ଆସିଥିଲେ। ତାହାର ଅଳ୍ପକାଳ ପରେ ଧୃତିକ ମଧ୍ୟ କଳିଙ୍ଗ ଆସିଥିଲେ। ସେ ଥିଲେ ସର୍ବାସ୍ତିବାଦ ଶାଖାର ଦୁଇ ବିଖ୍ୟାତ ଆଚାର୍ଯ୍ୟ ମଧ୍ୟାନ୍ତିକ ଓ ଉପଗୁପ୍ତଙ୍କର ଆଧ୍ୟାତ୍ମିକ ଉତ୍ତରାଧିକାରୀ। ସେ ତାଙ୍କର ସମଗ୍ର ଉତ୍ତର ଭାରତ ଭ୍ରମଣ କାଳରେ କଳିଙ୍ଗ ଆସି ଏଠାରେ ସର୍ବାସ୍ତିବାଦକୁ ଲୋକପ୍ରିୟ କରାଇ ପାରିଥିଲେ। ଧୃତିକଙ୍କର ଉତ୍ତରାଧିକାରୀ କାଳ ଅଥବା କୃଷ୍ଣ ମଧ୍ୟ ତାଙ୍କର ପ୍ରଭାବଶାଳୀ ଢଙ୍ଗରେ ପ୍ରଚାର ପ୍ରସାର ଫଳରେ ସର୍ବାସ୍ତିବାଦକୁ ଦକ୍ଷିଣାପଥରେ ଲୋକପ୍ରିୟ କରାଇଥିଲେ। ତାଙ୍କ ପରେ ଭିକ୍ଷୁ ପୋସଧ ମଧ୍ୟ କଳିଙ୍ଗ ଆସି ଏଠାରେ ସର୍ବାସ୍ତିବାଦର ପ୍ରଚାର ପ୍ରସାର କରିଥିଲେ।

ଏହିପରି ଭାବେ ପ୍ରିୟଦର୍ଶୀ ଅଶୋକଙ୍କ ଶାସନକାଳଠାରୁ କଳିଙ୍ଗରେ ବୌଦ୍ଧଧର୍ମ ନୂତନ ଉତ୍ସାହ ଓ ପ୍ରାଣଶକ୍ତି ପାଇଲା ଏବଂ ଖୁବ୍ କମ୍ ସମୟ ମଧ୍ୟରେ ଏହି ଅଞ୍ଚଳର ଅନ୍ୟାନ୍ୟ ଧର୍ମମତ ମଧ୍ୟରେ ପ୍ରାଧାନ୍ୟ ଅଥବା ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲା। ତେବେ କଳିଙ୍ଗରେ ବୌଦ୍ଧ ଧର୍ମର ପୁନରୁତ୍ଥାନକୁ ଭାରତର ମହାନ୍ ବୌଦ୍ଧ ଆନ୍ଦୋଳନର ଏକ ଅଂଶ ଭାବରେ ଗ୍ରହଣ କରାଯିବା ଉଚିତ। ଏହା ଅନେକ ବିଶିଷ୍ଟ ଆଚାର୍ଯ୍ୟମାନଙ୍କର ଏଠାରେ ଅସାଧାରଣ ପ୍ରଚାର ଅଭିଯାନର ହିଁ ଫଳ ଥିଲା।(ସମାପ୍ତ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଉଚ୍ଚଶିକ୍ଷା ପାଇଁ ଅର୍ଥ ବାଧକ

# ଦାଦନ ଗଲେ ମାଟ୍ରିକ୍ ବ୍ଲକ୍ ଟପ୍ପର୍

କୋରାପୁଟ/ନାରାୟଣପାଟଣା, ୮।୫(ସମିସ): ଉଚ୍ଚଶିକ୍ଷାରେ ଅର୍ଥ ବାଧକ ସାଜିବାରୁ ଦାଦନ ଖଟିବାକୁ ଗଲେ ମାଟ୍ରିକ୍ ବ୍ଲକ୍ ଟପ୍ପର୍। ଆଦିବାସୀବହୁଳ କୋରାପୁଟ ଜିଲ୍ଲା ନାରାୟଣପାଟଣା ବ୍ଲକ୍‌ରୁ ଏଭଳି ଏକ ଚିତ୍ର ଏବେ ସାମ୍ନାକୁ ଆସିଛି। ମାଟ୍ରିକ୍ ପରୀକ୍ଷାରେ ନିଜ ବ୍ଲକ୍‌ରେ ସର୍ବାଧିକ ନମ୍ବର ରଖିଥିବା ଡଙ୍ଗାପାଇ ଗ୍ରାମର ଶୁକ୍ରା ଶିରିକାଙ୍କ ପୁଅ ନବୀନ ଶିରିକା ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମ୍‌କୁ ଦାଦନ ଖଟିବାକୁ ଯାଇଛନ୍ତି। ସେଠାରେ ସେ ଏକ ବରଫ ଫ୍ୟାକ୍ଟ୍ରିରେ କାମ କରୁଥିବା ଜଣାଯାଇଛି।

ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ନବୀନ ୩୯୬ନମ୍ବର ରଖି ବି -୨ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହେବା ସହ ବ୍ଲକ ଟପ୍ପର୍ ହେବାର ଗୌରବ ଅର୍ଜନ କରିଥିଲେ। ଗରିବ ଖଟିଖିଆର ପୁଅ ବ୍ଲକ୍ ଟପ୍ପର ହେବା ପରେ ବିଭିନ୍ନମହଲରୁ ନବୀନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭବିଷ୍ୟତରେ ଭଲ ଚାକିରି କରି ଅଞ୍ଚଳର ଟେକ ରଖିବା ପାଇଁ ସମସ୍ତେ ପରାମର୍ଶ ଦେଇଥିଲେ। ଆଗକୁ ଉଚ୍ଚଶିକ୍ଷା ଲାଭ ପାଇଁ ନବୀନଙ୍କ ସମ୍ମୁଖରେ ଆର୍ଥିକ ସମସ୍ୟା ଜଳଜଳ ଦେଖାଯାଇଥିଲା। ପରିବାର ପେଟକୁ ଦାନା ଯୋଗାଡ଼ ପାଇଁ ନବୀନଙ୍କ ପାଖରେ ଦାଦନ ଖଟିବା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନଥିଲା। ତେଣୁ, ସାଙ୍ଗମାନଙ୍କ ସହ ପଡ଼ୋଶୀ ଆନ୍ଧ୍ରପ୍ରଦେଶର ବିଜୟନଗରମରେ ଦାଦନ ଖଟିବାକୁ ଯିବା ପାଇଁ ନିଷ୍ପତ୍ତି ନେଇଥିଲେ। ବର୍ତ୍ତମାନ ସେ ବିଜୟନଗରମ ଠାରେ ଥିବା ଏକ ବରଫ ଫ୍ୟାକ୍ଟ୍ରିରେ କାମ କରୁଛନ୍ତି। ଆସନ୍ତା ଦୁଇମାସ ଧରି ସେ କାମ କରି ଯାହା ରୋଜଗାର କରିବେ, ସେଇ ଅର୍ଥକୁ ସେ ପାଠପଢ଼ାରେ ଖର୍ଚ୍ଚ କରିବ ବୋଲି ତାଙ୍କର ନିକଟ ସମ୍ପର୍କୀୟମାନେ କହିଛନ୍ତି।

କେବଳ ନବୀନ ନୁହେଁ, କୋରାପୁଟ ଜିଲ୍ଲାର ଉପାନ୍ତ ଅଞ୍ଚଳର ଶହଶହ ଛାତ୍ରଛାତ୍ରୀ ଗ୍ରୀଷ୍ମାବକାଶ କାଳରେ କିଛି ଅର୍ଥ ଉପାର୍ଜନ କରିବା ଉଦ୍ଦେଶ୍ୟରେ ରାଜ୍ୟ ବାହାରକୁ ବିପଜ୍ଜନକ ସ୍ଥିତିରେ ଯାଉଛନ୍ତି। ଆର୍ଥିକ ସ୍ୱଚ୍ଛଳ ପରିବାରର ପିଲା ଛୁଟି ସମୟରେ କିମ୍ବା ପରୀକ୍ଷା ଶେଷ ପରେ ସମର କୋର୍ସ କରୁଥିବା ବେଳେ ଗରିବ ମେଧାବୀ ଛାତ୍ରଛାତ୍ରୀ ଭବିଷ୍ୟତ ପାଇଁ ଦିନ ମଜୁରିଆ କାମ କରିବାକୁ ବାଧ ହେଉଛନ୍ତି। ସରକାର ଓ ପ୍ରଶାସନ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରି ଗରିବ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ସହାୟତା ଦେବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଦାବି ହୋଇଛି।

# ପିଉସାକୁ କାଠ ଫାଳିଆରେ ପିଟିପିଟି ହତ୍ୟା

କୋଇଡ଼ା, ୮।୫ (ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ପିଉସାକୁ କାଠଫାଳିଆରେ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଛି ପୁତୁରା। ସୁନ୍ଦରଗଡ଼ ଜିଲ୍ଲା, ବଣାଇଁ ଉପଖଣ୍ଡ କୋଇଡ଼ା ଥାନା ଅନ୍ତର୍ଗତ ସର୍ଗିଗଡ ଗ୍ରାମରେ ଏପରି ଏକ ଘଟଣା ଚାଞ୍ଚଲ୍ୟ ସୃଷ୍ଟି କରିଛି।

ସୂଚନାନୁଯାୟୀ, କୋଇଡ଼ା ଥାନା ସର୍ଗିଗଡ଼ ମୁଣ୍ଡାସାହିରେ ଗତକାଲି ସନ୍ଧ୍ୟାରେ ଏକ ଶୁଦ୍ଧିକ୍ରିୟା ଭୋଜି ଚାଲିଥିଲା। ସାହି ସାରା ଲୋକ ଭୋଜି ଭାତ ଓ ମଦ ଆସରରେ ମସଗୁଲ୍ ଥିଲେ। ଗତ ରାତି ପ୍ରାୟ ୮ଟାରେ ଭୋଜି ଖାଇ ସାରିବା ପରେ ମାନସିଂ ମୁଣ୍ଡା, ତାଙ୍କ ସ୍ତ୍ରୀ ରାଇମନି ମୁଣ୍ଡା ନିଜ ପିଲାମାନଙ୍କ ସହ ଘରକୁ ଫେରୁଥିବା ବେଳେ ରାଇମନିଙ୍କ ଭାଇ ସାଧୁ ମୁଣ୍ଡା (୪୫)ଙ୍କ ସହ ଭେଟ ହୋଇଥିଲା। କୌଣସି କଥାକୁ ନେଇ ମାନସିଂ ଓ ସାଧୁଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ସାଧୁ ଉତ୍ତ୍ୟକ୍ତ ହୋଇ ସେଠାରେ ପଡ଼ିଥିବା ଏକ କାଠଫାଳିଆରେ ମାନସିଂକୁ ନିର୍ଧୁମ ପିଟିଥିଲା। ମାନସିଂ ଲହୁଲୁହାଣ ହୋଇ ସଂଜ୍ଞାହୀନ ହୋଇପଡ଼ିଯିବା ଦେଖି ରାଇମନି ପ୍ରତିବାଦ କରିବା ସହ ପୁତୁରା ରୋଇ ମୁଣ୍ଡାକୁ ସାହାଯ୍ୟ ପାଇଁ ଡାକିଥିଲା। କିନ୍ତୁ, ନିଶାରେ ଉବୁଡ଼ୁବୁ ରୋଇ ସେଇ କାଠ ଫାଳିଆରେ ପୁଣି ସାଧୁଙ୍କୁ ପିଟିପିଟି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା।

ଖବର ପାଇ ଆଜି ସକାଳେ କୋଇଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ସ୍ୱାଇଁ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ରୋଇ ମୁଣ୍ଡାଙ୍କୁ କାବୁ କରି ଘଟଣା ସମ୍ପର୍କରେ ପଚରାଉଚରା କରିଥିଲେ। ସେପଟେ ମାନସିଂ ଓ ରାଇମନିଙ୍କ ଏତଲା ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ରାଉରକେଲାରୁ ସାଇଣ୍ଟିଫିକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଛି। ପୁଲିସ ଶବ ଇନକ୍ୱେଷ୍ଟ କରିବା ପରେ ବ୍ୟବଚ୍ଛେଦ ନିମନ୍ତେ କୋଇଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ହତ୍ୟା କରିଥିବା ସ୍ୱୀକାର କରିବା ପରେ ରୋଇ ମୁଣ୍ଡାଙ୍କୁ ପୁଲିସ ଗିରଫ କରି ଆଜି ସନ୍ଧ୍ୟାରେ ବଣାଇଁ କୋର୍ଟକୁ ଚାଲାଣ କରିଥିଲେ।

## ■ ଅନୁସୂଚିତ ଜାତି କମିଶନରଙ୍କୁ ଅଭିଯୋଗ

# ଯୁଗ୍ମ ନାମରେ ଜଣେ ଅଧିକାରୀ କରୁଛନ୍ତି ତଦନ୍ତ

ଭୁବନେଶ୍ୱର, ୮।୫(ସମିସ): ରାଜ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତିଙ୍କ ଉପରେ ଘଟୁଥିବା ଅତ୍ୟାଚାର ମାମଲାରେ ଓଡ଼ିଶା ପୁଲିସ ପକ୍ଷରୁ ସଠିକ୍ ସମୟରେ ସରୁନାହିଁ। ବର୍ଷ ବର୍ଷ ଧରି ଯୁଗ୍ମ ତଦନ୍ତ ଜାରି ରହୁଛି। ଯୁଗ୍ମ ତଦନ୍ତ ନାମରେ ଜଣେ ଅଧିକାରୀ ତଦନ୍ତ କରୁଥିବାବେଳେ ସୁପରଭିଜନ ରିପୋର୍ଟ ଏବଂ ଚାର୍ଜସିଟ୍ ଦାଖଲରେ ବିଳମ୍ବ ହେଉଛି। ଏହି ପ୍ରସଙ୍ଗକୁ ନେଇ 'ସମ୍ବିଧାନ ଅଧିକାର ଅଭିଯାନ ଓଡ଼ିଶା' ପକ୍ଷରୁ ଏକ ପ୍ରତିନିଧି ଦଳ ଜାତୀୟ ଅନୁସୂଚିତ ଜାତି କମିଶନର କୋଲକାତାସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ନିର୍ଦ୍ଦେଶିକାଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏସସି/ଏସଟି ଅତ୍ୟାଚାର ସମ୍ବନ୍ଧୀୟ ମାମଲାଗୁଡ଼ିକରେ ଆଇନ ଅନୁଯାୟୀ ୭ ଦିନ ମଧ୍ୟରେ ସୁପରଭିଜନ ରିପୋର୍ଟ, ୧୫ ଦିନ ମଧ୍ୟରେ ଜେଇଆର ଏବଂ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ ହେବାର ପ୍ରବଧାନ ଥିଲେ ମଧ୍ୟ ବହୁ ମାମଲା ବର୍ଷ ବର୍ଷ ଧରି ଚାଲୁ ରହୁଛି। ଫଳରେ ପୀଡିତ ପରିବାର ନ୍ୟାୟରୁ ବଞ୍ଚିତ ହେଉଥିବା ସଂଗଠନର ରାଜ୍ୟ ସଭାପତି ମନୋରଞ୍ଜନ ଜେନା ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ବିଳମ୍ବିତ ତଦନ୍ତ ପାଇଁ ନିର୍ଯ୍ୟାତିତ ଲୋକ ଭୟଭୀତ ହୋଇ ସାକ୍ଷ୍ୟ ଓ ପ୍ରମାଣ ଦେଉନାହାନ୍ତି। ପ୍ରତି ଜିଲ୍ଲାରେ ପ୍ରାୟ ୩ଶହ ପର୍ଯ୍ୟନ୍ତ ମାମଲା ସନ୍ଦେହଜନକ ଭାବେ ବନ୍ଦ କରାଯାଇଛି। ସେସବୁ ମାମଲାକୁ ବରିଷ୍ଠ ଆଇପିଏସଙ୍କ ଦ୍ୱାରା ପୁନଃ ସୁପରଭିଜନ ଓ ତଦନ୍ତ କରିବାକୁ ଦାବି କରିଛନ୍ତି। ସେହିପରି ଭିଜିଲାନ୍ସ ମନିଟରିଙ୍ଗ କମିଟି ବୈଠକ ଠିକ ସମୟରେ ନ ହେବା, ୨୦୧୬ ମସିହା କ୍ଷତିପୂରଣ ରାଶି ନିୟମାବଳୀ ଏଯାଏଁ ସଂଶୋଧନ ନ ହେବା ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି। ନିର୍ଦ୍ଧାରିତ ସମୟରେ ମାମଲାର ତଦନ୍ତ ସାରିବା ସହ ସନ୍ଦେହଜନକ ଓ ପକ୍ଷପାତିତାପୂର୍ଣ୍ଣ ମାମଲାର ପୁନଃ ତଦନ୍ତ କରିବା, ସୁପରଭିଜନ୍ ଓ ଜେଇଆର ସମୟରେ ଭିଡିଓ ରେକର୍ଡିଂକୁ ବାଧ୍ୟତାମୂଳକ କରିବା, ସମସ୍ତ ରିପୋର୍ଟକୁ ସାର୍ବଜନୀନ କରିବା ସହ ଜାତୀୟ କମିଶନ ତତ୍ତ୍ୱାବଧାନରେ ଏକ ସମୀକ୍ଷା ବୈଠକ କରିବାକୁ ଦାବି କରାଯାଇଛି। ନିର୍ଦ୍ଦେଶିକା ସୋନାଲି ଦତ୍ତ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି। ଏହି ପ୍ରତିନିଧି ଦଳରେ ସମ୍ପାଦିକା ସୁପ୍ରଭା ମଲ୍ଲିକ, ସଂଯୋଜକ ପିଣ୍ଟୁ ଜେନା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit No. 1356, sworn before the Executive Magistrate, Champua on dtd- 5/05/2026, I, **Aasia Khatoon,** W/o- Aalmgir Ansari, permanent resident of Vill: Baliposi, G.P: Baddih, PO: Narayanpur, Ps/Dist: Seraikela-Kharsawan, Jharkhand, 833220, declare that I have changed my name from **Aaysa Khatoon** (old name) to **Aasia Khatoon** (new name). Henceforth, I shall be known as **Aasia Khatoon** (new name) for all future purposes

**(Aasia Khatoon)**


# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଶ୍ଚିମବଙ୍ଗରେ ଆଜି...

ବିଜୟଲାଭ କରି ପ୍ରଚଣ୍ଡ ବହୁମତ ହାସଲ କରିଛି। ଶୁଭେନ୍ଦୁ କେବଳ ନିଜର ଗଡ଼ ନନ୍ଦୀଗ୍ରାମକୁ ବଜାୟ ରଖିନାହାନ୍ତି, ବରଂ ବିଦାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତାଙ୍କର ପାରମ୍ପରିକ ଆସନ ଭବାନୀପୁରରେ ପରାସ୍ତ କରି ଚାଞ୍ଚଲ୍ୟ ସୃଷ୍ଟି କରିଛନ୍ତି। ୫୫ ବର୍ଷୀୟ ଶୁଭେନ୍ଦୁ ଅଧିକାରୀଙ୍କ ରାଜନୈତିକ ଜୀବନ ବଙ୍ଗଳାର ପରିବର୍ତ୍ତନ ସହ ଜଡ଼ିତ। ବିଦାୟୀ ମୁଖ୍ୟମନ୍ତ୍ରୀ ମମତାଙ୍କ ଘନିଷ୍ଠ ସହଯୋଗୀ ଭାବେ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ଶୁଭେନ୍ଦୁ ୨୦୦୭ ର ନନ୍ଦୀଗ୍ରାମ ଆନ୍ଦୋଳନର ଥିଲେ ପ୍ରମୁଖ ସୂତ୍ରଧାର, ଯାହା ବାମପନ୍ଥୀ ଶାସନର ପତନ ଘଟାଇଥିଲା। ଏବେ ବିଜେପିର ସାରଥି ସାଜି ସେ ମମତା ଶାସନର ପତନ ଘଟାଇଛନ୍ତି।

## ତାମିଲନାଡୁରେ କେଁ...

ଅନ୍ୟପକ୍ଷରେ ତାଙ୍କୁ ଉପମୁଖ୍ୟମନ୍ତ୍ରୀ କରିବା ବଦଳରେ ନଗର ଉନ୍ନୟନ ବିଭାଗ ଦେବାଲାଗି ଟିଭିକେ ପ୍ରସ୍ତାବ ଦେଇଛି। ଏହାକୁ ନେଇ ଦୁଇ ଦଳ ମଧ୍ୟରେ ଆଲୋଚନା ଚାଲିଛି। ଏହି କାରଣରୁ ଭିସିକେ ସମର୍ଥନ ପତ୍ର ଦେବାରେ ବିଳମ୍ବ କରୁଛି। ସୂଚନାଯୋଗ୍ୟ ଯେ ଗତ ତିନି ଦିନ ଧରି ସମର୍ଥନପତ୍ର ଧରି ବିଜୟ ରାଜପାଳଙ୍କ ପାଖକୁ ଯାଉଛନ୍ତି। କିନ୍ତୁ ୧୧୮ ବିଧାୟକଙ୍କ ସମର୍ଥନପତ୍ର ନମିଳିବା ପର୍ଯ୍ୟନ୍ତ ସରକାର ଗଠନ ପାଇଁ ତାଙ୍କୁ ଆମନ୍ତ୍ରଣ କରାଯାଇପାରିବ ନାହିଁ ବୋଲି ରାଜ୍ୟପାଳ କହୁଛନ୍ତି। ଗତକାଲି ସୁଦ୍ଧା ବିଜୟ ୧୧୨ ବିଧାୟକଙ୍କ ସମର୍ଥନ ପତ୍ର ନେଇ ଯାଇଥିଲେ। କିନ୍ତୁ ଆଜି ୧୧୬ ଜଣଙ୍କ ସମର୍ଥନପତ୍ର ଦାଖଲ କରିବା ସହିତ ଖୁବଶୀଘ୍ର ଭିସିକେ ଓ ମୁସଲିମ ଲିଗର ୪ ବିଧାୟକଙ୍କ ସମର୍ଥନପତ୍ର ମିଳିଯିବ ବୋଲି ବିଜୟ ରାଜ୍ୟପାଳଙ୍କୁ କହିଥିଲେ। ଏହି ୪ ବିଧାୟକଙ୍କ ସମର୍ଥନପତ୍ର ମିଳିବା ପରେ ହିଁ ବିଜୟଙ୍କ ଶପଥ ପାଇଁ ପଥ ପରିଷ୍କାର ହେବ ବୋଲି କୁହାଯାଉଛି।

## ଦେଶବ୍ୟାପୀ ଆଲୋଡ଼ନ...

ଟିମ୍ ଶୁକ୍ରବାର ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ କରିଛନ୍ତି। ଏଥିସହ ବେଣୁପୁରସ୍ଥିତ ପୀଡ଼ିତାଙ୍କ ଘରକୁ ଯାଇ ମହିଳା କମିସନ ଅଧ୍ୟକ୍ଷା ଓ ତାଙ୍କ ଟିମ୍ ପୀଡିତା ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ଘଟଣା ବିଷୟରେ ପଚାରି ବୁଝିଥିଲେ। ଏନେଇ ଗଣମାଧ୍ୟମକୁ ମହିଳା କମିସନ ଅଧ୍ୟକ୍ଷା ଶ୍ରୀମତୀ ମହାନ୍ତି କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ନିରପେକ୍ଷ ତଦନ୍ତ କରାଯାଉଛି। ଦୁର୍ଘଟଣା ପରେ ପୀଡ଼ିତା ଆହତ ହୋଇଛନ୍ତି। ତାଙ୍କୁ ଟଣାଓଟରା ସହ ଦୁର୍ବ୍ୟବହାର କରାଯାଇଥିଲା ବୋଲି ବୟାନ ରେକର୍ଡ ହୋଇଛି। ପୀଡ଼ିତାଙ୍କଠାରୁ ସାକ୍ଷ ପ୍ରମାଣ ଗ୍ରହଣ କରାଯାଇଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ରିପୋର୍ଟ ଦିଆଯିବ। ଘଟଣାସ୍ଥଳ ପରିଦର୍ଶନ ଓ ପୀଡିତାଙ୍କ ଘରକୁ ଯିବା ପରେ ମହିଳା କମିଶନ୍ ଅଧ୍ୟକ୍ଷା ବାଲିଅନ୍ତା ଥାନାକୁ ଯାଇ ପୁଲିସଠାରୁ ତଥ୍ୟ ନେଇଥିଲେ। ଜୋନ୍ ଏସିପି ଅଭିମନ୍ୟୁ ନାୟକ ଓ ଥାନାଧିକାରୀ ଅନିଲ କୁମାର ପରିଡ଼ାଙ୍କ ସହ ବହୁ ସମୟ ଆଲୋଚନା କରିଥିଲେ। ଘଟଣାକୁ ନେଇ ପଞ୍ଜିକୃତ ହୋଇଥିବା ଦୁଇଟି ମାମଲା ସମ୍ପର୍କରେ ତଥ୍ୟ ଓ ଆଘାତ ସମ୍ପର୍କିତ ରିପୋର୍ଟ ନେଇଥିଲେ। ଘଟଣାରେ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ଦିଆଯିବ ବୋଲି ଅଧ୍ୟକ୍ଷା ଥାନାରୁ ଯିବାବେଳେ ଗଣମାଧ୍ୟମକୁ କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଶୁକ୍ରବାର ସକାଳେ ଘଟଣାସ୍ଥଳକୁ ଯାଇ ତଦନ୍ତ କରିଛନ୍ତି। ଡିସିପି ଜଗମୋହନ ମୀନାଙ୍କ ସହ ସେ ଆଲୋଚନା କରି ଘଟଣା ବିଷୟରେ ପଚାରି ବୁଝିଛନ୍ତି। ଏଥିସହ ସ୍ଥାନୀୟ ଲୋକମାନଙ୍କ ସହ ମଧ୍ୟ ପୁଲିସ ଡିଜି କଥା ହୋଇ କେଉଁଭଳି ପରିସ୍ଥିତିରେ ଏଭଳି ବୀଭତ୍ସ ଘଟଣା ଘଟିଲା ତାହା ପଚାରି ବୁଝିଥିଲେ। ଏହି ଘଟଣାରେ ବାଲିଅନ୍ତା ଥାନା ପକ୍ଷରୁ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ସ୍ୱତନ୍ତ୍ର ପୁଲିସ ଟିମ୍ ଛାନଭିନ୍ ଜାରି ରଖିଛି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ବାଲିଅନ୍ତା ଥାନାଧିକାରୀ ଅନିଲ କୁମାର ପରିଡ଼ା କହିଛନ୍ତି।

## ସୌମ୍ୟଙ୍କୁ ବେଠି...

ରୁଜୁ ହୋଇଥିଲା ଓ ପୁଲିସ ତାଙ୍କୁ ୨୦୨୧ରେ ଗିରଫ କରିଥିଲା। ଏହାର ସୁଯୋଗ ନେଇଥିଲେ ସମ୍ପୃକ୍ତ ଆଇପିଏସ୍। ସୌମ୍ୟଙ୍କୁ ସୁରକ୍ଷା ଦେବାର ଆଶ୍ୱାସନା ଦେଇ ନିଜର ବ୍ୟକ୍ତିଗତ କାର୍ଯ୍ୟରେ ନିୟୋଜିତ କରିଥିଲେ। ଜାନୁଆରୀ ମାସରୁ ଜିମ୍ କାରବାରକୁ ନେଇ ସୌମ୍ୟ ଓ ସମ୍ପୃକ୍ତ ଆଇପିଏସ୍ ଅଧିକାରୀଙ୍କ ମଧ୍ୟରେ ଦୂରତା ବଢ଼ିଥିଲା। ତେଣୁ ସେ ତାଙ୍କର କାର୍ଯ୍ୟସ୍ଥଳୀ କଟକସ୍ଥିତ ଜିଆର୍‌ପି ଏସ୍‌ପିଙ୍କ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଆରମ୍ଭ କରିଥିଲେ। ଏଥିପାଇଁ ବରିଷ୍ଠ ପୁଲିସ ଅଧିକାରୀଜଣକ କ୍ଷୁବ୍ଧ ହୋଇଥିଲେ ଓ ତାଙ୍କ ଚାକିରି ଖାଇଦେବେ ବୋଲି ବି କୁଆଡ଼େ ଧମକ ଦେଇଥିଲେ। ଏପରିକି ସମ୍ପୃକ୍ତ ଆଇପିଏସ୍‌ଙ୍କ ଚାପରେ ସୌମ୍ୟଙ୍କ ବେତନ ବନ୍ଦ କରି ଦିଆଯାଇଥିଲା। ଦରମା କାହିଁକି ବନ୍ଦ ହୋଇଛି ଜାଣିବା ପରେ ସୌମ୍ୟଙ୍କ ମନରେ ସମ୍ପୃକ୍ତ ଆଇପିଏସ୍‌ଙ୍କ ପ୍ରତି ଘୃଣା ଭାବ ସୃଷ୍ଟି ହୋଇଥିଲା। ଏହା ତାଙ୍କୁ ବେଶୀ ବିମର୍ଷ କରିଥିଲା। ସୌମ୍ୟରଞ୍ଜନଙ୍କ ନିକଟତମ ଲୋକମାନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ଏହାକୁ ନେଇ ସେ ଅତ୍ୟନ୍ତ ମାନସିକ ଅସୁସ୍ଥତା ମଧ୍ୟରେ ଗତି କରୁଥିଲେ। ସଂପୃକ୍ତ ଆଇପିଏସ୍ ଉଚ୍ଚ ପଦରେ ଥିବାରୁ ତାଙ୍କ ସହ ଶତ୍ରୁତା ଆଚରଣ ସୌମ୍ୟଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ବିଭାଗର କିଛି ଅଧିକାରୀ ସୌମ୍ୟରଞ୍ଜନଙ୍କୁ ଡ଼ରାଇ ଦେଇଥିଲେ। ଏକ ପକ୍ଷରେ ମାନସିକ ନିର୍ଯାତନା ଓ ଅନ୍ୟପକ୍ଷରେ ଚାକିରି ଯିବା ଭୟ ତାଙ୍କୁ ଡ଼ିପ୍ରେସନ ଆଡ଼କୁ ଟାଣି ନେଇଥିଲା। ବିଭିନ୍ନ ସମୟରେ ସେ ବିଚିତ୍ର ଆଚରଣ ପ୍ରଦର୍ଶନ କରୁଥିଲେ।

## ଗୋଡ଼-ହାତ...

ଅବସ୍ଥାରେ ଥିବା ସୌମ୍ୟ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ପ୍ରାଣ ହରାଇଲେ। ହାତଗୋଡ଼ ବନ୍ଧା ଅବସ୍ଥାରେ ତାଙ୍କୁ ମାଡ଼ ମରାଯାଉଥିବାର ଭିଡିଓ ଭାଇରାଲ ହେବା ପରେ ପୁଲିସର ଭୂମିକାକୁ ନେଇ ପ୍ରଶ୍ନ ଉଠିଛି। ସେହିପରି ଘଟଣାସ୍ଥଳକୁ ଆସିଥିବା ପୁଲିସ ଟିମ୍‌ର ଗାଡ଼ି ସୌମ୍ୟଙ୍କୁ ନେବାରେ କ'ଣ ପାଇଁ ବ୍ୟବହାର କରାଗଲା ନାହିଁ ବୋଲି ପ୍ରଶ୍ନ ଉଠିଛି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବା ସତ୍ତ୍ୱେ ଲୋକଙ୍କ ନିଷ୍ଠୁର ମାଡ଼ରେ ଆହତ ଜଣେ ଯୁବକକୁ ବଞ୍ଚାଇବାରେ ପୁଲିସର ବିଫଳତା ଯେତିକି ଅସମ୍ବେଦନଶୀଳ, ଭିଡ଼ ନିୟନ୍ତ୍ରଣରେ ପୁଲିସର ଅସଫଳତା ତତୋଧିକ ଦୁଃଖଦାୟକ। ପୁଲିସ ଉପସ୍ଥିତିରେ କିଭଳି ସୌମ୍ୟଙ୍କୁ ଆକ୍ରମଣ କରାଗଲା; ଆଉ ପୁଲିସ ତାଙ୍କୁ ବଞ୍ଚାଇ ପାରିଲାନି ତାହାକୁ ନେଇ ପୁଲିସର ପାରିବାପଣିଆ ଉପରେ ସିଧାସଳଖ ପ୍ରଶ୍ନ ଉଠିଛି। ବିଭିନ୍ନ ମହଲରେ ପୁଲିସ ଅପରାଗତାକୁ ନେଇ ପ୍ରଶ୍ନ ଉଠାଯାଇଥିଲା ବେଳେ କୌଣସି ଜଣେ ବି ପୁଲିସ ଅଧିକାରୀଙ୍କ ବିରୋଧରେ ଏପର୍ଯ୍ୟନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ପୁଲିସ ସୌମ୍ୟଙ୍କ ହାତଗୋଡ଼ ବାନ୍ଧିବା, ଗୁରୁତର ଅବସ୍ଥାରେ ପ୍ରବଳ ଖରାରେ ତାଙ୍କୁ ଏକ ଡାଲା ଅଟୋରେ ବୁହାଯିବା ଓ ପୁଲିସ ହେପାଜତରେ ଯିବା ବେଳେ ତାଙ୍କର ମୃତ୍ୟୁ ଘଟିବା ସାଧାରଣରେ ପୁଲିସର ଭୂମିକାକୁ କାଠଗଡ଼ାରେ ଠିଆ କରିଛି।

## ବାତ୍ୟା ଆଶଙ୍କା...

ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ଆଗମନ ପୂର୍ବରୁ ବଙ୍ଗୋପସାଗରରେ କୌଣସି ଏକ ବଡ଼ ସିଷ୍ଟମ୍ ଯାହାକି ଲଘୁଚାପ କିମ୍ବା ଅବପାତ ସୃଷ୍ଟି ହେଲେ ଏହା ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ଭିଡ଼ି ଆଣିଥାଏ। ଏହିକ୍ରମରେ ମେ' ୧୦-୧୧ ତାରିଖ ବେଳକୁ ଦକ୍ଷିଣ-ପଶ୍ଚିମରୁ ଦକ୍ଷିଣ-କେନ୍ଦ୍ରୀୟ ବଙ୍ଗୋପସାଗର ଅଞ୍ଚଳରେ ଏକ ଦୁର୍ବଳରୁ ମଧ୍ୟମ ଧରଣର ଲଘୁଚାପ ସୃଷ୍ଟି ହେବାର ସଙ୍କେତ ମିଳୁଛି; ମାତ୍ର ବାତ୍ୟା ସମ୍ଭାବନା ବହୁ କ୍ଷୀଣ ରହିଛି। ବାତ୍ୟା ସୃଷ୍ଟି ନେଇ ଯେଉଁ ସବୁ ପରିସ୍ଥିତି ସୁହାଏ, ଏଥିରୁ କେବଳ ସମୁଦ୍ର ତାପମାତ୍ରାକୁ ଛାଡ଼ି ଦେଲେ ବାକି ଏମ୍‌ଜେଓ ସମେତ ଅନେକ କାରକ ପ୍ରତିକୂଳ ପରିସ୍ଥିତିରେ ରହିଛନ୍ତି। ଏଥିପାଇଁ ବାଦଲ ଏକତ୍ରିକରଣ ପ୍ରକ୍ରିୟାରେ ବାଧା ସୃଷ୍ଟି କରିବା ସହ ଲଘୁଚାପ ଘନୀଭୂତ ହେବ କି ନାହିଁ ସେନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି। ତେବେ ବର୍ତ୍ତମାନର ସ୍ଥିତି ଅନୁଯାୟୀ ଆସନ୍ତା ୧୫-୨୧ ତାରିଖ ମଧ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ସାଗର, ଦକ୍ଷିଣ ବଙ୍ଗୋପସାଗର ଆଦି ଅଞ୍ଚଳକୁ ଅଗ୍ରସର ହୋଇଯିବ। ଯଦି ସମ୍ଭାବ୍ୟ ଲଘୁଚାପ ଅବପାତ ହୁଏ କିମ୍ବା ଏହାଠାରୁ ଅଧିକ ଘନୀଭୂତ ହୁଏ, ତେବେ ମୌସୁମୀ କେରଳ ଛୁଇଁବା ମଧ୍ୟ ସ୍ୱାଭାବିକ ସମୟ ଅର୍ଥାତ ଜୁନ୍ ୧ଠାରୁ ଆଗୁଆ ପ୍ରବେଶ କରିବ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଗତ ୩୬ ଘଣ୍ଟାରେ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ଅନୁଭୂତ ହୋଇଛି। ନୟାଗଡ଼ରେ ସର୍ବାଧିକ ୫୫ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ନବରଙ୍ଗପୁର ୨୨, ଚାନ୍ଦବାଲି ୧୯, ବାରିପଦା ୧୧, କେନ୍ଦୁଝର ୧୦ ଓ ଭଦ୍ରକରେ ୧୫ ମିମି ବର୍ଷା ରେକର୍ଡ କରାଯାଇଛି। ଶନିବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ସୁନ୍ଦରଗଡ଼, ଝାରସୁଗୁଡ଼ା ଆଦିରେ କାଳବୈଶାଖୀ ଯୋଗୁଁ ପବନର ବେଗ ୪୦-୫୦ କିମି ରହିବା ସହ ଝଡ଼ ପବନ ହେବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ବର୍ଷା ଯୋଗୁଁ ତାପମାତ୍ରାରେ ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ଘଟିବା ସହିତ ଆଜି ରାଜ୍ୟର ସମସ୍ତ ସହରରେ ତାପମାତ୍ରା ୪୦ ଡିଗ୍ରୀ ତଳେ ରହିଛି।

## ମେ' ୨୦ ସୁଦ୍ଧା...

ସୀମାନ୍ତରେ ଏହା ଅଧିକ ଘନୀଭୂତ ହେବ। ଏହାର ପ୍ରଭାବରେ କେରଳ, ତାମିଲନାଡୁ ଏବଂ ଦକ୍ଷିଣ ଭାରତର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବୃଷ୍ଟିପାତ ସହ କେତେକ ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ମଧ୍ୟ ଦକ୍ଷିଣ ଭାରତର କେତେକ ଅଞ୍ଚଳରେ ମେଘନାଦ ଓ ବିଜୁଳି ସହ ପ୍ରାକ୍-ମୌସୁମୀ ବର୍ଷା ଅନୁଭୂତ ହେଉଛି, ଯାହା ବର୍ଷାଋତୁର ଆଗମନୀ ସଙ୍କେତ ପ୍ରଦାନ କରୁଛି। ତେବେ ଚଳିତ ବର୍ଷର ମୌସୁମୀ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହେଉଥିବା 'ଏଲ୍-ନିନୋ' ପରିସ୍ଥିତି ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ରହିଛି। ପୂର୍ବାନୁମାନ ଅନୁଯାୟୀ, ବର୍ଷା ହାର ହାରାହାରି ୯୨ ପ୍ରତିଶତ ରହିବା ସମ୍ଭାବନା ଅଛି। ଭାରତରେ ମୌସୁମୀ ବାୟୁ ସାଧାରଣତଃ ଜୁନ୍ ୧ ତାରିଖ ସୁଦ୍ଧା କେରଳ ଉପକୂଳ ଛୁଇଁଥାଏ, ଯାହା ଦେଶର ବାର୍ଷିକ ବୃଷ୍ଟିପାତର ପ୍ରାୟ ୭୦ ପ୍ରତିଶତ ଭରଣା କରିଥାଏ। 'ଏଲ୍-ନିନୋ'ର ପ୍ରତିକୂଳ ପ୍ରଭାବ ସତ୍ତ୍ୱେ ମୌସୁମୀର ଠିକ୍ ସମୟରେ ଆଗମନ କୃଷକମାନଙ୍କ ମନରେ ନୂଆ ଆଶାର ସଞ୍ଚାର କରିଛି। ସମୟାନୁସାରେ ବୃଷ୍ଟିପାତ ହେଲେ ଚାଷ କାର୍ଯ୍ୟ ତ୍ୱରାନ୍ୱିତ ହେବା ସହ ଜଳ ସଙ୍କଟ ଦୂର ହେବାରେ ସହାୟକ ହେବ। ବର୍ତ୍ତମାନ ସମସ୍ତଙ୍କ ନଜର ସେହି କଳାହାଣ୍ଡିଆ ମେଘମାଳା ଉପରେ, ଯାହା ଶୁଷ୍କ ଧରିତ୍ରୀକୁ ସୁଜଳା-ସୁଫଳା କରିବାର କ୍ଷମତା ରଖେ।

## ୧୦% ବୈଶ୍ୱିକ...

ପାଇଁ ୧୯୭୪ ବାଣିଜ୍ୟ ଅଧିନିୟମର ଯେଉଁ ପ୍ରାବଧାନ ଉପଯୋଗ କରିଛନ୍ତି ତାହା କେବଳ ପେମେଣ୍ଟ ସନ୍ତୁଳନ ସଙ୍କଟ ପରିସ୍ଥିତିରେ ପ୍ରଭାବୀ ହୋଇପାରିବ। ବହୁମତ ତାଙ୍କ ରାୟରେ କହିଛନ୍ତି ଯେ ଶୁଳ୍କ ଅମାନ୍ୟ ଓ ଆଇନ ଦ୍ୱାରା ଅନଧିକୃତ। ବିଚାରପତି ଜଷ୍ଟିସ୍ ମାର୍କ ଏ ବାର୍ଣ୍ଣେଟ୍ ଓ ଜଷ୍ଟିସ୍ କ୍ଲେୟାର ଆର. କେଲି ତାଙ୍କ ରାୟରେ କହିଛନ୍ତି ଯେ ଯଦି ରାଷ୍ଟ୍ରପତିଙ୍କୁ ପୈଠ ସନ୍ତୁଳନ ଘାଟା ଚିହ୍ନଟ ପାଇଁ କ୍ଷମତା ମିଳେ, ତେବେ ଯେଉଁ ପର୍ଯ୍ୟନ୍ତ ସବ ଆକାଉଣ୍ଟ ସନ୍ତୁଳିତ ନ ହୋଇଛି ସେ ପର୍ଯ୍ୟନ୍ତ ରାଷ୍ଟ୍ରପତି ପୈଠ ସନ୍ତୁଳନ କ୍ଷତି ଦେଖାଇ ପାରିବେ। ତଥାପି, ସମ୍ପ୍ରତି ବାଣିଜ୍ୟ ଅଦାଲତ ଶୁଳ୍କକୁ ସମ୍ପୂର୍ଣ୍ଣ ନିଷିଦ୍ଧ କରିନାହାଁନ୍ତି। ବରଂ, ୱାଶିଂଟନ୍ ଷ୍ଟେଟ୍, ମସଲା କମ୍ପାନୀ ବର୍ଲାପ୍ ଆଣ୍ଡ ବ୍ୟାରେଲ୍ ଏବଂ ଖେଳଣା ନିର୍ମାତା ବେସିକ୍ ଫନ୍ ସହିତ ଜଡିତ ଏକ ମାମଲାରେ ଏହି ରାୟ ଦିଆଯାଇଛି। ରାୟ ଦେବା ସମୟରେ, ଲିବର୍ଟି ଜଷ୍ଟିସ୍ ସେଣ୍ଟରର ଲିଟିଗେସନ୍ ନିର୍ଦ୍ଦେଶକ ଜେଫ୍ରି ସ୍ୱାବ୍ କହିଛନ୍ତି ଯେ ଏହି ମାମଲାରେ ଜଡିତ ନଥିବା ପକ୍ଷମାନଙ୍କୁ ଏବେ ବି ଶୁଳ୍କ ଦେବାକୁ ପଡିବ। ବର୍ତ୍ତମାନ ଏହା ବିଶ୍ୱାସ କରାଯାଉଛି ଯେ ଏହି ନିଷ୍ପତ୍ତିକୁ ଆମେରିକୀୟ ସରକାର ଚ୍ୟାଲେଞ୍ଜ କରିପାରିବେ।


**Admission Notice for B.Ed-Special Education for the Session 2026-27**

**JIBANJYOTI COLLEGE OF SPECIAL EDUCATION**
Jyoti Nagar, Gobindpur, Dhenkanal, Odisha
website : www.jwamph.org
e-mail : jibanjyoticollege.se@gmail.com, Mobile: 7008971324

Applications are invited from the eligible candidates having 50% marks in +3 Arts/Science Examination for admission into **B.Ed-Spl.Ed(ID)** course approved by Rehabilitation Council of India, Recognized by Govt.of Odisha and Affiliated to Utkal University for the academic session 2026-27. Relaxation of marks shall be considered for reserved category candidates as per State Govt. norms. The Application Form is available at College office from **05.05.2026** onwards and Last date of receipt of filled application along with required documents is **11.07.2026.** For more details, contact on mobile no.: 9437188107.

**PRINCIPAL**



**ଅଭିଯୁକ୍ତ ବ୍ୟକ୍ତିଙ୍କ ହାଜର ନିମନ୍ତେ ଘୋଷଣାନାମା**

**ଧାରା ୮୨ ସିଆର.ପି.ସି ଦେଖନ୍ତୁ**

ଯେହେତୁ ମୋ ସମ୍ମୁଖରେ ଅଭିଯୋଗ କରାଯାଇଛି ଯେ ଅଭିଯୁକ୍ତ ସୁଶାନ୍ତ ସାହୁ @ କାର୍ତ୍ତିକ ସାହୁ, ପିତା: ଉଦୟନାଥ ସାହୁ, ଗ୍ରାମ କଂସାରୀ, ଥାନା: ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା; ଏଫଆଇଆର୍ ନମ୍ବର ୨୮୧/୨୦୧୪, ଧାରା ୪୧୯/୪୨୦/୪୬୮/୪୭୧ IPC ଏବଂ ୧୨ PP Act, ଥାନା: ଆଇଜିଆଇ ଏୟାରପୋର୍ଟ, ଦିଲ୍ଲୀ ଅନ୍ତର୍ଗତ ଅପରାଧ କରିଛନ୍ତି (କିମ୍ବା କରିଥିବା ସନ୍ଦେହ କରାଯାଉଛି) ଏବଂ ତାଙ୍କ ବିରୁଦ୍ଧରେ ଜାରି କରାଯାଇଥିବା ଗିରଫ ପରୱାନା ଫେରସ୍ତ ଆସିଛି କାରଣ ଅଭିଯୁକ୍ତ ସୁଶାନ୍ତ ସାହୁ @ କାର୍ତ୍ତିକ ସାହୁଙ୍କର କୌଣସି ପତ୍ତା ମିଳୁନାହିଁ; ଏବଂ ମୋର ସନ୍ତୋଷଜନକ ଭାବେ ଦର୍ଶାଯାଇଛି ଯେ ଉକ୍ତ ଅଭିଯୁକ୍ତ ସୁଶାନ୍ତ ସାହୁ @ କାର୍ତ୍ତିକ ସାହୁ ଫେରାର ଅଛନ୍ତି (କିମ୍ବା ପରୱାନା ଜାରିକୁ ଏଡାଇବା ପାଇଁ ନିଜକୁ କେଉଁଠି ଲୁଚାଇ ରଖିଛନ୍ତି) ।ଏତଦ୍ୱାରା ଘୋଷଣା କରାଯାଉଛି ଯେ, FIR ନମ୍ବର ୨୮୧/୨୦୧୪, ଧାରା ୪୧୯/୪୨୦/୪୬୮/୪୭୧ IPC ଏବଂ ୧୨ PP Act, ଥାନା: ଆଇଜିଆଇ ଏୟାରପୋର୍ଟ, ଦିଲ୍ଲୀ ଅନ୍ତର୍ଗତ ଅପରାଧରେ ଅଭିଯୁକ୍ତ ସୁଶାନ୍ତ ସାହୁ @ କାର୍ତ୍ତିକ ସାହୁଙ୍କୁ ଉକ୍ତ ଅଭିଯୋଗର ଉତ୍ତର ରଖିବା ପାଇଁ ୦୮.୦୬.୨୦୨୬ ତାରିଖ କିମ୍ବା ତା' ପୂର୍ବରୁ ଏହି ମାନ୍ୟବର ଅଦାଲତରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଗଲା।

ଆଦେଶକ୍ରମେ
ଶ୍ରୀ ପ୍ରଣବ ଯୋଶୀ
ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ-01
କୋର୍ଟ ନଂ-2, ପଟିଆଲା ହାଉସ କୋର୍ଟ, ନୂଆଦିଲ୍ଲୀ

DP/6089/IGIA/2026
(Court Matter)



**AFFIDAVIT**

I, Hira Sahu, W/o: Krushna Chandra Sahu, R/o village/Po/Ps Lachhipur Dist : Subarnapur do hereby declare by virtue of an Affidavit No 181, Dt.05.03.2026 sworn before The Executive Magistrate, Sonepur, that I have changed my name from Padmabati Behera to Hira Sahu. Henceforth, I shall be known as **Hira Sahu** for all purposes.

**Sd/- HIRA SAHU**



**AFFIDAVIT**

I, Akhil Kumar Mohanty, son of Late Sambhunatha Mohanty, resident of Village Sogarpashi, P.O. Chaulia, P.S. Sadar, District Dhenkanal, do hereby declare that the names "Akhila Mahanty" and "Akhil Kumar Mohanty" refer to one and the same person, and I am the father of Lopamudra Mahanty. Henceforth, both names may be treated as belonging to the same individual for all official purposes.



**PM SHRI SCHOOL**
**JAWAHAR NAVODAYA VIDYALAYA**
AT/PO: TARBHA, DIST.SONEPUR, ODISHA, PIN:-767016
**An Autonomous Organization under Ministry of Education**
**Department of School Education & Literacy, Government of India**

Sealed Tenders are invited from the authorized registered Dealers/ Manufacturers/ Suppliers/ Companies for supply of various Store items like Bedding items, Grocery items, Vegetable, Bakery items, Non-veg. items, Toilet items, Stationary items, Sports items, M&R items, Electrical items etc. and work like hair cutting, Uniform washing and pressing, Hiring of Vehicle etc. for the session **2026-27 to PM SHRI SCHOOL Jawahar Navodaya Vidyalaya, Tarbha, Dist: Sonepur (Odisha).**

The tender form/documents can be purchased on payment of Rs.500/- for each set of tender form from the office of the Principal, PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha) **w.e.f. 09.05.2026 to 30.05.2026 upto 04.00 pm** in any working day. Further, the same can also be downloaded from the official website of the Vidyalaya i.e. **https://www.navodaya.gov.in/nvs/nvs-school/Sonepur/en/home/.** However, during submission of tender forms an amount of **Rs.500/-** per set in the form of demand draft should be deposited separately in favour of Principal, JNV, Tarbha as cost of tender form.

The last date of submission of completed sealed tenders alongwith the EMD in the form of Demand draft in favour of the Principal, JNV, Tarbha in the office of the Principal is **01.06.2026 upto 04.00 PM** physically or by registered post/speed post. Tender received after stipulated date/time will not be entertained.

The tenders will be opened on **02.06.2026 at 11.00 AM** in the office chamber of Principal by the Purchase Advisory Committee.

**Sd/- PRINCIPAL**



**AFFIDAVIT**

By virtue an affidavit sworn before Notary Public, Bhubaneswar, Odisha, dtd. 28.04.2026, I, Suryakanta Subudhi, At/P.O.: Muktapur, Dist: Khurda, Odisha, do hereby declare that I have changed my name from Surya Kumar Parida (old name) to Suryakanta Subudhi (new name). Henceforth, I shall be known as **Suryakanta Subudhi** for all purposes.

Suryakanta Subudhi



**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
13001/403/2627

ପତ୍ର ସଂଖ୍ୟା ୨୪୧୦/ ଭୁ.ଉ.କ., ଭୁବନେଶ୍ୱର **ସୂଚନା** ତା. ୦୬.୦୫.୨୦୨୬ରିଖ
Misc AL-III-01/25

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପଲାସପଲ୍ଲୀ ମାର୍କେଟ କମ୍ପ୍ଲେକ୍ସ, ମୌଜା- ଗାମ୍ପୁର, ଭୁବନେଶ୍ୱର ଅନ୍ତର୍ଗତ ଦୋକାନଘର ନଂ-୧ କୁ ଶ୍ରୀମତୀ ପ୍ରେମଲତା ମହାପାତ୍ର, ସ୍ୱାମୀ - ସ୍ୱର୍ଗତ ମନମୋହନ ମହାପାତ୍ର, ପ୍ଲଟ୍ ନଂ-୫୪୨/୧୯୧୬, ଟଙ୍କପାଣି ରୋଡ୍, ପୋଷ୍ଟ- ବାଣ୍ଟୁଆ, ଥାନା- ବଡଗଡ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା।

ବର୍ତ୍ତମାନ ଆବଣ୍ଟନଗ୍ରହୀତା ପ୍ରେମଲତା ମହାପାତ୍ର ଉକ୍ତ ଦୋକାନଘରକୁ ତୃତୀୟ ପକ୍ଷ ଅରୁଣ ଶ୍ରୀ ସୁରଜ ମହାପାତ୍ର, ପିତା-ମନମୋହନ ମହାପାତ୍ର, ପ୍ଲଟ୍ ନଂ-୫୪୨/୧୯୧୬, ଟଙ୍କପାଣି ରୋଡ୍, ପୋଷ୍ଟ - ବାଣ୍ଟୁଆ, ଥାନା- ବଡଗଡ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଛନ୍ତି।

ଏଣୁ ଉକ୍ତ ଦୋକାନଘରର ତୃତୀୟପକ୍ଷ ଅରୁଣଙ୍କ ଆଧାରରେ ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହାହେଲେ ଏହି ନୋଟିସ୍ ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ଉକ୍ତ ଅବଧି ପରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ଏବଂ ଦୋକାନଘରର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13001/13033/1/26-27/0029



**DOCUMENT LOST**

I **PANCHU SETHI**, S/o Late Jagu Sethi residing At - Rathapurusottampur Pada Jhagadasahi, PO- Jopan, PS- Balanga, Dist - Puri, Odisha declare that the Original ROR in the name of my Father Jagu Sethi S/o Kanhei Sethi bearing ROR of **Khata No 143, Plot No: 712, area A0.11 dec** under Mouza Rathapurusottampur, PS/Tahasil Pipili, Dist Puri have been **LOST / MISPLACED** in between my residence to Balanga Chaka Area and inspite of my best efforts I could not trace it out. If any person misuse the above said original deed, I shall have not responsible. This newspaper publication is required to produced before the Concerned Authority.



10001/133/2627

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**

NO. Chemical/ 2900 /2026-27 DATE: 07/05/2026

**(TENDER CALL NOTICE)**

Sealed tenders in prescribed format are invited from registered Firms / Suppliers / Manufacturers / authorized distributors for supply of Lab chemical reagent & consumables to the undersigned for the year 2026-27. Details regarding items with terms and condition may be downloaded from the district website www.sambalpur.odisha.gov.in The tender document should reach to the office of the undersigned on or before 29.05.2026 up to 01.00 PM (On working days) through Speed Post/Registered Post/Courier Service only. The tender will be opened on 30.05.2026 at 11.30 AM in the office chamber of the undersigned. The undersigned reserves the right to reject any or all the tenders without assigning any reason thereof.

OIPR-10001/10049/1/26-27/0003

Chief District Medical & Public Health Officer, Sambalpur



**GOVT. OF ODISHA DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**PURI IRRIGATION DIVISION, PURI**
E Mail I.D. eepuri_eicwr.od@nic.in & eepuriirrigation@yahoo.com
32001/159/2627

No. 1175 (WE)/ Dated, Puri, the 28.4.2026
"e" PROCUREMENT NOTICE No. PID-01 OF 2026-27
Bid Identification No. PID-01 2026-27 to PID-96 of 2026-27

| | | | |
|---|---|---|---|
| 1. | Name of the work | :- | River/ Saline/ Canal/ Road |
| 2. | Total No of package | :- | 96 Nos. |
| 3. | Tender Cost | :- | Rs. 5.21 Lakhs to 83.68Lakhs |
| 4. | EMD | :- | As per Column No.6 (Online Payment Mode) |
| 5. | Class of contractor | :- | "D" Class to "B" Class |
| 6. | Cost of tender paper | :- | Rs.4000/- to Rs. 10,000 (Online Payment Mode) respectively shown as per Column No. 5 |
| 7. | Period of completion | :- | Three Calendar Months to Six Calander months |
| 8. | Technical Bid Opening | :- | Dt. 22.05.2026 at 11.00 AM |
| 9. | Financial Bid Opening | :- | To be uploaded in Portal after evaluation of Technical Bids. (Cover-I) |
| 10 | Transparent lottery among L1 Bidders (if more than one Bidders in same rate) | :- | Will be uploaded in the portal after technical & Financial evaluation. |

| Procurement Officer | Bid Identification No. | Availability of Tender | | Last date & time for seeking tender clarification | Place of opening of Tender O/o the Superintending Engineer, Puri Irrigation Division, Puri | | | Period of Completion |
|---|---|---|---|---|---|---|---|---|
| | | From | To | | Technical Bid (Cover-I) | Financial Bid (Cover-II) | Date and Time of lottery if required | |
| Superintending Engineer, Puri Irrigation Division, Puri | PID-01 of 2026-27 to PID-96 of 2026-27 | 07.05.2026 at 11.00 Hours | 21.05.2026 at 17.30 Hours | 21.05.2026 upto 5.30 PM during office hours | 22.05.2026 at 11.00 Hours | Will be intimated while uploading the Technical Evaluation Summary | Will be intimated while uploading the Financial Bid Opening Summary | Three Calendar Months to Six Calander months |

Further detail conditions can be seen from the Govt. website http://www.tendersorissa.gov.in
All Corrigendum/cancellation of tender anything regarding tender will be shown in Govt. website http://www.tendersorissa.gov.in only.

Superintending Engineer,
Puri Irrigation Division, Puri

OIPR-32001/32011/1/26-27/0001



**AFFIDAVIT**

By virtue of an affidavit sworn before Executive Magistrate, Sohela, dated : 05.05.2026, I, Uma Dishree, D/o- Sudarshan Dishree, R/o: Village- Marekel, Po.- Tungibandhali, Ps.- Sohela, Dist.- Bargarh, Odisha declare that, my actual & correct name and DOB is **Uma Dishree, DOB- 30.08.2002** but in my Aadhar card my name has been wrongly mentioned as Lijarani Dishree, DOB- 07.03.2003. That **Uma Dishree, DOB- 30.08.2002** and **Lijarani Dishree, DOB- 07.03.2003** is one and same person.



**AFFIDAVIT**

By virtue of an affidavit sworn before The Notary Public, Bhubaneswar, dated: 07/05/2026, I,Sweta Kar, resident of At- Plot No. 1008/D/S, New Taral, Altra Lane, Jagatpur, PO/PS- Jagatpur, Dist. Cuttack, Pin-754021, Odisha, declare that I have changed the name of my son from Shresth Kar Alias Shreyansh Kar to SHREYANSH KAR. Henceforh, he shall be known as **SHREYANSH KAR** for all purposes.

## ଲୁଟିବାର ନୂଆ କୌଶଳ

# ଫେସ୍‌ବୁକ୍ ବାନ୍ଧବୀ ସାଜି ଠକି ନେଲା ୨୦ ଲକ୍ଷ

କୋରାପୁଟ,୮।୫(ସମିସ):

ଫେସ୍‌ବୁକ ମାଧ୍ୟମରେ ବନ୍ଧୁତା, ପରେ ଅନ୍‌ଲାଇନ ଟ୍ରେଡିଂ ଜରିଆରେ କମ୍ ସମୟ ମଧ୍ୟରେ ଅଧିକ ଲାଭ ଲୋଭ ଦେଖାଇ ୨୦ ଲକ୍ଷରୁ ଅଧିକ ଟଙ୍କା ଠକି ନେବା ଭଳି ଘଟଣା ବର୍ତ୍ତମାନ କୋରାପୁଟ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। କୋରାପୁଟ ସାଇବର ଥାନା ପୁଲିସ ଠକ ସୀତାପାରୁ ତାମେୟାଙ୍କୁ ଆନ୍ଧ୍ର ପ୍ରଦେଶର ସାଲୁର ସହରରୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସାଇବର ଥାନା ଅଧିକାରୀ ଡିଏସପି ଭବାନୀ ପ୍ରଧାନଙ୍କ ନିକଟରୁ ମିଳିଥିବା ସୂଚନା ଅନୁଯାୟୀ ଗତ ଜାନୁଆରୀ ମାସରେ ଗିରଫ ଅଭିଯୁକ୍ତ ତାମେୟା ନିଜକୁ ସଞ୍ଜନା ଶ୍ରୀ ଯୁବତୀ ନାଁରେ ପରିଚୟ ଦେଇ ଫେକ ଫେସବୁକ୍ ଆକାଉଣ୍ଟ ଖୋଲି ଜୟପୁର ପାୱାର ହାଉସ କଲୋନୀରେ ରହୁଥିବା ରାଜେଶ ପାତ୍ରଙ୍କୁ ବନ୍ଧୁତ୍ୱ ପାଇଁ ଅନୁରୋଧ କରିଥିଲେ। ରାଜେଶ ତାଙ୍କ ବନ୍ଧୁତ୍ୱ ଗ୍ରହଣ କରିବା ପରେ ପ୍ରଥମେ ମେସେଞ୍ଜରରେ ଚାଟିଂ ଓ ପରବର୍ତ୍ତୀ ସମୟରେ ହ୍ୱାଟ୍ସ୍ ଆପ୍ ମାଧ୍ୟମରେ ବାର୍ତ୍ତାଳାପ ଚାଲିଥିଲା। ଠକ ଜଣକ ନିଜକୁ ବେଙ୍ଗାଲୁରୁ ଠାରେ ଚାକିରି କରୁଥିବା କହି ସେ ଅନ୍‌ଲାଇନ ଟ୍ରେଡିଂ କରୁଥିବା କହିଥିଲା। କିଛି ଦିନ ପରେ ଅନ୍‌ଲାଇନ ଟ୍ରେଡିଂରେ ଅଧିକ ଲାଭ ଦେବା ଲୋଭ ଦେଖାଇ ରାଜେଶ ପାତ୍ରଙ୍କ ଠାରୁ ବିଭିନ୍ନ ଆକାଉଣ୍ଟ ଜରିଆରେ ୨୦ ଲକ୍ଷ ୫୦ ହଜାର ଟଙ୍କା ଠକି ନେବା ପରେ ସମସ୍ତ ଯୋଗାଯୋଗକୁ ବ୍ଲକ କରି ଦେଇଥିଲା। ପରବର୍ତ୍ତୀ ସମୟରେ ଅନ୍ୟ ଏକ ନମ୍ବରରୁ ସମ୍ପୃକ୍ତ ଯୁବତୀଙ୍କ ସ୍ୱାମୀ ପରିଚୟ ଦେଇ ଜଣେ ରାଜେଶ ପାତ୍ରଙ୍କୁ ଧମକ ଦେବା ପରେ ତାଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ଶେଷରେ ରାଜେଶ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇ ଗତ ମାସ ୧୪ ତାରିଖରେ କୋରାପୁଟ ସାଇବର ଥାନାରେ ଅଭିଯୋଗ କରିଥିଲେ। ଏସ୍‌ପି ରୋହିତ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ସାଇବର ଥାନା ଡିଏସପି ଭବାନୀ ପ୍ରଧାନ ଏକ ମାମଲା ରୁଜୁ କରି ସ୍ୱତନ୍ତ୍ର ଟିମ ଗଠନ କରି ତଦନ୍ତ ଆରମ୍ଭ କରିଥିଲେ। ଅଭିଯୁକ୍ତର ମୋବାଇଲ ଫୋନ ଓ ନମ୍ବର ଟ୍ରାକ କରି ଅଭିଯୁକ୍ତ ସୀତାରାପୁ ତମେୟାଙ୍କୁ ସାଲୁରରୁ ଗିରଫ କରିଥିଲେ। ତଦନ୍ତ ବେଳେ ପୁଲିସ ୧୨.୪୬ ଲକ୍ଷ ଟଙ୍କା ହୋଲ୍ଡ କରିଥିବାବେଳେ ୪ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଅଭିଯୁକ୍ତ ବିଭିନ୍ନ ଏଟିଏମ୍ ରୁ ୭.୫ ଲକ୍ଷ ଟଙ୍କା ଉଠାଇ ଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କ ନିକଟରୁ ମୋବାଇଲ ଫୋନ, ଏଟିଏମ୍ କାର୍ଡ, ଚେକ୍ ବୁକ୍, ପାସବୁକ୍ ଓ ବିଭିନ୍ନ ଦସ୍ତାବିଜ୍ ଜବତ କରାଯାଇଛି। ଘଟଣାରେ ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଡିଏସ୍‌ପି ଭବାନୀ ପ୍ରଧାନ ସୂଚନା ଦେଇଛନ୍ତି।


ଠକକୁ ଗିରଫ କଲା ସାଇବର ପୁଲିସ

# ଯୁବକ ଯୁବତୀଙ୍କୁ ଆଇନ ସଚେତନତା କାର୍ଯ୍ୟକ୍ରମ

କୋରୁକୋଣ୍ଡା, ୮।୫(ସମିସ):



ଆଜି ମାଲକାନଗିରି ଜିଲ୍ଲା ମାଲକାନଗିରି ସଦର, କୋରୁକୋଣ୍ଡା ଥାନା ବୈଠକ ଗୃହରେ ସ୍ଥାନୀୟ ଯୁବକ ଯୁବତୀଙ୍କୁ ବିଭିନ୍ନ ଆଇନ ସଚେତନତା କାର୍ଯ୍ୟକ୍ରମ ପୋଲିସ ଏବଂ ୟୁନିସେଫର ମିଳିତ ଉଦ୍ୟମରେ ଥାନା ଅଧିକାରୀ ଆର ବିଜୟ କୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟ ୍ରମରେ ବିଭିନ୍ନ ପ୍ରକାର ସାଇବର ଠକେଇଠାରୁ ଆମେ କିପରି ଭାବେ ଦୁରେଇ ରହିବା ସେନେଇ ଏସ ଆଇ ପ୍ରଶାନ୍ତ କୁମାର ସାବତ ବୁଝାଇ ଥିବା ବେଳେ। ଯେକୌଣସି ଅସୁବିଧାର ସମ୍ମୁଖୀନ ହେଲେ ନିର୍ଭୟରେ ଥାନାକୁ ଆସି ଯାହାବି ସମସ୍ୟା ଅଛି ତାକୁ ନେଇ ଅବଗତ କରାଇଲେ ଥାନା ତାଙ୍କୁ ଉଚିତ ନ୍ୟାୟ ଦେବାରେ ସକ୍ଷମ ହେବ ବୋଲି ଥାନା ଅଧିକାରୀ ବିଜୟ କୁମାର ଉପସ୍ଥିତ ଥିବା ଯୁବକ ଯୁବତୀ ଓ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ କୋରୁକୋଣ୍ଡା ମହିଳା ଓ ଶିଶୁ ବିଭାଗ ଅଧିକାରିଣୀ ରେଖାରାଣୀ ବାରିକ ମୋବାଇଲ ମାଧ୍ୟମରେ ଆଜିକାଲିର ଯୁବକ ଯୁବତୀ ମାନେ କିଛି ବି ଅପରାଧିକ କାର୍ଯ୍ୟ କରିବା ସହିତ ନିଜକୁ ନିଜେ ଭୁଲିଯାଇ କିଛି ବି ଅପରାଧିକ କାର୍ଯ୍ୟ କରିବାକୁ ପଛଘୁଞ୍ଚା ଦେଉନଥିବା କାରଣରୁ ନିଜେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେବା ସହିତ ନିଜ ନିଜ ପରିବାରକୁ ମଧ୍ୟ ଅସୁବିଧାର ସମ୍ମୁଖୀନ କରିଥାନ୍ତି। ଏଣୁ ଆଗାମୀ ଦିନରେ ଏହି ସବୁଠାରୁ କିପରି ଭାବେ ଦୂରେଇ ରହିବା ସହିତ ନିଜେ ଏବଂ ନିଜ ପାରିବାରକୁ ସୁରକ୍ଷିତ ରଖିବା ଆଉ ଯେତେ ମାତ୍ରାରେ ସ୍ଥାନୀୟ ପୁଲିସକୁ ଭରସା କରିବା ସହିତ ବିଭିନ୍ନ ଅପରାଧକୁ ରୋକିବାରେ ସାହାଯ୍ୟ କରିବାକୁ ପୋଲିସକୁ ସାହାଯ୍ୟ କରିବା ଆବଶ୍ୟକ ବୋଲି ଶ୍ରୀ ବାରିକ ବୁଝାଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବିଭିନ୍ନ ଅଙ୍ଗନବାଡ଼ି କର୍ମୀ ସ୍ଥାନୀୟ ଅଭିଭାବକ ଉପସ୍ଥିତ ରହିବା ସହିତ ଥାନାର ସମସ୍ତ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଉପସ୍ଥିତ କିଛି ଯୁବକ ଯୁବତୀ ନିଜେ ନିଜର ମତାମତରେ ପ୍ରତିକ୍ରିୟା ରଖିଥିଲେ କି ଗତ ସସମୟରେ ପୁଲିସଙ୍କୁ ଦେଖିଲେ ଯେତେ ଭୟ ଲାଗୁଥିଲା । କିନ୍ତୁ ଆଜିର ଏହି କାର୍ଯ୍ୟକ୍ରମ ପରେ ସେ ଭୟ ଦୂରୀଭୂତ ହୋଇଯାଇଛି। କାର୍ଯ୍ୟକ୍ରମ ଶେଷରେ ମୋବାଇଲକୁ କିପରି ଭାବେ ବ୍ୟବହାର କରିବା ଏବଂ କେଉଁ କେଉଁ କାର୍ଯ୍ୟରୁ ନିଜକୁ ଦୂରେଇ ରଖି ମୋବାଇଲାଠାରୁ ଆମେ ନିଜର ଲାଭଦାୟକ କାର୍ଯ୍ୟ ହାସଲ କରିବା ସେ ନେଇ ଥାନା ଅଧିକାରୀ ବିଜୟ କୁମାର ବୁଝାଇଥିଲେ।

## ଜୁଭେଣ୍ଟିକା-ଡିଜିଟାଲ୍ ଅଧିକାର ଓ ଶିଶୁଙ୍କ ସୁରକ୍ଷା କାର୍ଯ୍ୟକ୍ରମ




କାଶୀପୁର,୮।୫(ସମିସ): ରାୟଗଡା ଜିଲ୍ଲା କାଶୀପୁର ପୁଲିସ ଓ ୟୁନିସେଫର ମିଳିତ ସହ୍ୟୋଗରେ କାଶୀପୁର ଥାନା ପରିସରରେ "ଜୁଭେନ୍‌ଟିକା-ଡିଜିଟାଲ୍ ଅଧିକାର ଓ ଶିଶୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନ୍ ଲାଇନ୍ ପରିବେଶରେ ଶିଶୁମାନଙ୍କର ଅଧିକାର ଓ ଯତ୍ନକୁ ସୁରକ୍ଷିତ ରଖିବା ପାଇଁ ବିଭିନ୍ନ ଅନୁଷ୍ଠାନ, ପରିବାର ଓ ସମାଜର ସହଯୋଗ ଉପରେ ଆଲୋଚନା କରାଯାଇଥିଲା। କାଶୀପୁର ଥାନା ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଶୀପୁର ଥାନା ଅଧିକାରି ଦେବଦତ୍ତ ମଲ୍ଲିକ ଶିଶୁମାନଙ୍କ ପ୍ରତି ଥିବା ସାଇବର୍ ବିପଦ ଓ ଏହାର ମୁକାବିଲା ପାଇଁ ଆଇନ ପ୍ରଣୟନକାରୀ ସଂସ୍ଥାର ଦାୟିତ୍ୱ ବିଷୟରେ ଶିଶୁ ମାନଙ୍କ ସହ ଆଲୋକପାତ କରିଥିଲେ। ସାଇବର୍ ନିରାପତ୍ତା ଓ ସଚେତନତା ବୃଦ୍ଧି ପାଇଁ ସମସ୍ତ ଶିଶୁ ସଚେତନତା ହେବା ସହ ଇଣ୍ଟରନେଟ ସୁରକ୍ଷିତ ବ୍ୟବହାର ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍‌ଆଇ ବିକାଶ ପଟେଲ, ଏସଆଇ ସନ୍ଧ୍ୟାରାଣି ତିର୍କୀ, ସିଡିପିଓ ଜ୍ୟୋତ୍ସ୍ନା ବାରିକଙ୍କ ସହ ଶିଶୁ ମାନେ ଯୋଗ ଦେଇଥିଲେ।

## ଶିଶୁସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ଚନ୍ଦ୍ରପୁର,୮।୫(ସମିସ): ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଓ ରାୟଗଡ଼ା ଆରକ୍ଷୀ ଅଧିକ୍ଷକା ରାୟଗଡ଼ାଙ୍କ ନିର୍ଦ୍ଦେଶ କ୍ରମେ ଆଦିବାସୀ ଅଧ୍ୟୁଷିତ ଚନ୍ଦ୍ରପୁର ଥାନା ପରିସରରେ 'ଜୁଭେନଟିକା ସିଡବ୍ଲୁପିଓ ଆଉଟରିଚ୍ ଆଡଲସ୍କାଣ୍ଡ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଅଧିକାରୀ ଲଳିତ ମୋହନ ସାଗରଙ୍କ ଅଧ୍ୟକ୍ଷତାରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଗୀତାରାଣୀ ସାହୁ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ଏହାର ମୁଖ୍ୟ ବିଷୟ ହେଲା କିଶୋର କିଶୋରୀ ଭୟ ନକରି ନିର୍ଭୟରେ ଥାନାକୁ ଆସିବା। ଏହି କାର୍ଯ୍ୟକ୍ରମରେ ବ୍ଲକର ବିଜାପୁର, ସାର୍କିମା, ଚନ୍ଦ୍ରପୁର, ବୁଢୁବାଲି ଓ ହନୁମନ୍ତପୁର ଗ୍ରାମପଞ୍ଚାୟତର ସମସ୍ତ ଅଙ୍ଗନାବଡି କର୍ମୀ ଓ କିଶୋର କିଶୋରୀ, ବାଳକ, ବାଳିକା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଏସଆଇ ହୃଷିକେଶ ପଟେଲ, ହରେକୃଷ୍ଣ ମୁଣ୍ଡାରୀ, କେନ୍ଦ୍ରୀୟ ସୁରକ୍ଷା ବଳ ଓ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ରେଡ୍‌କ୍ରସ ଦିବସ

ମାଲକାନଗିରି, ୮।୫(ସମିସ): ମାଲକାନଗିରି ମହାବିଦ୍ୟାଳୟ ସଭାଗୃହରେ ଜିଲ୍ଲା ସ୍ତରୀୟ ବିଶ୍ୱ ରେଡ଼କ୍ରସ ଦିବସ ଅଧ୍ୟକ୍ଷ ଡକ୍ଟର ଚିତ୍ତରଞ୍ଜନ ବାରିକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଏହି ସଭାରେ ମାଲକାନଗିରି ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସ୍ୱେଚ୍ଛାସେବୀଙ୍କୁ ସାର୍ ଜିନ ହେନେରୀ ଡୁନାଟଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ରୂପେ ଡେପୁଟି କଲେକ୍ଟର ଦୀପ୍ତି ରଞ୍ଜନ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ରେଡ଼କ୍ରସର ଆଜୀବନ ସଦସ୍ୟ ହେବା ପାଇଁ ଉପଦେଶ ଦେଇଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ରେଡ଼କ୍ରସ ଆବାହକ ତଥା ସମ୍ପାଦକ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ଯୋଗଦାନ କରି ଆଜିର ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବ ରେଡ଼କ୍ରସ ଆବାହକ ତଥା ସମ୍ପାଦକ ବିଘ୍ନେଶ୍ୱର ପୀଡିଶିକା ଅତିଥି ପରିଚୟ ପ୍ରଦାନ କରିବା ସହ ମଞ୍ଚ ପରିଚାଳନା କରିଥିଲେ।




ଏହି ସଭାରେ ମାଲକାନାଗିରି ମହାବିଦ୍ୟାଳୟର ସମସ୍ତ ଅଧାପକ ଅଧାପିକା, ଯୁବ ରେଡ଼କ୍ରସର ସ୍ୱେଚ୍ଛାସେବୀ ଶୁଭଲକ୍ଷ୍ମୀ ସାହୁ, ସୁନେଲି ମହାରଣା, ଅମ୍ବିକା ଖରା, ସନାତନ କବାସୀ, ସୁରଜ ମଲ୍ଲିକ, ଇପ୍ସିତା ଦାସ, ଜି. ସରସ୍ୱତୀ ଉପସ୍ଥିତ ରହି ମହାଆଡମ୍ବରେ ପାଳନ କରିବା ପାଇଁ ସାହାଯ୍ୟ କରିଥିଲେ। ଶପଥ ଗ୍ରହଣ ସହ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଶହେରୁ ଅଧିକ ଲୋକ ଉପସ୍ଥିତ ରହିଥିଲେ। ସଭା ଶେଷରେ ଶ୍ରୀ ପୀଡିଶିକା ଧନ୍ୟବାଦ ଅର୍ପଣ କରିଥିଲେ।

## ସୀମାରେ ପୁଲିସ ପକ୍ଷରୁ ସଚେତନତା



ପଡିଆ,୮।୫(ସମିସ) : ରାଜ୍ୟବ୍ୟାପୀ ଚାଇଲ୍ଡ ଫ୍ରେଣ୍ଡଲି ଥାନା ଗଠନ ନିମନ୍ତେ ରାଜ୍ୟ ପୁଲିସ୍ ମହା ନିର୍ଦ୍ଦେଶକ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କିଶୋରୀ ବାଳିକାଙ୍କୁ ନେଇ ଜୁଭେନ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପେକ୍ଷୀରେ ମାଲକାନଗିରି ଜିଲ୍ଲା ସୀମାବର୍ତ୍ତୀ ପଡିଆ ପୁଲିସ ପକ୍ଷରୁ ଜୁଭେନ୍ଟିକା କାର୍ଯ୍ୟକ୍ରମ ଜରିଆରେ କିଶୋରୀ ଅବସ୍ଥାରେ ହେଉଥିବା ବିଭିନ୍ନ ଅପରାଧରୁ ବର୍ତିବା ସହ ସାଇବର ଠକାମୀରୁ ନିବୃତ ରହିବା ଲାଗି ସଚେତନତା ସୃଷ୍ଟି କରାଯାଇଛି। ପଡିଆ ଥାନା ଅଧିକାରୀ ସନ୍ତୋଷ କୁମାର ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଡିଆ ଓ ଆଖପାଖ ଅଞ୍ଚଳର ୬୦ରୁ ଊର୍ଦ୍ଧ୍ୱ କିଶୋରୀ ବାଳିକା ଓ ଅଙ୍ଗନବାଡ଼ୀ କର୍ମୀ ଯୋଗ ଦେଇଛନ୍ତି। କାର୍ଯ୍ୟକ୍ରମ ଅବସରରେ ଏଲଇଡି ଜରିଆରେ ପୁଲିସ ମହାନିର୍ଦ୍ଦେଶକ, ଉପ ନିର୍ଦ୍ଦେଶକ ଭିଡିଓ ବାର୍ତ୍ତା ମାଧ୍ୟମରେ ସଚେତନତା ସୃଷ୍ଟି କରିଥିଲେ। ଏହାପରେ ସ୍ଥାନୀୟ ପୁଲିସ ବିଭିନ୍ନ ଭିଡିଓ, ଆଞ୍ଚଳିକ କାହାଣୀ ମାଧ୍ୟମରେ ମହିଳାଙ୍କ ସୁରକ୍ଷା, ସାଇବର ଅପରାଧ ସମ୍ବନ୍ଧୀୟ ସୁରକ୍ଷା ବାବଦରେ ସଚେତନତା ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଏସଏଫର ଆସିଷ୍ଟାଣ୍ଟ କମାଣ୍ଡର, ଏସଆଇ ନିରୋଦ କୁମାର ବାଘ ଓ ଏଏସଆଇ ଅନିଲ କୁମାର ମିଶ୍ର ସମେତ ପଡିଆ ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସ୍ୱାଭିମାନ ଅଞ୍ଚଳରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଚିତ୍ରକୋଣ୍ଡା,୮।୫(ସମିସ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବ୍ଲକ ଆନୁକୂଲ୍ୟରେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ସହାୟତାରେ ଚିତ୍ରକୋଣ୍ଡା ବ୍ଲକର ଉପାନ୍ତ ଯନ୍ତ୍ରୀ ପଞ୍ଚାୟତରେ ଭୀମଭୋଇ ଭିନ୍ନ କ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତରୁ ଆସିଥିବା ମାନସିକ, ବିକଳାଙ୍ଗ ମାନଙ୍କର ନାମ ପଞ୍ଜିକରଣ କରାଯାଇ ସେମାନଙ୍କୁ ଉପଯୁକ୍ତ ସେବା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ମାନସିକ ରୋଗ ବିଶେଷଜ୍ଞ ଡ. ମହମ୍ମଦ ଅବିଦ ହୁସେନ, ମେଡିସିନ ବିଶେଷଜ୍ଞ ଡ. ପ୍ରଫୁଲ୍ଲ ବେହେରାଙ୍କ ଦ୍ୱାରା ରୋଗୀ ମାନଙ୍କର ପରୀକ୍ଷା ନିରୀକ୍ଷା କରାଯାଇଥିଲା। ମୋଟ ୧୫୪ ଜଣଙ୍କର ଦରଖାସ୍ତ ରଖାଯାଇ ଚିହ୍ନଟି କରଣ କରାଯାଇଥିଲା। ସେଥିମଧ୍ୟରୁ ଶାରୀରିକ ବିକଳାଙ୍ଗ ୨୪ ଜଣ, ଶ୍ରବଣ ବାଧିତ ୧୩ ଜଣ,ଦୃଷ୍ଟି ବାଧୀତ ୧୨ ଜଣ,ମାନସିକ ଅନଗ୍ରସର ୨୨ ଜଣ,ପେନସନ ଆପ୍ଲିକେସନ ୮୩ ଜଣ। ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବିଡ଼ିଓ ଶ୍ରୀମତୀ ପ୍ରୀତା କୁମାର,ଚିତ୍ରକୋଣ୍ଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗାୟତ୍ରୀ ଦେବୀ, ଚିତ୍ରକୋଣ୍ଡା ସିଡିପିଓ, ଡିଏସଏସଓ ନିର୍ମଳ ଧାରୁଆ ଉପସ୍ଥିତ ଥିଲେ ।ଚିତ୍ରକୋଣ୍ଡା ବିଏସଏସଓ ଶଶାଙ୍କ ସୌମ୍ୟ ରଞ୍ଜନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଚିତ୍ରକୋଣ୍ଡା ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ସୁପରିଚାଳନାରେ ସହଯୋଗ କରିଥିଲେ।

## ବିଷମ କଟକ ଥାନାରେ 'ଜୁଭେଣ୍ଟିକା ଆଉଟରିଚ୍' ସଚେତନତା




ବିଷମ କଟକ,୮।୫(ସମିସ): ରାୟଗଡା ଜିଲ୍ଲା ବିଷମ କଟକ ଥାନା ପରିସରରେ ଆଜି ସନ୍ଧ୍ୟାରେ 'ଜୁଭେନ୍‌ଟିକା ଆଉଟରିଚ୍ ସଚେତନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଁ ସଚେତନା କାର୍ଯ୍ୟକ୍ରମ ଅବସରରେ ବିଷମ କଟକ ଅଞ୍ଚଳର କିଶୋରି ବାଳିକା, ମହିଳା ଏବଂ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଥାନା ଅଧିକାରୀ ସମର୍ପିତା ସ୍ୱାଇଁ ଉପସ୍ଥିତ କିଶୋରି ବାଳିକା ଓ ମହିଳା ମାନଙ୍କୁ ଚନ୍ଦନ ଟୋପା ସହ ଫୁଲ ଦେଇ ସ୍ୱାଗତ କରିଥିଲେ। ଏହି ଆଉଟରିଚ୍ କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ହେଉଛି କିଶୋର କିଶୋରୀ ମାନେ ନିର୍ଭୟରେ ଥାନାକୁ ଆସି ନିଜର ସମସ୍ୟାକୁ ନେଇ ଅଭିଯୋଗ ଏବଂ ସମସ୍ୟା ସଂକ୍ରାନ୍ତରେ ଅବଗତ କରିବା ସହ ସେମାନେ ପୁଲିସର ନିକଟତର ହୋଇପାରିବେ ଏବଂ କିଶୋର କିଶୋରୀମାନଙ୍କୁ ପୁଲିସ କେମିତି ସୁରକ୍ଷା ଦେଇପାରିବ ସେ ନେଇ ମହିଳା ଏସ୍‌ଆଇ. ସାରିକା ସେଠ ସଚେତନା କରାଇଥିଲେ। ବର୍ତ୍ତମାନ କିଶୋର କିଶୋରୀମାନଙ୍କ କ୍ଷେତ୍ରରେ ଡିଜିଟାଲ ଚ୍ୟାଲେଞ୍ଜ ବହୁତ ରହିଥିବାରୁ ସେମାନଙ୍କୁ ସାଇବର ଠକେଇରୁ ଦୂରେଇ ରହିବେ ଏବଂ ସେମାନେ କେମିତି ବେଶ ସଚେତନ ରହିବେ ସେ ଦିଗରେ ପରାମର୍ଶ ଦିଆଯାଇଛି। ଏ ଅବସରରେ ଥାନା ଏସ୍‌ଆଇ. ଅଶୋକ କୁମାର ପାଢ଼ି, ସୁଶାନ୍ତ ପେରପାକା, ପ୍ରୀତିରଞ୍ଜନ ବାରିକ, ଫରାଦିନନ୍ଦ ଏକ୍କାଙ୍କ ସମେତ ସମସ୍ତ ଥାନା କର୍ମଚାରୀ ଉପସ୍ଥିତ ଥିଲେ।

## ଏମ୍‌ଭି୭୯ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



ଏମଭି୭୯, ୮।୫(ସମିସ):

ଓଡ଼ିଶା ପୁଲିସ ଓ ୟୁନିସେଫ୍‌ଙ୍କ ମିଳିତ ସହଯୋଗରେ ରାଜ୍ୟବ୍ୟାପୀ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ ଆଜି ଅପରାହ୍ନ ୩ଟା ୪୫ ମିନିଟ୍ ସମୟରେ ସାରା ଓଡ଼ିଶାର ସମସ୍ତ ଥାନା ସହ ଏମଭି୭୯ ଥାନା ପରିସରରେ ଶୁଭାରମ୍ଭ ହୋଇଛି। ଏହି ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ଉଦ୍‌ଘାଟନ ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ୱାଇ. ବି. ଖୁରାନିଆ କରିଥିବା ବେଳେ ଏମଭି୭୯ ଥାନାରେ ଥାନାଧିକାରୀ ପୂର୍ଣ୍ଣିମା ଟେଟେଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉପ-ନିରୀକ୍ଷକ ଶ୍ରୀଚନ୍ଦନ ବେହେରା, ଉପ-ନିରୀକ୍ଷକ ଗିରିଶ ଚନ୍ଦ୍ର ସାରକାଙ୍କ ସମେତ ସମସ୍ତ ପୁଲିସ କର୍ମଚାରୀ ଉପସ୍ଥିତ ରହିଥିଲେ। ଏହି ଅବସରରେ ଯୁବପିଢ଼ୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି, ଶିଶୁ ସୁରକ୍ଷା, ସାମାଜିକ ଦାୟିତ୍ୱବୋଧ ଓ ପୁଲିସ-ଜନସାଧାରଣ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉପରେ ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା।

# ଟିକିରି ଥାନାରେ ସଚେତନତା କାର୍ଯ୍ୟକ୍ରମ

ଟିକିରି,୮।୫(ସମିସ) : ଓଡିଶା ସରକାରଙ୍କ ଗୃହବିଭାଗ ଦ୍ୱାରା କିଶୋର ବାଳକ-ବାଳିକାଙ୍କୁ ସଚେତନ ଓ ସୁରକ୍ଷା ପାଇଁ ଜୁଭେନ୍‌ଟିକା ନାମକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଶୁକ୍ରବାର ବିଭିନ୍ନ ଥାନାରେ ବାଳକ-ବାଳିକା ମାନଙ୍କୁ ସୁରକ୍ଷା ଓ ସହାୟତା ପାଇଁ ଏହି କାର୍ଯ୍ୟକ୍ରମରେ ଆରମ୍ଭ କରାଯାଇଥିଲା। ଏହି ଜୁଭେଣ୍ଟିକା କାର୍ଯ୍ୟକ୍ରମ ଗୃହ ବିଭାଗ ଡିଜିପିଙ୍କ ଦ୍ୱାରା ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଉଦ୍‌ଘାଟନ ହୋଇଥିଲା। କିଶୋର କିଶୋରୀମାନେ ପୁଲିସକୁ ନ ଡରି ଯେପରି କୌଣସି ଅଘଟଣ ଘଟିଲେ କିମ୍ବା କୌଣସି ଅସୁବିଧା ହେଲେ ନିର୍ଭୟରେ ଆସି ଜଣାଇବେ ସେ ସମ୍ପର୍କରେ ସଚେତନ କରାଯାଇଥିଲା। ସହାୟତା ପାଇଁ ପ୍ରତ୍ୟେକ ଥାନାରେ ଜଣେ ଲେଖାଏଁ ଅଫିସରଙ୍କୁ ଦାୟିତ୍ୱ ଦିଆଯାଇଥିଲା। ଟିକିରି ଥାନାରେ ପ୍ରଶାନ୍ତ ସୁବୁଦ୍ଧିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଟିକିରି ଥାନାରେ ମଧ୍ୟ ଟିକିରି ଥାନା ଆଇଆଇସି ଦିନକୃଷ୍ଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଇଆଇସି ଦିନକୃଷ୍ଣ ମିଶ୍ର ସମସ୍ତ କିଶୋର ବାଳିକା ଓ ଅଙ୍ଗନବାଡି କର୍ମୀ ମାନଙ୍କୁ କିପରି ସୁରକ୍ଷାରେ ରହିବେ ଓ ନିର୍ଭୟରେ ଆସି ଥାନାରେ ଅଭିଯୋଗ କରିବାକୁ କହିଥିଲେ। ଥାନାକୁ ବୁଲାଇ ଦେଖାଇବା ସହ ସବୁ ବିଭାଗର କାର୍ଯ୍ୟ ବିଷୟରେ ବୁଝାଇ ଥିଲେ। ଏହି କାର୍ଯ୍ୟକ୍ରମରେ ୫ଜଣ ଅଙ୍ଗନବାଡି କର୍ମୀଙ୍କ ସହିତ ୨୫ ଜଣ କିଶୋର ବାଳିକା ବାଳକ ଉପସ୍ଥିତ ରହିଥିଲେ।। ସେହିପରି ଅଣ୍ଡରାକଞ୍ଚ ଥାନାରେ ଆଇଆଇସି ପ୍ରଶାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ୬୦ଜଣ କିଶୋରୀ ବାଳକ-ବାଳିକା ଉପସ୍ଥିତ ଥିଲେ। ଦରାଗୁଡା ଆଇଆଇସି ନୀଳକଣ୍ଠ ବେହେରାଙ୍କ ଅଧ୍ୟକ୍ଷତାରେ ୨୦ରୁ ଅଧିକ କିଶୋର ବାଳିକା ଉପସ୍ଥିତ ରହିଥିଲେ।



# ଗୁଣୁପୁର ପ୍ରିମିୟର ଲିଗ୍ ସିଜନ୍-୪ ଉଦ୍‌ଘାଟିତ

ଗୁଣୁପୁର, ୮।୫(ସମିସ):



ଗୁଣୁପୁର ମିନି ଷ୍ଟାଡିୟମ୍‌ରେ ଆଜି ଗୁଣୁପୁର ପ୍ରିମିୟର ଲିଗ୍ (ଜିପିଏଲ) ସିଜନ୍-୪ ର ଉଦ୍‌ଘାଟନ ମ୍ୟାଚ୍ ଉତ୍ସାହର ସହ ଉଦଘାଟନ ହୋଇଯାଇଛି। ଏହି ମ୍ୟାଚ୍‌ରେ କିଙ୍ଗସ୍ -୧୧ କାଶୀନଗର ଓ ନିୟମଗିରି ଟାଇଗର୍ସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଟସ୍ ଜିତି କିଙ୍ଗସ୍ -୧୧ କାଶୀନଗର ପ୍ରଥମେ ବ୍ୟାଟିଂ କରି ୯୧ ରନ୍‌ରେ ସମସ୍ତ ଉଇକେଟ୍ ହରାଇ ଆଲ୍‌ଆଉଟ୍ ହୋଇଥିଲେ। ନିୟମଗିରି ଟାଇଗର୍ସ ଦଳ ମାତ୍ର ଗୋଟିଏ ୱିକେଟ୍ ହରାଇ ୭ ଓଭର୍‌ରେ ୯୭ ରନ୍ କରି ୯ ୱିକେଟ ବଞ୍ଚାଇ ରଖି ସହଜ ବିଜୟ ହାସଲ କରି ପାରିଛନ୍ତି। ଏହି କ୍ରୀଡା ଉତ୍ସବର ଉଦ୍‌ଘାଟନ ଅବସରରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଧର ସବର (ଏସ୍ ଡି ସି ଚେୟାରମ୍ୟାନ୍) ଓ ସମ୍ମାନିତ ଅତିଥି ଭାବେ ଗୁଣୁପୁର ପୌରପରିଷଦର ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼ା, ରବି ଶଙ୍କର ଗମାଙ୍ଗ ଓ ଅକ୍ଷୟ କୁମାର ଦାଶ ଉପସ୍ଥିତ ରହି ଶୁଭ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଓଡିଶା ଅଣ୍ଡର-୧୫ ଦଳର ପ୍ରତିଭାଶାଳୀ ଖେଳାଳି ଅନନ୍ୟା ପ୍ରିୟଦର୍ଶିନୀ ଦାସଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଥିଲା। ରାଇଜିଙ୍ଗ ଷ୍ଟାର ସ୍ପୋର୍ଟ୍ସ ଆଣ୍ଡ ସୋସିଆଲ ସର୍ଭିସ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ଏସ୍.ବାବା ପ୍ରସାଦ, ବନମାଳି ଗମାଙ୍ଗ , ରାମ ପଣ୍ଡା, ରବିନ୍ଦ୍ର ପଣ୍ଡା ଓ ଧନୁଜୟ ବେହେରା ଆଦି ସହଯୋଗ କରିଥିଲେ। ମ୍ୟାଚ୍ ପରିଚାଳନାରେ କିରଣ କୁମାର ପଣିଗ୍ରାହୀ, ଅନୁମାନ ପଟ୍ଟନାୟକ, ରାଜ କିଶୋର ଗୌଡ଼ା ଓ ହାଡ଼ିଆ ସବର ଉପସ୍ଥିତ ଥିଲେ। ଅମ୍ପାୟର୍ ଭାବେ ଶାରଦା ପ୍ରସାନ ମହାପାତ୍ର ଓ ହରିବନ୍ଧୁ ଗୋମାଙ୍ଗୋ ଦାୟିତ୍ୱ ପାଳନ କରିଥିଲେ। ଶନିବାର ଦିନ ପ୍ରଥମ ପର୍ଯ୍ୟାୟରେ ଗୁଣୁପୁର ଚେତାସ୍ ଓ କାଶିନଗର କିଙ୍ଗସ୍ - ୧୧ ମଧ୍ୟରେ ପ୍ରତିଯୋଗିତା ହେବ। ଦ୍ୱିତୀୟ ପର୍ଯ୍ୟାୟରେ ଡେଥ୍ ୱାରିୟର, ରାୟଗଡା ଏବଂ ନିୟମଗିରି ଟାଇଗର୍ସ ମଧ୍ୟରେ ପ୍ରତିଯୋଗିତା ରହିଥିବା ଆୟୋଜକ କିରଣ ପାଣିଗ୍ରାହୀ କହିଛନ୍ତି।

# ମୀରାବାଲି ହାଇସ୍କୁଲରେ ମଧ୍ୟାହ୍ନଭୋଜନ ଅନିୟମିତତା !



ରାୟଗଡ଼,୮।୫(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ୍ ମୀରାବାଲି ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନର ଅନିୟମିତତା ଏବଂ ତ୍ରୁଟିପୂର୍ଣ୍ଣ ଖାଦ୍ୟ ପ୍ରଦାନ ବିଷୟରେ ଆଜି ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଘଟଣାର ତଦନ୍ତ ପାଇଁ ଅତିରିକ୍ତ ଜିଲ୍ଲାପାଳ ନବୀନ ଚନ୍ଦ୍ର ନାୟକଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ କମିଟି ପକ୍ଷରୁ ପ୍ରଦାନ କରାଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ଉକ୍ତ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୦ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହି ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ବଣ୍ଟନ ଦାୟିତ୍ୱ ସ୍ଥାନୀୟ ଦିପ୍ତି ନାମକ ଏକ ସ୍ବୟଂ ସହାୟିକା ଗୋଷ୍ଠୀକୁ ପ୍ରଦାନ କରାଯାଇଛି। ତେବେ ଉକ୍ତ ଏସଏଚଜି ଦ୍ୱାରା ପିଲାଙ୍କୁ ମଧ୍ୟାହ୍ନଭୋଜନ ବଣ୍ଟନ ସମୟରେ ତ୍ରୁଟିପୂର୍ଣ୍ଣ ଖାଦ୍ୟ ଦେବା ଏବଂ ମନମୁଖୀ କରୁଥିବା ନେଇ ଅନେକ ଥର ଛାତ୍ରଛାତ୍ରୀମାନେ କମିଟି ନିକଟରେ ମୌଖିକ ଏବଂ ଲିଖିତ ଭାବେ ଅଭିଯୋଗ କରିଥିବା କମିଟି ଦାବିପତ୍ରରେ ଉଲ୍ଲେଖ କରିଛି। ଏପରିକି କମିଟି ଏହାର ସଠିକ୍ ଅନୁସନ୍ଧାନ ସହିତ ଦୀପ୍ତି ଏସଏଚଜିର ସଭାପତିଙ୍କୁ ଖାଦ୍ୟ ସମ୍ବନ୍ଧରେ ପଚାରିବାରୁ ତାଙ୍କ ସ୍ୱାମୀ କମିଟିକୁ ଧମକପୂର୍ଣ୍ଣ ବ୍ୟବହାର କରିଥିବା ଉଲ୍ଲେଖ କରିଛନ୍ତି। ଦୀପ୍ତି ଏସ୍ଏଚଜିର ଖାଦ୍ୟ ପ୍ରଦାନ ଅବଧି ଗତ ମାର୍ଚ୍ଚ ମାସ ୨୦୨୫ ସୁଦ୍ଧା ଶେଷ ହୋଇଥିଲେ ମଧ୍ୟ ଉକ୍ତ ଏସଏଚଜି ଆଜି ପର୍ଯ୍ୟନ୍ତ ଖାଦ୍ୟ ବଣ୍ଟନ କରି ।ସୁଛି। ଏନେଇ କମିଟି ପକ୍ଷରୁ ଗତ ୨୦୨୫ ସେପ୍ଟେମ୍ବର ମାସ ୮ତାରିଖରେ ଗୋଷ୍ଠୀ ଶିକ୍ଷାଧିକାରୀ ରାୟଗଡଙ୍କୁ ଲିଖିତ ଅଭିଯୋଗ କରାଯାଇଥିବା ବେଳେ କୌଣସି ଉତ୍ତର ନ ମିଳିବାରୁ ପୁଣି ଥରେ ନଭେମ୍ବର ମାସରେ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଇଥିଲେ କମିଟି। ତଥାପି କୌଣସି ପଦକ୍ଷେପ ମିଳି ନ ଥିବା ବେଳେ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଦ୍ୱାରା ଅଭିଯୋଗପତ୍ର ପ୍ରଦାନ କରାଯିବା ବେଳେ ଚତୁରତାର ସହିତ ବିଦ୍ୟାଳୟର ଏମ୍‌ଡିଏମ ସଂଚୟ ବହିର ଆକାଉଣ୍ଟ ନମ୍ବର ପରିବର୍ତନ କରି ନିଜର ନାମରେ ଏମ୍‌ଡିଏମ ରାଶି ପ୍ରାପ୍ତ ନିମନ୍ତେ ଦୀପ୍ତି ଏସଏଚଜି ଆକାଉଣ୍ଟ ନମ୍ବର ରଖାଯାଇଥିବା କମିଟି

## ଜିଲ୍ଲାପାଳଙ୍କୁ ଏସଏମ୍‌ସି କମିଟିର ଦାବିପତ୍ର

ପରେ ରାୟଗଡ଼ ସିଡିପିଓ ଚଳିତ ବର୍ଷ ଗତ ଜାନୁଆରୀ ମାସରେ ବିଦ୍ୟାଳୟକୁ ଏମ୍‌ଡିଏମ ବିଷୟରେ ତଦନ୍ତ କରିବାକୁ ଆସଥିଲେ ମଧ୍ୟ କମିଟିକୁ ଏ ନେଇ କୌଣସି ତଥ୍ୟ ପ୍ରଦାନ କଲେନାହିଁ ବୋଲି କମିଟି ଅଭିଯୋଗ କରିଛି। ସେହିପରି ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ମା ମାଝିଗୌରୀ ନାମକ ଏସଏଚଜି ପକ୍ଷରୁ ବଣ୍ଟନ ହେଉଥିବା ମାଣ୍ଡିଆ ଲଡୁର ବକେୟା ରାଶି ଦିପ୍ତ ଏସଏଚଜି ଏକାଉଣ୍ଟରେ ଥିଲେ ମଧ୍ୟ ତାହା ପ୍ରଦାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ବିଦ୍ୟାଳୟର ମଧ୍ୟାହ୍ନଭୋଜନର ଅନିୟମିତତାର ତଦନ୍ତ କରିବାକୁ ଜିଲ୍ଲାପାଳଙ୍କୁ କମିଟି ପକ୍ଷରୁ ଅନୁରୋଧ କରାଯାଇଥିବା ନେଇ କମିଟି ସଭାପତି ମହେଶ୍ୱର ରହ୍ମାଲୁ ପ୍ରକାଶ କରିଥିବା ବେଳେ ୧୨ଜଣିଆ କମିଟିର ସଭ୍ୟ ସୁବାରାଓ ତୋଇକା, ସିରାନ୍ଧୁ ଜିଲାକାରା, ଗଜିନ ଅଦାବଂଶ, ମୁଳା ଅଦାବଂଶ, ଉତନା କିଲାକା, ସୁରେନା କଂଟାବଂଶ ପ୍ରମୁଖ ଉପସ୍ଥିତ ଥିଲେ।

# ସଦର ଥାନାରେ 'ଜୁଭେଣ୍ଟିକା'କାର୍ଯ୍ୟକ୍ରମ



ଜୟପୁର,୮।୫(ସମିସ): ରାଜ୍ୟ ପୁଲିସ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ସାରା ଓଡିଶାରେ କିଶୋର କିଶୋରୀଙ୍କୁ ନେଇ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ଜୟପୁର ସଦର ଥାନାରେ ଆଜି ଅପରାହ୍ନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଆନ୍ତା, ବାୟାଗୁଡ଼ା, ଦେଓଗୁଡ଼ା, ଷ୍ଟେସନ୍ କଙ୍ଗା ଏବଂ ଆମ୍ବାଗୁଡ଼ା ପୁଲିସ ଫାଣ୍ଡି ଅଧୀନରେ ପ୍ରତ୍ୟେକ ପୁଲିସ୍ ଷ୍ଟେସନରୁ ୫ ଜଣ କିଶୋରୀ କନ୍ୟା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ କିଶୋରୀମାନଙ୍କୁ ପୁଲିସ୍ ଥାନାର କାର୍ଯ୍ୟପ୍ରଣାଳୀ ଏବଂ ପୁଲିସ ଥାନାକୁ ଭୟ ନକରି ସହଯୋଗ କରିବା ବିଷୟରେ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ପୁଲିସ ପ୍ରତି ନାବାଳିକା, କିଶୋରୀ ମାନଙ୍କ ଆସ୍ଥା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁମାତ୍ରାରେ ଉପସ୍ଥିତ ସମସ୍ତ କିଶୋରୀ ମାନଙ୍କୁ ଗୋଲାପ ଫୁଲ ସହିତ କଲମ ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଦରଥାନା ଭାରପ୍ରାପ୍ତ ଥାନା ଅଧିକାରୀ ଆଇପିଏସ୍ ରାମଶାଦ୍ କେବି, ଅତିରିକ୍ତ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ସ୍ୱତନ୍ତ୍ର କିଶୋର ପୁଲିସ ଅଧିକାରୀ ଏଏସ୍ଆଇ ପଙ୍କଜୀନି ଶବରଙ୍କ ସମେତ ବିଭିନ୍ନ ଥାନାର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଶ୍ରୀ ଗୁରୁକୃପା ଜ୍ୟୋତିଷ କେନ୍ଦ୍ରର ବାର୍ଷିକ ଉତ୍ସବ

ଗୁଣୁପୁର, ୮।୫(ସମିସ): ଶ୍ରୀ ଗୁରୁ କୃପା ଜ୍ୟୋତିଷାଳୟ ଓ ଗବେଷଣା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଗୁଣପୁର ମହିଳା ମହାବିଦ୍ୟାଳୟ ନିକଟସ୍ଥ ଦିବ୍ୟ ନଗରରେ ଥିବା ଶ୍ରୀଗୁରୁ କୃପା ଜ୍ୟୋତିଷାଳୟ ଓ ଗବେଷଣା କେନ୍ଦ୍ରର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଯୁବ ଜ୍ୟୋତିର୍ବିଦ ଡକ୍ଟର ଗଣେଶ ମାଳିଙ୍କ ଏହି ଅନୁଷ୍ଠାନର ଉକ୍ତ କାର୍ଯ୍ୟକ୍ରମରେ ଶ୍ରୀ ଗୁରୁ ପୂଜନ ଓ ମା ସରସ୍ୱତୀଙ୍କ ପୂଜା ଅର୍ଚ୍ଚନା କରାଯାଇଥିଲା। ଏଥିରେ ଅନେକ ଜ୍ୟୋତିର୍ବିଦ ପ୍ରେମୀ ଓ ଶୁଭେଚ୍ଛୁ ଅଂଶ ଗ୍ରହଣ କରି ପୂଜା କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ପ୍ରକାଶ ଥାଉକି ଶ୍ରୀ ମାଳି ବିକ୍ରମପୁର ଅଦ୍ୱୈତ ବେଦାନ୍ତ ଆଶ୍ରମର ପ୍ରତିଷ୍ଠାତା ଦିବଙ୍ଗତ ବ୍ରହ୍ମଲୀନ ୧୦୮ ଶ୍ରୀ ଶ୍ରୀ ସ୍ୱାମୀ ବିଦ୍ୟାନନ୍ଦ ସାଗର ମହାରାଜଙ୍କ ଶିଷ୍ୟ ଅଟନ୍ତି। ସେ ଉଭୟ ଆଧ୍ୟାତ୍ମିକ ଦୀକ୍ଷା ଗୁରୁ ସହ ଜ୍ୟୋତିଷ ଗୁରୁ ଅଟନ୍ତି। ଜ୍ୟୋତିଷରେ ଡକ୍ଟରେଟ୍, ସ୍ୱର୍ଣ୍ଣପଦକ, ଜ୍ୟୋତିଷ ଶିରୋମଣି, ଜ୍ୟୋତିଷ ସମ୍ରାଟ, ଜ୍ୟୋତିଷ ବାଚସ୍ପତି, ଜ୍ୟୋତିଷ ବଶିଷ୍ଠ, ଦୈବଜ୍ଞ ଶ୍ରୀ ସମ୍ମାନ ଭଳି ଅନେକ ଉପାଧି ପ୍ରାପ୍ତ କରିବା ସହ ବର୍ତ୍ତମାନ ଓଡିଶା ଜ୍ୟୋତିଷ ସଙ୍ଘର ଜଣେ ସକ୍ରିୟ ସଦସ୍ୟ ଅଛନ୍ତି। ସେ ପେଶାରେ ଜଣେ ସରକାରୀ ପ୍ରଧାନ ଶିକ୍ଷକ ହେଲେ ମଧ୍ୟ ନିଶାରେ ଏହି ପବିତ୍ର କାମରେ ନିଜକୁ ବ୍ୟସ୍ତ ରଖିଛନ୍ତି। ଗଣେଶ କୁହନ୍ତି, ଜଣେ ଜ୍ୟୋତିର୍ବିଦ୍ ଯଦି ଅର୍ଥ ସର୍ବସ୍ୱ ନ ହୋଇ ନିଜର ଅର୍ଜିତ ଜ୍ଞାନକୁ ସମାଜ କଲ୍ୟାଣରେ ପ୍ରୟୋଗ କରନ୍ତି, ତାହାହେଲେ ଅନେକ ବ୍ୟକ୍ତିଙ୍କ କଲ୍ୟାଣ ହୋଇପାରିବ।

● 'ଜୁଭେଣ୍ଟିକା..ଆଉଟରିଚ' କାର୍ଯ୍ୟକ୍ରମ

# ରାୟଗଡ଼ ଥାନା ବୁଲି ଦେଖିଲେ କିଶୋର କିଶୋରୀ



ରାୟଗଡ,୮।୫(ସମିସ): ରାୟଗଡ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ.କୁମାରଙ୍କ ତତ୍ତ୍ୱାବଧାନରେ ଆଜି ରାୟଗଡ ଜିଲ୍ଲାର ସମସ୍ତ ୧୭ଟି ଥାନାରେ ଅପରାହ୍ନ ୪ଟାରୁ ୬ଟା ପର୍ଯ୍ୟନ୍ତ "ଜୁଭେନଟିକା- ସିଡବ୍ଲ୍ୟୁପିଓ ଆଉଟରିଚ ୱିଥ୍ ଆଡଲସ୍କାଂଟସ୍'କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାୟଗଡ ଟାଉନ ଥାନାରେ ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଏସପି ସୁଶ୍ରୀ ସ୍ୱାତୀ ଓ ଅତିରିକ୍ତ ଏଏସପି ରାମେନ୍ଦ୍ର ପ୍ରସାଦ, ଏସଡିପିଓ ଗୌରହରୀ ସାହୁ, ଥାନା ଆରକ୍ଷୀ ନିରୀକ୍ଷକ ପ୍ରସନ୍ନ କୁମାର ବେହେରା, ସିଡବ୍ଲ୍ୟୁପିଓ ଏସଆଇ ରୂପାଲୀ ଜେନା, ଏସଆଇ ସଂଜୟ ମୁର୍ମୁଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀମାନେ ଉପସ୍ଥିତ ରହି ସହରର ୫ଟି ଅଙ୍ଗନବାଡି କେନ୍ଦ୍ର ସହାୟତାରେ ୨୫ରୁ ଅଧିକ କିଶୋରକିଶୋରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ପୋଲିସ ପକ୍ଷରୁ କିଶୋରକିଶୋରୀମାନଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପରେ ଥାନାର ସିସିଟିଭି କଂଟ୍ରୋଲ ରୁମ ସମ୍ମିଳନୀ କକ୍ଷରେ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ୱାଇ.ବି.ଖୁରାନିଆଙ୍କ ଦ୍ୱାରା ଶୁଭାରମ୍ଭ ହୋଇଥିବା "ଜୁଭେନଟିକା- ସିଡବ୍ଲ୍ୟୁପିଓ ଆଉଟରିଚ ୱିଥ୍ ଆଡଲସ୍କାଂଟସ୍' କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ କିଶୋରକିଶୋରୀମାନେ ଦେଖିବା ସହ ଡିଜିପିଙ୍କ ସହ ଆଲୋଚନା କରିଥିଲେ। ଏସପି ସୁଶ୍ରୀ ସ୍ୱାତୀ କିଶୋରକିଶୋରୀମାନଙ୍କୁ ପୋଲିସ ସେବା ବିଷୟରେ ଆଲୋକପାତ କରିଥିବା ବେଳେ ଆଇଆଇସି ଶ୍ରୀ ବେହେରା ଓ ସିଡବ୍ଲ୍ୟୁପିଓ ରୂପାଲି ଜେନାଙ୍କ ନେତୃତ୍ୱରେ କିଶୋରକିଶୋରୀମାନଙ୍କୁ ଥାନା ପରିସର ବୁଲିବାର ସୁଯୋଗ ଦିଆଯାଇଥିଲା। ସମସ୍ତ ଜନସାଧାରଣଙ୍କ ପାଇଁ ପୋଲିସ ସେବା ଏବଂ ଥାନା ପରିଚାଳନା, ମହିଳା ଓ ଶିଶୁ ଡେସ୍କ କିଭଳି କାର୍ଯ୍ୟ କରିଥାଏ ଏବଂ ଏଠାକୁ ଆସୁଥିବା ଲୋକେ କିଭଳି ନ୍ୟାୟ ପାଇଥାନ୍ତି ସେ ନେଇ ପୋଲିସ ଅଧିକାରୀ ଦୁହେଁ କିଶୋରକିଶୋରୀମାନଙ୍କୁ ସଚେତନ କରିଥିଲେ। ବିଶେଷ କରି ଆଜିର ଡିଜିଟାଲ ଚ୍ୟାଲେଂଜକୁ ସାମ୍ନା କରିବାକୁ ଯାଇ ଅନେକ କିଶୋରକିଶୋରୀମାନେ ସାଇବର ଠକେଇ ତଥା ଅନଲାଇନ ଠକେଇର ଶୀକାର ହେବା ଏବଂ ମାନସିକ ସନ୍ତୁଳନ ହରାଇ ଆତ୍ମହତ୍ୟା ଭଳି ଯେଉଁ ପଦକ୍ଷେପ ଗ୍ରହଣ କରୁଛନ୍ତି, ସେଭଳି କ୍ଷେତ୍ରରେ ସେମାନେ ପୋଲିସର ସହାୟତା ନେଇ ସମସ୍ୟାର ସମାଧାନ କରିପାରିବେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ସେହିପରି ଜିଲ୍ଲାର ସମସ୍ତ ଥାନାରେ ଥାନା ଆରକ୍ଷୀ ନିରୀକ୍ଷକ ଏବଂ ସିଡବ୍ଲ୍ୟୁପିଓ ଓ ଅନ୍ୟାନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀ, ଅଙ୍ଗନବାଡି କର୍ମୀ ଓ କିଶୋରକିଶୋରୀଙ୍କ ଗହଣରେ ଏହି କାର୍ଯ୍ୟକ୍ରମ ହୋଇଛି।

# ନନ୍ଦପୁର ପୁଲିସର ସଚେତନତା କାର୍ଯ୍ୟକ୍ରମ



ନନ୍ଦପୁର, ୮।୫(ସମିସ): ହିଳା ଓ କିଶୋରୀ କିଶୋରଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ନନ୍ଦପୁର ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି । ନନ୍ଦପୁର ଥାନା ଅଧିକାରୀ ତ୍ରିନାଥ ତୋଟା ପାଡ଼ିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ର ନନ୍ଦପୁର ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ଯୋଗ ଦେଇ ବର୍ତମାନ ସାଇବର ଠକେଇ ଏକ ଚମର ସୀମାରେ ପହଞ୍ଚି ଥିବା ବେଳେ କିଶୋରୀ କିଶୋର ମାନେ ମୋବାଇଲ ବ୍ୟବହାର ସମୟର ଇଣ୍ଟରନେଟ୍ ବ୍ୟବହାର କଲା ବେଳେ କେମିତି ସତର୍କତା ଅବଲମ୍ବନ କରିବେ, କୌଣସି ଅଜଣା ବ୍ୟକ୍ତି ଫୋନ୍ କଲରେ କିଛି ମଧ୍ୟ ନ ଜାଣି କାହାକୁ ନିଜର ତଥ୍ୟ ଇଣ୍ଟରନେଟ ମାଧ୍ୟମରେ ପ୍ରଦାନ ନ କରିବା ଏବଂ କୌଣସି ବିଷୟରେ କିଛି ଅସୁବିଧା ହେଲେ ସ୍ଥାନୀୟ ପୁଲିସ୍‌କୁ ନିର୍ଭୟରେ ଜଣାଇବା ନେଇ ଉପସ୍ଥିତି କିଶୋରୀ କିଶୋର ମାନଙ୍କୁ ପରାମର୍ଶ ଦେଇଥିଲେ। ତତ୍ ସହିତ ପ୍ରୋଜେକ୍ଟର ମାଧ୍ୟମରେ କିଶୋରମାନଙ୍କୁ ଟେଲି ଫିଲ୍ମ ମାଧ୍ୟମରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମରେ ନନ୍ଦପୁର ବ୍ଲକର ୫ ଅଙ୍ଗନବାଡି କେନ୍ଦ୍ରର ମୋଟ ୫୦ ଜଣ କିଶୋରୀ ମାନଙ୍କ ସହ ଅଙ୍ଗନବାଡି ଦିଦି ମାନେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଏସ୍ଆଇ ଜ୍ୟୋର୍ତିମୟୀ ଶବର, ବେଦବର ସାହୁ , ପ୍ରତ୍ୟୁଷ ପଟେଲ, ଜଗନ୍ନାଥ ପ୍ରଧାନ, ଏଏସଆଇ ଗୁପ୍ତେଶ୍ୱର ଗୌଡ, ସଂଯୁକ୍ତା ମାଛ, ନମିତା ଟିଗା, ଧନପତି ନାୟକ, ଭଗବାନ ଶ୍ରୀଲାଲିଆ, ଶୋଭନ ମୁଦୁଲି, ଈଶ୍ୱର ଚନ୍ଦ୍ର ଦାସଙ୍କ ସମେତ ଅନ୍ୟ ପୁଲିସ୍ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଗୁଡାରି ଥାନାରେ ସଚେତନତା କାର୍ଯ୍ୟକ୍ରମ



ଗୁଡାରି, ୮।୫(ସମିସ): ଓଡ଼ିଶା ପୁଲିସ କାର୍ଯ୍ୟାଳୟ ତରଫରୁ କିଶୋରି ବାଳିକା ଝିଅମାନେ ବିଭିନ୍ନ ସମୟରେ ସାଇବର, ମୋବାଇଲ ମାଧ୍ୟମରେ ଅନୈତିକ କାର୍ଯ୍ୟର ପ୍ରଲୋଭନର ଶିକାର ହୋଇଥାନ୍ତି। ଏଥିରୁ ସେମାନଙ୍କୁ ନିର୍ବୃତ୍ତ ରଖିବା ପାଇଁ ରାୟଗଡା ଜିଲ୍ଲା ଗୁଡାରୀ ଥାନା କାର୍ଯ୍ୟାଳୟ ପରିସରରେ ଆଇଆଇସି ବିଶ୍ୱବନ୍ଦିତା ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୪ଟା ସମୟରେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇଥିଲା । କିଶୋରିବାଳିକା ମାନେ ନିଜେ କେମିତି ସଚେତନ ହେବେ ଏବଂ ବିଭିନ୍ନ ସାଇବର ମାଧ୍ୟମରେ ଠକେଇରୁ ବଞ୍ଚିତ ହେବେ ସେ ନେଇ ସଚେତନ କରାଯାଇଥିଲା। ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଗୁଡାରୀ ସୌରାସାହି ଗାନ୍ଧୀନଗର ହରିଜନ କୋଲନି କାନ୍ଦ୍ରାଗୁଡ଼ା ନାବାଳିକାମାନଙ୍କୁ ୫ଟି ଉପଯୋଗୀ ଭିଡିଓ ମାଧ୍ୟମରେ ସଚେତନ କରାଯାଇଥିଲା। ପରେ ଶ୍ରୀମତି ବାଗ ଯେ କୌଣସି ଫ୍ରଡ୍ ଫୋନ୍ କଲ୍ ଆସିଲେ ନ ଉଠାଇବାକୁ କୁହାଯାଇଥିଲା। ଶେଷରେ ଗୁଡାରୀ ସିଡିପିଓ ଅନିତା ପାଣିଗ୍ରାହୀ ବାଲ୍ୟବିବାହ ଏକ ଅସାମାଜିକ କାମ, ଏହାକୁ ଯିଏ ଆପଣାଇଥାଏ ଆଇନ ଦ୍ୱାରା ଦଣ୍ଡିତ ହୁଏ, ଏଣୁ ଏଥିରୁ ନିବୃତ ରହିବାକୁ କହିଥିଲେ। ଶେଷରେ କିଶୋରୀ ବାଳିକାମାନେ ନିଜର ଆତ୍ମସୁରକ୍ଷା କେମିତି କରିପାରିବେ ତାହା ମଞ୍ଚରେ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଏ.ସାଇ ଶ୍ୟାମସୁନ୍ଦର, ଏସଆଇ ସଞ୍ଜିବ କୁମାର ଛତ୍ର, ଏସଆଇ ରୁଦ୍ରମାଧବ ମୁଗୁଲି ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ଗୁଣୁପୁର ପୁଲିସର 'ଜୁଭେଣ୍ଟିକା-୨୦୨୬' କାର୍ଯ୍ୟକ୍ରମ



ଗୁଣୁପୁର, ୮।୫ (ସମିସ): ରାୟଗଡା ଜିଲ୍ଲା ଗୁଣୁପୁର ଆଦର୍ଶ ଥାନା ପରିସରରେ ଓଡ଼ିଶା ପୁଲିସ ଓ ୟୁନିସେଫ୍‌ର ମିଳିତ ସହଯୋଗରେ 'ଜୁଭେଣ୍ଟିକା-୨୦୨୬' ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା। କ୍ରାଇମ ଏଗେନ୍‌ଷ୍ଟ ଉମେନ୍ ଏଣ୍ଡ ଚିଲ୍ଡ୍ରେନ୍ ୱିଙ୍ଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା କିଶୋରୀ ଓ ମହିଳାମାନଙ୍କ ମଧ୍ୟରେ ସୁରକ୍ଷା ସଚେତନତା ବୃଦ୍ଧି କରିବା ସହ ସେମାନଙ୍କୁ ଆଇନ ଓ ଅଧିକାର ସମ୍ବନ୍ଧୀୟ ଜ୍ଞାନ ପ୍ରଦାନ କରିବା। କାର୍ଯ୍ୟକ୍ରମରେ ଉପସ୍ଥିତ ପୁଲିସ ଅଧିକାରୀମାନେ ବର୍ତ୍ତମାନ ସମୟରେ ବଢୁଥିବା ସାଇବର ଅପରାଧ, ଅନଲାଇନ୍ ଠକେଇ, ସୋସିଆଲ୍ ମିଡିଆର ଦୁର୍ବ୍ୟବହାର ଓ ଶିଶୁ ନିର୍ଯାତନା ଭଳି ବିଭିନ୍ନ ଘଟଣା ନେଇ ସଚେତନ କରାଇଥିଲେ। ବିଶେଷକରି ଅଜଣା ଲିଙ୍କ୍, ଫୋନ୍ କଲ୍ ଓ ଅନଲାଇନ୍ ଲୋଭନୀୟ ଅଫର୍‌ରୁ ଦୂରେ ରହିବାକୁ ପରାମର୍ଶ ଦେଇଥିଲେ। କୌଣସି ଅସୁବିଧା କିମ୍ବା ଅପରାଧ ଘଟିଲେ ଭୟଭୀତ ନହୋଇ ତୁରନ୍ତ ପୁଲିସକୁ ସୂଚନା ଦେବାକୁ କହିଥିଲେ। ଏହି ଅବସରରେ ମହିଳା ଓ କିଶୋରୀମାନଙ୍କୁ ସ୍ୱୟଂ ସୁରକ୍ଷା, ମହିଳା ହେଲ୍ପଲାଇନ୍, ସାଇବର ହେଲ୍ପଲାଇନ୍ ଓ ପୋକ୍ସୋ ଆଇନ ସମ୍ପର୍କରେ ଜଣାଇ ଦିଆଯାଇଥିଲା। ସମାଜରେ ନାରୀ ସୁରକ୍ଷା ଓ ସମ୍ମାନ ରକ୍ଷା ପାଇଁ ସମସ୍ତଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଥାନାର ଏସ୍ଆଇ ହେମଲତା ଶବର, ରଞ୍ଜିତ ତ୍ରିପାଠୀ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ସୁଷମା ଦେବୀ, ସ୍ଥାନୀୟ ମହିଳା, କିଶୋରୀ ଓ ସାମାଜିକ କର୍ମୀମାନେ ଯୋଗଦେଇଥିଲେ।

# ଜିଲ୍ଲାର ୨୫ ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ

## ଯୋଗଦେଲେ ୬୦୦ରୁ ଅଧିକ କିଶୋର କିଶୋରୀ

କୋରାପୁଟ,୮।୫(ସମିସ) କିଶୋର ଓ କିଶୋରୀ ଏବଂ ପୋଲିସ ମଧ୍ୟରେ ରହିଥିବା ଦୂରତାକୁ କମେଇବା ଏବଂ ସେମାନଙ୍କର ଅଧିକାର ସମ୍ପର୍କରେ ସଚେତନ କରାଇବା ପାଇଁ ରାଜ୍ୟର ସମସ୍ତ ଥାନାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ କୋରାପୁଟ ଜିଲ୍ଲାର ୨୫ ଗୋଟି ଥାନାରେ ୬୦୦ରୁ ଅଧିକ କିଶୋର ଓ କିଶୋରୀ ଅଂଶ ଗ୍ରହଣ କରିଥିଲେ। କୋରାପୁଟ ଟାଉନ ଥାନା ସଭାଗୃହ ଠାରେ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କୋରାପୁଟ ଏସ୍‌ପି ରୋହିତ ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉପସ୍ଥିତ ଥିବା କିଶୋର ଓ କିଶୋରୀ ମାନଙ୍କୁ ଭବିଷ୍ୟତରେ କଣ ହେବାକୁ ଆଶା ରଖିଛନ୍ତି ତାହା ପଚରା ଯାଇଥିଲା। ଏ ସଂପର୍କରେ ଏସପି ସେମାନଙ୍କୁ ଅନେକ ପରାମର୍ଶ ଦେଇଥିଲେ। ଥାନାରେ କଣ କଣ କାର୍ଯ୍ୟ କରାଯାଉଛି, ସେ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ପୋଲିସ ସହିତ କିପରି ସୁସଂପର୍କ ସ୍ଥାପନ କରାଯାଇ ପାରିବ ସେଥିପ୍ରତି ସଚେତନତା କରାଯାଇଥିଲା। ଉପସ୍ଥିତ କିଶୋର ଓ କିଶୋରୀ ମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ମଧ୍ୟ ସଚେତନତା କରାଯାଇଥିଲା। କୋରାପୁଟ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କୋରାପୁଟ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଯୋଗଦେଇ ପରିଚାଳନା କରିଥିବା ବେଳେ ଟାଉନଥାନାର ଅନ୍ୟ ଅଧିକାରୀ ଓ କର୍ମଚାରୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। ୟୁନିସେଫର ସହାୟତାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ସହରର କିଶୋର ଓ କିଶୋରୀ ମାନେ ଯୋଗଦେଇ ଥିଲେ।




# କାଳିମେଳା ଥାନାରେ 'ଜୁଭେଣ୍ଟିକା' କାର୍ଯ୍ୟକ୍ରମ



କାଳିମେଳା,୮।୫(ସମିସ): ମାଲକାନଗିରି ଜିଲ୍ଲା କାଳିମେଳା ଥାନାରେ ଶୁକ୍ରବାର ଦିନ ଜୁଭେଣ୍ଟିକା କାର୍ଯ୍ୟକ୍ରମ ଥାନା ଅଧିକାରୀ ପ୍ରଭୁ ଦତ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପୁଲିସ ପକ୍ଷରୁ ଆୟୋଜିତ ଜୁଭେଣ୍ଟିକା କାର୍ଯ୍ୟକ୍ରମ ସାଧାରଣତଃ ଯୁବପିଢ଼ିଙ୍କୁ ଦିଗଦର୍ଶନ ଦେବା, ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ଏବଂ ପୁଲିସ ଓ ଜନତାଙ୍କ ମଧ୍ୟରେ ସମ୍ପର୍କକୁ ମଜବୁତ କରିବା ପାଇଁ ଏକ ସକରାତ୍ମକ ପଦକ୍ଷେପ ବୋଲି ପୋଲିସ୍ ପକ୍ଷରୁ ଉପସ୍ଥିତ ଯୁବପିଢୀଙ୍କୁ ପ୍ରୋତ୍ସାହିତ କରାଯାଇଥିଲା। ଏହାସହ ଯୁବପିଢ଼ିଙ୍କୁ ଅପରାଧ କିମ୍ବା ନିଶା କାରବାରଠାରୁ ଦୂରରେ ରଖି ସେମାନଙ୍କୁ ଦକ୍ଷତା ବିକାଶ ଓ କ୍ୟାରିୟର ଗଠନ ପାଇଁ ଉତ୍ସାହିତ କରିବା, ଟ୍ରାଫିକ ନିୟମ, ସାଇବର ସୁରକ୍ଷା, ଏବଂ ନାରୀ ସୁରକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଯୁବକଯୁବତୀଙ୍କୁ ସଚେତନ କରାଇବା, ପୁଲିସକୁ ସାଧାରଣ ଲୋକଙ୍କର ବନ୍ଧୁ ଭାବେ ଉପସ୍ଥାପନ କରିବା ଏବଂ ବିଶ୍ୱାସ ସ୍ଥାପନ କରିବା, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପୁଲିସ ଓ ଯୁବକଯୁବତୀ ମାନଙ୍କ ମନରେ ଆତ୍ମବିଶ୍ୱାସ ବଢ଼ାଇବା ସହ ଏକ ସୁସ୍ଥ ଓ ନିରାପଦ ସମାଜ ଗଠନ ପାଇଁ ପ୍ରୟାସ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ବିଶ୍ୱାଳ କହିଛନ୍ତି।

# ଶ୍ରମ ଅଧିକାରୀଙ୍କୁ ନିର୍ମାଣ ଶ୍ରମିକ ମହାସଂଘର ଦାବିପତ୍ର



ରାୟଗଡ,୮।୫(ସମିସ): ରାୟଗଡ଼ ଜିଲ୍ଲା ନିର୍ମାଣ ଶ୍ରମିକ ମହାସଂଘ ସଭାପତି ନିରଂଜନ ପାତ୍ରଙ୍କ ନେତୃତ୍ୱରେ ମହାସଂଘର ଉପଦେଷ୍ଟା ଭବାନୀଶଙ୍କର ଜେନା ,ସାଧାରଣ ସଂପାଦକ ରୁନା ନାୟକ, କୋଷାଧ୍ୟକ୍ଷ ଗଣେଷ ହିମିରିକାଙ୍କ ସମେତ ଅନ୍ୟ ପଦାଧିକାରୀବୃନ୍ଦ ଜିଲ୍ଲାରେ ନିର୍ମାଣ ଶ୍ରମିକ ମାନଙ୍କ କେତେକ କାମ ସଠିକ ସମୟରେ ଏବଂ ସଠିକ୍ ରୂପେ ଦାୟିତ୍ୱର ସହିତ କରା ନ ଯିବାରୁ ନିର୍ମାଣ ଶ୍ରମିକ ତା'ର ସମସ୍ତ ପ୍ରାପ୍ୟ ହରେଇବାକୁ ବାଧ୍ୟ ହେଉଥିବା ସମ୍ପର୍କରେ ଏବଂ ଅନ୍ୟାନ୍ୟ ଦାବି ବିଷୟରେ ଏକ ଦାବିପତ୍ର ଜିଲ୍ଲା ଶ୍ରମ ଅଧିକାରୀ ରବିନ୍ଦ୍ର ତ୍ରିପାଠୀଙ୍କୁ ପ୍ରଦାନ କରିଛନ୍ତି। ଆଜକୁ ପ୍ରାୟ ୬ମାସ ବିତିଥିଲେ ମଧ୍ୟ ଶ୍ରମିକ ୟୁନିୟନ ପକ୍ଷରୁ ଦିଆଯାଇଥିବା ନୂତନ ପଞ୍ଜୀକରଣ କାର୍ଡଗୁଡିକ ପଞ୍ଜୀକରଣ ହୋଇପାରୁ ନ ଥିବା ବେଳେ ଆସନ୍ତା ୧୫ଦିନ ମଧ୍ୟରେ ନୂତନ ପଞ୍ଜୀକରଣ ପରିଚୟ ପତ୍ର ପ୍ରଦାନ କରିବା, ୪୫ଦିନ ମଧ୍ୟରେ ନୂତନ ପଞ୍ଜୀକରଣ କରି ପରିଚୟ ପତ୍ର ପ୍ରଦାନ କରିବା ଏବଂ ୬୦ଦିନ ଭିତରେ ନିର୍ମାଣ ଶ୍ରମିକ ସହାୟତା ବଣ୍ଟନ କରିବା, ନବୀକରଣ ପ୍ରକ୍ରିୟାର ସମାଧାନ କରିବା, ପୁନଃଦାଖଲ କାର୍ଡକୁ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ଦ୍ୱାରା ମଞ୍ଜୁର କରିବା ଏବଂ ତୁରନ୍ତ ସକ୍ରିୟ କରି ନବୀକରଣ ପାଇଁ ମଞ୍ଜୁର କରିବା, ଗୁଣପୁର ସହକାରୀ ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ଅଧିକାରିଣୀଙ୍କ ମନମୁଖୀ କାର୍ଯ୍ୟାଳୟ ବନ୍ଦ କରିବା ସହ ଜିଲ୍ଲା କାର୍ଯ୍ୟାଳୟରୁ ଜଣେ ଡିଇଓଙ୍କୁ ଗୁଣପୁର ବଦଳି କରିବା, ଗତ ୨୦୨୪ ଓ ୨୦୨୫ ବର୍ଷରେ ଜିଲ୍ଲାର ପ୍ରାୟ ୪୦ରୁ ୪୫ହଜାର ନିର୍ମାଣ ଶ୍ରମିକ ନବୀକରଣ ନିମନ୍ତେ ଅନ୍‌ଲାଇନରେ ଆବେଦନ କରିଥିବା ସତ୍ତ୍ୱେ ଆବେଦନ ମଞ୍ଜୁର ହୋଇ ନ ଥିବାରୁ ସେମାନେ ବିଭିନ୍ନ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି । ସେମାନଙ୍କୁ ବେକ୍‌ଲୋକ୍ ଏଂଟ୍ରି କରିବା, ଜିଲ୍ଲାରେ ୧୨୪ଜଣ ଡିପ୍ଲୋମା, ଡିଗ୍ରି ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସହାୟତା ବଣ୍ଟନ ହୋଇଥିବା ବେଳେ ୬ଷ୍ଠରୁ ୧୦ମ ଶ୍ରେଣୀ ଛାତ୍ରଛାତ୍ରୀମାନଙ୍କୁ ଆଜି ପର୍ଯ୍ୟନ୍ତ ଗୋଟିଏ ସହାୟତା ମଧ୍ୟ ପ୍ରଦାନ କରାଯାଇନାହିଁ। ଅନ୍ୟ ଜିଲ୍ଲାରେ ଏହି ସହାୟତା ଦିଆଯାଉଥିବାରୁ ରାୟଗଡ଼ ଜିଲ୍ଲାରେ ମଧ୍ୟ ତୁରନ୍ତ ପ୍ରଦାନ କରାଯାଉ ଏବଂ ଅତିରିକ୍ତ ଶ୍ରମ ଅଧିକାରୀମାନେ ନିଜ ଅଞ୍ଚଳ ପରିଦର୍ଶନରେ ଯାଉ ନ ଥିବା , ୩ବର୍ଷର ନବୀକରଣ କରୁ ନ ଥିବା, ପୁନଃ ଦାଖଲର ନବୀକରଣ ମଞ୍ଜୁର କରୁ ନ ଥିବାରୁ ଏଭଳି ସମସ୍ୟାର ସମାଧାନ କରିବା ଏବଂ କୋଲନରାର ଅତିରିକ୍ତ ଶ୍ରମ ଅଧିକାରୀଙ୍କୁ ବଦଳି କରିବା ଓ ପ୍ରସୂତିକାଳୀନ ସହାୟତା ଦୁଇଟି ସନ୍ତାନକୁ ପ୍ରଦାନ କରିବା ଭଳି ଦାବି ଉଲ୍ଲେଖ କରାଯାଇଛି। ଦାବିପତ୍ର ପ୍ରଦାନ କରି ମହାସଂଘ ଏହାର ପଦକ୍ଷେପ ଉପରେ ନଜର ରଖିଛି । ଆଗାମୀ ଦିନରେ କୌଣସି ଦାବି ପୂରଣ ନ ହେଲେ ଜୋରଦାର ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଭାପତି ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି।

# କେନାଲରେ ବୁଡ଼ି ନାବାଳକ ମୃତ

ଟିକାବାଲି,୮।୫(ସମିସ): ଟିକାବାଲି ପଞ୍ଚାୟତ ଟିପାରିଗାଁରେ କେନାଲରେ ବୁଡ଼ି ନାବାଳକ ବ୍ଲେସନ ଡିଗାଲ ଓରଫ ରେହନଙ୍କ ମୃତ୍ୟୁ ଘଟିଛି। ରେହନ ଅଷ୍ଟମ ଶ୍ରେଣୀ ଛାତ୍ର। ସ୍କୁଲ ଛୁଟି ପରେ ରେହନ ରାଇପୁରସ୍ଥିତ ନିଜ ପିଉସୀଙ୍କ ଘରକୁ ଯାଇଥିଲା। ପ୍ରବଳ ଗରମ ଓ ବିଦ୍ୟୁତ କାଟ ଯୋଗୁ ସେ ଅନ୍ୟ ପିଲାମାନଙ୍କ ସହ ଗାଧୋଇବା ପାଇଁ ନିକଟସ୍ଥ କେନାଲକୁ ଯାଇଥିଲା। ସେଠାରେ ଗୋଡ଼ ଖସି ଯିବାରୁ ବୁଡ଼ି ଯାଇଥିଲା। ସାଙ୍ଗରେ ଥିବା ପିଲାମାନେ ତୁରନ୍ତ ପିଉସୀ ଲକ୍ଷ୍ମୀପ୍ରିୟାଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ଉଦ୍ଧାର କରି ଭାଟାପର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ରେହନରର ମୃତଦେହକୁ ନିଜ ଗ୍ରାମ ଟିପାରିଗାଁକୁ ଅଣାଯାଇଥିଲା। ମୃତ ନାବାଳକର ବାପା ସନ୍ତୋଷ ଡିଗାଲ ବର୍ତ୍ତମାନ ଫୁଲବାଣୀ କାରାଗାରରେ ବନ୍ଦୀ ଅଛନ୍ତି। ପୁଅର ଶେଷ ଦର୍ଶନ ପାଇଁ ସାମାଜିକ କର୍ମୀ କ୍ରିସ୍ତାଚନ୍ଦ୍ର ଡିଗାଲ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ହରିଶ ବିଶିଙ୍କୁ ଅନୁରୋଧ କରିଥିଲେ। ମାନବିକତା ଦୃଷ୍ଟିରୁ ଏହି ଅନୁରୋଧକୁ ଗ୍ରହଣ କରି ପୁଲିସ ସୁରକ୍ଷା ବଳୟ ମଧ୍ୟରେ ସନ୍ତୋଷଙ୍କୁ କିଛି ସମୟ ପାଇଁ ଗାଁକୁ ଅଣାଯାଇଥିଲା।

# ନବଜାତ ଶିଶୁର ମୃତଦେହ ଉଦ୍ଧାର

କାଶୀନଗର,୮।୫(ସମିସ): କାଶୀନଗର ଥାନା ଡି.କଉୁରୁ ଗ୍ରାମରୁ ନବଜାତ ଶିଶୁର ମୃତଦେହ ଉଦ୍ଧାର କରିଛି ପୁଲିସ। ଉକ୍ତ ଗ୍ରାମର କିଛି ବ୍ୟକ୍ତି ସ୍ଥାନୀୟ ଅଞ୍ଚଳରେ ନବଜାତ ଶିଶୁର ମୃତଦେହ ମାଟିରେ ପୋତା ଯାଇଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ସମେତ ଏସ୍‌ଆଇ ଆଲୋକ ରଞ୍ଜନ ଜଗଦଲା, ଏଏସ୍‌ଆଇ ସୀମାଞ୍ଚଳ ସେଠୀ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଘଟଣା ସ୍ଥଳରେ ପୁଲିସ ତଦନ୍ତ କରିବା ସହ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଭ୍ରାମ୍ୟମାଣ ଏକାମୃତା ପଞ୍ଚ ମହାଯଜ୍ଞ ଉଦ୍‌ଯାପିତ



ଜି.ଉଦୟଗିରି,୮।୫(ସମିସ): ଜି.ଉଦୟଗିରି ଟିଆମୁକୁଲୁଙ୍ଗିଆରେ ୪୭ ତମ ଚବିଶ ପ୍ରହର ଭ୍ରାମ୍ୟମାଣ ଏକାମୃତା ପଞ୍ଚ ମହାଯଜ୍ଞ ଆଜି ଉଦଯାପିତ ହୋଇଯାଇଛି। ସନାତନ ଧର୍ମ ସୁରକ୍ଷା ପରିଷଦ ସୁନ୍ଦରବନ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବନବାସୀ ସନ୍ଥ ସୁଦୟା ବାବା ମୁଖ୍ୟଅତିଥି ଓ ପଣ୍ଡିତ ଜଗବନ୍ଧୁ ଦାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଅମୃତ ପରିବାର ସଭା ସେବକ ନରହରି କହଁର, ଅମୃତ ପରିବାର ସମ୍ପାଦକ ଗୌର ଚନ୍ଦ୍ର ପ୍ରଧାନ, କେନ୍ଦ୍ରୀୟ ସଭାପତି ମଦନ ପ୍ରଧାନ, ସମ୍ପାଦକ ବୁଦ୍ଧଦେବ ପ୍ରଧାନ, କୋଷାଧ୍ୟକ୍ଷ ଉଦେଶନ ପ୍ରଧାନ, ଆଞ୍ଚଳିକ ଯଜ୍ଞ କମିଟି ସଭାପତି ମୁନା ପ୍ରଧାନ, ମହିଳା ସଭାପତି ସରିତା ପ୍ରଧାନ, କେନ୍ଦ୍ର କମିଟି ସର୍ବ ବ୍ୟବସ୍ଥା ଦାୟିତ୍ୱରେ ବିଶ୍ୱମ୍ବର ପ୍ରଧାନ, ସନ୍ତେ ପ୍ରଧାନ ରହିଥିଲେ। ଅଞ୍ଜଳି ଦେବୀ ପ୍ରବଚନ କାର୍ଯ୍ୟକ୍ରମରେ ଯୋଗ ଦେଇ ଭଗବାନଙ୍କ କଥାମୃତ ଗାନ ଜରିଥିଲେ।

# ପୁଲିସର ସାଇବର ସୁରକ୍ଷା ସଚେତନତା




ଜି.ଉଦୟଗିରି,୮।୫(ସମିସ): ଜି.ଉଦୟଗିରି ଥାନାରେ ୟୁନିସେଫ ସହାୟତାରେ ଆଭାସୀ ମାଧ୍ୟମରେ ଆଜି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଥାନା ଅଧିକାରୀ ବିଜୟ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜି.ଉଦୟଗିରି ଉପଖଣ୍ଡ ପୁଲିସ ଅଧିକାରୀ ଏ.ଶିବା ରେଡୀ(ଆଇପିଏସ) ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମହିଳା ଏବଂ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ସାଧାରଣତଃ ଛାତ୍ରଛାତ୍ରୀ ମୋବାଇଲରେ ପାଠ ପଢିବା ସମୟରେ ଅସାବଧାନତା ବଶତଃ ଅଜଣା ଲିଙ୍କକୁ ଖୋଲିଦେଲେ ସାଇବର ଠକର ସମ୍ମୁଖୀନ ହୋଇଥାନ୍ତି। ଫଳର ଅଭିଭାବକ ତଥ ସେମାନେ ବିଭିନ୍ନ ପ୍ରକାରର ସାଇବର ଠକର ସମ୍ମୁଖୀନ ହୋଇ ଧନଜୀବନ ହାନୀର ସମ୍ମୁଖୀନ ହୋଇଥାଆନ୍ତି। ଏ ସବୁରୁ ରକ୍ଷା ପାଇବା ପାଇଁ କୌଣସି ଅଜଣା ଲିଙ୍କ ଖୋଲିବାନାହିଁ ବା ଅଦରକାରୀ ଆପକୁ ମଧ୍ୟ ବ୍ୟବହାର କରିବାନାହିଁ ବୋଲି ଥାନା ଅଧିକାରୀ ଶ୍ରୀ ସ୍ୱାଇଁ ପରାମର୍ଶ ଦେଇଥିଲେ। ମହିଳା ଏବଂ ନାବାଳିକା ସ୍କୁଲରେ ହେଉ ଅଥବା କାର୍ଯ୍ୟକ୍ଷେତ୍ରରେ ଯଦି କୌଣସି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଭୟ ନକରି ପୁଲିସ ନିକଟକୁ ଆସନ୍ତୁ ବୋଲି ଉପଖଣ୍ଡ ପୁଲିସ ଅଧିକାରୀ ଶ୍ରୀ ରେଡି କହିଥିଲେ। କାର୍ଯ୍ୟକ୍ରମ ଶେଷରେ ପିଲାମାନେ ଥାନା ପରିସର ବୁଲି ଦେଖିଥିଲେ। ଏହି କାର୍ଯ୍ୟକ୍ରମରେ ଏସଆଇ ରୂପକ ଦଳେଇ, ପ୍ରଦୀପ ରାଉଳ, ଏଏସଆଇ ବୁଲୁ ବେହେରା ଓ ରବୀନ୍ଦ୍ର କୁମାର ସେଠୀଙ୍କ ସହ ସମସ୍ତ କର୍ମଚାରୀ, ସିଡିପିଓ କଳ୍ପନା ଶତପଥୀ ଓ ଅଙ୍ଗନବାଡି କର୍ମୀଙ୍କ ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## କାଶୀନଗରରେ ଜବରଦଖଲ ଉଚ୍ଛେଦ

# ସ୍ଥାନୀୟ ଲୋକଙ୍କ ସ୍ୱାଗତ, ବ୍ୟବସାୟୀ ଅସନ୍ତୁଷ୍ଟ

କାଶୀନଗର,୮।୫(ସମିସ)

କାଶୀନଗର ଅଞ୍ଚଳରେ ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଷ୍ଟେଟ୍ ବ୍ୟାଙ୍କ୍ ଠାରୁ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପାଶ୍ୱର୍ରେ ଦୀର୍ଘଦିନ ଧରି ହୋଇଥିବା ଜବରଦଖଲକୁ ପ୍ରଶାସନ ପକ୍ଷରୁ ହଟାଯାଇଛି। ଉଚ୍ଛେଦ ସମୟରେ ରାସ୍ତା କଡ଼ରେ ଥିବା ଘର, ଦୋକାନ, ଅସ୍ଥାୟୀ ବଜାର, କିଛି ମାର୍କେଟ କମ୍ପ୍ଲେକ୍ସ ଓ ସ୍ଥାନୀୟ ମନ୍ଦିରର ସାମ୍ନା ଅଂଶକୁ ଭାଙ୍ଗି ହଟାଯାଇଥିଲା। ପିଡବ୍ଲୁଡି ବିଭାଗ ପକ୍ଷରୁ ଉକ୍ତ ରାସ୍ତାର ପ୍ରଶସ୍ତିକରଣ ସହ ଡ୍ରେନେଜ୍ ବ୍ୟବସ୍ଥା କାର୍ଯ୍ୟକରୀ କରିବାକୁ ଉଚ୍ଛେଦ କରାଯାଇଥିବା ଜଣାପଡ଼ିଛି। ସକାଳୁ ପ୍ରଶାସନ, ପିଡବ୍ଲୁଡି ବିଭାଗ ଓ ପୁଲିସ ବିଭାଗର ମିଳିତ ଉପସ୍ଥିତିରେ ଜେସିବି ଲଗାଇ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାସ୍ତା ଉପରେ ଜବରଦଖଲ ହେତୁ



ଦୀର୍ଘଦିନ ଧରି ଯାତାୟାତରେ ସମସ୍ୟା ସୃଷ୍ଟି ହେଉଥିବା ସହ ବର୍ଷାଦିନରେ ପାଣି ନିଷ୍କାସନ ହୋଇପାରୁ ନଥିଲା। ଏହାକୁ ଦୃଷ୍ଟିରେ ରଖି ପିଡବ୍ଲୁଡି ବିଭାଗ ପକ୍ଷରୁ ରାସ୍ତା ପ୍ରଶସ୍ତିକରଣ ଓ ଡ୍ରେନେଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ପୂର୍ବରୁ ଉଚ୍ଛେଦ ପଦକ୍ଷେପ ନିଆଯାଇଥିଲା। ଉଚ୍ଛେଦକୁ ଅନେକ ସ୍ଥାନୀୟ ଲୋକ ସ୍ୱାଗତ କରିଛନ୍ତି। ଅନ୍ୟପଟେ ପ୍ରଶାସନର କାର୍ଯ୍ୟପ୍ରଣାଳୀକୁ ନେଇ କିଛି ସ୍ଥାନରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସ୍ଥାନୀୟ ବ୍ୟବସାୟୀଙ୍କ ଅଭିଯୋଗ ଅନୁସାରେ, ବିଭିନ୍ନ ସ୍ଥାନରେ ସଠିକ୍ ଭାବରେ ମାପଚୁପ ନକରି ଦୋକାନ ଓ ନିର୍ମାଣକୁ ହଟାଯାଇଛି। ଏହା ଫଳରେ କିଛି ଲୋକ ଅନାବଶ୍ୟକ ଭାବେ କ୍ଷତିଗ୍ରସ୍ତ ହୋଇଥିବା କୁହାଯାଇଛି।

ବିଶେଷକରି ଫରେଷ୍ଟ ଛକ ନିକଟରେ ବହୁ ବର୍ଷ ଧରି ଛୋଟ ଛୋଟ ଦୋକାନ କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀ ପ୍ରଶାସନର ଏହି ପଦକ୍ଷେପକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ବର୍ଷ ବର୍ଷ ଧରି ସେମାନେ ଏନ୍‌ଏସିକୁ ନିୟମିତ ଟ୍ୟାକ୍ସ ପ୍ରଦାନ କରିଆସୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ କୌଣସି ସ୍ଥାୟୀ ବିକଳ୍ପ ବ୍ୟବସ୍ଥା ନକରି ସିଧାସଳଖ ଦୋକାନ ଉଚ୍ଛେଦ କରାଯାଇଥିବାରୁ ସେମାନଙ୍କ ଜୀବିକା ଉପରେ ପ୍ରଭାବ ପଡ଼ିବ ବୋଲି ଅଭିଯୋଗ କରିଥିଲେ। ପ୍ରଶାସନ ପକ୍ଷରୁ ପୂର୍ବରୁ ନୋଟିସ ଦିଆଯାଇଥିଲେ ମଧ୍ୟ ଛୋଟ ବ୍ୟବସାୟୀଙ୍କ ପାଇଁ ବିକଳ୍ପ ସ୍ଥାନ ଚିହ୍ନଟ କରାଯିବା ଉଚିତ ଥିଲା ବୋଲି ସେମାନେ କହିଥିଲେ। ଉଚ୍ଛେଦ କାର୍ଯ୍ୟ ସମୟରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ୍ ଭାବେ ସହକାରୀ ତହସିଲଦାର କେ. ଦିବ୍ୟରଞ୍ଜନ ଦାୟିତ୍ୱରେ ଥିଲେ। କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନେତୃତ୍ୱରେ ଏକ ପ୍ଲାଟୁନ୍ ପୁଲିସ ମୁତୟନ କରାଯାଇଥିଲା। ସ୍ଥାନୀୟଆରଆଇ, ପିଡବ୍ଲୁଡି ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ମଧ୍ୟାହ୍ନରେ ମହେନ୍ଦ୍ରଗିରିରେ ଘନ କୁହୁଡ଼ି

ରାୟଗଡ,୮।୫(ସମିସ): ଗୋଟିଏ ପଟେ ସମଗ୍ର ଗଜପତି ଜିଲ୍ଲା ସମେତ ରାୟଗଡ଼ ବ୍ଲକରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ଦିନର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହୁଥିବା ବେଳେ ଖରାରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। କିନ୍ତୁ ଏହା ମଧ୍ୟରେ ପୌରାଣିକ ପର୍ବତ ମହେନ୍ଦ୍ରଗିରିରେ ଦେଖିବାକୁ ମିଳିଛି ଏକ ଭିନ୍ନ ଦୃଶ୍ୟ। ଦିନ ଗୋଟାଏ ବେଳେ ଯେତେବେଳେ ସୂର୍ଯ୍ୟ ମୁଣ୍ଡ ଉପରେ ରହିବା କଥା



ସେତେବେଳେ ସମଗ୍ର ମହେନ୍ଦ୍ରଗିରି ଶିଖରକୁ କୁହୁଡ଼ି ଘୋଡ଼ାଇ ରଖିଥିବା ଦେଖାଯାଇଛି। ମହେନ୍ଦ୍ରଗିରି ଭ୍ରମଣରେ ଆସିଥିବା ପର୍ଯ୍ୟଟକ ଏହି ଦୃଶ୍ୟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଛନ୍ତି। ପର୍ଯ୍ୟଟକଙ୍କ କହିବା ଅନୁଯାୟୀ, ଅଳ୍ପ ସମୟ ମଧ୍ୟରେ ସେଠାରେ ପାଣିପାଗର ଏଭଳି ପରିବର୍ତ୍ତନ ଘଟୁଛି ତାହା ଗୋଟିଏ ଦିନରେ ଛଅଟି ଋତୁର ଅନୁଭୂତି ଦେଉଛି। ପ୍ରବଳ ଖରା ପରେ ହଠାତ୍ କୁହୁଡ଼ି ଏବଂ ପରେ ପରେ ଶୀତଳ, ବର୍ଷା ପବନ ପର୍ଯ୍ୟଟକଙ୍କୁ ଏକ ଭିନ୍ନ ଦୁନିଆର ଅନୁଭବ ଦେଉଛି। ପ୍ରଶାସନ ପକ୍ଷରୁ ନିକଟରେ ଆଡଭେଞ୍ଚର ସ୍ପୋର୍ଟସ ଏବଂ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଥିବା ବେଳେ ପ୍ରକୃତିର ଏହି ଅଦ୍ଭୁତ ରୂପ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ରାୟଗଡ଼ ବ୍ଲକର ଗରମ ଗୁଳୁଗୁଳିରୁ ରକ୍ଷା ପାଇବା ପାଇଁ ପର୍ଯ୍ୟଟକମହେନ୍ଦ୍ରଗିରିକୁ ଏକ ଶୀତଳ ସ୍ଥଳୀ ଭାବେ ବାଛୁଛନ୍ତି।

# ଜଗନ୍ନାଥ ମନ୍ଦିର ନୂତନ ପରିଚାଳନା କମିଟି ଗଠିତ



ରାଇକିଆ,୮।୫(ସମିସ): ରାଇକିଆ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟବାନ ପାତ୍ରଙ୍କ ଅଧ୍ୟକ୍ଷତାରେ ଏକ ସଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିବରଣୀ ପାଠ କରାଯିବା ସହ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ଏବଂ ମନ୍ଦିର ପ୍ରତିଷ୍ଠାର ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମର ଆୟବ୍ୟୟର ସମୀକ୍ଷା କରାଯାଇଥିଲା। ପରେ ସଭପତି ଏବଂ ସଂପାଦକ କମିଟି ପରିଚାଳନା, କାର୍ଯ୍ୟଖସଡା ଏବଂ ଇତିହାସକୁ ନେଇ ମାର୍ଗ ଦର୍ଶନ କରିଥିଲେ ଏବଂ କାର୍ଯ୍ୟକାଳ ପୁରା ହୋଇଥିବାରୁ କମିଟି ଭଙ୍ଗ ଘୋଷଣା କରିଥିଲେ। ଏହି ସଭାରେ ନୂତନ ନିର୍ଦ୍ଧାରଣ ଅନୁଯାୟୀ ୫ ବର୍ଷ କାର୍ଯ୍ୟକାଳ କରାଯାଇଥିବା କ୍ରମରେ ଆଗାମୀ ପାଞ୍ଚ ବର୍ଷ ନିମନ୍ତେ ନୂତନ କମିଟି ଗଠନ କରାଯାଇ ନୂଆ କର୍ମକର୍ତ୍ତା ଚୟନ କରାଯାଇଥିଲା। ନୂତନ କମିଟିରେ ସଭାପତି ଭାବେ ସତ୍ୟବାନ ପାତ୍ର, ଉପସଭାପତି ଶ୍ରୀଧର ଦାସ ଏବଂ ବିକ୍ରମାଦିତ୍ୟ ପାଳ, ସାଧାରଣ ସମ୍ପାଦକ ବାଇନାଥ ଦାଶ, କୋଷାଧ୍ୟକ୍ଷ ବିଜୟ କୁମାର ପଣ୍ଡା, ଯୁଗ୍ମ ସମ୍ପାଦକ ମିଟୁ ସ୍ୱାଇଁ, ସହସମ୍ପାଦକ ସୀମାଞ୍ଚଳ ପ୍ରଧାନ, ମହାରଣା ସେବକ ଭାବେ ଦେବଦତ୍ତ ମହାରଣା, କାର୍ଯ୍ୟକାରି ସଦସ୍ୟ ଭାବେ ଶ୍ରୀନିବାସ ଆଚରୀ, ସନ୍ତୋଷ ପାଢି ଓ ସୁରେନ୍ଦ୍ର କୁମାର ପଣ୍ଡା ଏବଂ ଉପଦେଷ୍ଟା ଭାବେ ଦୁର୍ଯ୍ୟୋଧନ ଲେଙ୍କା,ପଦ୍ମଚରଣ ପଣ୍ଡା ଓ ବୈକୁଣ୍ଠ ପଣ୍ଡାଙ୍କୁ ନେଇ ନୂତନ ଜଗନ୍ନାଥମନ୍ଦିର ପରିଚାଳନା କମିଟି ଗଠନ କରାଯାଇଥିଲା।

# ପାରଳାରେ ଜିଲ୍ଲାସ୍ତରୀୟ ବିଶ୍ୱ ରେଡକ୍ରସ୍ ଦିବସ

ପାରାଖେମୁଣ୍ଡି,୮।୫(ସମିସ): ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଶ୍ୱ ରେଡକ୍ରସ୍ ଦିବସ ପାଳିତ ହୋଇଛି। ମାନବବାଦୀ ସମାଜସେବକ ଜନ୍ ହେନେରୀ ଡ୍ୟୁରାଣ୍ଟଙ୍କ ସମ୍ମାନରେ ତାଙ୍କ ଜନ୍ମଦିବସରେ ଅରୁଣ ତ୍ରିପାଠୀ ମଞ୍ଚାସୀନ ଥିଲେ। ସଭା ପରିଚାଳନା ଦାୟିତ୍ୱରେ ଡେପୁଟି କଲେକ୍ଟର ଏମର୍ଜେନ୍ସୀ ବିନାୟକ ଚନ୍ଦ୍ର ରାଉଳ ଉପସ୍ଥିତ ରହି ଜିଲ୍ଲା ରେଡକ୍ରସ୍ ବିଷୟରେ ତଥ୍ୟ ପ୍ରଦାନ କରିଥିଲେ। ବିଗତ ବର୍ଷରେ ଜିଲ୍ଲାରୁ ମୋଟ



ପ୍ରତି ବର୍ଷ ମେ ୮ ତାରିଖରେ ବିଶ୍ୱ ରେଡକ୍ରସ୍ ଦିବସ ପାଳନ କରାଯାଇଥାଏ। ଏ ବର୍ଷର ପ୍ରସଙ୍ଗ 'ମାନବତାରେ ଏକତା' କୁ ସମସ୍ତ ବକ୍ତା ନିଜ ନିଜ ଅନୁସାରେ ଭାବରେ ବ୍ୟାଖ୍ୟାନ କରିଥିଲେ। ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ମୁନୀନ୍ଦ୍ର ହୋନ୍ନାଗା ଯୋଗଦେଇ ରେଡକ୍ରସ୍ ସଂଗଠନର ମହତ୍ତ୍ୱ ଓ ସମାଜର ପୁନରୁଦ୍ଧାରରେ ଭୂମିକା ବିଷୟରେ କହିଥିଲେ। ସମାଜମଙ୍ଗଳ ପାଇଁ ରେଡକ୍ରସ୍ ସାଙ୍ଗରେ ଯୋଡ଼ି ହେବା ପାଇଁ ମୁଖ୍ୟଅତିଥି ଜିଲ୍ଲାବାସୀଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଓ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ୨୬,୫୩,୮୩୦ ଟଙ୍କା ରେଡକ୍ରସ୍ ପାଣ୍ଠି ପାଇଁ ସଂଗୃହୀତ ହୋଇଥିଲା। ଏହି ପାଣ୍ଠିକୁ ସର୍ବାଧିକ ୧୬,୬୩,୮୫୦ ଟଙ୍କାର ଅନୁଦାନ କରିଥିବାରୁ ଜିଲ୍ଲା ପରିବହନ ବିଭାଗକୁ ପୁରସ୍କୃତ କରାଯାଇଥିଲା। ସର୍ବାଧିକ ରକ୍ତଦାନ ପାଇଁ ମୋହନା ସ୍ଥିତ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟକୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ସେହିପରି ଚଳିତ ବର୍ଷ ଏପ୍ରିଲ ମାସରେ ଓଡ଼ିଆ ପକ୍ଷରେ ଅନୁଷ୍ଠିତ ହୋଇଥିବା ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ସମସ୍ତଙ୍କୁ ପ୍ରମାଣପତ୍ର ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ବୈଠକରେ ଜିଲ୍ଲାଧିକାରୀ, ଜିଲ୍ଲାର ସମାଜସେବୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ● ଟିକାବାଲିରେ କୁଇନ୍ ଦିନା କବି ସମ୍ମିଳନୀ

# 'ଭାଷା ହିଁ ସମ୍ପର୍କ ସୃଷ୍ଟିର ପ୍ରମୁଖ ମାଧ୍ୟମ'



ଟିକାବାଲି,୮।୫(ସମିସ): ଟିକାବାଲି ପଞ୍ଚାୟତ ଅନ୍ତର୍ଗତ ଟିପାରିଗାଁ (ଜେଡି ନାୟୁ)ରେ ଅଖିଳ ଭାରତ ମୂଳନିବାସୀ ସାହିତ୍ୟ ସଂସଦ କୁଇନ୍ ଦିନା ଓ କନ୍ଧମାଳ କବି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓରଦା ଏବଂ କଳାକାର ମହାସଂଘର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ କବି ଯୋଗ ଦେଇ କବିତା ପାଠ କରିଥିଲେ। ସମ୍ମିଳନୀରେ ମାତୃଭାଷାର ସୁରକ୍ଷା ଓ ସମ୍ମାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅତିଥିମାନେ ନିଜ ଅଭିଭାଷଣରେ ଭାଷା ହିଁ ସମ୍ପର୍କ ସୃଷ୍ଟିର ପ୍ରମୁଖ ମାଧ୍ୟମ। ଭାଷାର ସୁରକ୍ଷା ଓ ଜ୍ଞାନର ବିକାଶ ଦ୍ୱାରା ହିଁ ଏକ ଆଦର୍ଶ ସମାଜ ଗଠନ ସମ୍ଭବ ବୋଲି କହିଥିଲେ। ଟିକାବାଲି ଅଞ୍ଚଳରେ ପ୍ରଥମ ଥର ପାଇଁ ଏଭଳି ଏକ କବି ସମ୍ମିଳନୀ ଆୟୋଜିତ ହୋଇଥିଲା। ସମ୍ମିଳନୀର ମୁଖ୍ୟ ଆୟୋଜକ ଭାବେ ଶିକ୍ଷକ କାଶ୍ୟପ କୁମାର ଡିଗାଲ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ସତ୍ୟ ନାରାୟଣ ବେହେରା, ସମ୍ମାନିତ ଅତିଥି ଭାବେ ମୋହନ ଡିଗାଲ, ସୁଧୀର କୁମାର ସାହୁ ଓ ବଳରାମ ଡିଗାଲ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ନାଭିଦତ୍ୟ ଡିଗାଲ ଓ କଳାକାର ମହାସଂଘର ସଭାପତି କୃଷ୍ଣ ଚନ୍ଦ୍ର ଡିଗାଲ ଯୋଗ ଦେଇ ସାହିତ୍ୟ ଓ ସଂସ୍କୃତି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ କାଙ୍ଗୁରା ପ୍ରଧାନ ସଙ୍ଗୀତ ଗାନ କରିଥିବା ବେଳେ ଅଭିମନ୍ୟୁ ପ୍ରଧାନ ମଞ୍ଚ ସଂଚାଳନ କରିଥିଲେ।

# ଅସହାୟ ପରିବାରକୁ ଚାଇଲ୍ଡଲାଇନ୍‌ର ସହାୟତା

ରାୟଗଡ଼,୮।୫(ସମିସ)

ପରିବାରର ଗୁଜରାଣ ମେଣ୍ଟାଇବା ସହ ଦୁଇ ଜାଆଁଳ ଭାଇ ଭଉଣୀଙ୍କୁ ଉତ୍ତମ ଶିକ୍ଷା ଦେଇ ମଣିଷ କରିବାକୁ ସ୍ୱପ୍ନ ଦେଖିଥିଲେ। ସେଥିପାଇଁ ନିଜ ଭିଟାମାଟି ଛାଡ଼ି ଦିନ ମଜୁରିଆ ଭାବେ ଝାଳବୁହା ପରିଶ୍ରମ ମଧ୍ୟ କରୁଥିଲେ। କିନ୍ତୁ ବିଧିର ବିଧାନ ଥିଲା କିଛି ଅଲଗା। ଆଜି ସେହି ରୋଜଗାରିଆ ମଣିଷ ଜଣକ ଜୀବନ ବଞ୍ଚାଇବା ପାଇଁ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଏଭଳି ଅଭାବନୀୟ ଘଟଣା ରାୟଗଡ଼ ବ୍ଲକ ସାନତୁଣ୍ଡି ପଞ୍ଚାୟତ ଏସ୍. ରେମ୍ପି ଗ୍ରାମର ଶିବରାମ ଶବରଙ୍କ କ୍ଷେତ୍ରରେ ଘଟିଛି। ଲାଇଲାଇ ପଞ୍ଚାୟତ କୁରୁଡ଼ା ଗ୍ରାମର ଶିବରାମ ନିଜ ପରିବାର ସହ ଏସ୍.ରେମ୍ପି ଗ୍ରାମରେ ଏକ ଭଙ୍ଗା ଦଦରା କୁଡ଼ିଆରେ ଦିନ କାଟୁଥିଲେ। କିଛି ଦିନ ପୂର୍ବେ ଏକ କାଜୁ ତୋଟାରେ କାମ କରୁଥିବା ବେଳେ ଅସାବଧାନତା ବଶତଃ ସେ ଗଛରୁ ଖସି ପଡ଼ିଥିଲେ। ତାଙ୍କର ଡାହାଣ ହାତ ସହ ଅଣ୍ଟାର ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ପ୍ରଥମେ ରାୟଗଡ଼ ଓ ପରେ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ହେଁ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର ପାଇଁ ପରାମର୍ଶ ଦେଇଥିଲେ। ମାତ୍ର ଦାରିଦ୍ର୍ୟ ଆଗରେ ହାର ମାନିଥିଲା ପରିବାର। ସମ୍ବଳ ଅଭାବରୁ ବ୍ରହ୍ମପୁର ନଯାଇ ପରିବାର ଲୋକେ ତାଙ୍କୁ ଘରକୁ ଫେରାଇ ଆଣିଥିଲେ। ଅଣ୍ଟା ଭାଙ୍ଗି ଯାଇଥିବାରୁ ସେ ନିଜେ ବସିବାକୁ ମଧ୍ୟ ଅକ୍ଷମ ହୋଇ ଘରର ଏକ କାଠରେ ଲୁଗା ବାନ୍ଧି ସେଥିରେ ଆଉଜି କଷ୍ଟେମଷ୍ଟେ ପଡ଼ି ରହିଛନ୍ତି। ଘରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଶଯ୍ୟାଶାୟୀ ହେବା ପରେ ପରିବାର ଏବେ ଦାଣ୍ଡରେ ବସିଛି। ରେମ୍ପି ପ୍ରାଥମିକ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ପଢୁଥିବା ଭାଇ ଗଙ୍ଗା ଓ ଭଉଣୀ ଯମୁନାଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। 'ସକାଳ' ଖବର କାଗଜରେ ଖବର ପ୍ରକାଶ ପରେ ସ୍ଥାନୀୟ ପ୍ରଶାସନ ତତ୍ପରତା ଦେଖାଇଛି। ଶୁକ୍ରବାର "ଚାଇଲ୍ଡ ହେଲ୍ପଲାଇନ'ର ପ୍ରକଳ୍ପ ପ୍ରଯୋଜିକା ବୈଶାଳୀ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ସୁପରଭାଇଜର ସୂରଜ ଲିମା ସାନତୁଣ୍ଡି ଗ୍ରାମରେ ପହଞ୍ଚି ଅସହାୟ ପରିବାରକୁ ସହାୟତାର ହାତ ବଢ଼ାଇଛନ୍ତି। କର୍ମଚାରୀ ଶିବରାମଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର ଦୁଇ ଭାଇଭଉଣୀଙ୍କ ପାଠପଢ଼ା ଯେପରି ବନ୍ଦ ନହୁଏ, ସେଥିପାଇଁ ସମସ୍ତ ଦାୟିତ୍ୱ ନିଆଯିବ ବୋଲି କହିଛନ୍ତି। ଶିବରାମଙ୍କ ପରିବାରକୁ ମିଳିଥିବା ଏହି ତୁରନ୍ତ ସହାୟତା ପାଇଁ ଗ୍ରାମବାସୀ ଓ ସ୍ଥାନୀୟ ଅଞ୍ଚଳବାସୀ "ସକାଳ" ପ୍ରତିନିଧି ଓ ଚାଇଲ୍ଡଲାଇନ୍‌କୁ ଧନ୍ୟବାଦ ଦେଇଛନ୍ତି।



# କଳିଙ୍ଗ ଭଲିବଲ୍ ପ୍ରିମିୟର୍ ଲିଗ୍ ଉଦ୍‌ଘାଟିତ



ଦାରିଙ୍ଗବାଡି,୮।୫(ସମିସ): ତାଜୁଙ୍ଗିଆ ପଞ୍ଚାୟତ କଳିଙ୍ଗି, ସୁଲୁମାହା ଲୋକଙ୍କ ମିଳିତ ଉଦ୍ୟମରେ କଳିଙ୍ଗ ପ୍ରିମିୟର ଲିଗ ୩ ଦିନିଆ ଭଲିବଲ୍ ଟୁର୍ଣ୍ଣମେଣ୍ଟ ଉଦ୍‌ଘାଟିତ ହୋଇଛି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ଗଦାପୁର ସମିତିସଭ୍ୟା ତଥା ନାରୀନେତ୍ରୀ ରୁଦା ମଲିକ, ଅତିଥି ଭାବେ ପୂର୍ବତନ ସରପଞ୍ଚ ସାମସନ ମଲ୍ଲିକ, ମୁଖ୍ୟବକ୍ତା ଭାବେ ବିଏସଏଫ କମାଣ୍ଡର ଭୂପେନ୍ଦ୍ର ରଣା ଓ ଏଏସଆଇ ବଚ୍ଚୁ ସିଂ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟରେ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି। ସମସ୍ତ ଦଳକୁ ମଧ୍ୟପ୍ରଦେଶର ସଦାଶିବ ଇଂଲିସ୍ ମିଡିଅମ ସ୍କୁଲର ନିର୍ଦ୍ଦେଶକ ଗାନ୍ଧୀ ସିଂ ଟି-ସାର୍ଟ ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଆସନ୍ତା ୧୦ ତାରିଖ ଦିନ ଉଦ୍‌ଯାପିତ ହେବ। ଭାଇଚାରା ବଜାଇ ରଖିବା ପାଇଁ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଛି। ଆୟୋଜକ କମିଟି ସଦସ୍ୟ ସଲିମ ମଲ୍ଲିକ୍, ବାପି ମୁଠାମାଝୀ, ନରେନ୍ ନାୟକ ଓ ମ୍ୟାଚ୍ ରେଫରୀ କୈଳାଶ ମଳିକ ସହଯୋଗ କରିଥିଲେ।

## ଆଜିର ରାଶିଫଳ

ମେଷ: କର୍ମକ୍ଷେତ୍ରରେ ଉନ୍ନତି ହେବ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚିବଢ଼ିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ।

ବୃଷ: ଧର୍ମକର୍ମ ପ୍ରତି ମନ ବଳିପାରେ। କର୍ମଠ ଓ ସାହସୀ ହେବେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ହେବେ।

ମିଥୁନ: ସୁସ୍ଥ ଓ ନିରାମୟ ରହିବେ। ବ୍ୟବସାୟ ଲାଭଜନକ ହେବ। ମାଲିମୋକଦ୍ଦମାରେ ବିଜୟୀ ହେବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ।

କର୍କଟ: ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। ବ୍ୟକ୍ତିଗତ କଥା କାହା ଆଗରେ ପ୍ରକାଶ କରନ୍ତୁ ନାହିଁ। ପରୋପକାରୀ ହେବେ।

ସିଂହ: ଅତିଥି ସତ୍କାର କରିପାରନ୍ତି। ଆଜିଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ସୃଜନାତ୍ମକ କାର୍ଯ୍ୟରେ ସଫଳତା ମିଳିବ। ଦାନ ଧର୍ମ କରନ୍ତୁ।

କନ୍ୟା: ଭାଗ୍ୟଶାଳୀ ହେବେ। ମିତ୍ରଙ୍କଠାରୁ ସହାୟତା ମିଳିବ। ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତି ହେବ।

ତୁଳା: ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳକୁଦରେ ଆଗୁଆ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଅନ୍ୟମାନଙ୍କୁ କଷ୍ଟ ଦେବା ପରି କଥା କୁହନ୍ତୁ ନାହିଁ।

ବିଛା: କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

ଧନୁ: ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

ମକର: ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆର୍ଥିକ ସମସ୍ୟା ଭୋଗିପାରନ୍ତି। ଆଜିଟି କର୍ମଚାରୀଙ୍କୁ ସଫଳତା ମିଳିବ।

କୁମ୍ଭ: ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଖର୍ଚ୍ଚ ବଢ଼ିପାରେ।

ମୀନ: ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ। ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୮୧୨- ଆମେରିକା ଓ ବ୍ରିଟେନ୍ ମଧ୍ୟରେ ଯୁଦ୍ଧ ଆରମ୍ଭ ହେଲା।
- ୧୮୬୬- ସ୍ୱାଧୀନତା ସଂଗ୍ରାମୀ ଗୋପାଳ କୃଷ୍ଣ ଗୋଖଲେଙ୍କ ଜନ୍ମ।
- ୧୯୪୭- ବିଶ୍ୱ ବ୍ୟାଙ୍କ ପ୍ରଥମ ଋଣ ଫ୍ରାନ୍ସକୁ ଦେଲା।
- ୧୯୫୫- ପଶ୍ଚିମ ଜର୍ମାନୀ ନାଟୋର ଅଂଶ ହେଲା।
- ୨୦୧୨- ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମା ସମଲିଙ୍ଗୀ ବିବାହକୁ ସମର୍ଥନ ଦେଲେ।

# ନିଜକୁ ପିଲା ଭାବୁଛନ୍ତି ସାତ ସନ୍ତାନର ବାପା



ଦୁନିଆରେ ଅନେକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଥାଏ। ଯାହା ଶୁଣିଲେ ବିଶ୍ୱାସ କରିବା କଷ୍ଟକର ହୋଇପଡ଼େ। ଏମିତି ଏକ ଘଟଣା ୨୦୧୫ ମସିହାରେ କାନାଡାରେ ଘଟିଥିଲା। ୪୬ ବର୍ଷୀୟ ପଲ୍ ୱୋଲ୍ସ୍କଟ୍ ନାମକ ବ୍ୟକ୍ତି ହଠାତ୍ ଛଅ ବର୍ଷର ବାଳିକା ପରି ଜୀବନ ଜିଇଁବାକୁ ନିଜ ପତ୍ନୀ ଏବଂ ସାତ ସନ୍ତାନଙ୍କୁ ଛାଡ଼ିଦେଇଥିଲେ। ଏବେ ସେ ଷ୍ଟେଫୋନିକ୍ ନାଁରେ ଜଣା ଯାଉଛନ୍ତି। ସେ ଏବେ ଏକ ଛୋଟ ଝିଅର ଜୀବନ ଜିଉଁଛନ୍ତି। ପଲ୍ ପ୍ରଥମେ ଜଣେ ମେକାନିକ୍ ଥିଲେ। ପତ୍ନୀ ମାରିଆ ଏବଂ ତାଙ୍କ ସାତ ପିଲାଙ୍କ ସହିତ ତାଙ୍କର ହସଖୁସିର ସଂସାର ଚାଲିଥିଲା। ହେଲେ ୪୬ ବର୍ଷ ବୟସରେ ସେ ନିଜକୁ କିନ୍ନର ବୋଲି କହିବା ସହ ଛଅ ବର୍ଷର ଝିଅଟିଏ ଭଳି ରହିବାକୁ ଲାଗିଲେ। କେବଳ ସେତିକି ନୁହେଁ, ସେ ସାରା ଜୀବନ ସେପରି ରହିବାକୁ ନିଷ୍ପତ୍ତି ନେଲେ। ହେଲେ ପଲ୍‌ଙ୍କ ପତ୍ନୀଙ୍କୁ ଏସବୁ ଭଲ ଲାଗୁ ନ ଥିଲା। ତେଣୁ ସେ ପଲ୍‌ଙ୍କୁ ଘର ଛାଡ଼ିବାକୁ କହିଥିଲେ। ପଲ୍ ମଧ୍ୟ ଘର ଛାଡ଼ିଦେଲେ। ଏହା ପରେ ପଲ୍ ନିଜ ନାଁ ବଦଳାଇ ଷ୍ଟେଫୋନିକ ରଖିଥିଲେ। ଏବେ ପଲ୍ ଛୋଟ ଝିଅଙ୍କ ପରି ଫ୍ରକ୍, ସ୍କର୍ଟ ପିନ୍ଧୁଛନ୍ତି। ସାରା ଦିନ କଣ୍ଢେଇ ସହ ଖେଳିବା ସହ ଛୋଟ ପିଲାଙ୍କ ପରି କାର୍ଟୁନ୍ ଦେଖୁଛନ୍ତି। ପରିବାର ଛାଡ଼ି ପଲ୍ ଜଣେ ବୃଦ୍ଧ ଦମ୍ପତିଙ୍କ ସହ ରହିବା ସହ ନିଜକୁ ସେମାନଙ୍କର ନାତୁଣୀ ବୋଲି କହୁଛନ୍ତି। ଏଠାରେ ସେ ବେଶ୍ ଖୁସିରେ ଥିବାବେଳେ ଏଠାରେ କୌଣସି ପ୍ରକାର ଚିନ୍ତା କି ଦାୟିତ୍ୱ ନ ଥିବା ପର୍ଲ କୁହନ୍ତି। ଏବେ ସେ ନିଜର ଅତୀତ ବିଷୟରେ ଚିନ୍ତା କରୁନାହାଁନ୍ତି। ଆତ୍ମହତ୍ୟା ପରି ଚିନ୍ତାଧାରାକୁ ଏଡାଇବା ପାଇଁ ସେ ଏହି ରାସ୍ତା ଆପଣାଇଥିବା ପର୍ଲ କହିଛନ୍ତି। ପିଲାଦିନକୁ ଫେରିବା ତାଙ୍କ ପାଇଁ ଥେରାପି ସଦୃଶ ବୋଲି ସେ କୁହନ୍ତି। ତେବେ ସାମାଜିକ ଗଣମାଧ୍ୟମରେ ଏହି ଖବର ଭାଇରାଲ ହେବା ପରେ ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ଦେଉଛନ୍ତି। ଅନ୍ୟପଟେ ମନସ୍ତତ୍ତ୍ୱବିତ୍‌ମାନେ କୁହନ୍ତି ଯେ, ଏହା ଏକ ମାନସିକ ସମସ୍ୟା, ଯେଉଁଥିରେ ଜଣେ ବ୍ୟକ୍ତି ଚିନ୍ତା କିମ୍ବା ଆଘାତରୁ ରକ୍ଷା ପାଇବା ପାଇଁ ଶୈଶବକୁ ଫେରିବାକୁ ଚେଷ୍ଟା କରିଥାଏ।'

# ହରର୍ ଫିଲ୍ମରେ ଆଲିଆ



ବଲିଉଡ୍‌ର ଲୋକପ୍ରିୟ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ହାତରେ ଏବେ ଅନେକଗୁଡ଼ିଏ ପ୍ରୋଜେକ୍ଟ ରହିଛି। ତନ୍ମଧ୍ୟରେ ଯଶରାଜ୍ ଫିଲ୍ମସ୍‌ର ସ୍ପାଇ ଥ୍ରିଲର୍ 'ଆଲ୍‌ଫା' ଓ ସଞ୍ଜୟ ଲୀଳା ଭଁସାଲିଙ୍କ ଫିଲ୍ମ 'ଲଭ୍ ଆଣ୍ଡ ୱାର୍' ରହିଛି। ଇତିମଧ୍ୟରେ ଆଲିଆଙ୍କ ହାତକୁ ଆଉ ଏକ ସଫଳ ଫ୍ରାଞ୍ଚାଇଜ୍ ଆସିଛି। ଆକ୍ସନ୍ ଓ ରୋମାଣ୍ଟିକ୍ ଫିଲ୍ମ ପରେ ଏବେ ଆଲିଆ 'ତୁମ୍ବାଡ଼୍ ୨' ଫିଲ୍ମ ମାଧ୍ୟମରେ ହରର୍ ଦୁନିଆରେ ପାଦ ଦେଇଛନ୍ତି। ଆଲିଆ ଏହି ଫିଲ୍ମର ସୁଟିଂ ମଧ୍ୟ ଆରମ୍ଭ କରି ଦେଇଛନ୍ତି। ସେ ଏବେ ଲଗାତାର ୨୦ ଦିନ ଧରି ଏହାର ସୁଟିଂ କରିବେ। ଯଦିଓ ତାଙ୍କର ସ୍କ୍ରିନ୍ ଟାଇମ୍ ସୀମିତ ରହିବ, ତଥାପି ତାଙ୍କର ଚରିତ୍ର କାହାଣୀର ମୁଖ୍ୟ ମୋଡ଼ ନିର୍ଣ୍ଣୟ କରିବାରେ ବଡ଼ ଭୂମିକା ନେବ। ତାଙ୍କର ଏହି ଭୂମିକା 'ତୁମ୍ବାଡ଼୍ ୩'ରେ ମଧ୍ୟ ପ୍ରଦର୍ଶିତ କରାଯିବ। ଆଲିଆ 'ତୁମ୍ବାଡ଼୍ ୨'ର କାହାଣୀ ଶୁଣି ଏଥିରେ କାମ କରିବା ପାଇଁ ଆଗ୍ରହ ଦେଖାଇଥିବା ଜଣାପଡ଼ିଛି। ଫିଲ୍ମର ବଜେଟ୍ ୧୦୦ କୋଟି ରହିଛି। ଆଲିଆଙ୍କ ସହ ଏଥିରେ ସୋହମ୍ ଶାହା, ନୱାଜୁଦ୍ଦିନ୍ ସିଦ୍ଦିକି, ନିମିଷା ସଜାୟନ ପ୍ରମୁଖ ନଜର ଆସିବେ। ଏହା ଆସନ୍ତାବର୍ଷ ୩ ଡିସେମ୍ବରରେ ରିଲିଜ୍ ହେବ। ଏହାର ପ୍ରଥମ ପାର୍ଟ ଭଳି ଏଥିରେ ଭୟର ବାତାବରଣ ଦେଖାଇବା ପାଇଁ ମୁମ୍ବାଇରେ ୭ରୁ ୮ ଏକର ଜମିରେ ଏକ ବଡ଼ ସେଟ୍ ନିର୍ମାଣ କରାଯାଇଛି। ଆଦେଶ ପ୍ରସାଦ ଏହାର ନିର୍ଦ୍ଦେଶନା ଦେଇଛନ୍ତି।

# ଡାଲି କେଜି ୨୦ ପଇସା ଦେଶୀ ଘିଅ କେଜି ୨ ଟଙ୍କା



ବର୍ତ୍ତମାନ ସମୟରେ ଘର ଚଳାଇବା ଜଣେ ସାଧାରଣ ବ୍ୟକ୍ତିଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଦିନକୁ ଦିନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରିକି ଗ୍ୟାସ୍, ଖାଇବା ତେଲ, ଲୁଣ, ପନିପରିବା ଏବଂ ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ସାଧାରଣ ଲୋକଙ୍କ ବଜେଟ୍ ଉପରେ ପ୍ରଭାବ ପକାଉଛି। ଏହା ମଧ୍ୟବିତ୍ତ ଠୁ ନେଇ ଗରିବ ଲୋକଙ୍କ ଆର୍ଥିକ ଅବସ୍ଥାକୁ ବି ଦୋହଲାଇ ଦେଉଛି। ତେବେ ୧୯୫୦ ମସିହା ଆଡ଼କୁ ଏଭଳି ସ୍ଥିତି ନ ଥିଲା। ସେତେବେଳେ ଅତ୍ୟାବଶ୍ୟକ ଜିନିଷଗୁଡ଼ିକର ମୂଲ୍ୟ ବାବଦରେ ଜାଣିଲେ ସହଜରେ ବିଶ୍ୱାସ କରିହେବ ନାହିଁ। ୧୯୫୦ ମସିହାରେ ଟଙ୍କାକର ମୂଲ୍ୟ ୧୬ ଅଣା ଥିଲା। ବର୍ତ୍ତମାନ ସମୟକୁ ତୁଳନା କଲେ ସେତେବେଳେ ଦରଦାମ୍ ବୃଦ୍ଧିର ଚିହ୍ନବର୍ଣ୍ଣ ନ ଥିଲା। ସେତେବେଳେ କେଜିଏ ଅଟାର ମୂଲ୍ୟ ୧୦ରୁ ୩୦ ପଇସା ଥିଲା। ଡାଲି କେଜି ପ୍ରତି ୨୦ରୁ ୨୫ ପଇସା ମଧ୍ୟରେ ମିଳି ଯାଉଥିଲା। ସେହିପରି ଆଜିକାଲିକା ଭଳି ଖାଦ୍ୟରେ ଅପମିଶ୍ରଣ ହେଉ ନ ଥିଲା। ଏପରିକି ସୁଦ୍ଧ ଦେଶୀ ଘିଅର ମୂଲ୍ୟ କିଲୋ ପିଛା ୨ ରୁ ୫ ଟଙ୍କା ମଧ୍ୟରେ ଥିଲା। ତେଣୁ ଲୋକେ ଖାଦ୍ୟରେ ମନଇଚ୍ଛା ଘିଅ କିମ୍ବା ତେଲ ବ୍ୟବହାର କରୁଥିଲେ। ସେହିପରି ଚାଉଳ କିଲୋ ୧୨ ପଇସା ଥିବାବେଳେ ଚିନି ମୂଲ୍ୟ ଚାଳିଶ ପଇଶା ଥିଲା। ଏଥିସହ କ୍ଷୀର ଲିଟର ପ୍ରତି ୧୨ ପଇସା ଥିଲା। ୧୯୫୦ ମସିହାରେ ୧୦ ଗ୍ରାମ୍ ସୁନାର ମୂଲ୍ୟ ୮୮ ରୁ ୯୦ ଟଙ୍କା ରହିଥିଲା। ତେବେ ସେତେବେଳେ ଲୋକଙ୍କର ଆୟ ଯଦିଓ ବର୍ତ୍ତମାନ ତୁଳନାରେ ବହୁତ କମ୍ ଥିଲା ହେଲେ ଅତ୍ୟାବଶ୍ୟକ ଜିନିଷଗୁଡ଼ିକର ଦାମ୍ ଏତେ କମ୍ ଥିଲା ଯେ, ଘର ଠିକ୍‌ସେ ଚାଲି ପାରୁଥିଲା। ସେତେବେଳର ରୋଷେଇ ଆଜିକାଲି ଭଳି ନ ଥିଲା, ଅତି ସାଧାରଣ ଥିଲା। ବିଶେଷକରି ଲୋକେ ବାରି ବଗିଚା ଓ ଚାଷ ଜମିରେ ଉପଲବ୍ଧ ହେଉଥିବା ଜିନିଷ ଉପରେ ନିର୍ଭରଶୀଳ ଥିଲେ। ଆଜିକାଲି ଭଳି ମହିଳାମାନେ ସେତେବେଳେ ଗ୍ୟାସ୍ କିମ୍ବା ଇଣ୍ଡକସନ୍ ବ୍ୟବହାର କରୁ ନଥିଲେ। ଚୁଲି ଜାଳି ରୋଷେଇ କରାଯାଉଥିଲା। ଖାଦ୍ୟ ରାନ୍ଧିବା ପାଇଁ ତମ୍ବା, ପିତ୍ତଳ, ମାଟି ଜିନିଷର ବ୍ୟବହାର କରାଯାଉଥିଲା। ଧୀମା ଆଞ୍ଚରେ ଖାଦ୍ୟ ରନ୍ଧା ଯାଉଥିବାରୁ ଏହା ବେଶ୍ ସ୍ୱାଦିଷ୍ଟ ଲାଗିବା ସହ ଏହାର ପୋଷକ ତତ୍ତ୍ୱ ମଧ୍ୟ ନଷ୍ଟ ହେଉ ନଥିଲା। କାହାରି ଘରେ ଫ୍ରିଜ୍ ନ ଥିବାରୁ ଲୋକେ କ୍ଷୀର, ଦହି ଆଦିକୁ ଅଧିକ ସମୟ ପର୍ଯ୍ୟନ୍ତ ସୁରକ୍ଷିତ ରଖିବା ପାଇଁ ମାଟି ହାଣ୍ଡି ବ୍ୟବହାର କରୁଥିଲେ। ସେତେବେଳେ ମହିଳାମାନେ ରୋଷେଇ ଘରର ସବୁ କାମ କରୁଥିଲେ। ଶିଳରେ ମସଲା ବାଟିବା ଠୁ ଆରମ୍ଭ କରି ହ୍ୟାଣ୍ଡପପ୍ ମାଡ଼ି ପାଣି ଆଣୁଥିବାରୁ ମହିଳାମାନେ ଶାରୀରିକ ସ୍ତରରେ ବେଶ୍ ସକ୍ରିୟ ଥିଲେ। ବିଶେଷକରି ସେତେବେଳେ ପ୍ରୋସେସଡ୍ ଫୁଡ୍ ପ୍ରଚଳନ ନ ଥିବାରୁ ଲୋକେ ଏତେ ରୋଗଗ୍ରସ୍ତ ହେଉ ନ ଥିଲେ। ଲୋକେ ତାଜା ଖାଦ୍ୟ ଖାଇବାକୁ ପସନ୍ଦ କରୁଥିଲେ।



# ହସିଲେ ମୁକ୍ତା ଝରେ



ନଗେନ୍ଦ୍ର ନାଥ ପଟ୍ଟନାୟକ

ବହୁତ ବଢ଼ିଆ ବୋଉଟି ମୋଅର
ବାଣ୍ଟିଚାଲେ ଖୁସି କେତେ
ମିଠାକଥା କହି ଦେଖାଏ ସତପଥ
କୋଳରେ ବସାଇ ମତେ ॥
ନିଇତି ସକାଳ ସଞ୍ଜେ ପଢ଼ାଏ
ନୂଆ ନୂଆ ଗପ ବହି
ପୁଣି ସେ କରାଏ ଘରପାଠ ମୋର
ସ୍ନେହଭରେ ପାଶେ ରହି
କେତେ ସୁନ୍ଦରିଆ ଖେଳନା ଦିଅଇ
ମୋର ମନଲାଖି ସିଏ
ପାଠ ପଢ଼ିସାରି ଖେଳିଲେ ଖେଳନା
ମନ ତା'ର ଖୁସି ହୁଏ ॥
ମନଟି ତାର ହୀରା-ମଣି ସମ
ହସିଲେ ମୁକ୍ତା ଝରେ
ଆଖିରେ ମୋର ଦୁଷ୍ଟାମି ଦେଖିଲେ
ରାଗିଯାଏ ବେଳେ ବେଳେ ॥
ଜୀବନେ ସାମନା କରିଲେ ଅଡୁଆ
ସହଜେ ତୁଟାଇଦିଏ
ବୋଉ ପରି ମୋର ଏଇ ଦୁନିଆରେ
ଅତି ଆପଣାର କିଏ ? ■

ଓସ୍କାର ସିଟି, ଲକ୍ଷ୍ମୀ ସାଗର କେନାଲ ରୋଡ
ଭୁବନେଶ୍ୱର

# ବୋଉ ଲୋ ବୋଉ





ରମାକାନ୍ତ ଦାସ

ବୋଉ ଲୋ ବୋଉ
ରାଗି ରୁଷି ଗଲେ ମନେଇ ନେଉ
କେଡ଼େ ସରାଗରେ ଖୁଆଇ ଦେଉ
ପଣତରେ ଧୂଳି ଝାଡ଼ି ତୁ ଦେଉ
ମିଠା ମିଠା କଥା କେତେ ଯେ କହୁ ।।
ବୋଉ ଲୋ ବୋଉ
ଭୋକିଲା ପେଟ ମୋ ବାରି ତୁ ଦେଉ
ସ୍ନେହ ମମତାରେ ବାନ୍ଧି ରଖଉ
ଝୁଣ୍ଟି ପଡ଼ିଲେ ମୁଁ ଉଠେଇ ନେଉ
ଅନ୍ଧାରରେ ବାଟ ଦେଖେଇ ଦେଉ ।।
ବୋଉ ଲୋ ବୋଉ
ଦେହ ପା ହେଲେ ଜଗି ତୁ ଥାଉ
ରାତି ଅନିଦ୍ରା ରହି ମୋ ସେବା କରଉ
କପାଳରେ ମୋର ହାତ ରଖି ତୁହି
ନିତି ମୋର ଶୁଭ ମନାସୁ ଥାଉ ।।
ବୋଉ ଲୋ ବୋଉ
ମୋ ଦୁଃଖ କଷ୍ଟ ସହି ନ ପାରଉ
କୋଳରେ ବସେଇ ବୁଝେଇ ଦେଉ
ଶୁଖିଲା ମୁହଁରେ ହସ ଫୁଟାଉ
କଣ୍ଟାକୁ ବି ତୁ ଫୁଲ କରଉ ।।
ବୋଉ ଲୋ ବୋଉ
ତୋ ଆଶୀର୍ବାଦ ମୋ ଉପରେ ଥାଉ
ତୋ ପାଦଠାରୁ ଭଲ ଜାଗା ନାହିଁ ତ ଆଉ
ତୋ ପରି କିଏ ହେବ ଲୋ ବୋଉ
ସାତଜନ୍ମ ମୋର ତୋ କୋଳେ ହେଉ ।। ■

ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର

# ପ୍ରହେଳିକା



- ଯାହା କୋଳେ ଆମେ ଜନମ ନେଲୁ
ଯା'ର ହାତ ଧରି ଚାଲି ଶିଖିଲୁ
ଯିଏ ଶିଖାଇଲା କଥା କହିବା
ସିଲଟ ଖଡ଼ିରେ ପାଠ ଲେଖିବା
ରୋଗ ହେଲେ ଆମ ପାଶେ ସେ ରହି
ଜଗିରୁହେ ସାରା ରାତି ନ ଶୋଇ
ତା ପାଇଁ ହସଇ ସୁନା ସଂସାର
ପରିବାର ବୋଝ ମୁଣ୍ଡେଇ ସେ ଚାଲେ
କହି ପାରିବକି ନାମଟି ତା'ର।

ଉତ୍ତର-ମାଆ

- ମଇ ମାସ ଦ୍ୱିତୀୟ ରବିବାର
ପବିତ୍ର ଦିନ ଏ ସାରା ବିଶ୍ୱର
ଘରେ ଘରେ ସର୍ବେ ହରଷ ମନେ
ଶୁଭେଚ୍ଛା ଦିଅନ୍ତି ମାଆକୁ ଧ୍ୟାନେ
ଖୁସିରେ ମାଆର ଝରଇ ହସ
କହିଦିଅ ସିଏ କେଉଁ ଦିବସ।

ଉତ୍ତର-ବିଶ୍ୱ ମାତୃ ଦିବସ

- ଉତ୍ତରରେ ଶୋହେ ହିମ ପର୍ବତ
ନଦୀ ଝରଣାରେ ସିଏ ଶୋଭିତ
ଦକ୍ଷିଣ ପୂର୍ବ ପଶ୍ଚିମ ଦିଗେ
ସାଗର ହସଇ ସବୁଜ ରଙ୍ଗେ
ତିରଙ୍ଗା ପତାକା ତାହାର ମାନ
ବିଶ୍ୱ ଦରବାରେ ପାଏ ସମ୍ମାନ
ସିଏ ଆମ ମାତା ଆମେ ସନ୍ତାନ
କହିଦିଅ ଏବେ ତାହାର ନାମ।

ଉତ୍ତର-ଭାରତ ମାତା

# ସୁମନ

# ଆଶାବାଡ଼ି



ସତ୍ୟନାରାୟଣ ପ୍ରଧାନ



ଖରାଦିନ ହୋଇ ଥିବାରୁ ଚାରିଆଡ଼େ ପ୍ରବଳ ଗରମ ଅନୁଭୂତ ହେଉଥିଲା। ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଇଥିଲା। ସେଇ ସମୟରେ ରାସ୍ତା କଡ଼ରେ ଥିବା ରାମ ବାବୁଙ୍କ ଦୋକାନରୁ କାଳିଆ କୁକୁରଟିଏ ଅଚାନକ ଝପଟି ଆସି ଥୁଆ ହୋଇଥିବା ପାଉଁରୁଟିରୁ ଗୋଟେ ନେଇ ଦୌଡ଼ି ପଳାଇଲା। ରାମବାବୁ କୁକୁର ପାଉଁରୁଟି ନେଇ ଯାଉଥିବାର ଦେଖି ଖୁବ୍ ରାଗିଗଲେ। ସେ କୁକୁରକୁ ପାନେ ଦେବାକୁ ତା' ପଛରେ ଏକମୁହାଁ ହୋଇ ଦୌଡ଼ିଲେ। କୁକୁରଟି ସିଧା ଗୋଟେ ଲୋକ ପାଖରେ ଯାଇ ଅଟକିଗଲା। ରାମବାବୁ ମଧ୍ୟ ସେଠି ଅଟକି ଗଲେ। ସେଇ ଲୋକଟି ତିନି ଚକିଆ ସାଇକଲରେ ବସିଥାଏ। ତଳକୁ ଆସି ଠିଆ ହେବା ତା ପକ୍ଷରେ ସମ୍ଭବ ନ ଥିଲା। ସେ କୁକୁର ଠାରୁ ପାଉଁରୁଟି ନେଇ ନିଜେ ଖାଇବା ସହିତ ତାକୁ ଖାଇବା ପାଇଁ ଦେଲା। ରାମବାବୁ ଏଦୃଶ୍ୟ ଦେଖି ଆହୁରି ରାଗିଗଲେ। ପଶୁଟିକୁ ନିଜ କାମରେ କାହିଁକି ଲଗାଉଛ, ତୁମ ଘରେ ଆଉ କେହି ନାହାଁନ୍ତି କି ବୋଲି ସେ ଲୋକଟିକୁ ବଡ଼ ପାଟିରେ କହିଲେ। ଲୋକଟି କିଛି ସମୟ ନିରବ ରହି ନମ୍ରସ୍ୱରରେ କହିବାକୁ ଆରମ୍ଭ କଲା- 'ମୁଁ ପିଲାଟି ଦିନରୁ ଚାଲିବାକୁ ଅକ୍ଷମ ବୋଲି ପରିବାର ଲୋକ ନିଜର ହୋଇବି ମୋ ପାଇଁ ପର ହୋଇଗଲେ। ମୋର ଏପରି ଅବସ୍ଥା ଦେଖି ଜନ୍ମ ଦେଇଥିବା ବାପା ମାଆ ଦୁନିଆରୁ ଚାଲିଯିବା ପର୍ଯ୍ୟନ୍ତ ଦୁଃଖ କଷ୍ଟରେ ପାଳି ପୋଷି ବଞ୍ଚାଇ ରଖିଲେ। ତା ପରେ ଭାଇମାନେ ନିଜ ପରିବାର ଘର ସଂସାରରେ ଏପରି ବ୍ୟସ୍ତ ହୋଇଗଲେ ମୁଁ ସେମାନଙ୍କ ପାଇଁ ଅଲୋଡ଼ା ହୋଇ ଯାଇଥିଲି। ଗାଁ ଗଣ୍ଡାର ଲୋକ ମୋତେ ଦେଖି ଯିଏ ଯାହା ପାଇଲା ଖାଇବାକୁ ଦିଅନ୍ତି। ଏହି କାଳିଆ ଛୋଟିଆଟିଏ ହୋଇ ଥିଲାବେଳେ ମୋ ପାଖରେ ହାଜର ହୋଇଯାଏ। ତାକୁ ଦେଖିଲା ପରେ ତା ପ୍ରତି ମୋର ଭଲ ପାଇବା ବଢ଼ି ଯାଇଥିଲା। ମୁଁ ଯାହା ଖାଏ ତାକୁ ଦିଏ ସିଏ ମୋ ପାଖରେ ନିଜର ଲୋକ ଭଳି ଚଲା ବୁଲା କରି ଆତ୍ମୀୟତା ଦେଖାଇଥିଲା। ଜଣେ ବଦାନ୍ୟ ବ୍ୟକ୍ତି ମୋର ଯିବା ଆସିବା କରିବା ଲାଗି ଏହି ସାଇକଲର ବ୍ୟବସ୍ଥା କରି ଦେଇଥିଲେ। ସେଇଦିନ ଠାରୁ ସେ ମୋର ସୁଖ ଆଉ ଦୁଃଖର ସାଥୀ। ମୋତେ ଭୋକ ଲାଗିଲା ବୋଲି ସେ ମୋ ମନ କଥା ଜାଣିପାରି ତୁମ ଦୋକାନରୁ ଖାଇବାକୁ ନେଇ ଆସିଲା। ଯଦି କିଛି ଭୁଲ ହୋଇଥାଏ ମୋତେ କ୍ଷମା କରିଦେବେ।


ସମାଜରେ ମଣିଷ ନିଜ ସ୍ୱାର୍ଥ ପାଇଁ ବଦଳି ଯାଏ ହେଲେ ପଶୁପକ୍ଷୀ କେବେ ଭଲ ପାଉଥିବା ମଣିଷକୁ ଭୁଲନ୍ତି ନାହିଁ ବୋଲି ଦୋକାନୀ ବୁଝି ପାରିଲେ। ଆମେ ଜୀବନରେ କେବଳ ମଣିଷଙ୍କୁ ଭଲ ପାଇବା ସେ ଭାବନାକୁ ଛାଡ଼ି ନିଜ ସହିତ ଜଡ଼ିତ ଥିବା ପଶୁପକ୍ଷୀ ଜୀବଜନ୍ତୁ ଗଛଲତାକୁ ନିଜର ଭାବିଲେ ସେମାନେ ବି ଆମ ସୁଖ ଦୁଃଖରେ ଠିଆ ହେବେ ଏଥିରେ କୌଣସି ସନ୍ଦେହ ନାହିଁ। କାଳିଆ ଓ ଲୋକଟିର ପରସ୍ପର ପ୍ରତି ଭଲ ପାଇବା ଦେଖି ରାମବାବୁ ଖୁବ୍ ଖୁସି ହୋଇ ସେଠାରୁ ଫେରିଥିଲେ। ■

ଅଣ୍ଟିଆ, ଯାଜପୁର

## ତୁଳୀ ହାତରେ କୁନି



ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





ସଂସ୍କୃତି ପଟ୍ଟନାୟକ
ଅଷ୍ଟମ ଶ୍ରେଣୀ
ଡି.ଏ.ଭି ପବ୍ଲିକ ସ୍କୁଲ
ନିମାପଡ଼ା





ସାଇ ଶ୍ରୀ ବେହେରା
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା





କ୍ରିତୀ କ୍ରିଷ୍ଣା ରାଉତ
ନବମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ହଂସପଡା, ପୁରୀ

ସକାଳ
THE SAKALA
www.sakalaepaper.com

ଦିଲ୍ଲୀରେ ଆଲେନ ଝଡ଼

# କେକେଆର'ର କ୍ରମାଗତ ୪ର୍ଥ ବିଜୟ




ନୂଆଦିଲ୍ଲୀ, ୮ ।୫ (ଏଜେନ୍ସି): ହ୍ୟାଟ୍ରିକ ପରାଜୟ ପରେ କୋଲକାତା ନାଇଟ୍ ରାଇଡର୍ସ (କେକେଆର) ଚଳିତ ଆଇପିଏଲ୍‌ରେ କ୍ରମାଗତ ୪ର୍ଥ ବିଜୟ ହାସଲ କରିଛି। ଶୁକ୍ରବାର ରାତିରେ ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଅନୁଷ୍ଠିତ ୫୧ତମ ଲିଗ୍ ମ୍ୟାଚରେ କେକେଆର୍ ୮ ୱିକେଟ୍‌ରେ ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରିଛି। ଏହି ଲୋ-ସ୍କୋରିଂ ମ୍ୟାଚରେ ଦିଲ୍ଲୀ ପକ୍ଷରୁ ଧାର୍ଯ୍ୟ ୧୪୩ ରନର ଛୋଟିଆ ଲକ୍ଷ୍ୟକୁ କୋଲକାତା ୨ ୱିକେଟ୍ ବିନିମୟରେ ୧୪.୨ ଓଭରରେ ହାସଲ କରିନେଇଥିଲା। ଓପନର୍ ଫିନ ଆଲେନ ୪୭ ବଲରେ ଅପରାଜିତ ୧୦୦ ରନର ବିଧ୍ୱଂସୀ ପାଳି ଖେଳି କୋଲକାତାକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଜିଙ୍କ୍ୟ ରାହାଣେଙ୍କ ଦଳ ଏଥିସହ ୧୦ମ ମ୍ୟାଚରୁ ୪ର୍ଥ ବିଜୟ ହାସଲ କରି ପଏଣ୍ଟ ଟେବୁଲର ୭ମ ସ୍ଥାନକୁ ଉଠିଛି। ଅପରପକ୍ଷରେ କ୍ୟାପିଟାଲ୍ସ ୧୧ତମ ମ୍ୟାଚରୁ ୭ମ ପରାଜୟ ସହ ୮ମ ସ୍ଥାନକୁ ଖସିଯାଇଛି।

**ଆଲେନଙ୍କ ପ୍ରଥମ ଆଇପିଏଲ୍ ଶତକ**

୧୪୩ ରନକୁ ପିଛା କରିଥିବା କୋଲକାତା ୩ୟ ଓଭରରେ ଅଧିନାୟକ ଆଜିଙ୍କ୍ୟ ରାହାଣେଙ୍କ ୱିକେଟ୍ ହରାଇଥିଲା। ରାହାଣେ ୧୩ ରନ କରି ଦୁର୍ଭାଗ୍ୟଜନକ ଭାବେ ରନଆଉଟ୍ ହୋଇଥିଲେ। ଚାରୋଟି ବଲ୍ ପରେ ଅଙ୍ଗକ୍ରୀଷ୍ଣ ରଘୁବଂଶୀ ମଧ୍ୟ ୧ ରନ କରି ପ୍ରତିପକ୍ଷ ଅଧିନାୟକ ଅକ୍ଷର ପଟେଲଙ୍କ ବଲରେ ବୋଲ୍ଡ ହୋଇଥିଲେ। ତେବେ ଏହାପରେ ଆସିଥିବା କାମେରନ ଗ୍ରୀନ ଅନ୍ୟତମ ଓପନର୍ ଫିନ ଆଲେନଙ୍କ ସହ ମିଶି ଦଳକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଉଭୟ ଅସମାପ୍ତ ୩ୟ ୱିକେଟ୍ ଭାଗୀଦାରିରେ ୬୪ ବଲରୁ ୧୧୬ ରନ ସଂଗ୍ରହ କରି ଦଳକୁ ୩୪ଟି ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। ପ୍ରଥମ ଆଇପିଏଲ୍ ଶତକ ହାସଲ କରିଥିବା ଆଲେନ ୪୭ ବଲରେ ୧୦୦ ରନ କରି ଅପରାଜିତ ରହିଥିଲେ। ଏହି ପାଳିରେ ସେ ୧୦ ଛକା ଓ ୫ ଚୌକା ମାରିଥିଲେ। ସେହିଭଳି ଗ୍ରୀନ ୨୭ ବଲରେ ଅପରାଜିତ ୩୩ ରନ କରିଥିଲେ। ପୂର୍ବରୁ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଘରୋଇ ଦିଲ୍ଲୀ କ୍ୟାପିଟାଲ୍ସ ନୈରାଶ୍ୟଜନକ ପ୍ରଦର୍ଶନ କରି ୮ ୱିକେଟ୍‌ରେ ୧୪୨ ରନର ଛୋଟିଆ ସ୍କୋର କରିଥିଲା। ଓପନର୍ ପାଥୁମ ନିଶାଙ୍କ (୨୯ ବଲରେ ୫୦ ରନ), ଆଶୁତୋଷ ଶର୍ମା (୩୯ ରନ), ଲୋକେଶ ରାହୁଲ (୨୩ ରନ) ଓ ଅଧିନାୟକ ଅକ୍ଷର (୧୧)ଙ୍କୁ ଛାଡ଼ିଦେଲେ ଅନ୍ୟକେହି ଦୁଇଅଙ୍କ ଛୁଇଁପାରି ନ ଥିଲେ। ବୋଲିଂରେ କେକେଆରର ଅନୁକୂଳ ରୟ ଓ କାର୍ତ୍ତିକ ତ୍ୟାଗୀ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**

ରାଜସ୍ଥାନ ବନାମ ଗୁଜରାଟ
ଭେନ୍ୟୁ - ଜୟପୁର
ଖେଳ ଆରମ୍ଭ : ରାତି ୭.୩୦
ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

**ଆଇପିଏଲ୍ ପଏଣ୍ଟ ଟେବୁଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ହାଇଦରାବାଦ | ୧୧ | ୭ | ୪ | ୦ | ୧୪ | +୦.୭୩୭ |
| ପଞ୍ଜାବ | ୧୦ | ୬ | ୩ | ୧ | ୧୩ | +୦.୫୭୧ |
| ବେଙ୍ଗାଲୁରୁ | ୧୦ | ୬ | ୪ | ୦ | ୧୨ | +୧.୨୪୯ |
| ରାଜସ୍ଥାନ | ୧୦ | ୬ | ୪ | ୦ | ୧୨ | +୦.୫୧୦ |
| ଗୁଜରାଟ | ୧୦ | ୬ | ୪ | ୦ | ୧୨ | -୦.୧୪୭ |
| ଚେନ୍ନାଇ | ୧୦ | ୫ | ୫ | ୦ | ୧୦ | +୦.୧୫୧ |
| କୋଲକାତା | ୧୦ | ୪ | ୫ | ୧ | ୯ | -୦.୧୬୯ |
| ଦିଲ୍ଲୀ | ୧୦ | ୪ | ୭ | ୦ | ୮ | -୧.୧୫୪ |
| ମୁମ୍ବାଇ | ୧୦ | ୩ | ୭ | ୦ | ୬ | -୦.୬୪୯ |
| ଲକ୍ଷ୍ନୌ | ୧୦ | ୩ | ୭ | ୦ | ୬ | -୦.୯୪୯ |

ବି.ଦ୍ର.: ମ୍ୟା-ମ୍ୟାଚ୍, ବି- ବିଜୟ, ପ- ପରାଜୟ, ବା- ବାତିଲ, ପ- ପଏଣ୍ଟ

**ସଂକ୍ଷିପ୍ତ ସ୍କୋର**

**ଦିଲ୍ଲୀ କ୍ୟାପିଟାଲ୍ସ: ୧୪୨/୮, ୨୦ ଓଭର**
(ନିଶାଙ୍କ- ୫୦, ରାହୁଲ- ୨୩, ଆଶୁତୋଷ- ୩୯, ଅକ୍ଷର- ୧୧, ନୀତୀଶ- ୮, ଷ୍ଟବ୍ସ- ୨, ସମୀର- ୩, କାର୍ତ୍ତିକ- ୨/୨୫, ଅନୁକୂଳ- ୨/୩୧) ।
**କୋଲକାତା ନାଇଟ୍ ରାଇଡର୍ସ: ୧୪୭/୨, ୧୪.୨ ଓଭର**
(ଆଲେନ- ୧୦୦*, ଗ୍ରୀନ- ୩୩*, ରାହାଣେ- ୧୩, ରଘୁବଂଶୀ- ୧, ଅକ୍ଷର- ୧/୨୭) ।

**୨୦୨୮ ରୁ ୯୪କୁ ବୃଦ୍ଧି ହେବ ଆଇପିଏଲ ମ୍ୟାଚ୍ ସଂଖ୍ୟା**

## ପ୍ରତି ଦଳ ଖେଳିବେ ୧୮ ଟି ମ୍ୟାଚ୍

ନୂଆଦିଲ୍ଲୀ,୮ ।୫(ଏଜେନ୍ସି)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଆଇପିଏଲ୍‌କୁ ଏକ ନୂଆ ସ୍ତରକୁ ନେବା ପାଇଁ ପ୍ରସ୍ତୁତି ଚଳାଇଛି। ଆଇପିଏଲ୍ ଅଧ୍ୟକ୍ଷ ଅରୁଣ ଧୁମଲଙ୍କ ସୂଚନା ଅନୁଯାୟୀ, ୨୦୨୮ ମସିହାରୁ ଲିଗ୍‌ରେ ମ୍ୟାଚ୍ ସଂଖ୍ୟା ୭୪ରୁ ୯୪କୁ ବୃଦ୍ଧି କରିବାକୁ ଯୋଜନା କରାଯାଇଛି। ବର୍ତ୍ତମାନର ଜଟିଳ 'ଭର୍ଚୁଆଲ୍ ଗ୍ରୁପ୍' ସିଷ୍ଟମକୁ ହଟାଇ ପୁରୁଣା ଫର୍ମାଟ୍ ଫେରାଇ ଅଣାଯିବ। ଏବେ ପ୍ରତି ଦଳ ଅନ୍ୟ ସମସ୍ତ ୯ଟି ଦଳ ସହ ଦୁଇଥର (ଥରେ ନିଜ ପଡ଼ିଆରେ ଏବଂ ଥରେ ବିପକ୍ଷ ଦଳ ପଡ଼ିଆରେ) ମୁହାଁମୁହିଁ ହେବେ। ଏହାଦ୍ୱାରା ପ୍ରତି ଦଳ ଲିଗ୍ ପର୍ଯ୍ୟାୟରେ ମୋଟ ୧୮ଟି ମ୍ୟାଚ୍ ଖେଳିବେ। ମ୍ୟାଚ୍ ସଂଖ୍ୟା ବଢ଼ିଲେ ମଧ୍ୟ ନୂଆ ଦଳ ଗଠନ କରାଯିବ ନାହିଁ। ଲିଗ୍‌ରେ କେବଳ ୧୦ଟି ଟିମ୍ ହିଁ ରହିବେ। ୯୪ଟି ମ୍ୟାଚ୍ ଆୟୋଜନ ପାଇଁ ପ୍ରାୟ ଅଢେଇ ମାସ ସମୟ ଦରକାର। ତେଣୁ ୨୦୨୭ ପରବର୍ତ୍ତୀ ଆନ୍ତର୍ଜାତୀୟ କ୍ରିକେଟ କ୍ୟାଲେଣ୍ଡରରେ ଆଇପିଏଲ୍ ପାଇଁ ଏକ ସ୍ୱତନ୍ତ୍ର ଏବଂ ବଡ଼ ସମୟସୀମା ଅର୍ଥାତ ୱିଣ୍ଡୋ ବାହାର କରିବାକୁ ଆଇସିସି ସହ ବିସିସିଆଇ ଆଲୋଚନା କରିବ। ବର୍ତ୍ତମାନର ଗ୍ରୁପ୍ ସିଷ୍ଟମ ପ୍ରଶଂସକଙ୍କ ପାଇଁ ବୁଝିବା କଷ୍ଟକର ହେଉଥିଲା।

ଗୋଟିଏ ସାଧାରଣ ପଏଣ୍ଟ ଟେବୁଲ ରହିଲେ ଦର୍ଶକମାନେ ଟୁର୍ଣ୍ଣାମେଣ୍ଟକୁ ଅତି ସହଜରେ ଅନୁସରଣ କରିପାରିବେ। ଅଧିକ ମ୍ୟାଚ୍ ଏବଂ ସିଙ୍ଗଲ୍ ଲିଗ୍ ଟେବୁଲ ଦ୍ୱାରା ପ୍ରସାରଣକାରୀ ସଂସ୍ଥାଗୁଡ଼ିକ ମଧ୍ୟ ଅଧିକ ଲାଭବାନ ହେବେ ଏବଂ ବିଜ୍ଞାପନ ରାଜସ୍ୱ ବୃଦ୍ଧି ପାଇବ। ଆଇପିଏଲ୍‌କୁ ବିଶ୍ୱର ସବୁଠାରୁ ବଡ଼ କ୍ରୀଡ଼ା ଲିଗ୍ ଭାବେ ଗଢ଼ିତୋଳିବା ପାଇଁ ବିସିସିଆଇ ଏହି ରଣନୀତି ପ୍ରସ୍ତୁତ କରିଛି। ଏହା କାର୍ଯ୍ୟକାରୀ ହେଲେ ପ୍ରଶଂସକମାନେ ଅଧିକ ସମୟ ଧରି ନିଜର ପ୍ରିୟ କ୍ରିକେଟରଙ୍କ ଖେଳ ଉପଭୋଗ କରିପାରିବେ।

■ ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍

## କ୍ୱାର୍ଟରରେ ପହଞ୍ଚି ଇତିହାସ ରଚିଲା ଭାରତ



ନୂଆଦିଲ୍ଲୀ,୮ ।୫(ଏଜେନ୍ସି): ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳ ଶୁକ୍ରବାର ଏକ ନୂଆ ଇତିହାସ ସୃଷ୍ଟି କରିଛି। ଚାଇନାରେ ଚାଲିଥିବା ଏଏଫ୍‌ସି ୧୭ ବର୍ଷରୁ କମ୍ ମହିଳା ଏସିଆନ କପ୍‌ର ଏକ ମ୍ୟାଚରେ ଭାରତ ୪-୦ ଗୋଲରେ ଲେବାନନ୍‌କୁ ପରାସ୍ତ କରିବା ସହ ପ୍ରଥମଥର ପାଇଁ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଗ୍ରୁପ୍-ସି'ର ଏହି ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ପ୍ରୀତିକା ବର୍ମନ ଚମତ୍କାର ପ୍ରଦର୍ଶନ କରି ଦୁଇଟି ଗୋଲ୍ ସ୍କୋର କରିଥିଲେ। ସେହିଭଳି ଆଲଭା ଦେବୀ ସେଞ୍ଜାମ୍ ଏବଂ ଜୟା ଗୋଟିଏ ଲେଖାଏଁ ଗୋଲସ୍କୋର ସହ ଦଳକୁ ଐତିହାସିକ ବିଜୟ ଭେଟି ଦେଇଥିଲେ। ଟୁର୍ଣ୍ଣାମେଣ୍ଟର ୨୧ ବର୍ଷ ଇତିହାସରେ ଭାରତ ପ୍ରଥମଥର ଲାଗି ଗୋଲ୍ ଦେବା ସହ ବିଜୟ ସ୍ୱାଦ ଚାଖିଛି। ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ରୀତୁ ବାଡ଼ିକା ଏହି ଐତିହାସିକ ମୁହୂର୍ତ୍ତର ସାକ୍ଷୀ ରହିଛନ୍ତି। ସୋମବାର ଭାରତ ଓ ଶକ୍ତିଶାଳୀ ଚୀନ୍ ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳାଯିବ। ଯଦି ଭାରତ କ୍ୱାର୍ଟର ଫାଇନାଲରେ ବିଜୟୀ ହୁଏ ତେବେ ଚଳିତ ବର୍ଷ ଶେଷ ଭାଗରେ ଖେଳାଯିବାକୁ ଥିବା ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍‌କୁ ଯୋଗ୍ୟତା ଅର୍ଜନ କରିବ।

## ଆଇଏସଏଲ୍: ଦିଲ୍ଲୀକୁ ହରାଇଲା ଓଡ଼ିଶା ଏଫ୍‌ସି

ଭୁବନେଶ୍ୱର,୮ ।୫(ସମିସ): ଚଳିତ ଇଣ୍ଡିଆ ସୁପର ଲିଗ୍ (ଆଇଏସ୍ଏଲ) ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଓଡ଼ିଶା ଏଫସି ଶୁକ୍ରବାର ୨-୧ ଗୋଲ୍‌ରେ ଶକ୍ତିଶାଳୀ ସ୍ପୋର୍ଟିଂ ଦିଲ୍ଲୀକୁ ପରାସ୍ତ କରିଥିଲା। ଓଡ଼ିଶା ତରଫରୁ ଭିପି ସୁହେର ଚତୁର୍ଥ ଓ କେ ଲାଲରିନଫେଲା ତ୍ରୟୋଦଶ ମିନିଟ୍‌ରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ଅପରପକ୍ଷରେ ଦିଲ୍ଲୀ ତରଫରୁ ମାତିଜା ବାଭୋଭିକ୍ ଗୋଟିଏ ମାତ୍ର ଗୋଲ୍ ଶୁଝି ଦେଇଥିଲେ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସିର ଏହା ଦ୍ୱିତୀୟ ବିଜୟ। ଏହି ବିଜୟ ସହ ଓଡ଼ିଶା ୧୧ତମ ମ୍ୟାଚରୁ ୧୦ ପଏଣ୍ଟ ପାଇ ଏକାଦଶ ସ୍ଥାନରେ ରହିଛି। ଅପରପକ୍ଷରେ ଦିଲ୍ଲୀ ସମାନ ମ୍ୟାଚରୁ ସମାନ ପଏଣ୍ଟ ପାଇ ଗୋଲ୍ ବ୍ୟବଧାନରେ ୧୦ମ ସ୍ଥାନ ହାସଲ କରିଛି।

● ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ

## ବାଂଲାଦେଶ ପାଇଁ ଲଢ଼ିଲେ ସାଣ୍ଟୋ-ହକ୍

ଢାକା, ୮ ।୫ (ଏଜେନ୍ସି): ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଭ୍ରମଣକାରୀ ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ପ୍ରଥମ ଟେଷ୍ଟ ମ୍ୟାଚ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ମ୍ୟାଚର ପ୍ରଥମ ଦିବସରେ ଘରୋଇ ବାଂଲାଦେଶ ପ୍ରଭାବୀ ପ୍ରଦର୍ଶନ କରି ୮୫ ଓଭରରେ ୪ ୱିକେଟ୍ ହରାଇ ୩୦୧ ରନ ସଂଗ୍ରହ କରିଛି।



ଅଧିନାୟକ ନାଜମୋଲ୍ ହୋସେନ ସାଣ୍ଟୋଙ୍କ ଦମ୍‌ଦାର ଶତକୀୟ ପାଳି ଓ ମୋମିନୁଲ ହକ୍‌ଙ୍କ ଅର୍ଦ୍ଧଶତକ ବାଂଲାଦେଶକୁ ଏକ ବଡ଼ ସ୍କୋର ଅଭିମୁଖେ ଅଗ୍ରସର କରାଇଛି। ଟେଷ୍ଟ କ୍ୟାରିୟରର ୯ମ ଶତକ ହାସଲ କରିଥିବା ସାଣ୍ଟୋ ୧୩୦ ବଲରେ ୧୦୨ ରନ କରି ମହମ୍ମଦ ଆବାସଙ୍କ ବଲରେ ଆଉଟ୍ ହୋଇଥିଲେ। ଏହି ଶତକୀୟ ପାଳିରେ ସେ ୧୨ଟି ଚୌକା ଓ ୨ଟି ଛକା ମାରିଥିଲେ। ସେହିଭଳି ମୋମିନୁଲ ୨୦୦ ବଲରେ ୯୧ ରନ କରି ଅଳ୍ପକେ ଶତକରୁ ବଞ୍ଚିତ ହୋଇଥିଲେ। ତୃତୀୟ ୱିକେଟ୍ ଭାଗୀଦାରିରେ ମୋମିନୁଲ ଓ ସାଣ୍ଟୋ ୧୭୦ ରନ ଉଠାଇ ଘରୋଇ ବାଂଲାକୁ ବଡ଼ ସ୍କୋର ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଷ୍ଟମ୍ପ ବେଳକୁ ମୁସଫିକର ରହିମ ୧୦୪ ବଲରେ ୪୮ ଓ ଲିଟନ ଦାସ ୩୫ ବଲରେ ୮ ରନ କରି ଅପରାଜିତ ରହିଛନ୍ତି। ଦୁଇ ଓପନର୍ ମହମ୍ମଦୁଲ ହାସନ ଜୟ ୮ ଓ ଶାଦମ ଇସଲାମ ୧୩ ରନ କରି ଆଉଟ ହୋଇଥିଲେ। ପାକିସ୍ତାନ ପକ୍ଷରୁ କୌଣସି ବୋଲର ସଫଳ ସାବ୍ୟସ୍ତ ହୋଇ ନ ଥିଲେ। ଶାହୀନ ଆଫ୍ରିଦୀ, ଆବାସ, ହାସନ ଅଲି ଓ ନୋମାନ ଅଲିଙ୍କୁ ଗୋଟିଏ ଲେଖାଏ ୱିକେଟ୍ ମିଳିଛି।




ତାସକେଣ୍ଟ ଗ୍ରାଁପ୍ରି ସାଇକ୍ଲି ପ୍ରତିଯୋଗିତାର ମହିଳା ୨୦ କିମି ମାଡିସନ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିବା ଓଡ଼ିଶାର ସ୍ୱସ୍ତି ସିଂ (ବାମ) ।

## ସାଉଦି ପ୍ରୋ ଲିଗ୍‌ରେ ରୋନାଲ୍ଡୋଙ୍କ ସେଞ୍ଚୁରୀ




ରିୟାଦ,୮ ।୫(ଏଜେନ୍ସି): ଫୁଟବଲ ଦୁନିଆର ମହାନାୟକ କ୍ରିଷ୍ଟିଆନୋ ରୋନାଲ୍ଡୋ ପୁଣି ଏକ ନୂତନ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ସାଉଦି ପ୍ରୋ ଲିଗ୍‌ରେ ରୋନାଲ୍ଡୋ ୧୦୦ତମ ଗୋଲ୍ ପୂରଣ କରିଛନ୍ତି। ଅଲ୍-ନାସର ପକ୍ଷରୁ ଖେଳୁଥିବା ରୋନାଲ୍ଡୋ ଗତକାଲି ଅଲ୍-ଶବାବ କ୍ଲବ ବିପକ୍ଷ ମ୍ୟାଚରେ ଗୋଲ୍ ଦେଇ ଏହି କୀର୍ତ୍ତିମାନ କରିଥିଲେ। ଏହି ମ୍ୟାଚ୍‌ରେ ଅଲ୍-ନାସର ୪-୨ ଗୋଲ୍‌ରେ ବିଜୟୀ ହୋଇଥିଲା। ୪୧ ବର୍ଷୀୟ ରୋନାଲ୍ଡୋ ମ୍ୟାଚରେ ଗୋଟିଏ ଗୋଲ୍ ଦେଇଥିଲେ। ଫଳରେ ରୋନାଲ୍ଡୋଙ୍କ କ୍ୟାରିୟରର ଗୋଲ୍ ସଂଖ୍ୟା ୯୭୧ରେ ପହଞ୍ଚିଛି। ସେହିଭଳି ଚଳିତ ସିଜନରେ ଏହା ତାଙ୍କର ୨୬ତମ ଗୋଲ୍। ଏହି ବିଜୟ ସହ ଅଲ୍-ନାସର ୩୨ଟି ମ୍ୟାଚ୍‌ରୁ ୮୨ ପଏଣ୍ଟ ପାଇ ଟେବୁଲର ଶୀର୍ଷରେ ରହିଛି। ଏହି ଅବସରରେ ରୋନାଲ୍ଡୋ ବିଶ୍ୱର ପ୍ରଥମ ଖେଳାଳି ଭାବେ ୪ଟି ଭିନ୍ନ ଭିନ୍ନ କ୍ଲବ ଓ ଦେଶ ପାଇଁ ୧୦୦ରୁ ଊର୍ଦ୍ଧ୍ୱ ଗୋଲ୍ ଦେବାର ବିରଳ ସୌଭାଗ୍ୟ ଲାଭ କରିଛନ୍ତି। ଏଥିପୂର୍ବରୁ ରୋନାଲ୍ଡୋ ମାଞ୍ଚେଷ୍ଟର ୟୁନାଇଟେଡ୍ (୧୪୫), ରିଅଲ ମାଡ୍ରିଦ (୪୫୦), ଜୁଭେଣ୍ଟସ (୧୦୧), ଅଲ୍ ନାସାର (୧୦୦) ଓ ନିଜ ଜାତୀୟ ଦଳ ପର୍ତ୍ତୁଗାଲ (୧୩୯) ଶହେରୁ ଊର୍ଦ୍ଧ୍ୱ ଗୋଲ୍ ଦେଇଛନ୍ତି।

● ଫ୍ରେଞ୍ଚ ଓପନ୍‌କୁ ନେଇ ଆଶଙ୍କା

## ପୁରସ୍କାର ରାଶି ବୃଦ୍ଧି ନ ହେଲେ ବର୍ଜନ କରିବାକୁ ଖେଳାଳିଙ୍କ ଧମକ

ନୂଆଦିଲ୍ଲୀ, ୮ ।୫ (ଏଜେନ୍ସି): ସମ୍ମାନଜନକ ଟେନିସ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ ଓପନ୍‌ର ୧୨୫ତମ ସଂସ୍କରଣ ଚଳିତ ମାସ ୨୪ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ତେବେ ବର୍ଷର ଏହି ଦ୍ୱିତୀୟ ଗ୍ରାଣ୍ଡସ୍ଲାମକୁ ନେଇ ଆଶଙ୍କା ପ୍ରକାଶ ପାଇଛି। ବିଶ୍ୱର ଏକ ନମ୍ବର ଖେଳାଳି ଜାନିକ ସିନ୍ନର କହିଛନ୍ତି ଯେ ଯଦି ଚଳିତ ସଂସ୍କରଣରେ ଟୁର୍ଣ୍ଣାମେଣ୍ଟର ପୁରସ୍କାର ରାଶି ବୃଦ୍ଧି ନ ହୁଏ ତେବେ ଖେଳାଳିମାନେ ଫ୍ରେଞ୍ଚ ଓପନ ବର୍ଜନ କରିବାକୁ ଧମକ ଦେଇଛନ୍ତି। ଏଥିପୂର୍ବରୁ ଶୀର୍ଷ ମାନ୍ୟତାପ୍ରାପ୍ତ ମହିଳା ଖେଳାଳି ଆରିନା ସାବାଲେଙ୍କା, ଡିଫେଣ୍ଡିଂ ଚାମ୍ପିଅନ କୋକୋ ଗଫ୍ ପ୍ରମୁଖ ଦାବି କରିଥିଲେ ଯେ ଟୁର୍ଣ୍ଣାମେଣ୍ଟ ରାଜସ୍ୱର ୨୨ ପ୍ରତିଶତ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଉ। କିନ୍ତୁ ବର୍ତ୍ତମାନ ଟୁର୍ଣ୍ଣାମେଣ୍ଟ ମୋଟ ଆୟର ୧୫ ପ୍ରତିଶତରୁ କମ୍ ରାଶି ପୁରସ୍କାର ବାବଦରେ ପ୍ରଦାନ କରାଯାଉଛି। ଯାହାକୁ ବୃଦ୍ଧି କରିବାକୁ ଏକାଧିକ ତାରକା ଟେନିସ ଖେଳାଳି ଦାବି କରିଆସୁଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ଫ୍ରେଞ୍ଚ ଓପନ ଆୟୋଜକଙ୍କ ପକ୍ଷରୁ ପୁରସ୍କାର ରାଶିରେ ୯.୫ ପ୍ରତିଶତ ବୃଦ୍ଧି କରାଯାଇଥିଲା। ଫଳରେ ମୋଟ୍ ପୁରସ୍କାର ରାଶି ଏବେ ୭୧.୧୯ ମିଲିୟନ ଡଲାର (୬୮୩ କୋଟି ୯୪ ଲକ୍ଷ ଟଙ୍କା)ରେ ପହଞ୍ଚିଛି। ଏହି ପୁରସ୍କାର ରାଶି ବୃଦ୍ଧି ଘୋଷଣା ପରେ ବିବାଦ ଆହୁରି ଘନୀଭୂତ ହୋଇଥିଲା।

■ ଫିଫା ବିଶ୍ୱକପ୍-୨୦୨୬

## ଜୁନ୍ ୨ ସୁଦ୍ଧା ଖେଳାଳିଙ୍କ ନାମ ଘୋଷଣା

ନୂଆଦିଲ୍ଲୀ,୮ ।୫(ଏଜେନ୍ସି): ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡାରେ ୨୦୨୬ ଫିଫା ବିଶ୍ୱକପ୍ ଫୁଟବଲ ଚଳିତବର୍ଷ ଜୁନ୍ ୧୧ରୁ ଆରମ୍ଭ ହୋଇ ଜୁଲାଇ ୧୯ରେ ଶେଷ ହେବ। ବିଶ୍ୱର ଏହି ସର୍ବବୃହତ୍ ଏକକ କ୍ରୀଡ଼ା ପ୍ରତିଯୋଗିତାରେ ଏଥର ପ୍ରଥମଥର ୪୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଅଂଶଗ୍ରହଣକାରୀ ଦଳଗୁଡ଼ିକ ଜୁନ୍ ୨ ସୁଦ୍ଧା ସେମାନଙ୍କ ଖେଳାଳିଙ୍କ ନାମ ଘୋଷଣା କରିପାରିବେ ବୋଲି ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ପକ୍ଷରୁ ସୂଚନା ଦିଆଯାଇଛି। ଦଳଗୁଡ଼ିକ ପ୍ରାଥମିକ ପର୍ଯ୍ୟାୟରେ ୩୫ରୁ ୫୫ ଜଣ ଏବଂ ଚୂଡ଼ାନ୍ତ ପର୍ଯ୍ୟାୟରେ ୨୩ରୁ ୨୬ ଜଣ ଖେଳାଳିଙ୍କ ନାମ ଚୟନ କରି ଫିଫାକୁ ଜଣାଇବ। ପ୍ରାଥମିକ ପର୍ଯ୍ୟାୟରେ ଖେଳାଳିଙ୍କ ନାମ ଫିଫା ୱେବ୍‌ସାଇଟ୍‌ରେ ପ୍ରକାଶିତ ହେବ ନାହିଁ। କିନ୍ତୁ ଦଳଗୁଡ଼ିକ ଜୁନ୍ ୨ ସୁଦ୍ଧା ଖେଳାଳିଙ୍କ ନାମ ଘୋଷଣା କରିବାକୁ ବାଧ୍ୟ। ଏଥିରେ ଯେଉଁ ୨୬ଜଣ ଖେଳାଳି ରହିବେ, ସେଥିରେ ୩ଜଣ ଗୋଲରକ୍ଷକ ରହିବା ବାଧ୍ୟତାମୂଳକ ବୋଲି ଫିଫା ନିର୍ଦ୍ଦେଶାବଳୀରେ ରହିଛି।

## ସ୍ପିନ୍ ବୋଲିଂ କୋଚ୍ ହେବେ ବାହୁତୁଲେ

ନୂଆଦିଲ୍ଲୀ, ୮ ।୫ (ଏଜେନ୍ସି): ସାଇରାଜ ବାହୁତୁଲେ ଭାରତୀୟ କ୍ରିକେଟ୍ ଦଳର ସ୍ପିନ ବୋଲିଂ କୋଚ୍ ହୋଇପାରନ୍ତି। ୫୩ ବର୍ଷୀୟ ଏହି ପୂର୍ବତନ ଭାରତୀୟ କ୍ରିକେଟର୍ ବର୍ତ୍ତମାନ ଆଇପିଏଲ୍‌ରେ ପଞ୍ଜାବ କିଙ୍ଗ୍‌ସ ଦଳର ପ୍ରଶିକ୍ଷକ ଟିମ୍‌ରେ ରହିଛନ୍ତି। ଆଇପିଏଲ୍‌ର ଚଳିତ ସିଜନ ଶେଷ ହେବାପରେ ବାହୁତୁଲେ ପଞ୍ଜାବ ଫ୍ରାଞ୍ଚାଇଜଠାରୁ ଅଲଗା ହେବେ। ଏହାପରେ ତାଙ୍କୁ ଭାରତୀୟ ଦଳର ସ୍ପିନ ବୋଲିଂ କୋଚ୍ ଭାବେ ନିଯୁକ୍ତ କରାଯିବ ବୋଲି ଜଣାପଡ଼ିଛି। ବାହୁତୁଲେ ଏନେଇ ବିସିସିଆଇର ବରିଷ୍ଠ ଅଧିକାରୀ ଓ ମୁଖ୍ୟକୋଚ୍ ଗୌତମ ଗମ୍ଭୀରଙ୍କ ସହ ଆଲୋଚନା କରିଛନ୍ତି। ସ୍ପିନ ବୋଲିଂ କୋଚ୍ ଭାବେ ବାହୁତୁଲେଙ୍କ ବେଶ୍ ଖ୍ୟାତି ରହିଛି। ଯାହା ଗମ୍ଭୀରଙ୍କୁ ଆକର୍ଷଣ କରିଥିଲା। ବାହୁତୁଲେ ୧୯୯୭ରେ ଶ୍ରୀଲଙ୍କା ବିପକ୍ଷ ଦିନିକିଆ ଖେଳି ଅନ୍ତର୍ଜାତୀୟ କ୍ରିକେଟ୍‌ରେ ପାଦ ଥାପିଥିଲେ। ସଂକ୍ଷିପ୍ତ କ୍ୟାରିୟରରେ ସେ ଭାରତ ପାଇଁ ୮ଟି ଦିନିକିଆ ଓ ୨ଟି ଟେଷ୍ଟ ମ୍ୟାଚ୍ ଖେଳି ଯଥାକ୍ରମେ ୨ଟି ଓ ୩ଟି ୱିକେଟ୍ ନେଇଥିଲେ। ବର୍ତ୍ତମାନ ଭାରତୀୟ ସିନିଅର ଦଳରେ ଗମ୍ଭୀର ମୁଖ୍ୟ ପ୍ରଶିକ୍ଷକ ରହିଥିବାବେଳେ ସୀତାଂଶୁ କୋଟାକ ବ୍ୟାଟିଂ, ଟି. ଦିଲୀପ ଫିଲ୍ଡିଂ, ମୋର୍ନେ ମୋର୍କେଲ ଦ୍ରୁତ ବୋଲିଂ ଓ ର୍‍ୟାନ୍ ଟେନ ଡୋଶ୍ଚେଟ ସହକାରୀ କୋଚ୍ ଭାବେ କାମ କରୁଛନ୍ତି।

# ବାରବାଟୀରେ ଭିଭିଏସ୍

ଭୁବନେଶ୍ୱର, ୮ ।୫ (ସମିସ)



ପୂର୍ବତନ ଭାରତୀୟ କ୍ରିକେଟର ଭିଭିଏସ ଲକ୍ଷ୍ମଣ ଶୁକ୍ରବାର ଐତିହାସିକ ବାରବାଟୀ ଷ୍ଟାଡିୟମ ପରିଦର୍ଶନ କରିଛନ୍ତି। ୫୧ ବର୍ଷୀୟ ଏହି ପୂର୍ବତନ ଷ୍ଟାଇଲିସ ବ୍ୟାଟର୍ ବର୍ତ୍ତମାନ

**ନର୍ଥଇଷ୍ଟ ମହିଳା ଶିବିରର କଲେ ତଦାରଖ**

'ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସର କ୍ରିକେଟ' ମୁଖ୍ୟ ଭାବେ କାର୍ଯ୍ୟ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଲକ୍ଷ୍ମଣ ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସର ତତ୍ତ୍ୱାବଧାନରେ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ସିନିଅର ନର୍ଥ-ଇଷ୍ଟ ମହିଳା ଶିବିରର ତଦାରଖ କରିବା ପାଇଁ ଓଡ଼ିଶା ଆସିଛନ୍ତି। ଏହି ଅବସରରେ ଲକ୍ଷ୍ମଣଙ୍କୁ ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜ ଲୋଚନ ମହାନ୍ତି ଏବଂ ସମ୍ପାଦକ ସଞ୍ଜୟ ବେହେରା ସମ୍ମାନିତ କରିଥିଲେ। ଏଥିସହ ଓଡ଼ିଶା ସମେତ ସାରା ଦେଶରେ କ୍ରିକେଟର ବିକାଶ ସମ୍ପର୍କରେ ଫଳପ୍ରଦ ଆଲୋଚନା କରିଥିଲେ। ସେହିଭଳି ଖେଳାଳିଙ୍କ ବିକାଶ ଏବଂ ଆଗାମୀ ବର୍ଷଗୁଡ଼ିକର ଯୋଜନା ସମେତ ଓସିଏ ଏକାଡେମୀର କାର୍ଯ୍ୟକାରିତା ବିଷୟରେ ମଧ୍ୟ ବିସ୍ତୃତ ଆଲୋଚନା କରାଯାଇଥିଲା।

**ଓଡ଼ିଶା କ୍ରୀଡ଼ାରେ ଯୋଡ଼ି ହେଲା ସ୍କ୍ୱାଶ୍**

# ସର୍ବପ୍ରଥମ ରାଜ୍ୟସ୍ତରୀୟ ଚାମ୍ପିଅନସିପ୍ ଆଜିଠୁ

ଭୁବନେଶ୍ୱର,୮ ।୫(ସମିସ)



ଓଡ଼ିଶାର କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଅଧ୍ୟାୟ। ଓଡ଼ିଶା ସ୍କ୍ୱାଶ୍ ଆସୋସିଏସନ୍ (ଓଏସ୍‌ସି) ପକ୍ଷରୁ ଶନିବାରଠାରୁ ସର୍ବପ୍ରଥମ 'ଓଡ଼ିଶା ଷ୍ଟେଟ୍ କ୍ଲୋଜଡ୍ ସ୍କ୍ୱାଶ୍ ଚାମ୍ପିଅନସିପ୍' ଆୟୋଜିତ ହେବ। ପ୍ରଥମଥର ପାଇଁ ରାଜ୍ୟ ସଂଘ ଆନୁକୂଲ୍ୟରେ ଏକ ସ୍କ୍ୱାଶ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବାକୁ ଯାଉଥିବାରୁ ଏହାର ବେଶ୍ ଗୁରୁତ୍ୱ ରହିଛି। ନୟାପଲ୍ଲୀସ୍ଥିତ ପୁରୁଣା ଡିଏସ୍‌ୱାଇଏସ୍ ବିଲ୍ଡିଂରେ ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ରବିବାର ଉଦଯାପିତ ହେବ। ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୬ଟି ପ୍ରମୁଖ ଜିଲ୍ଲାରୁ ପ୍ରାୟ ୩୪ ଜଣ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ବ୍ରହ୍ମପୁର, ସୁନ୍ଦରଗଡ଼, କନ୍ଧମାଳରୁ ଖେଳାଳିମାନେ ଭାଗ ନେବେ। ରାଜ୍ୟ ସଂଘରେ ପଞ୍ଜୀକରଣ କରିଥିବା ଖେଳାଳିଙ୍କୁ ଏଥିରେ ଖେଳିବାର ସୁଯୋଗ ମିଳିବ। ପ୍ରତିଯୋଗିତାକୁ ମୁଖ୍ୟତଃ ତିନୋଟି ବର୍ଗ ଯଥା ପୁରୁଷ, ମହିଳା ଓ ମାଷ୍ଟର୍ସ (୩୫ ବର୍ଷରୁ ଊର୍ଦ୍ଧ୍ୱ) ବର୍ଗରେ ବିଭକ୍ତ କରାଯାଇଛି। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଓଡ଼ିଶା ଅଲିମ୍ପିକ ଆସୋସିଏସନ୍‌ର ସହଯୋଗରେ ଏହି ପ୍ରତିଯୋଗିତା ଆୟୋଜିତ ହେଉଛି।

ରାଜ୍ୟରେ ସ୍କ୍ୱାଶ୍ ଭଳି ଏକ ଉଦୀୟମାନ କ୍ରୀଡ଼ାର ପ୍ରଚାର ପ୍ରସାର କରିବା ସହ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚିହ୍ନଟ କରି ସେମାନଙ୍କୁ ଜାତୀୟସ୍ତର ପାଇଁ ପ୍ରସ୍ତୁତ କରିବା ଏହାର ମୂଳ ଲକ୍ଷ୍ୟ ବୋଲି ଶୁକ୍ରବାର ସାମ୍ବାଦିକ ସମ୍ମିଳନୀରେ ଓଏସସି ଉପ-ସଭାପତି ତଥା ଚାମ୍ପିଅନସିପ୍ ଅଧ୍ୟକ୍ଷ ନଫିସ ସୟଦ କହିଛନ୍ତି। ସେହିଭଳି ସ୍କ୍ୱାଶ କ୍ରୀଡ଼ା ପାଇଁ ଆବଶ୍ୟକ ଭିତ୍ତିଭୂମି ରାଜ୍ୟ ସରକାର ଯୋଗାଇଦେଲେ ଯୁବ ପ୍ରତିଭାଙ୍କୁ ସ୍କ୍ୱାଶ ପ୍ରଶିକ୍ଷଣ ଦେବାକୁ ଆଗ୍ରହୀ ଥିବା ପୂର୍ବତନ ଖେଳାଳି ତଥା ଟୁର୍ଣ୍ଣାମେଣ୍ଟର ନିର୍ଦ୍ଦେଶକ ଗୌତମ ଦାସ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂଘର ସଦସ୍ୟ ରବି କୁମାର ନେଓଟିଆ, ଅବସରପ୍ରାପ୍ତ କର୍ଣ୍ଣେଲ ଅସିତ ମହାପାତ୍ର, ଉପଦେଷ୍ଟା ତଥା ବରିଷ୍ଠ କ୍ରୀଡ଼ା ସାମ୍ବାଦିକ ସମ୍ବିତ ମହାପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ, ୨୦୨୨ରେ ଓଡ଼ିଶା ସ୍କ୍ୱାଶ ସଂଘ ଗଠିତ ହୋଇଥିଲା। କିନ୍ତୁ ୨୦୨୫ରେ ଏହାକୁ ରାଜ୍ୟ ଅଲିମ୍ପିକ ସଂଘ ଅନୁମୋଦନ ମିଳିଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, PLOT NO.125, IRRIGATION COLONY, JEYPORE-764001, DIST: KORAPUT, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS